
# ଉତ୍କଳ ପ୍ରସଙ୍ଗ

ଅଗଷ୍ଟ ୧୯୯୬

152
28/8/96.





GOVERNMENT PRESS, CUTTACK-753 010


# ଅମର ଶହୀଦ୍



ଲକ୍ଷ୍ମଣ ନାୟକ



ଜୟୀ ରାଜଗୁରୁ



ବୀର ସୁରେନ୍ଦ୍ର ସାଏ

# ଉତ୍କଳ ପ୍ରସଙ୍ଗ

ଶ ଭାଗ ୧ମ ସଂଖ୍ୟା ଶ୍ରାବଣ ୧୯୧୮ ଶକାବ୍ଦ ଅଗଷ୍ଟ ୧୯୯୬

**ଶ୍ରୀ ସନ୍ତୋଷ କୁମାର ମିଶ୍ର**
ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ପ୍ରଦ୍ୟୁମ୍ନ ଦାଶ

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ ।

# ସୂଚୀ


| | | |
|---|---|---|
| ସ୍ୱାଧୀନତା ଦିବସର ସଂକଳ୍ପ | ୧ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ଓଡ଼ିଶାର ଅର୍ଥନୈତିକ ସ୍ଥିତି | ୪ | ଡକ୍ଟର ବୈଦ୍ୟନାଥ ମିଶ୍ର |
| ପଚ୍ଚିଶ ବର୍ଷ ତଳେ | ୭ | ଶ୍ରୀ ରାମ ପ୍ରସାଦ ମହାନ୍ତି |
| ଓଡ଼ିଶାରେ ପ୍ରଜା ଆନ୍ଦୋଳନ | ୧୧ | ଡକ୍ଟର ଅତୁଲ ଚନ୍ଦ୍ର ପ୍ରଧାନ |
| ମୁକ୍ତି ସଂଗ୍ରାମର ସ୍ମରଣ କବି ବାଞ୍ଛାନିଧି | ୧୬ | ଶ୍ରୀ କୃଷ୍ଣ ଚରଣ ବେହେରା |
| ଆମ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି | ୨୧ | ପଣ୍ଡିତ ନୀଳମଣି ମିଶ୍ର |
| ବନ୍ଧୁ ଜଗବନ୍ଧୁ | ୨୪ | ଶ୍ରୀ ବ୍ରଜ ପାଇକରାୟ |
| ଶହୀଦ ବିର୍ସା ମୁଣ୍ଡା | ୨୮ | ଶ୍ରୁଭଲକ୍ଷ୍ମୀ ମହାନ୍ତି |
| ରାଜ୍ୟ କୃଷି ନୀତି | ୩୦ | .. |
| ନୂତନ ଶିକ୍ଷ ନୀତି : ଶିକ୍ଷ ବିପ୍ଲବର ସଫଳ ରୂପାୟନ | ୪୧ | ଶ୍ରୀ ଚଣ୍ଡି ପ୍ରସାଦ ମହାନ୍ତି |
| ସମ୍ବଲପୁରରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନର ଏକ ଝଲକ | ୪୩ | ଶ୍ରୀ ସହଦେବ ସାହୁ |
| ଜନସେବକ ଓ ଜନଶିକ୍ଷକ ଜଗବନ୍ଧୁ ସିଂହ | ୪୫ | ଶ୍ରୀ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) |
| ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ମହାରଥୀ — ନେତାଜୀ | ୪୮ | ଶ୍ରୀ ବିଶ୍ୱମ୍ଭର ପରିଡ଼ା |
| ଜାତୀୟ ମୁକ୍ତି ସଂଗ୍ରାମରେ ଓଡ଼ିଆ ନାରୀ | ୫୧ | ଶ୍ରୀମତୀ ଜ୍ୟୋତିର୍ମୟୀ ସାମନ୍ତରାୟ. |
| ଅନନ୍ତ ଯାତ୍ରୀ | ୫୪ | ଶ୍ରୀ ମହେଶ୍ୱର ମୁଳିଆ |
| ପୁଣ୍ୟମୟୀ ଜନ୍ମଭୂମି | ୫୫ | ଶ୍ରୀ ନିକୁଞ୍ଜ କିଶୋର କାନୁନ୍‌ଗୋ |
| ଜାଗି ଉଠ | ୫୬ | ଶହୀଦ ଦିବାକର ପରିଡ଼ା |
| ଜାତୀୟତାର ମହାନ କବି ବୀରକିଶୋର | ୫୭ | ଲିଲିମା ଶତପଥୀ |

# ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"




ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ



ଉତ୍କଳ ଗୌରବ ମଧୁସୂଦନ ଦାସ



ଉତ୍କଳ କେଶରୀ ହରେକୃଷ୍ଣ ମହତାବ



ପଣ୍ଡିତ

## ଜାତୀୟ ଜାଗରଣର ଅଗ୍ରଦୂତ



# ୫୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍‌ଙ୍କ ବାର୍ତ୍ତା

ପ୍ରିୟ ଭଉଣୀ ଓ ଭାଇମାନେ,

ଦେଶର ପଚାଶତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉ ଥିବାରୁ ବିଶେଷ ଆନନ୍ଦ ଅନୁଭବ କରୁଛି ।

ଆଜିଭଳି ଆମେ ପୂର୍ବରୁ ସ୍ୱାଧୀନତା ଦିବସ ପାଳନ କରି ଆସୁଥାଉଁ । ମାତ୍ର ଆଜିର ସ୍ୱାଧୀନତା ଦିବସ ବିଶେଷ ଗୁରୁତ୍ୱପୂର୍ଣ୍ଣ । କାରଣ, ଏ ବର୍ଷର ସ୍ୱାଧୀନତା ଦିବସଟିକୁ ଆମେ ସ୍ୱାଧୀନ ଭାରତର ସୁବର୍ଣ୍ଣ ଜୟନ୍ତୀ ବର୍ଷ ରୂପେ ପାଳନ କରୁଥିଲୁ । ଏହି ଅବସରରେ, ଓଡ଼ିଶା ସମେତ ଦେଶର ବହୁ ଗଣ୍ୟମାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ଉଚିତ, ଯେଉଁମାନେ କି ଦେଶର ସ୍ୱାଧୀନତା ନିମନ୍ତେ ବହୁ କଷ୍ଟ ଓ ତ୍ୟାଗ ସ୍ୱୀକାର କରିଛନ୍ତି ।

ଗତ ସପ୍ତାହରେ, ଅର୍ଥାତ୍ ଅଗଷ୍ଟ ୯ ତାରିଖ ଦିନ ଆମେ ସମସ୍ତେ 'ଭାରତ ଛାଡ଼' ଦିବସ ପାଳନ କରିଥିଲୁ । ସେହି ଦିବସର ନିଷ୍ପତ୍ତିକ୍ରମେ ଆମ୍ଭେମାନେ ବ୍ରିଟିଶ୍ ସାମ୍ରାଜ୍ୟବାଦର ବିଲୋପ ସାଧନ ନିମନ୍ତେ ଆହ୍ୱାନ ଦେଇଥିଲୁ ଓ ଆମ୍ଭେମାନେ ବ୍ରିଟିଶ୍ ଶାସକମାନଙ୍କୁ ଭାରତ ଭୂମିରୁ ବିଦାୟ ଦେବା ନିମନ୍ତେ ବିଶେଷ ସଫଳତା ହାସଲ କରି ରାଜନୈତିକ ସ୍ୱାଧୀନତା ହାସଲ କଲୁ ।

ଭାରତରେ ଅର୍ଥନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ ଓ ଧର୍ମ ନିରପେକ୍ଷ ଚିନ୍ତାଧାରାର ବିକାଶ ନିମନ୍ତେ ରାଜନୈତିକ ସ୍ୱାଧୀନତା ହେଉଛି ଏକ ସଫଳ ମାଧ୍ୟମ । ଆମ୍ଭମାନଙ୍କୁ ଭାରତରୁ ଦାରିଦ୍ର୍ୟ, ହିଂସା ଓ ଦୁର୍ନୀତିକୁ ବିଲୋପ କରିବାକୁ ପଡ଼ିବ । ଅପର ପକ୍ଷରେ, ଆମ୍ଭମାନଙ୍କ ନିମନ୍ତେ ଏକ ନ୍ୟାୟୋଚିତ ତଥା ଶାନ୍ତିପୂର୍ଣ୍ଣ ସମାଜର ଆବଶ୍ୟକତା ରହିଛି, ଯେଉଁଥିରେ ମାନବିକ ତଥା ଗାନ୍ଧିବାଦୀ ମୂଲ୍ୟବୋଧ ପ୍ରତି ସମ୍ମାନ ରହିଥିବ ।

ପଚାଶ ବର୍ଷ ହେଉଛି ଏକ ପର୍ଯ୍ୟାପ୍ତ ସମୟ, ଯାହାକି ଆମର ଦ୍ୱିତୀୟ ପର୍ଯ୍ୟାୟ ସଂଗ୍ରାମର ଅଗ୍ନିପରୀକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ । ସମ୍ବାଦପତ୍ରଗୁଡ଼ିକରେ ସମାଜରେ ପ୍ରତିଦିନ ଘଟୁଥିବା ହିଂସା, ବିଶେଷ କରି ମହିଳାମାନଙ୍କ ପ୍ରତି ହିଂସା, ବ୍ୟକ୍ତିଗତ ତଥା ଦଳଗତ ହିଂସା ବୃଦ୍ଧି ସମ୍ପର୍କରେ ସମ୍ବାଦମାନ ପ୍ରକାଶ ପାଇବାରେ ଲାଗିଛି । ମାତ୍ର ଏସବୁ ଗଣତନ୍ତ୍ରର ପରିପନ୍ଥୀ ଅଟେ । ତେବେ ଯାହା ହେଉନା କାହିଁକି, ମୋ' ସରକାର ଏସବୁ ପ୍ରତି ବିଶେଷ ସଚେତନ ରହିଛନ୍ତି ଏବଂ ଆମ ରାଜ୍ୟକୁ ଶାନ୍ତିପୂର୍ଣ୍ଣ, ପ୍ରଗତିଶୀଳ ଓ ସମୃଦ୍ଧ ରାଜ୍ୟ ରୂପେ ଗଢ଼ି ତୋଳିବା ନିମନ୍ତେ ଏସବୁ ପ୍ରତିକୂଳ ଧାରାକୁ ପ୍ରତିହତ କରିବା ଲାଗି ଦୃଢ଼ ପ୍ରତିଜ୍ଞ । ଦେଶର ସ୍ୱାଧୀନତା ହାସଲ ନିମନ୍ତେ ଓଡ଼ିଶାର ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଏହି ଅବସରରେ ଆମେ ସ୍ମରଣ କରିବା । ଏହାଛଡ଼ା ଦେଶର ବିକାଶ, ଗଣତନ୍ତ୍ର ଓ ସାମାଜିକ ନ୍ୟାୟ ହାସଲ ନିମନ୍ତେ ଜାତୀୟ କ୍ଷେତ୍ରରେ ଆମ ରାଜ୍ୟ ଯେଉଁ ଗୁରୁ ଦାୟିତ୍ୱ ସଂପାଦନ କରିଛି, ତାହା କିଛି କମ୍ ନୁହେଁ ।

ବିଗତ ୫୦ ବର୍ଷ ମଧ୍ୟରେ ଯେ ଆମେ କିଛି ପ୍ରଗତି ହାସଲ କରିନାହୁଁ ଏହା କହିବା ବାହୁଲ୍ୟ ମାତ୍ର । ଆମେମାନେ ବିଭିନ୍ନ କ୍ଷେତ୍ରରେ ବହୁ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ ଓ ଏବେ ବି ଅନ୍ୟାନ୍ୟ କ୍ଷେତ୍ରରେ ଆମର ସଫଳ ପ୍ରଚେଷ୍ଟା ଅବ୍ୟାହତ ରହିଛି । ଆମର ସମାଜ ପ୍ରଗତି ପଥରେ ଅଗ୍ରସର ହେବା ଲାଗି ସଂଗ୍ରାମ କରୁଛି । ଉଦାହରଣ ସ୍ୱରୂପ ମୌଳିକ ଶିକ୍ଷାର ସାର୍ବଜନୀନକରଣ, ଅର୍ଥନୈତିକ ତଥା ସାମାଜିକ ସ୍ତରରେ ଅବହେଳିତ ହୋଇ ରହିଥିବା ଜନସାଧାରଣଙ୍କ ଲାଗି ସ୍ୱତନ୍ତ୍ର ସାହାଯ୍ୟ ଓ ସହାୟତା, ରାଜ୍ୟର ବେକାର ଯୁବକ ଯୁବତୀ, ଅନଗ୍ରସର ଶ୍ରେଣୀ ଓ ମହିଳାମାନଙ୍କ ଲାଗି କର୍ମ ନିଯୁକ୍ତିର ସୁବିଧା ସୁଯୋଗକୁ ବ୍ୟାପକ କରିବା ନିମନ୍ତେ କାର୍ଯ୍ୟକ୍ରମମାନ ହେଉଛି । ମୋ' ସରକାରଙ୍କର ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ତଦ୍ୱାରା ମୋ' ସରକାର ନିର୍ଦ୍ଧାରିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ । ଏଥିପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ ।

ଏ ଦିଗରେ ମୋ' ସରକାର ପଞ୍ଚାୟତଗୁଡ଼ିକୁ କ୍ଷମତାର କେନ୍ଦ୍ରବିନ୍ଦୁ ରୂପେ ନିରୂପଣ କରିଛନ୍ତି । ଏହା ଫଳରେ ଗଣତନ୍ତ୍ରର ବିକେନ୍ଦ୍ରୀକରଣ ହେବା ସଙ୍ଗେ ସଙ୍ଗେ ସର୍ବନିମ୍ନ ସ୍ତରରେ ରହିଥିବା ଜନସାଧାରଣଙ୍କୁ କ୍ଷମତା ପ୍ରଦାନ କରାଯାଇ ପାରିବ । କୃଷି ହେଉଛି ଆମ ଅର୍ଥନୀତିର ମୂଳ ପିଣ୍ଡ । ଉତ୍ପାଦିକା ଶକ୍ତିର ବିକାଶ, ଗୁଣାତ୍ମକ ମାନର ଅଭିବୃଦ୍ଧି ଓ ପୁଞ୍ଜି ବିନିଯୋଗ ବ୍ୟବସ୍ଥାର ସମ୍ପ୍ରସାରଣ ନିମନ୍ତେ ମୋ' ସରକାର କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରିଛନ୍ତି ।

ମୋ' ସରକାରଙ୍କ ଦ୍ୱାରା ଯେଉଁଗୁଡ଼ିଏ ନୂତନ ଧରଣର ସାମାଜିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ତନ୍ମଧ୍ୟରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନ୍ୟତମ ଏବଂ ଏହାଦ୍ୱାରା ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ସଂଖ୍ୟା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି । ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ୨ ଟଙ୍କାରେ କିଲେ ଚାଉଳ ଯୋଗାଣ କାର୍ଯ୍ୟକ୍ରମ ସର୍ବସାଧାରଣରେ ଆଦୃତି ଲାଭ କରିଛି ।

ମୋ' ସରକାର ସମନ୍ୱିତ ଶିଳ୍ପ ବିକାଶ ପାଇଁ ମୁକ୍ତ ଦ୍ୱାର ନୀତି ଗ୍ରହଣ କରିଛନ୍ତି । ନିକଟ ଭବିଷ୍ୟତରେ ଦେଶର ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାଗୁଡ଼ିକ ଇସ୍ପାତ୍ କାରଖାନା, ସିମେଣ୍ଟ କାରଖାନା, ଆଲୁମିନିୟମ ଉତ୍ପାଦନ ସଂସ୍ଥା ଓ ଚିନିକଳ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ଥାପନ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ସମ୍ପ୍ରତି ପାରାଦ୍ୱୀପଠାରେ ଏକ ତୈଳ ବିଶୋଧନାଗାର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି । ପୂର୍ବରୁ ରାଜ୍ୟରେ ଦୁଇଟି ତୈଳ ବିଶୋଧନାଗାର ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିସାରିଛନ୍ତି । ଗଞ୍ଜାମ ଜିଲ୍ଲାରେ ଏକ ବୃହତ୍ ବନ୍ଦର ପ୍ରତିଷ୍ଠା କରାଯିବା ସହିତ ୧୦ ନିୟୁତ ଟନ୍ ଉତ୍ପାଦନକ୍ଷମ ବନ୍ଦର ଭିତ୍ତିକ ଇସ୍ପାତ୍ କାରଖାନା ମଧ୍ୟ କାର୍ଯ୍ୟକାରୀ ହେବାକୁ ଯାଉଛି । ଆମ ରାଜ୍ୟର ଅବହେଳିତ ଅଞ୍ଚଳଗୁଡ଼ିକର ବିକାଶ ସାଧନ ପାଇଁ ରେଳ ରାସ୍ତାର ପର୍ଯ୍ୟାପ୍ତ ସୁବିଧାକୁ ମଧ୍ୟ ମେଣ୍ଟାଇ ଦିଆଯାଇ ପାରିବ ।

ରାଜ୍ୟରେ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ପାଇଁ ସମ ପରିମାଣର ଗୁରୁତ୍ୱ ମଧ୍ୟ ଆରୋପ କରାଯାଉଛି । ମୋ' ସରକାର ଏ କ୍ଷେତ୍ରରେ ଝାରସୁଗୁଡ଼ା ଜିଲ୍ଲାରେ ନୂତନ ଶକ୍ତି ଉତ୍ପାଦନ ୟୁନିଟ୍‌ଗୁଡ଼ିକ ପ୍ରତିଷ୍ଠା କରିବା ପାଇଁ ଏବଂ ଦ୍ରୁତ ଶିଳ୍ପାୟନ ପାଇଁ ଐକାନ୍ତିକ ଉଦ୍ୟମ ବଜାୟ ରଖିଛନ୍ତି ।

୧୯୯୬ ଜୁନ୍‌ଠାରୁ ରାଜ୍ୟରେ ପ୍ରଗତିର ଧାରାକୁ ଅବ୍ୟାହତ ରଖିବା ପାଇଁ ଓ ସର୍ବୋପରି ଜିଲ୍ଲାଗୁଡ଼ିକର ସମନ୍ୱିତ ବିକାଶ ପାଇଁ ଏକ ୧୦ ସୂତ୍ରୀ ସର୍ବନିମ୍ନ ଚାହିଦା ପୂରଣ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି ।

ଜଗନ୍ନାଥ ସଂସ୍କୃତିରେ ମହିମାନ୍ୱିତ ଓଡ଼ିଶାର ସଂସ୍କୃତି ସବୁ ଜାତି ଓ ଧର୍ମର ବହୁ ଊର୍ଦ୍ଧ୍ୱରେ । ଜଗନ୍ନାଥ ଦର୍ଶନ ସାର୍ବଜନୀନ ଭ୍ରାତୃତ୍ୱ ଏବଂ ମାନବ ଜାତିର ଏକତା ଓ ସାମ୍ୟ ଉପରେ ବିଶ୍ୱାସ କରେ । ଆମେ ଏହି ସାର୍ବଜନୀନ ସଂପ୍ରୀତି, ଏହି ମହାନ ଦର୍ଶନରୁ ଅନୁପ୍ରେରଣା ଲାଭ କରିବା ଉଚିତ । ଚାଲନ୍ତୁ, ଆମେ ପୁଣି ଥରେ ନୂତନ ଓଡ଼ିଶା ନିର୍ମାଣ କରିବା ପାଇଁ ବଦ୍ଧ ଶପଥ ନେବା ଓ ଭାରତର ଉନ୍ନୟନ ମାନଚିତ୍ରରେ ଏହାକୁ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଦେବା ପାଇଁ ଐକାନ୍ତିକ ଉଦ୍ୟମ ଜାରି ରଖିବା ।

ସତ୍ୟମେବ ଜୟତେ

ଜୟହିନ୍ଦ

# ୫୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ
# ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ
# ବାର୍ତ୍ତା



ଯେ କୌଣସି ଦେଶ ଓ ଜାତି ପାଇଁ ତା'ର ସବୁଠାରୁ ପବିତ୍ର ଓ ମହନୀୟ ଦିନ ହେଉଛି ସ୍ୱାଧୀନତା ଦିବସ । ଏ ବର୍ଷର ବିଶେଷତ୍ୱ, ଏହା ହେଉଛି ଭାରତବର୍ଷର ୫୦ତମ ସ୍ୱାଧୀନତା ଦିବସ ବା ଏହି ଦିନଠାରୁ ଗୋଟିଏ ବର୍ଷ ପର୍ଯ୍ୟନ୍ତ ଆମ ଦେଶରେ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବା ପାଇଁ ଯାଉଛି । ଏ ୫୦ ବର୍ଷ ଭାରତବର୍ଷର ହଜାର ହଜାର ବର୍ଷର ଇତିହାସ ଦୃଷ୍ଟିରୁ ବିଶେଷ କିଛି ନୁହେଁ । ଭାରତବର୍ଷ ପୃଥିବୀର ଅଳ୍ପ କେତୋଟି ଦେଶ ମଧ୍ୟରେ ଅନ୍ୟତମ, ଯେଉଁମାନଙ୍କୁ କି ଗୋଟିଏ ଆଙ୍ଗୁଠିରେ ଗଣି ହେବ; ସେହିମାନଙ୍କ ମଧ୍ୟରେ ଭାରତବର୍ଷ ଅନ୍ୟତମ, ଯେ କି ତା'ର ଅତି ପ୍ରାଚୀନ ପରମ୍ପରା ଏବଂ ନିରବଛିନ୍ନ ଐତିହ୍ୟର ଗର୍ବ କରିପାରେ । ସେହି ଭାରତବର୍ଷର ଅଗ୍ରଗତି, ତା'ର ଇତିହାସ ହେଉଛି ଏକ ଝଡ଼ଝଞ୍ଜାର ଇତିହାସ । ଏ ଇତିହାସ ଭିତରେ ଭାରତ ସ୍ୱାଧୀନତାର ଗର୍ବ ଅନୁଭବ କରିଛି, ପରାଧୀନତାର ଗ୍ଲାନି ମଧ୍ୟରେ ମଧ୍ୟ ବୁଡ଼ି ରହିଛି । କିନ୍ତୁ ଏକ ଆଧୁନିକ ରାଷ୍ଟ୍ର ଭାବରେ ଭାରତର ସ୍ୱାଧୀନତା ଦିବସ ଏକ ମହତ୍ତମ ଦିନ ତା'ର ଇତିହାସ ପୃଷ୍ଠାରେ । ଏହି ଦିନର ସ୍ୱପ୍ନ ଏବଂ ସଂକଳ୍ପକୁ ସାର୍ଥକ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ।

ଆଜି ଏ ସ୍ୱାଧୀନତା ଦିବସ ପାଳନ କଲାବେଳେ ଆମର ସ୍ମରଣ କରିବାର କଥା, ଯେଉଁମାନେ ଏ ଦେଶ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଛନ୍ତି, ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରି କାରାବରଣ କରିଛନ୍ତି, ଫାଶୀଖୁଣ୍ଟରେ ହସିହସି ଝୁଲିଛନ୍ତି, ଯେଉଁମାନେ ଦେଶ ମାତୃକାର ପାଇଁ ଆତ୍ମବଳି ଦାନ କରିଛନ୍ତି । ଆଜି ବିଶେଷ ଭାବରେ ସେମାନଙ୍କୁ ଆମର ସଶ୍ରଦ୍ଧ ପ୍ରଣାମ ଜଣାଇବାର କଥା ।ପ୍ରଥମେ ମହାତ୍ମା ଗାନ୍ଧୀ ଯେ କି ଏକ ଅହିଂସ ସଂଗ୍ରାମର ବାର୍ତ୍ତା ଦେଇ ଏକ ସଶସ୍ତ୍ର ବିପ୍ଳବ ପୃଥିବୀରେ ଘୁରିଆଡ଼େ ଚାଲିଥିବା ବେଳେ ବିଶାଳ ଭାରତବର୍ଷକୁ ଅହିଂସାର ମନ୍ତ୍ରରେ ଦୀକ୍ଷିତ କରିଥିଲେ ଏବଂ ଏ ବାଟରେ ସ୍ୱାଧୀନତା ଆସିପାରେ ବୋଲି ଭାରତବର୍ଷକୁ ସଙ୍ଘବଦ୍ଧ କରି ପାରିଥିଲେ । ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଥିଲା ସାରା ପୃଥିବୀ ପାଇଁ ଏକ ମହାନ ବାର୍ତ୍ତା । ଭାରତ ସ୍ୱାଧୀନ ହେଲା । ଭାରତ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଭାରତ ସହିତ ଆଫ୍ରିକା ଏବଂ ଏସିଆର ବହୁ ଦେଶ ସ୍ୱାଧୀନ ହୋଇଗଲେ । ଆଜି ମଧ୍ୟ ମହାତ୍ମା ଗାନ୍ଧୀଙ୍କର ଅହିଂସା ମନ୍ତ୍ର ସାରା ପୃଥିବୀର ନିପୀଡ଼ିତ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିଛି । ମହାତ୍ମା ଗାନ୍ଧୀ ଖାଲି ଯେ ଆମ ଦେଶର ସ୍ୱାଧୀନତା ଆଣିଛନ୍ତି ତା' ନୁହେଁ, ଏ ଦେଶର ଏକତା ପାଇଁ, ଏ ଦେଶର ମହାନ୍ ପରମ୍ପରା ଯାହା ହେଉଛି ସର୍ବ ଧର୍ମ ସମ ଭାବ, ତାକୁ ବଜାୟ ରଖିବା ପାଇଁ ଆତ୍ମବଳିଦାନ କଲେ । ଯେପରି ଦଧୀଚିଙ୍କର ଅସ୍ଥିରେ ଇନ୍ଦ୍ରଙ୍କର ବଜ୍ର ନିର୍ମିତ ହୋଇଥିଲା, ସେହିପରି ମହାତ୍ମା ଗାନ୍ଧୀଙ୍କର ଆତ୍ମବଳି ଦ୍ୱାରା ଭାରତବର୍ଷ ସୁଦୃଢ଼ ହେଲା ଏବଂ ପୃଥିବୀର ଏକ ମହାନ୍ ଶକ୍ତି ରୂପେ ଭାରତବର୍ଷର ଉଦୟ ସମ୍ଭବ ହେଲା । ଆଜି ତାଙ୍କ ସହିତ ଆମର ମନେ କରିବାର କଥା, ମନେ ରଖିବାର କଥା, ସ୍ମରଣ କରିବାର କଥା, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଆବୁଲ କାଲାମ ଆଜାଦ୍, ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଡକ୍ଟର ହରେକୃଷ୍ଣ ମହତାବ ପ୍ରଭୃତିଙ୍କୁ ଯେଉଁମାନେ ଏ ସ୍ୱାଧୀନତା ସଂଗ୍ରାମରେ ଦୀର୍ଘ କାଳ କାରାବରଣ କରିଛନ୍ତି ଏବଂ ଦେଶର ସେ ସ୍ୱାଧୀନତାକୁ, ସଂହତିକୁ ରକ୍ଷା କରିବାରେ ସାହାଯ୍ୟ କରିଛନ୍ତି ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମ ଦେଶର ଅମର କବିମାନେ ଆମର ଦେଶମାତୃକାର ଜୟଗାନ କରିଛନ୍ତି । ଭାରତବର୍ଷର ସେହି ମହାନ୍ କବିମାନଙ୍କୁ ଆଜି ଆମେ ବିଶେଷ ଭାବରେ ସ୍ମରଣ କରିବାର କଥା । ସବୁ ଭାଷାରେ ଏହି କବିମାନେ ଭାରତବର୍ଷର ଜୟଗାନ କରି ଜାତୀୟତାର ଉନ୍ମାଦନାରେ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି । ଆଜି ଆମେ ସ୍ମରଣ କରିବାର କଥା, ଆମର ଜାତୀୟ କବି, ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କୁ, ଯେ ଭାରତବର୍ଷରେ ଏକତାର ଜୟଗାନ କରିଥିଲେ ଏବଂ କହିଥିଲେ ଏ ଭାରତବର୍ଷ ହେଉଛି ସମସ୍ତଙ୍କର ସମନ୍ୱୟର ଭୂମି । ଆଜି ଆମେ ଆମର ପ୍ରିୟ କବିବର

ରାଧାନାଥ ରାୟଙ୍କୁ ସ୍ମରଣ କରିବା କଥା । କାରଣ ସେ ଉତ୍କଳ ସମ୍ମିଳନୀ ଉପଲକ୍ଷରେ ଯେଉଁ ସଙ୍ଗୀତ ରଚନା କରିଥିଲେ ସେଥିରେ ଭାରତବର୍ଷର ଜୟଗାନ ହିଁ କରାଯାଇଛି । ସେ କହିଥିଲେ– "ଉତ୍କଳର ବା ଓଡ଼ିଶାର ସମୃଦ୍ଧି ଭାରତବର୍ଷର ସମୃଦ୍ଧି ଭିତରେ ନିହିତ । ସେଥିପାଇଁ "ଭାରତ ପଙ୍କଜ ଦଳମିଦ ଉତ୍କଳ ମଣ୍ଡଳମ୍" ବୋଲି ସେ ଲେଖିଯାଇଛନ୍ତି । ଭାରତ ରୂପକ ପଦ୍ମ ଫୁଲର ଓଡ଼ିଶା ହେଉଛି ଗୋଟିଏ ପାଖୁଡ଼ା, ଯେପରି ପ୍ରତ୍ୟେକ ରାଜ୍ୟ ଗୋଟିଏ ଗୋଟିଏ ପାଖୁଡ଼ା ଏବଂ ସେମାନଙ୍କର ପ୍ରତ୍ୟେକ ପାଖୁଡ଼ା ସୁନ୍ଦର ନହେଲେ ଯେପରି ପଦ୍ମ ଫୁଲ ସୁନ୍ଦର ହେବ ନାହିଁ, ସେହିପରି ଉତ୍କଳ ପରି ସମସ୍ତ ରାଜ୍ୟର ସୌନ୍ଦର୍ଯ୍ୟ ଉପରେ ଭାରତବର୍ଷର ସୌନ୍ଦର୍ଯ୍ୟ ନିର୍ଭର କରୁଛି । ଆଜି ଆମେ ଶ୍ରୀ ଅରବିନ୍ଦଙ୍କୁ ସ୍ମରଣ କରିବା, ଯେ ଏକ ବିଶାଳ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କୁ ଆଜି ଆମେ ସ୍ମରଣ କରିବାର କଥା, ଯିଏ କୁମାରୀକାର ଶିଳାଖଣ୍ଡ ଉପରେ ବସି କରି ସାରା ଭାରତମାତାର, ସାରା ଭାରତବର୍ଷର ସ୍ୱପ୍ନ ଦେଖିଥିଲେ ଏବଂ ଭାରତମାତାର କଳ୍ପନା କରିଥିଲେ ।

ଏହି ସମୟ ଭିତରେ, ଏହି ୫୦ ବର୍ଷ ଭିତରେ, ଭାରତବର୍ଷର ଯେଉଁ ଅଗ୍ରଗତି ହୋଇଛି ସେଥିରେ ଆମେ ଗର୍ବ ଏବଂ ଗୌରବ ଅନୁଭବ କରିବାର କଥା । ଆଜି ଭାରତବର୍ଷ ଏକ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ରୂପେ ସୁପରିଚିତ । କୃଷି କ୍ଷେତ୍ରରେ ଭାରତବର୍ଷ ଆଜି ସ୍ୱାବଲମ୍ବୀ ହୋଇ ପାରିଛି । ସ୍ୱାଧୀନତା ସମୟରେ ଖାଦ୍ୟଶସ୍ୟର ଆମର ଘୋର ଅଭାବ ଥିଲା, ଦୁର୍ଭିକ୍ଷର ହାହାକାର ଆମକୁ ଶୁଣିବାକୁ ପଡୁଥିଲା, କିନ୍ତୁ ଆଜି ଭାରତବର୍ଷ ତା'ର ଆବଶ୍ୟକତା ପରିମାଣରେ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ କରୁଛି ଏବଂ କୃଷି କ୍ଷେତ୍ରରେ ପୃଥିବୀରେ ଏକ ଅଗ୍ରଗାମୀ ଦେଶ ରୂପେ ଭାରତବର୍ଷକୁ ଗ୍ରହଣ କରାଯାଉଛି । ଶିଳ୍ପ କ୍ଷେତ୍ରରେ ଏପରି କୌଣସି ବସ୍ତୁ ନାହିଁ ଯାହାକି ଆମେ ଆମ ଦେଶରେ ଉତ୍ପାଦନ ନ କରୁଛେ । ସାମରିକ କ୍ଷେତ୍ରରେ ଭାରତବର୍ଷ ସ୍ୱୟଂସମ୍ପୂର୍ଣ୍ଣ । ତେଣୁ ଏ ଅଗ୍ରଗତି ପାଇଁ ଆଜି ଆମେ ଗର୍ବ ଏବଂ ଗୌରବ ଅନୁଭବ କରିବାର କଥା ।

ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆଜି ସାରା ପୃଥିବୀରେ ସମସ୍ତ ଦେଶ ଗ୍ରହଣ କରିବାକୁ ଯାଉଛନ୍ତି । ଏଣୁ ଗଣତନ୍ତ୍ର ହିଁ ଏକମାତ୍ର ଜନସାଧାରଣଙ୍କ ପାଇଁ ସର୍ବୋତ୍କୃଷ୍ଟ ଶାସନ ପ୍ରଣାଳୀ । ତାହା ଆଜି ପୃଥିବୀରେ ସ୍ୱୀକୃତ ହୋଇଛି । ଏହି ଗଣତାନ୍ତ୍ରିକ ପଛାରେ ଭାରତବର୍ଷର ଅଗ୍ରଗତି ସମ୍ଭବ ହୋଇଛି । ଆମେ ବିଶେଷ ଭାବରେ ଏହି ଭାରତବର୍ଷର ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କୁ ଆଜି ସ୍ମରଣ କରିବା । ସେମାନେ ହେଲେ, ପଣ୍ଡିତ ଜବାହରଲାଲ ନେହେରୁ ଲାଲବାହାଦୁର ଶାସ୍ତ୍ରୀ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଶ୍ରୀ ରାଜୀବ ଗାନ୍ଧୀ ଏବଂ ଶ୍ରୀ ପି: ଭି: ନରସିଂହ ରାଓ । ଆଜି ଭାରତବର୍ଷ ଏକ ନୂତନ ମୋଡ଼ ନେଇଛି ଶାସନ କ୍ଷେତ୍ରରେ । ବହୁ ଦଳ, ଯେଉଁମାନେ ସର୍ବ ଧର୍ମ ସମ ଭାବରେ ବିଶ୍ୱାସ କରନ୍ତି, ଯେଉଁମାନେ ସାଂପ୍ରଦାୟିକତାର ଘୋର ବିରୋଧୀ, ସେମାନେ ସମସ୍ତେ ଆଜି ଏକଜୁଟ୍ ହୋଇ ଏକ ଶାସନ ଓ ସରକାର ଗଠନ କରିଛନ୍ତି ଏବଂ ଏ ପରୀକ୍ଷା ମଧ୍ୟ ଗଣତନ୍ତ୍ର ମାଧ୍ୟମରେ ବିଭିନ୍ନ ଦେଶରେ ହୋଇଯାଇଛି । ଭାରତବର୍ଷରେ ମଧ୍ୟ ଏ ପରୀକ୍ଷା ସଫଳ ହେବ ବୋଲି ଆଶା କରାଯାଉଛି । ଓଡ଼ିଶାର ଅଗ୍ରଗତି ଭାରତବର୍ଷ ମଧ୍ୟରେ ସେହିପରି ଭାବରେ କେତେବେଳେ ସମ୍ଭବ ହୋଇଛି, କେତେବେଳେ ଆମେ ପଛରେ ପଡ଼ିଯାଇଛେ, କେତେବେଳେ ଆଗକୁ ଚାଲିଛେ । ବର୍ତ୍ତମାନ ଗୋଟିଏ ସମୟ ଆଜି ଓଡ଼ିଶା ପାଇଁ ଆସିଛି ଯେତେବେଳେ ଆମେ ଯାହା ଚାହିଁବା ତାହା କରିପାରିବା । ଗତ ଏକ ବର୍ଷ ଭିତରେ ଅନେକ କାର୍ଯ୍ୟ ଆମେ ଜନସାଧାରଣଙ୍କ ପାଇଁ କରିବା ସମ୍ଭବ ହୋଇପାରିଛି । ଅବଶ୍ୟ ଜନସାଧାରଣଙ୍କ ସମର୍ଥନରେ । ତା' ମଧ୍ୟରେ ଯେଉଁମାନେ ଅତି ଗରିବ ଲୋକ, ଆଦିବାସୀ ବହୁଳ ଅଞ୍ଚଳରେ ରହୁଛନ୍ତି, ସେମାନଙ୍କ ପାଇଁ ୨ ଟଙ୍କା କିଲୋ ଚାଉଳ କରାଯାଇଛି ଏବଂ ତା'ସହିତ ସବୁ ସ୍କୁଲରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇ, ଯେତେ ପିଲା ସ୍କୁଲରେ ଉପସ୍ଥିତ ହେବାର କଥା, ତା'ର ପ୍ରାୟ ଦେଢ଼ଗୁଣ ପିଲା ବର୍ତ୍ତମାନ ଉପସ୍ଥିତ ହେଉଛନ୍ତି । ସାକ୍ଷରତା କ୍ଷେତ୍ରରେ ଏହା ଏକ ବିଶାଳ ପଦକ୍ଷେପ ଭାବରେ ଗ୍ରହଣ କରାଯାଇଛି । ଏହାଛଡ଼ା କୃଷି କ୍ଷେତ୍ରରେ, ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଆଗେଇ ଚାଲିଛି । ଆଜି ୬୯,୦୦୦ କୋଟି ଟଙ୍କାର ପୁଞ୍ଜି ଓଡ଼ିଶାରେ ବିନିଯୋଗ କରାଯାଉଛି । କୃଷିରେ ନୂତନ ନୀତି ପ୍ରଣୀତ ହୋଇଛି, ଶିଳ୍ପ କ୍ଷେତ୍ରରେ ନୂତନ ନୀତି ପ୍ରଣୀତ ହୋଇଛି, ପର୍ଯ୍ୟଟନ ପାଇଁ ନୂତନ ନୀତି ପ୍ରଣୀତ ହୋଇଛି ଏବଂ ଗରିବ ଲୋକଙ୍କ ପାଇଁ ବହୁ କାର୍ଯ୍ୟକ୍ରମ, ଇନ୍ଦିରା ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ବହୁ ଯୋଜନା ଆଜି କାର୍ଯ୍ୟକାରୀ ହେବା ପାଇଁ ଯାଉଛି । ଏହି ୫ ବର୍ଷ ଭିତରେ ଆମର ସଂକଳ୍ପ ହେଉଛି "ଓଡ଼ିଶାକୁ ଭାରତବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ।" ଏହା ଥିଲା ପଣ୍ଡିତ ଗୋପବନ୍ଧୁଙ୍କର ସ୍ୱପ୍ନ । ତାଙ୍କର ପ୍ରସିଦ୍ଧ ବାଣୀରେ ସେ କହିଥିଲେ :


"ଜଗତ ସରସେ ଭାରତ କମଳ
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ" ।

ଆଜି ଆମେ ତାକୁ ସାର୍ଥକ କରିବା, ଏହା ହିଁ ହେଉଛି ଆଜି ଦିନରେ ଆମର ସଂକଳ୍ପ ।

ଧନ୍ୟବାଦ୍

ଜୟହିନ୍ଦ୍

# ୫୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ବାର୍ତ୍ତା



ଭାରତର ୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । କାଲି ପରି ମନେ ପଡ଼େ, ଆଜକୁ ୪୯ ବର୍ଷ ତଳେ ଆଜିର ଏଇ ଦିବସରେ ଆମର ଦେଶ ବ୍ରିଟିଶ୍ ସରକାରଙ୍କ ସାମ୍ରାଜ୍ୟବାଦର ଶାସନରୁ ମୁକ୍ତିଲାଭ କରି ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା । ଏହି ପୁଣ୍ୟ ଶ୍ଳୋକ ଦିବସଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାତଃ ସ୍ମରଣୀୟ ଅଟେ ।

ସ୍ୱାଧୀନତା ସଂଗ୍ରାମର ପୂର୍ବସୂରୀଗଣ ଯେଉଁମାନେ କି ନିଜର ସଂକଳ୍ପ, ସାଧନା ଓ ଉତ୍ସର୍ଗୀକୃତ ତ୍ୟାଗ ମନୋଭାବ ବଳରେ ଦେଶ ମାତୃକାକୁ ବିଦେଶୀ ଶୃଙ୍ଖଳରୁ ମୁକ୍ତ କରିବା ଦିଗରେ ସମର୍ଥ ହୋଇଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ମୁଁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି । ସେମାନଙ୍କ ମଧ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ପଣ୍ଡିତ ଗୋପବନ୍ଧୁ ଦାସ, ଡକ୍ଟର ହରେକୃଷ୍ଣ ମହତାବ ହେଉଛନ୍ତି ଅନ୍ୟତମ, ଯେଉଁମାନେ କି ଆଜି ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ କିମ୍ବଦନ୍ତୀ ପୁରୁଷ ରୂପେ ସର୍ବ ପୂଜିତ ।

ଆଜିର ଭାରତ ସେମାନଙ୍କ ଆଦର୍ଶ ଓ ଦିଗ୍‌ଦର୍ଶନକୁ ପାଥେୟ କରି ପ୍ରଗତି ଓ ସମୃଦ୍ଧି ପଥରେ ଧାବମାନ । ଇତି ମଧ୍ୟରେ ୪୯ ବର୍ଷ ଆମେ ଅତିକ୍ରମ କରି ସାରିଲୁଣି । ଏଇ ସ୍ୱଳ୍ପ କାଳ ମଧ୍ୟରେ ଆମେ ଅନେକ ପ୍ରଗତି ହାସଲ କରି ସାରିଛୁ । ତଥାପି ଆମକୁ ବହୁ ପଥ ଅତିକ୍ରମ କରିବାକୁ ବାକି ରହିଛି । ପ୍ରବର୍ତ୍ତିତ ଯୋଜନା ପ୍ରକ୍ରିୟାରେ ଆମେ କୃଷିକୁ ପ୍ରାଥମିକତା ପ୍ରଦାନ କରିଛୁ । କୃଷୀର କଲ୍ୟାଣ ନିମନ୍ତେ କୃଷି ଋଣ ଅର୍ଜିତ ୩୮ କୋଟି ଟଙ୍କା ସୁଧ ଛାଡ଼ କରାଯାଇଛି । କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇଛି । ପ୍ରାଥମିକ ଶିକ୍ଷାର ଉନ୍ନତି କଳ୍ପେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି । ପଛୁଆ ବର୍ଗର ଲୋକଙ୍କ ଉନ୍ନତି କଳ୍ପେ ୨୭ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି । ରାଜ୍ୟରେ ଇସ୍ପାତ୍ କାରଖାନା, ଆଲୁମିନିୟମ୍ କାରଖାନା, ତୈଳ ବିଶୋଧନାଗାର ଓ ସିମେଣ୍ଟ କାରଖାନା ପ୍ରତିଷ୍ଠା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଛି ।

ଆଜି ଦେଶରେ ବହୁ ବିଚ୍ଛିନ୍ନତାବାଦୀ ଶକ୍ତି ମୁଣ୍ଡ ଟେକି ଉଠିଛି । ସେ ସବୁ ବିକାଶ ପ୍ରକ୍ରିୟାର ପରିପନ୍ଥୀ ଅଟେ । ସେହିଭଳି ଶକ୍ତିକୁ ପରାହତ କରି ଆମର କଷ୍ଟଲବ୍ଧ ସ୍ୱାଧୀନତାର ସୁରକ୍ଷା କରିବା ପରମ ଧ୍ୟେୟ ହେବା ଆବଶ୍ୟକ ।

ଆସନ୍ତୁ, ଆମେ ସମସ୍ତେ ଆଜିର ଏହି ପବିତ୍ର ଦିବସ ପାଳନ ଅବସରରେ ପୁଣି ଥରେ ଶପଥ ନେବା, ଯେପରି ଆମର ଜାତୀୟ ସଂହତି ଅକ୍ଷୁଣ୍ଣ ରହେ ଓ ଆମର ବିକାଶର ଧାରା ଅବରୋଧ ନହୁଏ ।

ଜୟହିନ୍ଦ୍

ସମ୍ପାଦକୀୟ

# ସ୍ୱାଧୀନତା ସଂଗ୍ରାମର ସ୍ମୃତିଚାରଣ

ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ଭଳି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ୧୮୫୭ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଜାତୀୟ ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶାବାସୀ ଅସୀମ ତ୍ୟାଗ ଓ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରି ବ୍ରିଟିଶ ରାଜଶକ୍ତିର ମୁକାବିଲା କରିଥିଲେ । ଦେଶ ମାତୃକାର ମୁକ୍ତିପାଇଁ ବହୁ ବୀର ସନ୍ତାନ ଆତ୍ମବଳି ଦେଇଥିଲେ । କାରାଗାରର ଅନ୍ଧାର କୋଠରୀ ଭିତରେ ଅନେକ ଦେଶଭକ୍ତ ଦାରୁଣ ଯନ୍ତ୍ରଣା ଓ ନିର୍ଯ୍ୟାତନା ସହିଥିଲେ । ଜାତି ପାଇଁ ସେମାନଙ୍କର ଏ ତ୍ୟାଗ ଓ ତପସ୍ୟା ଯୁଗ ଯୁଗ ଧରି ଇତିହାସ ପୃଷ୍ଠାରେ ଦୀପ୍ତିମନ୍ତ ହୋଇ ରହିଥିବ ।

ବ୍ରିଟିଶ ଶାସନର ଅନ୍ତର୍ଭୁକ୍ତ ହେବାରେ ଓଡ଼ିଶା ଭାରତର ସର୍ବଶେଷ ରାଜ୍ୟ । ୧୮୫୭ ମସିହା ପ୍ରଥମ ସ୍ୱାଧୀନତା ସଂଗ୍ରାମର ବହୁ ପୂର୍ବରୁ ଓଡ଼ିଶାରେ ୧୮୧୭ ମସିହାରେ ପାଇକ ବିଦ୍ରୋହ ଓ ୧୮୩୫ରେ ଘୁମୁସର ବିଦ୍ରୋହ ଜାତୀୟ ଜାଗରଣର ଆଦ୍ୟ ଝଲକ ରୂପେ ଦେଦୀପ୍ୟମାନ ହୋଇ ରହିବ । ଗଞ୍ଜାମ ଜିଲ୍ଲା ବ୍ରିଟିଶ ଶାସନାଧୀନ ହେବା ପରଠାରୁ ୧୭୬୬ରୁ ୧୮୩୬ ମସିହା ପର୍ଯ୍ୟନ୍ତ ପାରଳାଖେମୁଣ୍ଡି ଓ ଘୁମୁସରର ସାମନ୍ତ ରାଜା ଓ ପ୍ରଜାମାନେ ଇଂରେଜ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଆସିଥିଲେ । ପାରଳାଖେମୁଣ୍ଡିରେ ୨୯ ଜଣ ବିଦ୍ରୋହୀ ଫାଶୀ ପାଇଥିଲେ, ୨୮ ଜଣ ଯାବଜ୍ଜୀବନ ନିର୍ବାସନ ଦଣ୍ଡ ଭୋଗିଥିଲେ ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କରିବା ପରେ ଖୋର୍ଦ୍ଧାର ନାବାଳକ ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କ ଅଭିଭାବକ ଜୟୀ ରାଜଗୁରୁ ବ୍ରିଟିଶ ଶାସନର ବିରୋଧ କରି ଓଡ଼ିଶାର ସର୍ବ ପ୍ରଥମ ଶହୀଦ୍ ହେବାର ଗୌରବ ଲାଭ କରିଥିଲେ ।

୧୮୧୭ର ପାଇକ ବିଦ୍ରୋହ ବ୍ରିଟିଶ ରାଜଶକ୍ତି ବିରୁଦ୍ଧରେ ଓଡ଼ିଶାର ସର୍ବପ୍ରଥମ ସଶସ୍ତ୍ର ସଂଗ୍ରାମ । ପାଇକ ନେତା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧାରୁ ଏହି ବିଦ୍ରୋହ ଆରମ୍ଭ ହୋଇଥିଲେ ମଧ୍ୟ ସମଗ୍ର ଦକ୍ଷିଣ ଓ ପୂର୍ବ ଓଡ଼ିଶାରେ ଏହା ବ୍ୟାପକ ଆକାର ଧାରଣ କରିଥିଲା । ଏହି ବିଦ୍ରୋହରେ ପାଇକବୀର ପିଣ୍ଡକୀ ବାହୁବଳେନ୍ଦ୍ର ଶହୀଦ ହୋଇଥିଲେ । ବକ୍ସି ଜଗବନ୍ଧୁ ଗୃହବନ୍ଦୀ ଅବସ୍ଥାରେ କଟକରେ ପ୍ରାଣ ହରାଇଥିଲେ ।

୧୮୩୫ରୁ ୧୮୫୬ ମସିହା ପର୍ଯ୍ୟନ୍ତ ଘୁମୁସର ବିଦ୍ରୋହରେ କନ୍ଧ ନେତା ଦୋରା ବିଶୋଇ ଓ ଚକରା ବିଶୋଇ ବ୍ରିଟିଶ ଶାସନକୁ ଥରହର କରିଦେଇଥିଲେ ।

୧୮୫୭ ସିପାହୀ ବିଦ୍ରୋହରେ ସମ୍ବଲପୁରର ସୁରେନ୍ଦ୍ର ସାଏ, ବାଲିଆର ରାମକୃଷ୍ଣ ସାମନ୍ତସିଂହାର ଓ  ସିଂହଭୂମ ର ରାଜା ଅର୍ଜୁନ ସିଂହଙ୍କ ସାହସ ଓ ବୀରତ୍ୱ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଆଲୋକିତ ଅଧ୍ୟାୟ । ୧୮୫୯ ମସିହା ବେଳକୁ ସାରା ଭାରତରେ ସିପାହୀ ବିଦ୍ରୋହର ବହ୍ନି ନିର୍ବାପିତ ହୋଇ ଯାଇଥିବାବେଳେ ଓଡ଼ିଶାରେ ବୀର ସୁରେନ୍ଦ୍ର ସାଏ ୧୮୬୨ ମସିହା ପର୍ଯ୍ୟନ୍ତ ପ୍ରବଳ ପରାକ୍ରମୀ ଇଂରେଜ ବାହିନୀ ସହିତ ସଂଗ୍ରାମ ଅବ୍ୟାହତ ରଖିଥିଲେ । ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ୧୮୨୭ ମସିହାରୁ ସମ୍ବଲପୁର ରାଜସିଂହାସନ ଦାବୀ କରି ସେ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼େଇ କରି ଆସିଥିଲେ । ବିଦ୍ରୋହରେ ପୁରୀର ସିପାହୀ ପଣ୍ଡା, ଝାନସୀ ରାଣୀ ଲକ୍ଷ୍ମୀବାଈଙ୍କ କୁଳ ପୁରୋହିତ ସ୍ୱାମୀ ଶ୍ରୀଧରଙ୍କ ସାହସ ଓ ଦେଶପ୍ରେମ ସ୍ମରଣୀୟ ହୋଇ ରହିବ । ସିପାହୀ ବିଦ୍ରୋହରେ ମାଧୋ ସିଂହ ଓ ତାଙ୍କ ପୁତ୍ର କୁଞ୍ଜଳ ସିଂହଙ୍କ ସମେତ ପାଞ୍ଚଜଣ ବୀରପୁରୁଷ ଶହୀଦ ହୋଇ ସମ୍ବଲପୁରର ଗୌରବ ବୃଦ୍ଧି କରିଛନ୍ତି ।

୧୮୮୫ ମସିହାରେ ଜାତୀୟ କଂଗ୍ରେସର ଜନ୍ମଲାଭ ଏବଂ ୧୯୨୦ରେ ଜାତୀୟ ରାଜନୀତି–ମଞ୍ଚରେ ଗାନ୍ଧିଜୀଙ୍କ ଅଭ୍ୟୁଦୟ ଓ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠନ ଫଳରେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ନୂତନ ପର୍ଯ୍ୟାୟରେ ପହଞ୍ଚିଥିଲା । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାରେ କଂଗ୍ରେସର କର୍ଣ୍ଣଧାର ରୂପେ ଉତ୍କଳ ଗୌରବ ମଧୁସୂଦନ ଦାସ, ରାଜା ବୈକୁଣ୍ଠନାଥ ଦେ, କର୍ମବୀର ଗୌରୀଶଙ୍କର ରାୟ, ଜାନକୀନାଥ ବୋଷ ଜାତୀୟ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ୧୯୨୦ରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରୁ ଓଡ଼ିଶାରେ ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ବିଶ୍ୱନାଥ ଦାଶ, ନିରଞ୍ଜନ ପଟ୍ଟନାୟକ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନୀଳକଣ୍ଠ ଦାସ, ଲଳିକିଶୋର ଦାସ, ନିତ୍ୟାନନ୍ଦ କାନୁନଗୋ, ଗୋଦାବରୀଶ ମିଶ୍ର, ହରିହର ଦାସ, ଜଗବନ୍ଧୁ ସିଂହ, ଯଦୁମଣି ମଙ୍ଗରାଜ ପ୍ରମୁଖ ଜନନାୟକମାନଙ୍କର ଅଭ୍ୟୁଦୟ ଘଟିଥିଲା । ଜାତୀୟ ମହାସ୍ରୋତରେ ସାମିଲ ହୋଇ ଓଡ଼ିଶା ସ୍ୱାଧୀନତା ସଂଗ୍ରାମକୁ ସକ୍ରିୟ ଓ ସଂଗଠିତ କରିଥିଲା । ଓଡ଼ିଶାରେ ଗାନ୍ଧିଜୀଙ୍କ ବାର୍ତ୍ତା ଓ କଂଗ୍ରେସର କାର୍ଯ୍ୟକ୍ରମ ପ୍ରସାର ଦିଗରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି, ବୀରକିଶୋର ଦାସ, ନନ୍ଦକିଶୋର ବଳ, ରାମଶଙ୍କର ରାୟ, ମଧୁସୂଦନ ରାଓ, ବିଶ୍ୱନାଥ କର, କାନ୍ତକବି ଲକ୍ଷ୍ମୀକାନ୍ତ ପ୍ରମୁଖ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

ସ୍ୱାଧୀନତା ସଂଗ୍ରାମରେ ନାରୀ ନେତ୍ରୀମାନଙ୍କ ମଧ୍ୟରେ ରମାଦେବୀ, ସରଳା ଦେବୀ, ମାଳତୀ ଚଉଧୁରୀ, ଜାନକୀ ଦେବୀ, ଗୋଦାବରୀ ଦେବୀ, ରାଣୀ ଭାଗ୍ୟବତୀ ପାଟ ମହାଦେଈ, ଜାହ୍ନବୀ ଦେବୀ, କୁନ୍ତଳାକୁମାରୀ ସାବତଙ୍କ ଅବଦାନ ଅନବଦ୍ୟ ।

୧୯୩୦ର ଆଇନ୍ ଅମାନ୍ୟ ଆନ୍ଦୋଳନରେ ଓଡ଼ିଶା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଭୁବନେଶ୍ୱରଠାରେ ଜାନୁଆରୀ ୨୬ ତାରିଖରେ ପୂର୍ଣ୍ଣ ସ୍ୱରାଜର ଶପଥ ନିଆଯାଇ ଲିଙ୍ଗରାଜ ମନ୍ଦିରରେ ତ୍ରିରଙ୍ଗା ପତାକା ଉଡ଼ିଥିଲା । ମାର୍ଚ୍ଚ ୧୨ ତାରିଖରୁ ଆଇନ୍ ଅମାନ୍ୟ ଆନ୍ଦୋଳନ ଚାଲିଥିଲା । ଉପକୂଳ ଅଞ୍ଚଳରେ ଲବଣ ସତ୍ୟାଗ୍ରହ ଅପୂର୍ବ ସଫଳତା ଲାଭ କରିଥିଲା । । ଗୁଜୁରାଟର ଦାଣ୍ଡି ପରକୁ ବାଲେଶ୍ୱରର ଇଞ୍ଚୁଡ଼ି ଭାରତରେ ଲବଣ ସତ୍ୟାଗ୍ରହରେ ଦ୍ୱିତୀୟ ହେବାର ଗୌରବ ପାଇଥିଲା ।

ଜାତୀୟ ଆନ୍ଦୋଳନ ଫଳରେ ଓଡ଼ିଶାର ଦେଶୀୟ ରାଜ୍ୟଗୁଡ଼ିକରେ ଦେଖା ଦେଇଥିଲା ଅପୂର୍ବ ଜନ ଜାଗରଣ । ୧୯୩୮ରେ ପ୍ରଜାମଣ୍ଡଳ ଗଠିତ ହୋଇ ବ୍ରିଟିଶ ଶାସନ ଓ ଇଂରେଜ ଅନୁଗତ ସାମନ୍ତ ରାଜାମାନଙ୍କ ଅତ୍ୟାଚାର ବିରୁଦ୍ଧରେ ପ୍ରବଳ ଆନ୍ଦୋଳନ ଆରମ୍ଭ ହୋଇ ଯାଇଥିଲା । ନୀଳଗିରି, ତାଳଚେର, ରଣପୁର, ଢେଙ୍କାନାଳର ପ୍ରଜା ଆନ୍ଦୋଳନ ତୀବ୍ର ହୋଇଉଠିଥିଲା । ଢେଙ୍କାନାଳରେ ୧୨ ବର୍ଷର ବାଳକ ବାଜି ରାଉତ ସମେତ ୬ ଜଣ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ । ଗାଙ୍ଗପୁର ରାଜ୍ୟରେ ୩୦ ଜଣ ନିହତ ହେଲେ । ରଣପୁରରେ ପଲିଟିକାଲ ଏଜେଣ୍ଟ ମେଜର ବେଜଲଗେଟଙ୍କୁ ଉତ୍ତେଜିତ ଜନତା ହତ୍ୟା କଲେ । ଏ ହତ୍ୟା ମାମଲାରେ ବିପ୍ଳବୀ ବୀର ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଫାଶୀ ପାଇଥିଲେ ।

୧୯୪୨ ଭାରତ ଛାଡ଼ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟ । ଏହି ଆନ୍ଦୋଳନ କଟକ, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ବ୍ୟାପକ ଆକାର ଧାରଣ କରିଥିଲା । ବାଲେଶ୍ୱର ଜିଲ୍ଲାର ରକ୍ତତୀର୍ଥ ଇରମରେ ପୋଲିସ ଗୁଳିରେ ଏକାଥରକେ ୨୯ ଜଣ ନିହତ ହୋଇଥିଲେ । ପଞ୍ଜାବର ଜାଲିଆନାୱାଲା ବାଗ ପରେ ଏ ହେଉଚି ଭାରତରେ ଦ୍ୱିତୀୟ ମର୍ମନ୍ତୁଦ ଗଣହତ୍ୟା । ଏହି ଗୁଳିକାଣ୍ଡରେ ପେଶୀ ବେଓ୍ୱାଙ୍କର ମୃତ୍ୟୁ ଘଟିଥିଲା । ସାରା ଭାରତରେ ସେ ସର୍ବ ପ୍ରଥମ ମହିଳା ଶହୀଦ । ଧାମନଗର ଥାନା ଲୁଣିଆରେ ୯ ଜଣ, ତୁଡ଼ିଗଡ଼ିଆ ଓ ଖଇରାଡ଼ିହ ଗୁଳିକାଣ୍ଡରେ ୩ ଜଣ, କଟକ ଜିଲ୍ଲାର କାଇପଦା–କଳାମାଟିଆରେ ୫ ଜଣ, ନବରଙ୍ଗପୁରର ପାପଡ଼ାହାଣ୍ଡିରେ ୧୯ ଜଣ ଶହୀଦ ହୋଇଥିଲେ ।

କୋରାପୁଟ ଜିଲ୍ଲାର ମାଥିଲିଠାରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଲକ୍ଷ୍ମଣ ନାୟକ । ପୋଲିସ ଗୁଳିରେ ସେଠାରେ ୫ ଜଣଙ୍କର ମୃତ୍ୟୁ ଘଟିଥିଲା । ଲକ୍ଷ୍ମଣ ନାୟକ ଧରା ପଡ଼ି ଫାଶୀ ପାଇଥିଲେ । ଅନ୍ୟ ଏକ ଗୁଳିକାଣ୍ଡରେ ୧୧ ଜଣ ମୃତ୍ୟୁବରଣ କରିଥିଲେ । ଐତିହାସିକଙ୍କ ମତରେ ଏହି ଆନ୍ଦୋଳନରେ କେବଳ କୋରାପୁଟ ଜିଲ୍ଲାରେ ପୋଲିସ ଗୁଳିରେ ୪୪ ଜଣ ଓ ବାଲେଶ୍ୱର ଜିଲ୍ଲାରେ ୩୬ ଜଣ ନିହତ ହୋଇଥିଲେ । ଅଗଷ୍ଟ ବିପ୍ଳବରେ ଭାରତରେ ଯେଉଁ ଦୁଇଜଣ ଫାଶୀ ପାଇଥିଲେ ସେମାନଙ୍କ ଭିତରେ ଆଦିବାସୀ ନେତା ଲକ୍ଷ୍ମଣ ନାୟକ ଅନ୍ୟତମ । ସ୍ୱାଧୀନତା ସଂଗ୍ରାମର ଇତିହାସରେ ଆଦିବାସୀମାନଙ୍କ ସାହସ ଓ ତ୍ୟାଗର ପଟାନ୍ତର ନାହିଁ ।

ଓଡ଼ିଶାର ସମସ୍ତ ନେତା ଜେଲରେ ଥିବାବେଳେ ସୁରେନ୍ଦ୍ରନାଥ ଦ୍ୱିବେଦୀ କଟକରେ ଆତ୍ମଗୋପନ କରି ଦୁଇମାସ ଧରି ଆନ୍ଦୋଳନକୁ ସକ୍ରିୟ ରଖିଥିଲେ ।

ଭାରତ ଛାଡ଼ ଆନ୍ଦୋଳନ କାଳରେ ନେତାଜୀ ସୁଭାଷଚନ୍ଦ୍ର ସୁଦୂର ଜାପାନରେ ଥାଇ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ସଶସ୍ତ୍ର ଅଭିଯାନ ଚଳାଇଥିଲେ ।

ସ୍ୱାଧୀନତା ସଂଗ୍ରାମ ସମସ୍ତଙ୍କ ସଂଗଠିତ ସଂଗ୍ରାମର ଫଳ । ବ୍ରିଟିଶ ଶାସନ ବିରୁଦ୍ଧରେ ଜନ ଜାଗରଣ ସୃଷ୍ଟି କରିବାରେ ବିଭିନ୍ନ ସଂଗଠନ ଓ ସମ୍ବାଦପତ୍ରର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ରାଜନୈତିକ ସଂଗଠନ ଗୁଡ଼ିକମଧ୍ୟରେ କଟକର ଉତ୍କଳ ସଭା, ବାଲେଶ୍ୱରର ନ୍ୟାସନାଲ୍ ସୋସାଇଟି, ପାରଳାଖେମୁଣ୍ଡିର ଉତ୍କଳ ହିତୈଷିଣୀ ସମାଜ ଏବଂ ସମ୍ବାଦପତ୍ରଗୁଡ଼ିକ ମଧ୍ୟରେ କଟକର ଉତ୍କଳ ଦୀପିକା, ବାଲେଶ୍ୱରର ସମ୍ବାଦ ବାହିକା, ଗଞ୍ଜାମର ପ୍ରଜାବନ୍ଧୁ, ବାରିପଦାର ମନୋରମା, ସମ୍ବଲପୁରର ହିତୈଷିଣୀ ଏବଂ ପରବର୍ତ୍ତୀ କାଳରେ ଦୈନିକ ଆଶା, ସମାଜ ଓ ପ୍ରଜାତନ୍ତ୍ର ଓଡ଼ିଶାର ଜାତୀୟତାର ଜାଗରଣ ଓ ମୁକ୍ତି ସଂଗ୍ରାମର ବାର୍ତ୍ତାବହ ରୂପେ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସିଥିଲେ ।

ବହୁ ଘଟଣାବହୁଳ ଓ ବୀରତ୍ୱବ୍ୟଞ୍ଜକ ଅଧ୍ୟାୟରେ ମହିମାମଣ୍ଡିତ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ରକ୍ତ ରଞ୍ଜିତ ଇତିହାସ । ଓଡ଼ିଶାର ଯେଉଁ ଯୋଗଜନ୍ମା ବୀର ଓ ବରପୁତ୍ରମାନେ ଦେଶ ମାତୃକାର ମୁକ୍ତି ପାଇଁ ଆତ୍ମବଳି ଦେଇଛନ୍ତି, ଚରମ ତ୍ୟାଗ କରିଛନ୍ତି, ଦାରୁଣ ଦୁଃଖ, ନିର୍ଯ୍ୟାତନା ସହିଛନ୍ତି, ଏ ଜାତି ସେମାନଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏକ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ ଭାରତ ଗଠନ ପାଇଁ ସେମାନେ ଯେଉଁ ସ୍ୱପ୍ନ ଦେଖୁଥିଲେ, ସଂକଳ୍ପ କରିଥିଲେ ତାହା ସାର୍ଥକ ହେଉ, ସେମାନଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଜୀବନ–ଯାତ୍ରାର ପାଥେୟ ହେଉ, ଏ ଦେଶର ସଂହତିକୁ ସୁଦୃଢ଼ ଓ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ପାଇଁ ଶକ୍ତି ଦେଉ–ଆଜି ୭୦ତମ ସ୍ୱାଧୀନତା ଦିବସର ପୁଣ୍ୟତିଥିରେ ଏହା ହିଁ ପ୍ରାର୍ଥନା ।

# ସ୍ୱାଧୀନତା ଦିବସର ସଂକଳ୍ପ

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**



ସ୍ୱାଧୀନତା ଦିବସ ଯେ କୌଣସି ଜାତି ପକ୍ଷରେ ଏକ ଗର୍ବ ଓ ଗୌରବର ଦିନ । କିନ୍ତୁ ଏ ଦିନଟିକୁ ଆଣିବା ପାଇଁ ଯେଉଁମାନେ ଆତ୍ମବଳିଦାନ କରିଛନ୍ତି, ଯେଉଁମାନେ କାରାବରଣ କରିଛନ୍ତି, ବହୁ ନିର୍ଯ୍ୟାତନା ସହିଛନ୍ତି, ଫାଶୀ ଖୁଣ୍ଟରେ ଚଢ଼ିଛନ୍ତି, ଆଜି ସେମାନଙ୍କୁ ଗଭୀର ଶ୍ରଦ୍ଧାର ସହିତ ସ୍ମରଣ କରିବା । ଆମର ଆନ୍ତରିକ କୃତଜ୍ଞତା ସେମାନଙ୍କୁ ଜ୍ଞାପନ କରିବା । ସେମାନଙ୍କ ଯୋଗୁଁ ଆଜି ଆମର ଦେଶ ସ୍ୱାଧୀନ ହୋଇଛି, ସେଥିପାଇଁ ସେମାନଙ୍କ ପ୍ରତି ଚିରଦିନେ ଆମେ କୃତଜ୍ଞ ରହିବା ।

ଜାତିର ପିତା ମହାତ୍ମା ଗାନ୍ଧୀ କେବଳ ସ୍ୱାଧୀନତା ଯେ ଆଣିଥିଲେ ତା' ନୁହେଁ, ସ୍ୱାଧୀନତା ପରେ ଅବିରତ ଚେଷ୍ଟା କରିଥିଲେ ଏ ଦେଶର ସଂହତି ରକ୍ଷା କରିବା ପାଇଁ, କାରଣ ସେ ଅନୁଭବ କରିଥିଲେ ଦେଶର ସଂହତି ନରହିଲେ, ଦେଶରେ ଏକତା ଶାନ୍ତି ନରହିଲେ, ସାମ୍ପ୍ରଦାୟିକ ଐକ୍ୟ ପ୍ରତିଷ୍ଠା ନହେଲେ କେବେହେଲେ ଭାରତ ଅଗ୍ରସର ହୋଇ ପାରିବ ନାହିଁ ଏବଂ ସ୍ୱାଧୀନତା ରକ୍ଷା କରାଯାଇ ପାରିବ ନାହିଁ । ସେଥିପାଇଁ ସେ ଦିନ ବିଶ୍ରାମ ନକରି ସ୍ୱାଧୀନତା ପରେ କୌଣସି ଉତ୍ସବରେ ଯୋଗ ନଦେଇ ଏଥିପାଇଁ ଉଦ୍ୟମ କରିଥିଲେ ଏବଂ ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଦିନ ନିଜର ଜୀବନକୁ ବଳିଦାନ ଦେଇଥିଲେ । ଏ ସ୍ୱାଧୀନତା ଏବଂ ଜାତୀୟ ସଂହତି ରକ୍ଷା କରିବା ପାଇଁ ତାଙ୍କ ପରେ ଏ ଯୁଗର ଜଣେ ସର୍ବଶ୍ରେଷ୍ଠ ନେତ୍ରୀ ଭାରତବର୍ଷର ନୁହେଁ, ସାରା ପୃଥିବୀର ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଆତ୍ମ ବଳିଦାନ ଦେଇଥିଲେ । ୩୦ ଅକ୍ଟୋବର ଦିନ ଏହି ଭୁବନେଶ୍ୱର ସହରକୁ ଆସି ସଭାରେ ସେ ଦେଶବାସୀଙ୍କୁ ନିବେଦନ କରିଥିଲେ ଯେ, ମୋର ପ୍ରତ୍ୟେକ ବିନ୍ଦୁ ରକ୍ତ ଦେଶର ସ୍ୱାଧୀନତା ପାଇଁ କାର୍ଯ୍ୟ କରିବ, ସଂହତି ପାଇଁ କାର୍ଯ୍ୟ କରିବ । ମୁଁ ମୃତ୍ୟୁକୁ ଭୟ କରେ ନାହିଁ ଏବଂ ତା'ପର ଦିନ ତାଙ୍କର ଦେହାନ୍ତ ହୋଇଥିଲା ଆତତାୟୀର ଗୁଳି ମାଡ଼ରେ । ତାଙ୍କର ପୁତ୍ର ଏବଂ ଏ ଦେଶର ଜଣେ ଶ୍ରେଷ୍ଠ ଯୁବ ନେତା, ରାଜୀବ ଗାନ୍ଧୀ ସନ୍ତ୍ରାସବାଦୀର ବୋମା ମାଡ଼ରେ ସେହିପରି ଭାବରେ ଆତ୍ମ ବଳିଦାନ କରିଥିଲେ ଦେଶ ପାଇଁ । ଦେଶ ପାଇଁ, ଜାତି ପାଇଁ ସର୍ବସ୍ୱ ବଳିଦାନ କରିବା ହେଉଛି ସ୍ୱାଧୀନତାର ବାର୍ତ୍ତା । ସେଥିପାଇଁ ପ୍ରତ୍ୟେକ ଭାରତୀୟ ପ୍ରସ୍ତୁତ ହେବା ଦରକାର । ଯେଉଁମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ବିଭିନ୍ନ ରାଜ୍ୟରୁ ଏ ସ୍ୱାଧୀନତାର ସଂଗ୍ରାମରେ ଯୋଗ ଦେଇଥିଲେ, ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ମୌଲନା ଆବୁଲ କାଲାମ୍ ଆଜାଦ୍, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଡକ୍ଟର ହରେକୃଷ୍ଣ ମହତାବ ଏହିପରି ଭାବରେ ବିଭିନ୍ନ ରାଜ୍ୟରୁ ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଦେଶମାତୃକାକୁ ସ୍ୱାଧୀନ କରିଛନ୍ତି ଆଜି ସେମାନଙ୍କ ପ୍ରତି ଆମେ ଆମର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଦରକାର । ସ୍ୱାଧୀନତା ଏକ ଅତ୍ୟନ୍ତ ମୂଲ୍ୟବାନ ବସ୍ତୁ, ଜୀବନଠାରୁ ମୂଲ୍ୟବାନ ଏବଂ ଏ ସ୍ୱାଧୀନତା ରକ୍ଷା ପାଇଁ ସଂକଳ୍ପବଦ୍ଧ ହେବା ଆଜି ଦିନର ବାର୍ତ୍ତା ।

ସ୍ୱାଧୀନତା ପରେ ଏ ଭାରତବର୍ଷକୁ ଯଦି କେହି ଗଣତନ୍ତ୍ର ଦେଇଥାଏ, ଯୋଜନାବଦ୍ଧ ଅଗ୍ରଗତି ପାଇଁ କାର୍ଯ୍ୟ କରିଥାଏ, ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଥାଏ, ସମାଜବାଦର ବାର୍ତ୍ତା ଦେଶକୁ ଦେଇଥାଏ, ସେ ହେଉଛନ୍ତି ଏ ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ଜନନାୟକଙ୍କ ମଧ୍ୟରୁ ଅନ୍ୟତମ ପଣ୍ଡିତ ଜବାହରଲାଲ ନେହେରୁ । ଭୁବନେଶ୍ୱର ସହରର ଭିତ୍ତି ସ୍ଥାପନ କରିଥିଲେ ପଣ୍ଡିତ ଜବାହରଲାଲ ନେହେରୁ ଏବଂ ତାଙ୍କର ସ୍ମୃତି ସ୍ତମ୍ଭ ଆମେ ଉନ୍ମୋଚନ କରିଥିଲେ ୧୯୮୮ ମସିହାରେ । ତତ୍କାଳୀନ ରାଷ୍ଟ୍ରପତି ଶ୍ରୀ ଭେଙ୍କଟ ରମଣ ଆସିଥିଲେ ତାକୁ ଉନ୍ମୋଚନ କରିବା ପାଇଁ । ସେଥିରେ ଗୋଟିଏ ଫଳକ ଲଗାଯାଇଥିଲା । ସେ ଫଳକରେ ଜଣେ ଆମେରିକାର କବିଙ୍କର ଭାଷାରେ ସେ ଲେଖିଥିଲେ ଯେ, "ବହୁତ ବାଟ ମୁଁ ଆସିଲିଣି, ତଥାପି ଆହୁରି ବାଟ ଯିବାକୁ ଅଛି । ବହୁତ ବାଟ ଆସି ମୁଁ ଥକି ଯାଇଛି । କିନ୍ତୁ ବିଶ୍ରାମର ପ୍ରଶ୍ନ ଉଠୁନାହିଁ । ମୁଁ ମୋର ଲକ୍ଷ୍ୟ ସ୍ଥଳରେ ନିଶ୍ଚିତ ଭାବରେ ପହଞ୍ଚିବି, ଯାହା କିଛି ବାଧା ଏବଂ ବିପଦ ଆସୁ" । ତାହା ହେଉଛି ପଣ୍ଡିତ ଜବାହରଲାଲ ନେହେରୁଙ୍କର ଆସମାନଙ୍କ ପାଇଁ ବାର୍ତ୍ତା । ଦେଶ ୧୯୪୭ ମସିହାରୁ ଏ ଭିତରେ ବହୁ ଅଗ୍ରଗତି କରିଛି । ଆମେ ଆଜି ଖାଦ୍ୟ ଶସ୍ୟରେ ସ୍ୱାବଲମ୍ବୀ ହୋଇଛେ । କେବଳ ଭାରତବାସୀ ନିଜର ଖାଦ୍ୟ ପାଇଁ ଯେ ଯଥେଷ୍ଟ ଖାଦ୍ୟ ରଖିପାରିଛନ୍ତି ତା' ନୁହେଁ । ପୃଥିବୀରେ ଯେଉଁ ଦେଶରେ ଦୁର୍ଭିକ୍ଷ ପଡ଼ିବ, ଅନାଟନ ପଡ଼ିବ, ଭାରତବାସୀ ସେ ଦେଶର ଲୋକଙ୍କୁ ଖାଦ୍ୟ ଯୋଗାଇ ପାରିବେ । ଆଜି ସେ ଅବସ୍ଥାକୁ ଆମେ ଆସିଯାଇଛେ । ସେହିପରି ଭାବରେ ସାମରିକ କ୍ଷେତ୍ରରେ କୌଣସି ଦେଶ ଆଗରେ, କୌଣସି ଶକ୍ତି ଆଗରେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନାହିଁ । କାରଣ ସାମରିକ କ୍ଷେତ୍ରରେ ଆମେ ସୁସଜ୍ଜିତ ଏବଂ ସମ୍ପୂର୍ଣ୍ଣ ଭାବରେ ଆମେ ସ୍ୱାବଲମ୍ବୀ । ଶିଳ୍ପ କ୍ଷେତ୍ରରେ, ବିଭିନ୍ନ କ୍ଷେତ୍ରରେ ଭାରତବର୍ଷ ବହୁତ ଆଗେଇ ଯାଇଛି । ତଥାପି ଆଜି ଯଦି ଗରିବ ଲୋକଙ୍କ କଥା ଆମେ ଚିନ୍ତା କରିବା, ଏତେ ଅଗ୍ରଗତି ସତ୍ତ୍ୱେ ଆଜି ଦେଶର ଗରିବ ଲୋକଙ୍କ ସଂଖ୍ୟା କମିନାହିଁ । ତା'ର ଏକମାତ୍ର କାରଣ ହେଉଛି ଯେଉଁଭଳି ଭାବରେ ଜନସଂଖ୍ୟା ବୃଦ୍ଧି ଘଟୁଛି, ଯେତେ କାମ ଆମେ କଲେ ମଧ୍ୟ ଏହି ବୃଦ୍ଧି ଲାଭ କରିଥିବା ଜନସଂଖ୍ୟା, ତା'ର ଉପକାର ପାଇ ପାରୁନାହିଁ । ସେଥିପାଇଁ ଏ ସମସ୍ୟାର ସମାଧାନ କରିବା ସଙ୍ଗେ ସଙ୍ଗେ ଦାରିଦ୍ର୍ୟ ଦୂର କରିବା ପାଇଁ ଉଦ୍ୟମ କରିବା ଉଚିତ । କବିଙ୍କର ଭାଷାରେ–'ଦାରିଦ୍ର୍ୟ ଦୋଷ ଗୁଣରାଶିନାଶି' । ସମସ୍ତ ଗୁଣ ଥିଲେ ମଧ୍ୟ ଗୋଟିଏ ଦାରିଦ୍ର୍ୟ ଦୋଷ ସେ ଗୁଣକୁ ଲୁଚେଇ ଦିଏ । ଆମ ଦେଶରେ ଯେଉଁ କୋଟି କୋଟି ଗରିବ ଲୋକ ଅଛନ୍ତି ସେମାନଙ୍କର ଅବସ୍ଥାର ଯେମିତି ପରିବର୍ତ୍ତନ ହେବ, ସେମାନେ ଆଜି ମୁଣ୍ଡଟେକି ପାରିବେ, ସମ୍ମାନର ସହିତ, ସେମାନେ ଆଜି ଭାରତୀୟ ସନ୍ତାନ ହିସାବରେ, ସ୍ୱାଧୀନ ଜାତିର ସନ୍ତାନ ହିସାବରେ ଗର୍ବ କରିପାରିବେ, ତା' ହେଉଛି ଆଜି ଦିନରେ ଆମ ପ୍ରତି ଆହ୍ୱାନ ଏବଂ ଦାବି । ଆମେ ଯେଉଁମାନେ ଭଲ ଅବସ୍ଥାରେ ଅଛେ, ଆମର ଆଜି ଚିନ୍ତା କରିବାର କଥା ଆମର ପଛରେ ଯେଉଁ ୫ ଜଣ ଗରିବ ଲୋକ ଅଛନ୍ତି, ସେମାନଙ୍କ ହାତଧରି କେମିତି ଆମେ ଉଠେଇବା । ଏ କେବଳ ସରକାରର ଦାୟିତ୍ୱ ନୁହେଁ, ଏ ଦାୟିତ୍ୱ ଭାରତର ଜନସାଧାରଣଙ୍କର, ପ୍ରତ୍ୟେକ ନାଗରିକ ଯେଉଁମାନେ ଆଜି ଶିକ୍ଷିତ, ସଭ୍ୟ ସେମାନଙ୍କ ପ୍ରତି ଏ ହେଉଛି ଆହ୍ୱାନ । ସବୁଠାରୁ ଲଜ୍ଜାର ବିଷୟ ଯେ, ଓଡ଼ିଶା ଭାରତବର୍ଷରେ ଅତି ପଛୁଆ ଗରିବ ରାଜ୍ୟ ହିସାବରେ ରହିଛି । ଆମକୁ ଏ କଳଙ୍କ ଲିଭେଇବାକୁ ହେବ । ଏ ଅଭିଶାପ ଦୂର କରିବାକୁ ହେବ ଏବଂ ଓଡ଼ିଶାକୁ ଭାରତବର୍ଷର ମାନଚିତ୍ରରେ କେବଳ ପ୍ରତିଷ୍ଠା କରିବା ନୁହେଁ, ଭାରତବର୍ଷରେ ତା'ର ଶ୍ରେଷ୍ଠତ୍ୱ ଦେବାକୁ ହେବ । ଏ ଶ୍ରେଷ୍ଠତ୍ୱ ପାଇଁ ଓଡ଼ିଶାର ସବୁକିଛି ଅଛି, କେବଳ ଯୋଗ୍ୟତା ଦରକାର ।

ଆମର ଯେଉଁ ଖଣିଜ ସମ୍ପଦ ରହିଛି, ସେ ଖଣିଜ ସମ୍ପଦ କଥାରେ କଥାରେ ନାହିଁ । ଆମେ ଆଜି ବାହାରକୁ ଯାଉନୁ ଡାକିବା ପାଇଁ, ଯେଉଁମାନେ ଆସିବେ କଳକାରଖାନା କରିବା ପାଇଁ । କଳକାରଖାନା ପାଇଁ ଲୋକେ ଆଜି ଓଡ଼ିଶାରେ ଧାଇଁ ଲାଗିଛନ୍ତି । ସେମାନେ ଆସିବାକୁ ଚାହାନ୍ତି ଯେଉଁ ପ୍ରାକୃତିକ ସମ୍ପଦ ଓଡ଼ିଶାରେ ରହିଛି ସେ ପ୍ରାକୃତିକ ସମ୍ପଦର ବିକାଶ ପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗ କରିବା ନିମନ୍ତେ, କିନ୍ତୁ ଏହା ସତ୍ତ୍ୱେ ଆମର ଉର୍ବର ମୃତ୍ତିକା ସତ୍ତ୍ୱେ, ଆମର ପରିଶ୍ରମୀ, ବୁଦ୍ଧିମାନ ଯୁବଶ୍ରେଣୀ ଓ ଜନଗଣ ସତ୍ତ୍ୱେ ଆଜି ଓଡ଼ିଶା ବହୁତ ପଛରେ ପଡ଼ିରହିଛି । ଦାରିଦ୍ର୍ୟର କଶାଘାତରେ ଆଜି ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ରହିଛନ୍ତି ମାଲ୍‌କାନାଗିରିଠାରୁ ଆରମ୍ଭ କରି ମୟୂରଭଞ୍ଜ ପର୍ଯ୍ୟନ୍ତ । ତେଣୁ ଆଜି ଏ ଲୋକଙ୍କୁ ଉଠେଇବା ହେଉଛି ଆମର ଦାୟିତ୍ୱ । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସଙ୍ଗେ ସଙ୍ଗେ ଗରିବ ଲୋକଙ୍କୁ ଆମେ ଜଣ ଜଣ କରି ହାତ ଧରି ନ ଉଠେଇଲେ କେବେହେଲେ ଓଡ଼ିଶାର ପରିବର୍ତ୍ତନ ହେବ ନାହିଁ । ଏହା ହେଉଛି ଏ ସରକାରର କାମ୍ୟ ଏବଂ ଆକାଂକ୍ଷା ।

ଆପଣମାନେ ଗୋଟିଏ ସରକାରକୁ ଓଡ଼ିଶାକୁ ଆଣିଛନ୍ତି ବହୁ ଆଶା ଆକାଂକ୍ଷା ନେଇ ଏବଂ ସେ ଆଶା ଆକାଂକ୍ଷା ପୂରଣ ପାଇଁ ମୁଁ ଆପଣମାନଙ୍କଠାରେ ନିଜକୁ ସମର୍ପଣ କରିବା ପାଇଁ ଚାହେଁ । ବିନା ବିଶ୍ରାମରେ ଅବିଶ୍ରାନ୍ତ ଭାବରେ ଉଦ୍ୟମ କରି ଏ ୫ ବର୍ଷ ଭିତରେ ଆମେ ଏକ ବିରାଟ ଲକ୍ଷ୍ୟ ପ୍ରଦାନ କରିବା ଦାରିଦ୍ର୍ୟ ଦୂର ପାଇଁ । ସେଥିପାଇଁ ଆଜି ଆମେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ଦରକାର । ସବୁ ଶ୍ରେଣୀର ଲୋକ, ସେମାନେ ରାଜନୈତିକ କ୍ଷେତ୍ରରେ ରହନ୍ତୁ, ସରକାରୀ କ୍ଷେତ୍ରରେ ରହନ୍ତୁ, ସାଧାରଣ କୃଷକ, ଶ୍ରମିକ, ଚାଷୀ, ଯୁବକ, ସମସ୍ତେ ଆଜି ପ୍ରତିଜ୍ଞାବଦ୍ଧ ହେବା ଦରକାର । ଆଜି ଓଡ଼ିଶାକୁ ନବକଳେବର କରିବା ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେମାନେ ସମସ୍ତେ ପ୍ରାର୍ଥନା କରିବା ଦରକାର ଯେ, ଏ ଜାତିର ଯେଉଁ ଅଭିଶାପ ଅଛି, ତାକୁ ଏ ଶତାବ୍ଦୀ ଶେଷ ହେବା ପୂର୍ବରୁ ଯେମିତି ଆମେ ଶେଷ କରିଦେଇ ପାରିବା ।

ଏ ସରକାର ଆସିବା ପରେ କେତେକ କାର୍ଯ୍ୟକ୍ରମ ଗ୍ରହଣ କରିଛି। ଯେଉଁ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି କ୍ଷୁଧାରୁ ମୁକ୍ତି। କ୍ଷୁଧାରୁ ମୁକ୍ତି ଶିରୋନାମାରେ ଆଜି ୧୪୩ଟି ବ୍ଲକ୍‌ରେ ଲକ୍ଷାଧିକ ଲୋକଙ୍କୁ ୨୦,୦୦୦ ପରିବାରକୁ କିଲୋପ୍ରତି ୨ ଟଙ୍କାରେ ଚାଉଳ ଦିଆଯାଉଛି ଏବଂ ଏହା ଫଳରେ ବହୁଲୋକ ଉପକୃତ ହେଉଛନ୍ତି। ତା' ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକ୍ରମ ସହିତ ଅନେକ କାର୍ଯ୍ୟକ୍ରମ ଆମେ ଗ୍ରହଣ କରିଛେ। ତାହା ହେଉଛି ଓଡ଼ିଶାର ୧୦୪ଟି ବ୍ଲକ୍‌ରେ ମାଲକାନଗିରିଠାରୁ ଆରମ୍ଭ କରି, କୋରାପୁଟ, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମାଗଣା ଖାଇବା ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ଯେତେ ସ୍କୁଲ ଛାତ୍ରଛାତ୍ରୀ ଅଛନ୍ତି ସେମାନଙ୍କୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଏ ମଧ୍ୟାହ୍ନ ଭୋଜନ ଦ୍ୱାରା ୪୦ ଲକ୍ଷ ପିଲା, ଯେଉଁମାନେ ଭୋକରେ ସ୍କୁଲକୁ ଯାଉଥିଲେ, ଭୋକରେ ଆସୁଥିଲେ, ସେମାନଙ୍କର ଖାଇବାର ବ୍ୟବସ୍ଥା କରାଯାଇଛି। ଆମେ ଯେତେ ଚେଷ୍ଟାକଲେ ମଧ୍ୟ ଶତକଡ଼ା ଶହେ ଉପସ୍ଥାନ କରିପାରୁ ନଥିଲେ ସ୍କୁଲମାନଙ୍କରେ କିନ୍ତୁ ଆଜି ଏ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଯେତିକି ସ୍କୁଲକୁ ପିଲା ଆସୁଥିଲେ ତା'ର ଦେଢ଼ଗୁଣ ପିଲା ସ୍କୁଲକୁ ଆସିଲେଣି। ୧୦୦ରୁ ୧୦୦ ଉପସ୍ଥାନ ଆମେ ସମ୍ଭବ କରିପାରିବା। ଏହା ସଙ୍ଗେ ସଙ୍ଗେ ପ୍ରତ୍ୟେକ ସ୍କୁଲରେ ରୋଷେଇ କରିବା ପାଇଁ ୨ ଜଣ ମହିଳା, ଅର୍ଥାତ୍ ୮୦,୦୦୦ ମହିଳାଙ୍କୁ ଆମେ କାର୍ଯ୍ୟ ଯୋଗାଇ ଦେଇ ପାରିବେ।

ସ୍କୁଲର ଛୋଟ ଛୋଟ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ, ଉପସ୍ଥାନ ବୃଦ୍ଧି ଏବଂ ୮୦,୦୦୦ ମହିଳାଙ୍କୁ କାମ ଯୋଗାଇବା, ଏହି ୩ଟି କାର୍ଯ୍ୟକ୍ରମ ଆଜି ଏକ ସମୟରେ କାର୍ଯ୍ୟକାରୀ ହେବା ସମ୍ଭବ ହୋଇପାରିଛି। ସେହିପରି ଭାବରେ ଶିକ୍ଷା କ୍ଷେତ୍ରରେ, କୃଷି କ୍ଷେତ୍ରରେ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବହୁତ ପ୍ରତିଶ୍ରୁତି ଦିଆଯାଇଥିଲା ୨ୟ ଇସ୍ପାତ କାରଖାନା କରିବା ପାଇଁ। କିନ୍ତୁ ଆଜି ଟାଟା ଯେଉଁ ଭାରତବର୍ଷରେ ଏବଂ ପୃଥିବୀରେ ଅଗ୍ରଣୀ ଭାବରେ ସୁନାମ ଅର୍ଜନ କରିଛି ସେ ବର୍ତ୍ତମାନ ଗୋପାଳପୁରଠାରେ ୨୫ ଲକ୍ଷ ଟନ୍‌ର ଏକ ଇସ୍ପାତ କାରଖାନା ବସାଉଛନ୍ତି। ୨୦୦୦ ମସିହା ପୂର୍ବୁ ଏ ଇସ୍ପାତ କାରଖାନା ପ୍ରତିଷ୍ଠିତ ହୋଇ ପାରିବ। କେବଳ ଗୋଟିଏ ଇସ୍ପାତ କାରଖାନା ନୁହେଁ, ଏହିପରି ଭାବରେ ୫ଟି ଇସ୍ପାତ କାରଖାନା ଓଡ଼ିଶାରେ ପ୍ରତିଷ୍ଠିତ ହେବାକୁ ଯାଉଛି। କେବଳ ଇସ୍ପାତ କାରଖାନା ନୁହେଁ, ତିନି କାରଖାନା, ଆଲୁମିନିୟମ କାରଖାନା, ଗୋପାଳପୁର ବନ୍ଦରକୁ ଏକ ପ୍ରଥମ ଶ୍ରେଣୀ ବନ୍ଦରରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶାରେ ଯେଉଁ ଯୁବକମାନେ ବେକାର ହୋଇ ବସିଛନ୍ତି ସେମାନଙ୍କୁ କାମ ଦେବା ହେଉଛି ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ସେଥିପାଇଁ ଲକ୍ଷେ ଯୁବକଙ୍କୁ କାମ ଦିଆଯିବ। ସରକାରୀ ଚାକିରିରେ ୩୫,୦୦୦ ଯୁବକ ଏବଂ ଅନ୍ୟ ବିଭିନ୍ନ ଉପାୟରେ ସେମାନଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରାଯାଇଛି।

ଆମେ ଆଇନଶୃଙ୍ଖଳାର ସୁରକ୍ଷା କରି ଏକ ଶାନ୍ତିପୂର୍ଣ୍ଣ ବାତାବରଣ ରାଜ୍ୟରେ ସୃଷ୍ଟି କରିବା। ଯେତେ ବିରୋଧୀ ପ୍ରଶ୍ନର ହେଉ ପଛକେ ସେଥିରେ ଆଦୌ ବିଚଳିତ ନହୋଇ ଯଦି ଓଡ଼ିଶାକୁ ଆମେ ଗଠନ କରିବା ପାଇଁ ଉଦ୍ୟମ କରିବା, ଅଚିରେ ଓଡ଼ିଶା କୃଷି କ୍ଷେତ୍ରରେ, ଶିଳ୍ପ କ୍ଷେତ୍ରରେ, ପର୍ଯ୍ୟଟନ କ୍ଷେତ୍ରରେ ସମସ୍ତ କ୍ଷେତ୍ରରେ ଆଗୁଆ ରାଜ୍ୟରେ ପରିଣତ ହେବ ଏବଂ ବିଂଶ ଶତାବ୍ଦୀ ଶେଷ ବେଳକୁ ଆମେମାନେ ଗର୍ବ କରିପାରିବା ଯେ, ଏ ଉତ୍କଳ ମାତାକୁ ଆମେ ଭାରତରେ ଏକ ଶ୍ରେଷ୍ଠ ସ୍ଥାନ ଦେଇ ପାରିଛେ।

ଗୋପବନ୍ଧୁ ଦାସ ଗୋଟିଏ କଥା କହିଥିଲେ–

"ଜଗତ ସରସେ ଭାରତ କମଳ
ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ"

ଏ ସମଗ୍ର ଜଗତକୁ ସେ ଗୋଟିଏ ପୁଷ୍କରିଣୀ ସହିତ ତୁଳନା କରିଥିଲେ। ତା'ଭିତରେ ଭାରତ ପଦ୍ମଫୁଲ ଏବଂ ଏ ପଦ୍ମଫୁଲର କେଶର ହେଉଛି ଉତ୍କଳ ଜନନୀ। ଆମେ ଆଜି ତାଙ୍କର ସେ ସ୍ୱପ୍ନକୁ ସାର୍ଥକ କରିବା। ଏ ହେଉଛି ଆପଣମାନଙ୍କୁ ସମସ୍ତଙ୍କୁ ମୋର ନିବେଦନ।

(୧୯୯୫ ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣରୁ)

# ଓଡ଼ିଶାର ଅର୍ଥନୈତିକ ସ୍ଥିତି

ଡକ୍ଟର ବୈଦ୍ୟନାଥ ମିଶ୍ର

କୌଣସି ଗୋଟିଏ ରାଜ୍ୟର ଅର୍ଥନୈତିକ ସ୍ଥିତି ବିଚାର କଲାବେଳେ ସାଧାରଣତଃ ଚାରି ପାଞ୍ଚୋଟି କଥା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପ୍ରଥମ ହେଉଛି ବ୍ୟକ୍ତି ପିଛା ଆୟ କେତେ । ୧୯୮୦-୮୧ ମୂଲ୍ୟସୂଚୀ ଅନୁସାରେ ୧୯୯୪-୯୫ରେ ଓଡ଼ିଶାରେ ବ୍ୟକ୍ତି ପିଛା ଆୟ ମୋଟେ ୧,୬୮୧ ଟଙ୍କା ବୋଲି ହିସାବ କରାଯାଇଛି । ଅନ୍ୟ ସବୁ ରାଜ୍ୟର ୧୯୯୪-୯୫ ହିସାବ ଅର୍ଥନୈତିକ ସମୀକ୍ଷାରେ ପ୍ରକାଶ ପାଇ ନାହିଁ – ୧୯୯୨-୯୩ର ହିସାବ ଏ ପର୍ଯ୍ୟନ୍ତ ପ୍ରକାଶ ପାଇଛି । ସେହି ହିସାବ ଅନୁସାରେ ୧୯୮୦-୮୧ ମୂଲ୍ୟସୂଚୀ ଅନୁଯାୟୀ ଓଡ଼ିଶାର ବ୍ୟକ୍ତି ପିଛା ଆୟ ୧,୬୬୭ ଟଙ୍କା । ୧୯୯୨-୯୩ ତୁଳନାରେ ୧୯୯୪-୯୫ରେ ବ୍ୟକ୍ତି ପିଛା ଆୟ କାହିଁକି କମିଛି, ତା'ର କାରଣ ଅର୍ଥନୈତିକ ସମୀକ୍ଷାରେ ପ୍ରକାଶ ପାଇ ନାହିଁ । ସେ ଯାହାହେଉ ୧୯୯୨-୯୩ ହିସାବ ଅନୁସାରେ ତୁଳନା କଲେ ଦେଖାଯିବ ଯେ ଓଡ଼ିଶାର ବ୍ୟକ୍ତି ପିଛା ଆୟ ୧,୬୬୭ ଟଙ୍କା ହେଲା ବେଳକୁ ସାରା ଭାରତର ହାରାହାରି ବାର୍ଷିକ ଆୟ ୨,୨୫୦ ଟଙ୍କା । ଏଥିରୁ ଦେଖାଯିବ ଯେ ଭାରତର ହାରାହାରି ବାର୍ଷିକ ଆୟ ଅନୁସାରେ ଓଡ଼ିଶାର ବ୍ୟକ୍ତି ପିଛା ଆୟ ପ୍ରାୟ ୬୦୦ ଟଙ୍କା କମ୍ । ପଞ୍ଜାବରେ ଜଣ ପିଛା ବାର୍ଷିକ ଆୟ ୧୯୮୦-୮୧ ମୂଲ୍ୟସୂଚୀ ଅନୁସାରେ ୧୯୯୨-୯୩ ମସିହାରେ ୩,୮୭୪ ଟଙ୍କା – ପ୍ରଭେଦ ହେଉଛି ୨,୨୦୭ ଟଙ୍କା । ଏଥିରୁ ଭାରତର ବିଭିନ୍ନ ରାଜ୍ୟ ଭିତରେ କେତେ ଅର୍ଥନୈତିକ ପ୍ରଭେଦ ଅଛି, ତାହା ସହଜରେ ବୁଝି ହେବ । ପୁଣି ଭାରତର ତିନୋଟି ରାଜ୍ୟର ବ୍ୟକ୍ତି ପିଛା ଆୟ ସେହି ବର୍ଷ ଅନୁସାରେ ଓଡ଼ିଶାଠାରୁ କମ୍ – ସେଗୁଡ଼ିକ ହେଉଛି ବିହାର, ମଧ୍ୟ ପ୍ରଦେଶ ଓ ଉତ୍ତର ପ୍ରଦେଶ । ମଧ୍ୟ ପ୍ରଦେଶ ଓ ଉତ୍ତର ପ୍ରଦେଶର ବ୍ୟକ୍ତି ପିଛା ଆୟରେ ବେଶୀ କିଛି ପ୍ରଭେଦ ନାହିଁ – ବିହାରରେ ଅନେକ ପ୍ରଭେଦ ଅଛି । ସେ ଯାହା ହେଉ ଏହି ହିସାବରୁ ଦେଖାଯାଉଛି ଯେ ଓଡ଼ିଶାରେ ଯାହା କିଛି ଉନ୍ନତି ହେଉଛି, ତାହା ଦ୍ୱାରା ଜନସାଧାରଣଙ୍କର ଆର୍ଥିକ ଅବସ୍ଥାରେ ବେଶୀ କିଛି ଅଗ୍ରଗତି ହେବ ନାହିଁ ।

ଅର୍ଥନୈତିକ ପ୍ରଗତିର ଅନ୍ୟ କେତେକ ଲକ୍ଷଣ ମଧ୍ୟ ଅଛି । ଗୋଟିଏ ହେଉଛି ଗୋଟିଏ ରାଜ୍ୟର କେତେ ଲୋକ ସାକ୍ଷର । ୧୯୯୧ ମସିହାର ହିସାବ ଅନୁସାରେ ଓଡ଼ିଶାରେ ଶତକଡ଼ା ୪୯ ଲୋକ ସାକ୍ଷର । ଏ ହେଉଛି ହାରାହାରି ହିସାବ । ଖୋଦ ଭାରତରେ କିନ୍ତୁ ଶତକଡ଼ା ୫୨.୧ ଜଣ ସାକ୍ଷର । କେରଳରେ ସାକ୍ଷରଙ୍କ ସଂଖ୍ୟା ଶତକଡ଼ା ୮୯.୮ । ମୋଟାମୋଟି ଓଡ଼ିଶାରେ ସାକ୍ଷରଙ୍କ ସଂଖ୍ୟା ସିନା ୪୯.୧, କିନ୍ତୁ ସ୍ତ୍ରୀ ଲୋକମାନଙ୍କ ସାକ୍ଷରତା ହେଉଛି ମୋଟେ ଶତକଡ଼ା ୩୪.୭୦ । ଅନେକ ସମାଜ ବିଜ୍ଞାନୀ ମତପ୍ରକାଶ କରିଛନ୍ତି ଯେ ଶିକ୍ଷା ଅର୍ଥନୈତିକ ପ୍ରଗତି ପାଇଁ ଏକ ପ୍ରଧାନ ଉପାଦାନ । ଆମେରିକାର ଏକ ବିଖ୍ୟାତ ଅର୍ଥଶାସ୍ତ୍ରୀ ଗଲ୍‌ବ୍ରେଥ୍‌ଙ୍କ ମତ ଅନୁସାରେ ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୩୦-୧୯୬୦ ଭିତରେ ଯେଉଁ ଅର୍ଥନୈତିକ ପ୍ରଗତି ହୋଇଛି, ସେହି ପ୍ରଗତିରେ ଶିକ୍ଷା ପ୍ରଧାନ ଭୂମିକା ଗ୍ରହଣ କରିଛି । ତାଙ୍କ ମତରେ ସେହି ପ୍ରଗତିର ପ୍ରାୟ ଏକ ଚତୁର୍ଥାଂଶ ଶିକ୍ଷା ଦ୍ୱାରା ସମ୍ଭବ ହୋଇଛି । ଜାପାନର ଅନେକ ଶିକ୍ଷାବିତ୍ ମଧ୍ୟ ମତ ପ୍ରକାଶ କରିଛନ୍ତି ଯେ ଜାପାନର ଉନ୍ନତିରେ ଶିକ୍ଷା ଏକ ପ୍ରଧାନ ଭୂମିକା ଗ୍ରହଣ କରିଛି । କେରଳରେ ଅଧିକାଂଶ ମହିଳା ଶିକ୍ଷିତ ହୋଇଥିବାରୁ ସେଠାରେ ବାର୍ଷିକ ଜନସଂଖ୍ୟା ବୃଦ୍ଧି ଅନେକ କମ୍ । କେବଳ ଶିକ୍ଷା ଅର୍ଥନୈତିକ ପ୍ରଗତିରେ ସାହାଯ୍ୟ କରେନାହିଁ, ସ୍ୱାସ୍ଥ୍ୟ ମଧ୍ୟ ସେଥିରେ ଅନେକ ସହାୟକ ହୁଏ । ୧୯୯୧ର ହିସାବରୁ ଦେଖାଯାଏ ଯେ ଓଡ଼ିଶାରେ ହଜାରେ ପିଛା ଶିଶୁ ମୃତ୍ୟୁ ହାର ୧୨୬, ଭାରତରେ ୮୦ ଓ କେରଳରେ ମୋଟେ ୧୭ । ଏହା ଭିତରେ କିଛି କମିଛି ବୋଲି କୁହାଯାଉଛି । ଗୋଟିଏ ହିସାବରୁ ଦେଖାଯାଉଛି ଯେ ଓଡ଼ିଶାର ଶିଶୁ ମୃତ୍ୟୁ ହାର ପ୍ରାୟ ୧୦୭ । ଅନେକ ଉନ୍ନତ ଦେଶରେ ଶିଶୁ ମୃତ୍ୟୁ ହାର ହଜାରେ ପିଛା ୪ କି ୫ । ସେ ସବୁ ଦେଶର ହିସାବ ଦେଇ ଲେଖାଟିକୁ ଭାରାକ୍ରାନ୍ତ କରିବାକୁ ଆମେ ଚାହୁଁ ନାହୁଁ । ତେବେ ଯେତିକି ହିସାବ ଦେଉଛୁ, ସେଥିରୁ ଦେଖାଯିବ ଯେ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଅନେକ ପଛରେ ପଡ଼ିଛି ।

ଅନ୍ୟ ଏକ ହିସାବ ଦେଖାଯାଉ । ଓଡ଼ିଶାରେ କେତେ ଲୋକ ଦାରିଦ୍ର୍ୟ ସୀମା ରେଖା ନିମ୍ନରେ ଅଛନ୍ତି । ଓଡ଼ିଶା ସରକାରଙ୍କ ୧୯୯୫-୯୬ର ଅର୍ଥନୈତିକ ସମୀକ୍ଷାରେ ଯେଉଁ ହିସାବ ପ୍ରକାଶ

ପାଇଛି, ସେଥିରେ କୁହାଯାଇଛି ଯେ ୧୯୮୭–୮୮ ମସିହାରେ ଓଡ଼ିଶାର ମଫସଲ ଅଞ୍ଚଳରେ ଶତକଡ଼ା ୪୮·୩ ଓ ସହର ଅଞ୍ଚଳରେ ଶତକଡ଼ା ୨୪·୧ ଲୋକ ଦାରିଦ୍ର୍ୟ ସୀମା ରେଖାର ନିମ୍ନରେ ଥିଲେ । ଏହା ଅର୍ଥ ମୋଟ୍‌ରେ ଶତକଡ଼ା ୪୪·୭ ଲୋକ ଦାରିଦ୍ର୍ୟ ସୀମା ରେଖାର ନିମ୍ନରେ ଥିଲେ । ଅଥଚ ସେହି ହିସାବ ଅନୁସାରେ ଭାରତରେ ମୋଟରେ ୨୯·୯ ଓ ପଞ୍ଜାବରେ ୭·୨ ଲୋକ ଦାରିଦ୍ର୍ୟ ସୀମା ରେଖାର ନିମ୍ନରେ ଥିଲେ । ସେହି ହିସାବ ଭୁଲ ବୋଲି ଅନେକ ବିଶେଷଜ୍ଞ ଏବେ ମତ ପ୍ରକାଶ କରିଛନ୍ତି । ସେମାନଙ୍କ କଳନା ଅନୁସାରେ ଭାରତରେ ଶତକଡ଼ା ୪୦ ଭାଗ ଲୋକ ଦାରିଦ୍ର୍ୟ ସୀମା ରେଖାର ନିମ୍ନରେ ଅଛନ୍ତି ବୋଲି କୁହାଯାଉଛି । ଓଡ଼ିଶାରେ ଏହାଠାରୁ ଅନେକ ଅଧିକ । ଏହି ସବୁ ହିସାବର ଗୋଟିଏ ଅର୍ଥ ହେଉଛି ଯେ ଓଡ଼ିଶାର ଅର୍ଥନୈତିକ ପ୍ରଗତି ପାଇଁ ଆମକୁ ଆହୁରି ଅଧିକ କଷ୍ଟ ଉଦ୍ୟମ କରିବାକୁ ହେବ । ଏ ପର୍ଯ୍ୟନ୍ତ ଓଡ଼ିଶାରେ ଆୟ ଯେପରି ବୃଦ୍ଧି ହୋଇଛି, ତାହା ଖୁବ୍ ସାମାନ୍ୟ । ୧୯୮୦–୮୧ ମୂଲ୍ୟସୂଚୀ ଅନୁସାରେ ଓଡ଼ିଶାର ଆୟ କିପରି ବୃଦ୍ଧି ହୋଇଛି, ତା'ର ଏକ ହିସାବ ସେହି ଅର୍ଥନୈତିକ ସମୀକ୍ଷାରେ ପ୍ରକାଶ ପାଇଛି । ସେଥିରୁ ଦେଖାଯାଉଛି ଯେ ୧୯୯୪–୯୫ରେ ଓଡ଼ିଶାର ନିଟ୍ ରାଜ୍ୟଭିତ୍ତିକ ଆୟ ମୋଟେ ଶତକଡ଼ା ୪ ଭାଗ ବୃଦ୍ଧି ହୋଇଛି — ଆମେ ସବୁ ବର୍ଷର ହିସାବ ଦେବାକୁ ଚାହୁଁ ନାହୁଁ । କିନ୍ତୁ ସେହି ବର୍ଷ ଭାରତର ଜାତୀୟ ଆୟ ଶତକଡ଼ା ୬·୩ ହାରରେ ବୃଦ୍ଧି ପାଇଛି । ୧୯୯୫–୯୬ରେ ଶତକଡ଼ା ୭ ଭାଗ ବୃଦ୍ଧି ହୋଇଛି ବୋଲି ଚିଦାମ୍ବରମ୍ ଏବେ ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି । ଭାରତରେ ବାର୍ଷିକ ଆୟ ହାରାହାରି ୬ ଭାଗରେ ବୃଦ୍ଧି ହେଲା ବେଳକୁ ଓଡ଼ିଶାରେ ଯଦି ୪ ଭାଗ ଅନୁସାରେ ବୃଦ୍ଧି ହୁଏ, ତାହାହେଲେ ଓଡ଼ିଶା ଅନ୍ୟ ରାଜ୍ୟ ସହିତ କେବେ ସମକକ୍ଷ ହୋଇପାରିବ ନାହିଁ ।

ପ୍ରଶ୍ନ ହେଉଛି ଓଡ଼ିଶାରେ ଅଗ୍ରଗତି କାହିଁକି ଅଧିକ ହେଉନାହିଁ । ସମସ୍ତେ ଜାଣିଛନ୍ତି ଯେ ଓଡ଼ିଶାରେ ବିଭବର ଅଭାବ ନାହିଁ । ବୋଧହୁଏ ସବୁଠାରୁ ବଡ଼ ଅଭାବ ହେଉଛି ଉଦ୍ୟମ । ଅର୍ଥନୀତିର ଭିନ୍ନ ବିଭାଗକୁ ସାଧାରଣତଃ ଚାରି ଭାଗରେ ବିଭକ୍ତ କରାଯାଏ । ଏହି ଚାରୋଟି ବିଭାଗରୁ କିପରି ଆୟ ସଂଗୃହୀତ ହେଉଛି, ତା'ର ଏକ ତାଲିକା ଆମେ ନିମ୍ନରେ ପ୍ରଦତ୍ତ କରୁଛୁ । ସେହି ତାଲିକାରୁ ଅର୍ଥନୈତିକ କ୍ଷେତ୍ରରେ କେଉଁ ବିଭାଗର ପ୍ରାଧାନ୍ୟ କେତେ ତାହା ସହଜରେ ଅନୁମାନ କରି ହେବ । ଆମେ ଏଠାରେ କେବଳ ୧୯୯୪–୯୫ ବର୍ଷର ହିସାବ ଦେଉଛୁ ।

## ୧୯୮୦–୮୧ ମୂଲ୍ୟସୂଚୀ ଅନୁସାରେ ବିଭିନ୍ନ ବିଭାଗର ଅବଦାନ

(ଶତକଡ଼ା ହାରରେ)

(୧) ପ୍ରାଥମିକ ବିଭାଗ—ଅର୍ଥାତ୍ କୃଷି, ପଶୁ ପାଳନ, ମତ୍ସ୍ୟ ଚାଷ, ଜଙ୍ଗଲ, ଖଣିଜ ପଦାର୍ଥ ଇତ୍ୟାଦି—ଏଥିରେ କୃଷି ହେଉଛି ପ୍ରଧାନ— — ୪୩·୬୮

(୨) ଦ୍ୱିତୀୟ ବିଭାଗ ହେଉଛି ଯେଉଁଥିରେ ଶିଳ୍ପ ହେଉଛି ପ୍ରଧାନ — ୧୬·୮୨

(୩) ସେବା ବିଭାଗ (Tertiary)—ଯେଉଁମାନେ କିଣିବାବିକିରି କରି ଅର୍ଥନୈତିକ କାମରେ ସାହାଯ୍ୟ କରନ୍ତି — ୧୯·୧୧

(୪) ଅର୍ଥ ଓ ସେବା (Finance and Services)—ଅର୍ଥାତ୍ ଅର୍ଥ ବିଭାଗ ଓ ଯାନବାହାନରେ ଯେଉଁମାନେ କାମ କରନ୍ତି — ୨୦·୩୯

୧୦୦·୦୦

ଏହି ତାଲିକାରୁ ଦେଖାଯିବ ଯେ ଓଡ଼ିଶାରେ ଏ ପର୍ଯ୍ୟନ୍ତ କୃଷି ପ୍ରଧାନ ଭୂମିକା ଗ୍ରହଣ କରି ରହିଛି । ମୋଟ ଆୟର ଶତକଡ଼ା ପ୍ରାୟ ୪୪ ଭାଗ କୃଷିରୁ ସଂଗୃହୀତ ହେଉଛି ଏବଂ କୃଷିରେ ପ୍ରାୟ ୬୪ ଭାଗ ଶ୍ରମଜୀବୀ କାମ କରୁଛନ୍ତି ଯଦିଓ ପ୍ରାୟ ୭୦/୭୫ ଭାଗ ଗାଁ ଗହଳରେ କୃଷି ଉପରେ ନିର୍ଭର କରି ରହୁଛନ୍ତି । କିନ୍ତୁ କୃଷିର ଉତ୍ପାଦିକା ଶକ୍ତି ଏ ପର୍ଯ୍ୟନ୍ତ ଯଥେଷ୍ଟ ବୃଦ୍ଧି ହୋଇନାହିଁ । ଓଡ଼ିଶାର ପ୍ରାୟ ୭୦ ଭାଗ ଜମିରେ ଚାଉଳ ଉତ୍ପାଦନ କରାଯାଉଛି । କିନ୍ତୁ ଚାଉଳ ଉତ୍ପାଦନରେ ଆମେ ବେଶୀ କିଛି ଉନ୍ନତି କରିପାରି ନାହୁଁ । ଉଦାହରଣ ସ୍ୱରୂପ ଏକ ହେକ୍ଟର ପିଛା ଚାଉଳ ଉତ୍ପାଦନର ମାତ୍ରା ହେଉଛି ମୋଟେ ହାରାହାରି ୧୪/୧୫ କୁଇଣ୍ଟାଲ୍ । ଅଥଚ ପଞ୍ଜାବରେ ଏକ ହେକ୍ଟର ପିଛା ଚାଉଳ ଉତ୍ପାଦନର ମାତ୍ରା ପ୍ରାୟ ସାଢ଼େ ୩ ଟନ୍ । ଏହାର ପ୍ରଧାନ କାରଣ ହେଉଛି ଯେ ଓଡ଼ିଶାରେ ମୋଟେ ଶତକଡ଼ା ୩୦ ଭାଗ ଜମିରେ ଜଳସେଚନର ସୁବିଧା ଅଛି । ପଞ୍ଜାବରେ ଶତକଡ଼ା ୯୩·୫ ଭାଗ ଜମିରେ ଜଳସେଚନର ସୁବିଧା ଅଛି । ସେହିପରି ପଞ୍ଜାବରେ ଜଣେ ଏକ ହେକ୍ଟର ଜମିରେ ପ୍ରାୟ ୧୭୫ କେ.ଜି. ରାସାୟନିକ ସାର ବ୍ୟବହାର କରୁଛି, ଓଡ଼ିଶାରେ ମୋଟେ ୨୨·୫ କେ.ଜି. । ଏ ସିନା ମୋଟାମୋଟି ହିସାବ ଫୁଲବାଣୀ, କଳାହାଣ୍ଡି ପ୍ରଭୃତି ଜିଲ୍ଲାରେ ହେକ୍ଟର ପିଛା ୫/୬ କେ.ଜି.ରୁ ଅଧିକ ରାସାୟନିକ ସାର ବ୍ୟବହାର କରାଯାଉ ନାହିଁ । ସେଥିପାଇଁ ଜମିର ଉତ୍ପାଦିକା ଶକ୍ତି ଓଡ଼ିଶାରେ ଅନେକ କମ୍ ।

ଓଡ଼ିଶାର ଅର୍ଥନୈତିକ ପ୍ରଗତି ପାଇଁ ଅନ୍ତତଃ ୩/୪ଟି କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ହେବ । ଓଡ଼ିଶାର ଯେତେବେଳେ କୃଷି ପ୍ରଧାନ ଜୀବିକା, କୃଷିକୁ ବାଦ ଦେଇ କୌଣସି ଉନ୍ନୟନ କାର୍ଯ୍ୟ କରି ହେବ ନାହିଁ । କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ପାଇଁ ଅଧିକ ଜଳସେଚନର ବ୍ୟବସ୍ଥା ପ୍ରଥମେ କରିବାକୁ ହେବ । କାରଣ ଜଳସେଚନ ଅଧିକ ନହେଲେ ଜମିରେ ୨/୩ଟି ଫସଲ ଉତ୍ପନ୍ନ କରିହେବ ନାହିଁ । ଅଧିକ ଜଳସେଚନ ହେଲେ ଅଧିକ ଉତ୍ପାଦନକ୍ଷମ ବିହନ ବ୍ୟବହୃତ ହେବ, ଉତ୍ପାଦିକା ଶକ୍ତି ସେତେ ଅଧିକ ହେବ । ତେବେ ଚାଷୀର ଆୟ ବୃଦ୍ଧି କରିବା ପାଇଁ କେବଳ ଧାନ ବା ଚାଉଳର ଉତ୍ପାଦନ ଉପରେ ନିର୍ଭର କଲେ ଚଳିବ ନାହିଁ ।

ଧାନ ବା ଗହମ ସହିତ ଅଧିକ ଅର୍ଥକରୀ ଫସଲ ଉତ୍ପାଦନ କରିବାକୁ ପଡ଼ିବ । ଅତି ଦୁଃଖର କଥା ଆମେ ଅନେକ ପନିପରିବା, ମାଛ, ଅଣ୍ଡା, କଦଳୀ ପ୍ରଭୃତି ଜିନିଷ ଆନ୍ଧ୍ରରୁ ଆମଦାନୀ କରି ଆଣୁଛୁ । ସେହିପରି ପଶ୍ଚିମ ବଙ୍ଗଳାରୁ ଆଳୁ ଆମଦାନୀ କରୁଛୁ ଓ ମହାରାଷ୍ଟ୍ରରୁ ପିଆଜ ଆମଦାନୀ କରୁଛୁ । ଏ ସବୁ ଜିନିଷ ଉତ୍ପାଦନ କରିବା ପାଇଁ ଓଡ଼ିଶାରେ ଜମିର ଅଭାବ ନାହିଁ କି ଲୋକ ଶକ୍ତିର ଅଭାବ ନାହିଁ, କେବଳ ଉଦ୍ୟମର ଅଭାବ, ମନର ଅଭାବ । ଚାଷର ଯଦି ବିବିଧୀକରଣ ନହେବ, କୃଷିରୁ ଆମେ ଯଥେଷ୍ଟ ଫସଲ ସଂଗ୍ରହ କରିପାରିବା ନାହିଁ କି ଚାଷ ଉପରେ ଯେଉଁମାନେ ନିର୍ଭର କରୁଛନ୍ତି, ସେମାନଙ୍କର ଆୟ ବୃଦ୍ଧି କରି ପାରିବା ନାହିଁ ।

ଦ୍ୱିତୀୟରେ ଆମର ଯେତେ ଶ୍ରମଜୀବୀ ଅଛନ୍ତି, ସେ ସମସ୍ତଙ୍କୁ କୃଷିରେ ନିଯୁକ୍ତ କରି ହେବ ନାହିଁ । ଏବେ ଯେଉଁମାନେ କୃଷିରେ କାମ କରୁଛନ୍ତି, ସେମାନଙ୍କ ଭିତରୁ ଅନେକ ବର୍ଷଯାକ କାମ ପାଇ ପାରୁ ନାହାନ୍ତି । ସେଥିପାଇଁ ଗାଁ ଗହଳରେ ଅନେକ ବେକାର ଓ ସାମୟିକ ବେକାର ଲୋକ ରହୁଛନ୍ତି । ସେହି ବେକାର ଓ ସାମୟିକ ବେକାର ଲୋକମାନଙ୍କୁ ନିଯୁକ୍ତି ଦେବା ପାଇଁ କୃଷିଭିତ୍ତିକ ଶିଳ୍ପର ଉନ୍ନତି ଦରକାର । ଓଡ଼ିଶାର ଶ୍ରମଜୀବୀଙ୍କ ସଂଖ୍ୟା ପ୍ରାୟ ୧୧୯ ଲକ୍ଷ । ସେମାନଙ୍କ ଭିତରୁ ପ୍ରଧାନ ଶ୍ରମଜୀବୀ ହେଉଛି ୧୦୪ ଲକ୍ଷ । ଏହି ୧୦୪ ଲକ୍ଷଙ୍କ ଭିତରୁ ଚାଷୀଙ୍କ ସଂଖ୍ୟା ପ୍ରାୟ ଶତକଡ଼ା ୪୪.୩୧ ଭାଗ ଓ କୃଷି ଶ୍ରମିକଙ୍କ ସଂଖ୍ୟା ଶତକଡ଼ା ୨୮.୬୮ ଭାଗ । ଯେଉଁମାନେ ଚାଷୀ, ସେମାନଙ୍କ ଭିତରୁ ପ୍ରାୟ ଶତକଡ଼ା ୭୫/୭୬ ଭାଗ କ୍ଷୁଦ୍ର ଓ ନାମମାତ୍ର ଚାଷୀ । ଏହି ଚାଷୀମାନେ ଅନେକ ସମୟରେ ବେକାର ରହିବାକୁ ବାଧ୍ୟ ହୁଅନ୍ତି, ସେହିପରି କୃଷି ଶ୍ରମିକମାନେ ମଧ୍ୟ । ସେହିମାନଙ୍କୁ ନିଯୁକ୍ତି ଦେବାକୁ ହେଲେ କ୍ଷୁଦ୍ର ଶିଳ୍ପ ଓ କୃଷିଭିତ୍ତିକ ଶିଳ୍ପର ଉନ୍ନତି ଦରକାର । ଦୁଃଖର କଥା ଯେ ଓଡ଼ିଶାରେ ଯେତେ କ୍ଷୁଦ୍ର ଶିଳ୍ପ ଅଛି, ତା'ର ଏକ ଚତୁର୍ଥାଂଶରୁ ଅଧିକ ଶିଳ୍ପ ରୁଗ୍‌ଣ ଅବସ୍ଥାରେ ରହିଛନ୍ତି । ସେମାନେ ସେମାନଙ୍କର ବ୍ୟବସାୟ ପାଇଁ ପୁଞ୍ଜି ପାଉ ନାହାନ୍ତି, କଞ୍ଚା ମାଲ ପାଉ ନାହାନ୍ତି ଏବଂ ଯାହା ଉତ୍ପାଦନ କରୁଛନ୍ତି, ତାକୁ ବଜାରରେ ବିକ୍ରି କରିବାକୁ ସୁଯୋଗ ପାଉ ନାହାନ୍ତି । ତେଣୁ ସେମାନେ ଉଠିପାରୁ ନାହାନ୍ତି । ଖାଲି କେତେଗୁଡ଼ିଏ ଶିଳ୍ପ ପ୍ରତିଷ୍ଠା କରିଦେଲେ ଶିଳ୍ପର ଉନ୍ନତି ହୋଇ ପାରିବ ନାହିଁ । ଶିଳ୍ପର ଉନ୍ନତି ପାଇଁ ଏହି ସବୁ ଉପାଦାନର ବ୍ୟବସ୍ଥା କରିବାକୁ ପଡ଼ିବ ।

ତୃତୀୟରେ କୃଷି ଓ ଶିଳ୍ପର ଉନ୍ନତି ପାଇଁ ଆଧାରିତ ସଂରଚନା (Infrastructure)ର ଉନ୍ନତି ଦରକାର । ଆଧାରିତ ସଂରଚନା ଅର୍ଥ ହେଉଛି ରାସ୍ତାଘାଟର ଉନ୍ନତି, ବିଦ୍ୟୁତ୍‌ଶକ୍ତିର ଉନ୍ନତି, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି, କାରିଗରୀ କୌଶଳର ଉନ୍ନତି ଇତ୍ୟାଦି । ଉଦାହରଣ ସ୍ୱରୂପ ବ୍ୟକ୍ତି ପିଛା ବିଦ୍ୟୁତ୍‌ଶକ୍ତି ବ୍ୟବହାର ଓଡ଼ିଶାରେ ହେଉଛି ମୋଟେ ୨୨୬ କିଲୋୱାଟ୍ ଅଥଚ ଭାରତରେ ହାରାହାରି ହେଉଛି ୩୩୦.୬ କିଲୋୱାଟ୍ । ବିଦ୍ୟୁତ୍‌ଶକ୍ତି ନଥିଲେ କୃଷିର ଉନ୍ନତି ହୋଇ ପାରିବ ନାହିଁ କି ଶିଳ୍ପର ଅଗ୍ରଗତି ହୋଇ ପାରିବ ନାହିଁ । ପଞ୍ଜାବ କଥା ଦେଖାଯାଉ । ସେଠାରେ ବ୍ୟକ୍ତି ପିଛା ବିଦ୍ୟୁତ୍‌ଶକ୍ତିର ବ୍ୟବହାର ପ୍ରାୟ ୮୬୧.୧ କିଲୋୱାଟ୍ । ସେଥିପାଇଁ ପଞ୍ଜାବରେ ଏବେ କୃଷି ଓ କ୍ଷୁଦ୍ର ଶିଳ୍ପର ଅନେକ ଉନ୍ନତି ହୋଇଛି । ଜିନିଷପତ୍ର ନେବା ଆଣିବା ପାଇଁ ରାସ୍ତାଘାଟର ଉନ୍ନତି ଦରକାର । ୧ ହଜାର ବର୍ଗ କିଲୋମିଟର ପିଛା ରାସ୍ତା ହେଉଛି ଓଡ଼ିଶାରେ ମୋଟେ ୧୨୨ କିଲୋମିଟର, ସାରା ଭାରତରେ ହାରାହାରି ୨୬୯ କିଲୋମିଟର ଓ ପଞ୍ଜାବରେ ୮୧୪ କିଲୋମିଟର । ଆମେ ପଞ୍ଜାବର ଉଦାହରଣ ଦେଉଛୁ କାରଣ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ପଞ୍ଜାବ ଅନେକ ଉନ୍ନତି କରିଛି । ସେହିପରି ଲକ୍ଷେ ଲୋକଙ୍କ ପିଛା ରେଳର ପରିମାଣ ହେଉଛି ୬.୧୨ କିଲୋମିଟର — ସାରା ଭାରତରେ ହାରାହାରି ୭.୧୨ କିଲୋମିଟର, ପଞ୍ଜାବରେ ୧୦.୨୩ କିଲୋମିଟର, ଗୁଜରାଟରେ ୧୨.୪୩ କିଲୋମିଟର । ଓଡ଼ିଶା ତୁଳନାରେ ପଞ୍ଜାବ ଗୋଟିଏ ଖୁବ୍ ଛୋଟ ରାଜ୍ୟ । ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ମଧ୍ୟ ଦେଖିଲେ ଜଣାଯିବ ଯେ ଓଡ଼ିଶାରେ ଜଣ ପିଛା ଅନ୍ୟାନ୍ୟ ଅନେକ ରାଜ୍ୟ ତୁଳନାରେ ବହୁତ କମ୍ । ଉଦାହରଣ ସ୍ୱରୂପ ବ୍ୟକ୍ତି ପିଛା ଶିକ୍ଷା ଖର୍ଚ୍ଚ ୨୪୧.୮ ଟଙ୍କା ଓ ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ୭୫.୩ ଟଙ୍କା । ଅଥଚ ଏହି ଦୁଇଟି ହାରାହାରି ଖର୍ଚ୍ଚ ବ୍ୟକ୍ତି ପିଛା ଭାରତରେ ଯଥାକ୍ରମେ ଖର୍ଚ୍ଚ ୨୮୬.୨ ଓ ୮୫.୬ ଟଙ୍କା ଅଟେ । ଏ ସବୁ ହିସାବ ଦେବାର ଉଦ୍ଦେଶ୍ୟ ହେଉଛି ଯେ ଆଧାରିତ ସଂରଚନାର ଯଦି ଉନ୍ନତି ନହେବ ଓଡ଼ିଶା ଅନ୍ୟ ଦେଶ ତୁଳନାରେ ଅନେକ ପଛରେ ପଡ଼ି ରହିବ । ସେହି ଦୃଷ୍ଟିରୁ ଏହି ସବୁ ଦିଗ ପ୍ରତି ଦୃଷ୍ଟି ଦେବା ଏବେ ଏକ ପ୍ରଧାନ ଦାୟିତ୍ୱ ବୋଲି ଧରାଯିବା ଉଚିତ ।

---

ଶହୀଦ ନଗର, ଭୁବନେଶ୍ୱର

---

*ସ୍ୱାଧୀନତା ହେଉଛି ଜାତିର ଏକ ଅନମନୀୟ ଆତ୍ମଶକ୍ତି, କଠୋର ସାଧନା ଓ ସଂକଳ୍ପର ପ୍ରତୀକ ।*

*-ଜାନକୀ ବଲ୍ଲଭ ପଟ୍ଟନାୟକ*

# ପଚାଶ ବର୍ଷ ତଳେ

ଶ୍ରୀ ରାମ ପ୍ରସାଦ ମହାନ୍ତି

ଆମ ଦେଶର ସ୍ୱାଧୀନତା ପଚାଶ ବର୍ଷରେ ପଦାର୍ପଣ କଲା । ଆମେ ପାଳନ କରୁଥାଇଁ ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ଲହୁ ଲୁହରେ ସ୍ନାତ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ । ଆଜିକୁ ପଚାଶ ବର୍ଷ ପୂର୍ବେ ଲକ୍ଷ ଲକ୍ଷ ଭାରତବାସୀ ଜୀବନର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ପ୍ରବଳ ପରାକ୍ରମୀ ବ୍ରିଟିଶ୍ ସରକାର ସଙ୍ଗେ ସଂଗ୍ରାମ କରୁଥିଲେ । ଯାହାର ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତମିତ ହେଉନଥିଲା, ଅସ୍ତ୍ର ଶସ୍ତ୍ରରେ ବଳୀୟାନ ସେପରି ଏକ ଶାସକ ସାଥିରେ ଏ ଦେଶର ନିରସ୍ତ୍ର ଜନତା ଯୁଦ୍ଧରେ ବହୁଦିନ ଧରି ଲିପ୍ତଥିଲା । ଏହି ସଂଗ୍ରାମର ସେନାପତି ଥିଲେ ମହାତ୍ମାଗାନ୍ଧୀ । ଭାରତବାସୀଙ୍କର ଏକମାତ୍ର ଅସ୍ତ୍ର ଅହିଂସା । ମହାତ୍ମାଗାନ୍ଧୀ ଇଂରେଜ ଶାସନକୁ ଆଖ୍ୟା ଦେଇଥିଲେ 'ସଇତାନର ଶାସନ' । ଏହି ଅତ୍ୟାଚାରୀ ସଇତାନ ସାଥିରେ ସଂଗ୍ରାମ କରି ଦେଶବାସୀ କିପରି ଅକଥନୀୟ ଦୁଃଖ ଓ ନିର୍ଯ୍ୟାତନା ସହ୍ୟ କରିଥିଲେ, ସେହି କରୁଣ କାହାଣୀର ଏହା ଏକ ଝଲକ ମାତ୍ର ।

୧୯୧୯ରେ ଏପ୍ରିଲ ୧୩ । ସ୍ୱାଧୀନତା ପିପାସୁ ପଞ୍ଜାବର ପ୍ରାୟ ୨୦ ହଜାର ନିରୀହ ଜନତା ଅମୃତସର ନଗରୀର ଜାଲିଆଁବାଲା ବାଗରେ ସମବେତ ହୋଇଛନ୍ତି ଅତ୍ୟାଚାରୀ ବ୍ରିଟିଶ ସରକାର ଦ୍ୱାରା ଜାରୀ ହୋଇଥିବା ଏକ କଳା ଆଇନର ପ୍ରତିବାଦ ଜଣାଇବା ପାଇଁ । ସ୍ୱଳ୍ପପରିସର ଅବରୁଦ୍ଧ ଏହି ପଡିଆଟିର ପ୍ରବେଶ ପଥ ମାତ୍ର ଗୋଟିଏ । ବ୍ରିଟିଶ ସେନାପତି ଜେନେରାଲ ଡାୟାର ଦଳେ ସୈନିକଙ୍କ ସହିତ ହଠାତ୍ ସେଠି ପହଞ୍ଚିଗଲେ । ସଭା ଭାଙ୍ଗି ଚାଲିଯିବା ପାଇଁ ଘୋଷଣା କଲେ । ଲୋକେ ସେଠାରୁ ଯିବାପାଇଁ ସମୟ ପାଇ ନାହାନ୍ତି, ଦୁଇ ତିନି ମିନିଟ ମଧ୍ୟରେ ସେମାନଙ୍କ ଉପରକୁ ଗୁଳି ଫାଏର ହେଲା । ସଙ୍ଗେ ସଙ୍ଗେ ଆଖି ପିଛୁଳାକ ଭିତରେ କ'ଣ ଯେ ଘଟିଗଲା ତାହା ସହଜେ ଅନୁମେୟ । ଗୁଳିମାଡ ଖାଇ ଶ୍ରୀଗହ ଲୋକ ଧରାଶାୟୀ ହେଲେ । ପ୍ରାୟ ଦୁଇ ହଜାର ଲୋକ ଗୁରୁତର ଭାବେ ଆହତ ହେଲେ ।

ଏହି ନାରକୀୟ ଗଣହତ୍ୟା ସମ୍ବାଦ ପ୍ରଚାରିତ ହୋଇଯିବା ପରେ ସମଗ୍ର ବିଶ୍ୱରେ ବ୍ରିଟିଶ୍ ସରକାର ପ୍ରତି ଘୃଣା ଭାବ ଜାତ ହେଲା । ସମସ୍ତେ ଏହାର ତୀବ୍ର ନିନ୍ଦା କଲେ । ବ୍ରିଟିଶ୍ ସରକାର ବିରୁଦ୍ଧରେ ଜନ ଅସନ୍ତୋଷ ଏପରି ପ୍ରବଳ ହୋଇଥିଲା ଯେ ୧୦/୧୨ ବର୍ଷର ପିଲାମାନେ ମଧ୍ୟ ବିକ୍ଷୋଭ କରିବା ପାଇଁ ବାହାରି ପଡୁଥିଲେ । ସେତେବେଳେ ସେମାନଙ୍କୁ ବାନରସେନା ବୋଲି କୁହାଯାଉଥିଲା । ଗଞ୍ଜେଇ, ଅଫିମ ଓ ମଦ ଦୋକାନ ଆଗରେ ପିକେଟିଂ କରିବା, ଆଉ ମାଦକ ଦ୍ରବ୍ୟ ବିକ୍ରି କରାଇ ନ ଦେବାକୁ ସେମାନେ ଦୋକାନୀମାନଙ୍କୁ ଓ ପୁଲିସକୁ ଅତି କରୁଣ ଭାବରେ ଅନୁନୟ ବିନୟ କରି ଅନୁରୋଧ କରୁଥିଲେ । ସେଥିରେ ମଧ୍ୟ ନିଶାଖୋର ବ୍ୟକ୍ତି ଓ ପୁଲିସ୍‌ଙ୍କ ହୃଦୟ ପରିବର୍ତ୍ତନ ହେଉ ନଥିଲା । ପିଲାମାନଙ୍କୁ ଗାଡ଼ିରେ ପୂରାଇ ବେଳେବେଳେ ପାଞ୍ଚ ଦଶ ମାଇଲ ଦୂର ଜଙ୍ଗଲରେ ଛାଡ଼ି ଦେଇ ଆସୁଥିଲେ ଓ ପିଲାମାନେ ଚାଲି ଚାଲି ଆସି ପୁଣି ପିକେଟିଂ କରୁଥିଲେ । ଅନେକ ପିଲାଙ୍କୁ କଚେରୀରେ ପାଞ୍ଚ ଦଶ ବେତ ପାହାର ଦେଇ ଛାଡ଼ି ଦେଉଥିଲେ ।

ସ୍ୱାଧୀନତା ଆନ୍ଦୋଳନ ବେଳେ ଲୋକଙ୍କୁ ଆତଙ୍କିତ କରିବା ପାଇଁ ଗାଁଗଣ୍ଡା ଘରଦ୍ୱାର ପୋଡ଼ି ପକାଇବା ବ୍ରିଟିଶ୍ ଅତ୍ୟାଚାରର ଆଉ ଏକ ଦୃଷ୍ଟାନ୍ତ । ଓଡ଼ିଶାରେ ଏହି ଘରପୋଡ଼ି ଘଟଣାର କେନ୍ଦ୍ର ଥାଏ କଟକ । ସରକାରୀ ଲୋକେ- ସେତେବେଳେ ପ୍ରାୟ ୨୦ ହଜାର ଘର ପୋଡ଼ି ଦେଲେ । ସେଥି ମଧ୍ୟରୁ ଏକା କଟକରେ ଆଠ ହଜାର ଘର ପୋଡ଼ିଗଲା । ଏ ବିଷୟ ଶ୍ରୀ ହରେକୃଷ୍ଣ ମହତାବଙ୍କ 'ଦଶ ବର୍ଷର ଓଡ଼ିଶା' ପୁସ୍ତକରେ ବର୍ଣ୍ଣିତ ହୋଇଛି । ଏହି ଆତଙ୍କ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଲାଗି ରହିଲା । ଲୋକେ ରାତିରେ ଶୋଇଲେ ନାହିଁ । 'ହେଇ ଗଲାରେ' 'ଏ ଜିଏ ଗଲାରେ' ବୋଲି ଦିନରାତି ଚିତ୍କାର କରି ଲୋକେ ନିଜ ଘରକୁ ଜଗି ବସିଥାନ୍ତି । ରାତି ଅଧରେ ସ୍ତ୍ରୀ ଲୋକମାନଙ୍କ ଆର୍ତ୍ତନାଦ ଶୁଭୁଥାଏ । ଦିନବେଳେ ମଧ୍ୟ ଘରେ ନିଆଁ ଲଗାଇ ଦିଆଯାଉଥିଲା । ଲୋକଙ୍କ ଧୈର୍ଯ୍ୟ ଓ ଅହିଂସାକୁ ଉପହାସ୍ୟରେ ଉଡ଼ାଇଦେଇ ବ୍ରିଟିଶ୍ ସରକାର ଏହି ଅତ୍ୟାଚାର ଚଳାଉଥାଏ । ସମସ୍ତଙ୍କର ବିଶ୍ୱାସ କେତେକ ପୁଲିସ୍ କର୍ମଚାରୀଙ୍କୁ ଏ କାର୍ଯ୍ୟରେ ନିଯୁକ୍ତ କରାଯାଇଥାଏ ବୋଲି । କିନ୍ତୁ ପୁଲିସ୍ ଓଲଟା ଦୋଷ ଦେଉଥାଏ କଂଗ୍ରେସବାଲାଙ୍କୁ । କଂଗ୍ରେସକୁ ବଦନାମ ଦେଇ ତା ଉପରୁ ଲୋକଙ୍କ ବିଶ୍ୱାସ ତୁଟାଇବାକୁ ଏହା ଏକ ଷଡ଼ଯନ୍ତ୍ର ।

ବିଭିନ୍ନ ସ୍ଥାନରେ ଘରପୋଡ଼ିଆ ପୁଲିସ କନଷ୍ଟେବଲ ଓ ଚୌକିଦାର ଲୋକଙ୍କ ହାତରେ ଧରାପଡ଼ି ନିର୍ଘାତ ମାଡ଼ ଖାଉଥାନ୍ତି ।

ଥରେ କଟକରେ ଜଣେ କନଷ୍ଟେବଲ ଧରାପଡ଼ି ଲୋକଙ୍କ ହାତରେ ମାଡ଼ ଖାଇ ରାସ୍ତାରେ ଅଚେତ ହୋଇ ପଡ଼ିଥିଲା । କେତେଜଣ କଂଗ୍ରେସ କର୍ମୀ ତାକୁ ଟେକି ନେଇ ସ୍ୱରାଜ୍ୟ ଆଶ୍ରମରେ ତା'ର ସେବା ଶୁଶ୍ରୁଷା କଲେ । ତା' ପୋଷାକ ରକ୍ତରେ ଭିଜି ଯାଇଥିବାରୁ ତାକୁ ଲୁଗା ଖଣ୍ଡିଏ ପିନ୍ଧିବାକୁ ଦିଆଯାଇଥିଲା । ଆଶ୍ରମରେ ଖଦଡ଼ ଛଡ଼ା ଅନ୍ୟ ଲୁଗା ଆସିବ କୁଆଡ଼େ ? ଏ ଘଟଣାକୁ ପୁଲିସ୍ ଚିତ୍ର କଲେ ଯେ କଂଗ୍ରେସ ଲୋକେ ଜଣେ ପୁଲିସ୍‌କୁ ମାରି ଜବରଦସ୍ତି ଖଦଡ଼ ପିନ୍ଧାଇ ଦେଇଛନ୍ତି । ତାକୁ ଜୋର୍ ଜବରଦସ୍ତ କଂଗ୍ରେସରେ ମିଶିବାକୁ କୁହାଗଲା । ଅହିଂସାର ଅବତାର ପଣ୍ଡିତ ଗୋପବନ୍ଧୁଙ୍କ ବିରୁଦ୍ଧରେ ଠିକ୍ ଏହିପରି ମିଥ୍ୟା ସାକ୍ଷୀ ଦିଆଯାଇଥିଲା । ପୁଲିସ୍ ଯାହା କହୁଥାଉ ପଛେ ଲୋକେ ପ୍ରକୃତ ଘଟଣା ଜାଣିଥିଲେ ଯେ ପୁଲିସ୍ ଏ କାଣ୍ଡ କରୁଛି । କାରଣ କେତେକ କଂଗ୍ରେସ ଲୋକଙ୍କ ଘର ମଧ୍ୟ ପୋଡ଼ା ହୋଇଥିଲା ।

ପୁଲିସ୍ କର୍ମଚାରୀଙ୍କୁ ଘରପୋଡ଼ି ଅଭିଯୋଗରେ ଧରି ମାରିଥିବା ଅଭିଯୋଗରେ ବହୁ ଲୋକ ଜେଲ୍ ଗଲେ । ପୁଲିସ୍‌କୁ ଘରପୋଡ଼ିଆ ବୋଲି ଲୋକେ କହୁଥିବା ହେତୁ ସେମାନେ ଭୟରେ କିଛିଦିନ ପର୍ଯ୍ୟନ୍ତ ଘରୁ ବାହାରିଲେ ନାହିଁ । ପୁଲିସ୍‌ବାଲାଙ୍କୁ ଲୋକେ ସାହି ବସ୍ତିରେ ପୁରାଇ ଦେଲେ ନାହିଁ । ଏହି ସମୟରେ କଟକର ରିଜର୍ଭ ପୁଲିସ୍ ଧର୍ମଘଟ କରିବାକୁ ଧମକ ଦେଲେ । କାରଣ ଲୋକମତ ତାଙ୍କ ବିରୁଦ୍ଧରେ ଥିଲା । କଟକ ପୁଲିସ୍‌ଙ୍କ ଏହି କାର୍ଯ୍ୟ ସାଇମନ କମିଶନଙ୍କ ରିପୋର୍ଟରେ ସ୍ଥାନ ପାଇଛି ।

ଘରପୋଡ଼ି ଆତଙ୍କ କଟକରୁ ବାଲେଶ୍ୱରକୁ ବ୍ୟାପିଲା । କଂଗ୍ରେସ ଲୋକେ ଦିନରାତି ସାହି ବସ୍ତିରେ ପହରା ଦେଲେ । କେତେକ ସ୍ଥାନରେ ୧୦/୧୨ ଜଣ ଘରପୋଡ଼ିଆ ଧରାପଡ଼ିଥିଲେ । ବିଚାର ବେଳେ ସରକାର ସେମାନଙ୍କୁ ପାଗଳ ବୋଲି ଆଖ୍ୟା ଦେଇ ଖଲାସ କରିଦେଲେ । ଶ୍ରୀ ହରେକୃଷ୍ଣ ମହତାବ ଓ ଅନ୍ୟମାନେ ପ୍ରକୃତ ତଥ୍ୟ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇବାରୁ ସେ ହସି ଦେଇ କହିଲେ ଏ ସବୁ ଅନୁସନ୍ଧାନ କରି ଲାଭ ନାହିଁ ।

ସ୍ୱାଧୀନତା ଆନ୍ଦୋଳନ ବେଳେ କଂଗ୍ରେସ ଲୋକଙ୍କ ବିରୁଦ୍ଧରେ ନାନା ପ୍ରକାର ଅସତ୍ୟ ଓ କପୋଳ କଳ୍ପିତ ଅଭିଯୋଗ ଆଣି ସେମାନଙ୍କୁ ନିର୍ଯ୍ୟାତନା ଦିଆଯାଉଥିଲା । ନାରୀନେତ୍ରୀ ରମାଦେବୀଙ୍କ ନିର୍ଦ୍ଦେଶରେ ଦଳେ ବାନରସେନା ଗଞ୍ଜେଇ ଅଫିମ ଓ ମଦ ଦୋକାନ ଆଗରେ ପିକେଟିଂ କରୁଥିଲେ । ସେଥିଯୋଗୁଁ ରମାଦେବୀଙ୍କ ନାମରେ ପିଲାଚୋରି ଅଭିଯୋଗ ଅଣାଯାଇ ମକଦ୍ଦମା ରୁଜୁହୋଇଥିଲା ।

କନିକା-ଅତ୍ୟାଚାର ଘଟଣା ଅଧିକ ଲୋମହର୍ଷଣକାରୀ । ଅସହଯୋଗ ଆନ୍ଦୋଳନ ପୂର୍ବରୁ କନିକା ରାଜା ନିଜକୁ ଜଣେ ଦେଶ ସେବକ ବୋଲି କହି ବୁଲୁଥିଲେ । ସେ ଥିଲେ ମଧୁବାବୁଙ୍କର ଡାହାଣହାତ । କନିକାରେ ଯେତେବେଳେ ଜମିଜମା ବନ୍ଦୋବସ୍ତ ହେଲା, ରାଜା ପ୍ରଜା ମଧ୍ୟରେ ମନୋମାଳିନ୍ୟ ହେଲା । ପ୍ରଜାଙ୍କ ଖଜଣା ନିଆଗଲା ନାହିଁ । କେତେକ ପ୍ରଜା କେନ୍ଦ୍ରାପଡ଼ା ଖଜଣାଖାନାରେ ଖଜଣା ଦାଖଲ କଲେ । ଏହି ବିବାଦକୁ ଚିତ୍ର କରାଗଲା ଯେ କନିକାରେ କଂଗ୍ରେସ ବାଲା ପ୍ରଜା ଆନ୍ଦୋଳନ କରୁଛନ୍ତି । ଏହାକୁ ଦବାଇବାପାଇଁ କନିକା ସରକାରଙ୍କଠାରୁ ପୋଲିସ୍ ସହାୟତା ଲୋଡ଼ିଲେ । ତାପରେ ସେଠାରେ ଯେଉଁ ଅତ୍ୟାଚାର ଚାଲିଲା ବର୍ଣ୍ଣନା କଲେ ଲୋମ ଟାଙ୍କୁରି ଉଠିବ । ଘରଦ୍ୱାର ଲୁଟ୍ ହେଲା । କାହାରି ଘରେ ନଗଦ ଟଙ୍କା ଓ ଗହଣାଗାଣ୍ଠି କିଛି ରହିଲା ନାହିଁ । ନିର୍ଦ୍ଦୟ ଭାବେ ଲୋକଙ୍କୁ ମାଡ଼ ଦିଆଗଲା । ଘରେ ଘରେ ପଶି ସ୍ତ୍ରୀ ଲୋକମାନଙ୍କୁ ଅପମାନ ଦିଆଗଲା । ଗୋଟିଏ ଘରେ ସ୍ୱାମୀକୁ ବାନ୍ଧି ପକାଇ ତା ସାମନାରେ ସ୍ତ୍ରୀର ଇଜ୍ଜତ ନିଆଗଲା । ଜଣେ ଗର୍ଭିଣୀ ସ୍ତ୍ରୀ ପଳାଇ ଯାଇ ବଣରେ ପ୍ରସବ କରିପକାଇଲା । ଶିଶୁଟି ଶିଆଳି କୁକୁରଙ୍କ ପାଟିରେ ପଡ଼ିଲା । ପ୍ରାୟ ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ୍ ହୋଇଥିଲା । ଲୋକେ ଦଳ ବାନ୍ଧି ପୋଲିସ୍ ସାହେବଙ୍କ ପାଖକୁ ଆସିବା ବେଳକୁ ତାଙ୍କ ଉପରେ ଗୁଳି ବୃଷ୍ଟି ହେଲା । ଗୁଳିରେ ୩ ଜଣ ଲୋକ ମଲେ । କେନ୍ଦ୍ରାପଡ଼ା ଅତି ନିକଟ ହୋଇଥିଲେହେଁ ସେଠାରେ ଲୋକଙ୍କ ବିଚାର ନ ହୋଇ ସେମାନଙ୍କୁ ହାତକଡ଼ି ପିନ୍ଧାଇ ଦୌଡ଼ାରେ ବାନ୍ଧି ଚଲାଇ ଚଲାଇ ଚାନ୍ଦବାଲି ଘାଟେ ଉଠାଇ ଅଣି ସେଠାରୁ ପୁଣି କଟକ ନିଆଗଲା । ସେଠାରେ ମଧ୍ୟ ବିଚାର ହେଲାନାହିଁ । ବିଚାର ହେଲା ରାଜ କନିକାରେ । ହାକିମ ରାଜାଙ୍କ ଘରେ ରହିଲେ । କୌଣସି ଓକିଲ ମୁକ୍ତାର ନଥାନ୍ତି । ନିରୀହ ଲୋକଙ୍କୁ ଜେଲ୍ ଜରିମାନା ହୋଇଗଲା । ବହୁ ଧନୀ ଲୋକଙ୍କୁ କନିକାରୁ ବାହାର କରିଦିଆଗଲା । ଯାହାର ଯାହାର ଅନେକ ସମ୍ପତ୍ତି ଥିଲା ଦାଣ୍ଡର ଭିକାରୀ ହୋଇ ବୁଲିଲେ ।

ରାଜାଙ୍କ ଅତ୍ୟାଚାରର ବିରୋଧ କରିବାରୁ ପଣ୍ଡିତ ଅଟଳବିହାରୀ ଆଚାର୍ଯ୍ୟ, ଏକରାମ ରସୁଲ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋପବନ୍ଧୁ, ଭାଗୀରଥି ମହାପାତ୍ର, ଯଦୁମଣି ମଙ୍ଗରାଜ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ପଣ୍ଡିତ ଅନନ୍ତ ମିଶ୍ର, ବାବାଜୀ ରାମ ଦାସ ଆଦି କଂଗ୍ରେସ ନେତାମାନଙ୍କୁ ଜେଲ୍ ଦଣ୍ଡ ଦିଆଗଲା । କନିକା ରାଜାଙ୍କୁ ଯେ ବିରୋଧ କଲା ସେ ରାଜଦ୍ରୋହ କଲାବୋଲି ଅଭିଯୋଗ ହେଲା । ମାତ୍ର ହାଇକୋର୍ଟ ସମସ୍ତଙ୍କୁ ଖଲାସ କରିଦେଲେ । ସେ ରାୟ ଦେଲେ ଯେ ଏହା ଜମିଦାର-ପ୍ରଜା ଆନ୍ଦୋଳନ । ଏଥିରେ ରାଜଦ୍ରୋହ କିଛି ନାହିଁ ।

ସେତେବେଳେ କନିକାରେ ୬୪ ରକମର ଅନ୍ୟାୟ କର ପ୍ରଜାମାନଙ୍କଠାରୁ ଅସୁଲ କରାଯାଉଥାଏ । ସେ ସବୁ ବର୍ଣ୍ଣନା କରି କନିକା ଅତ୍ୟାଚାର ଉପରେ ଦୁଃଖିନୀ କନିକା ନାମରେ ...

ପୁସ୍ତିକା ପ୍ରକାଶ ପାଇଲା । ତାକୁ ସରକାର ବାଜ୍ୟାପ୍ତ କଲେ । ଲାହୋରରେ ବସିଥିବା କଂଗ୍ରେସ ଅଧିବେଶନକୁ ଓଡ଼ିଶାରୁ ନିରଞ୍ଜନ ପଟ୍ଟନାୟକ ଓ ହରେକୃଷ୍ଣ ମହତାବ ଯାଇଥାନ୍ତି । ସେମାନେ ନୀଳଗିରି ଅତ୍ୟାଚାର ବିଷୟ ସେଠାରେ ଉଠାଇଲେ । ପଣ୍ଡିତ ମଦନମୋହନ ମାଳବ୍ୟ ଆସି ଏହା ଅନୁସନ୍ଧାନ କରିବେ ବୋଲି ସ୍ଥିର ହେଲା । ମହତାବବାବୁ ତାଙ୍କ ପାଇଁ ଏକ ସଭାର ଆୟୋଜନ କରିଥାନ୍ତେ । ମାତ୍ର ସେ ବାଲେଶ୍ୱରରେ ପହଞ୍ଚିବା ମାତ୍ରେ ଗିରଫ ହୋଇଗଲେ । ଆଉ ପଣ୍ଡିତଜୀଙ୍କ ସଭା ହୋଇ ପାରିଲା ନାହିଁ ।

ନୀଳଗିରିରେ ହୋଇଥିବା ସତ୍ୟାଗ୍ରହ ମଧ୍ୟ ଆଉ ଏକ ରୋମାଞ୍ଚକର ଘଟଣା । ସେଠାରେ ନୀଳଗିରି ରାଜା ପ୍ରଜାମାନଙ୍କୁ ବେଠିରେ ବର୍ଷତମାମ ହାତୀଧରା ଖେଦାରେ ଖଟାଉଥାନ୍ତି । ସେମାନଙ୍କ ଉପରେ ପ୍ରବଳ ଅତ୍ୟାଚାର ଚାଲିଥାଏ । ହାରିଗୁହାରି ଶୁଣିବାକୁ କେହି ନାହିଁ । ସେଠାରୁ ପ୍ରାୟ ଏକ ହଜାର ପ୍ରଜା ନିଜର ଘରଦ୍ୱାର ଛାଡ଼ି ବାଲେଶ୍ୱର ପଳାଇ ଆସିଲେ । ସେମାନଙ୍କ ଉପରେ ହୋଇଥିବା ଅତ୍ୟାଚାରର କରୁଣ କାହାଣୀ ଦୀନବନ୍ଧୁ ଆଣ୍ଡ୍ରୁଜ ତାଙ୍କ "ଇଣ୍ଡିଆ ଆଣ୍ଡ ସାଇମନ ରିପୋର୍ଟ" ପୁସ୍ତକରେ ଉଲ୍ଲେଖ କରିଛନ୍ତି । ସେତେବେଳେ ସତ୍ୟାଗ୍ରହର ଏକ ଅଙ୍ଗ ଥିଲା ସମସ୍ତେ ଘରଦ୍ୱାର ଛାଡ଼ି ପଳାଇବା ।

୧୯୩୦ରେ ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ଆରମ୍ଭ କଲେ । ହାତ ପାହାନ୍ତାରେ ସମୁଦ୍ରର ଲୁଣ ପାଣି । ସେଥିରୁ ଲୁଣ ନ ମାରି ଲୁଣ କିଣି ଖାଇବେ ଏହା ଥିଲା ବ୍ରିଟିଶ୍ ସରକାରଙ୍କ ଆଉ ଏକ ଅନ୍ୟାୟ ଆଇନ୍ । ଟିକସ ସମ୍ପର୍କରେ ସରକାର ବସାଇଥିବା କମିଟି ଏହି ଲବଣ ଆଇନ ଉଠାଇଦେବାକୁ ସୁପାରିଶ କରିଥିଲେ । ମାତ୍ର ସରକାର ସେ କଥା ଶୁଣିଲେ ନାହିଁ । ସେ ବର୍ଷ ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଙ୍କ ଐତିହାସିକ ଦାଣ୍ଡି ଯାତ୍ରା ଆରମ୍ଭ ହେଲା । ସାବରମତୀ ଆଶ୍ରମରୁ ବାହାରି ଗାନ୍ଧିଜୀ ଦାଣ୍ଡିକୁ ଗଲେ ଲୁଣ ମାରିବା ପାଇଁ । ଗଲାବେଳେ ସେ ଘୋଷଣା କଲେ, ମୋ ଶବ ପଛକେ ସମୁଦ୍ରରେ ଭାସୁ, ମୋ ଶବରୁ ହାଡ଼ ଟାଣିନେଇ କୁକୁର ପଛକେ ଚାଟି ଖାଉ, ମୁଁ ସ୍ୱରାଜ୍ୟ ବିନା ଫେରିବି ନାହିଁ ।

ଏପ୍ରିଲ ୬ ତାରିଖରେ ଦାଣ୍ଡିରେ ଲୁଣ ମରା ହେଲା । ଏପ୍ରିଲ ୧୩ ତାରିଖରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଆଚାର୍ଯ୍ୟ ହରିହର ଲୁଣ ମାରିବାକୁ ବାହା ହୋଇଥିଲେ । ସେ ସଦଳବଳେ ଇଞ୍ଚୁଡ଼ି ଯିବାବେଳେ ରାସ୍ତା ବଡ଼ ଲୋକାରଣ୍ୟ । ସେ ଦିନ ଆଚାର୍ଯ୍ୟ ମହାଶୟଙ୍କୁ ଲୋକେ ଯେଉଁ ସମ୍ବର୍ଦ୍ଧନା ଦେଲେ ତାହା ଯେ କୌଣସି ସମ୍ରାଟଙ୍କ ପକ୍ଷରେ ଈର୍ଷାର କାରଣ ହୋଇ ରହିବ । ପ୍ରଥମ ଥର ପାଇଁ ଓଡ଼ିଶାର ନାରୀମାନେ ସମ୍ମୁଖ ଭାବେ ମୁଣ୍ଡରୁ ଓଢ଼ଣା କାଢ଼ି ପଦାକୁ ବାହାରିଲେ । ଲମ୍ବ ଲମ୍ବ ଖନ୍ଦା ଗାତ ଖୋଳା ହୋଇ ଚୁଲି ଜଳୁଥାଏ । ତା ଉପରେ ହାଣ୍ଡିରେ ଲୁଣି ପାଣି ଫୁଟି ଲୁଣ ବାହାରିଲା ବେଳକୁ ମହାତ୍ମା ଗାନ୍ଧୀ ଓ ଭାରତ ମାତାଙ୍କ ଜୟଧ୍ୱନିରେ ଗଗନ ପବନ କମ୍ପୁଥାଏ । ସ୍ୱଦେଶୀ ଲୁଣରୁ କିଛି କିଛି ଗାମୁଛା କାନିରେ ବାନ୍ଧି ଲୋକେ ବିକ୍ରି କରିବାପାଇଁ ବାଲେଶ୍ୱର ଧାଉଁଥାନ୍ତି । ସରଳା ଦେବୀ, ଚନ୍ଦ୍ରମଣି ଦେବୀ, କୋକିଳା ଦେବୀ, ରମାଦେବୀ, ମାଳତୀ ଚଉଧୁରୀ, ସୁଭଦ୍ରା ମହତାବ ପ୍ରମୁଖ ନାରୀ ନେତ୍ରୀଙ୍କ ସଙ୍ଗେ ଶହ ଶହ ନାରୀ ଚାରି ଧାଡ଼ି କରି ଲୁଣ ହାଣ୍ଡିକୁ ଘେରି ବସିଥାନ୍ତି । ପୁଲିସ ଠେଙ୍ଗା ମାଡ଼ରେ ହାଣ୍ଡି ଭାଙ୍ଗି ଦେଉଥାନ୍ତି । ସ୍ତ୍ରୀ ଲୋକମାନଙ୍କ ଚୁଟିଧରି ଭିଡ଼ି ଆଣୁଥାନ୍ତି । ତାଙ୍କ ଉପରେ ଗରମ ଲୁଣିପାଣି ଢାଳି ଦେଉଥାନ୍ତି । କାହା ହାତର କାଚ ଚୁଡ଼ି ପିଟି ଭାଙ୍ଗି ପକାଉଥାନ୍ତି । ନାନା ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥାନ୍ତି । ପୁରୁଷମାନଙ୍କ ଠାରୁ ଲୁଣ ଭାର ଛଡ଼ାଇ ନେଇ ବାହୁଙ୍ଗିରେ ପିଟି ପକାଉଥାନ୍ତି । କାହା ମୁଣ୍ଡରୁ ଟୋପି କାଢ଼ି ନେଇ ନିଆଁରେ ପକାଇ ଦେଉଥାନ୍ତି । କି ବୀଭତ୍ସ କି କରୁଣ ସେ ଦୃଶ୍ୟ ! ମହାତ୍ମାଙ୍କ ଆଦେଶ ମାନି କର୍ମୀମାନେ ସବୁ ଚୁପଚାପ୍ ସହିଯାଉଥାନ୍ତି ।

ହଜାର ହଜାର ଲୋକ ଜମା ହୋଇଥାନ୍ତି । ପୁଲିସ୍‌ର ନିର୍ମମ ଅତ୍ୟାଚାର ସତ୍ତ୍ୱେ ଲୁଣ ମରା ଚାଲିଥାଏ । ଅଳ୍ପ କେତେ ଜଣ ଗିରଫ ହୋଇ ଜେଲ୍ ଗଲେ, ଅନ୍ୟ ମାନଙ୍କ ଉପରେ ଆଖିବୁଜା ପ୍ରହାର ଓ ବୁଟ୍ ଯୋତା ମାଡ଼ । ମହଣ ମହଣ ଲୁଣ ମରା ହୋଇ ବାଲେଶ୍ୱର ଆସିଲା ସ୍ୱଦେଶୀ ଲୁଣକୁ ବଢ଼ା ଦାମ୍ ଦେଇ ଲୋକେ କିଣୁଥାନ୍ତି ।୧୭ ତାରିଖ ଦିନ ସୁନ୍ଦରୀ ଛକରେ ଲୁଣ ଶୋଭାଯାତ୍ରୀକାରୀଙ୍କ ଉପରେ ଯେଉଁ ନିର୍ମମ ମାଡ଼ ହେଲା ଓ ଅଚେତ ହୋଇ ପଡୁଥିବା ଲୋକଙ୍କୁ ସ୍ତ୍ରୀ ଲୋକେ ଯେପରି ସେବା ଶୁଶ୍ରୂଷା କଲେ ତାହା ଚିର ସ୍ମରଣୀୟ ହୋଇ ରହିବ ।

ଲବଣ ସତ୍ୟାଗ୍ରହ କ୍ରମେ ଚାରିଆଡ଼କୁ ବ୍ୟାପିଲା । ଇଞ୍ଚୁଡ଼ି, କୁଜଙ୍ଗ, ଅସ୍ତରଙ୍ଗ ଓ ଗଞ୍ଜାମ ଆଦି ଅଞ୍ଚଳରେ ସମୁଦ୍ର କୂଳର ଅଧିବାସୀମାନେ ଲୁଣ ମାରିବାକୁ ଲାଗିଲେ । ପୁଲିସ୍ ସେହିପରି ମନଇଚ୍ଛା ଲୁଟ୍‌ପାଟ୍ ଓ ଅତ୍ୟାଚାର ଚଳାଇଥାନ୍ତି । ଇଞ୍ଚୁଡ଼ି ପାଖ ଆଖରେ ଯେଉଁ ୧୩ଟି ଗ୍ରାମ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ ସେମାନଙ୍କଠାରୁ ପିଟୁଣି ଟିକସ ଅସୁଲ ହେଲା । ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆଶ୍ରୟ ଦେଲେ ସେମାନଙ୍କୁ ଜେଲ୍ ଜୋରିମାନା ହେଲା । ଏ ଆନ୍ଦୋଳନରେ ପ୍ରାୟ ତିନି ହଜାର ଲୋକ ଜେଲ୍ ଗଲେ ଓ ଦୁଇ ଲକ୍ଷ ଟଙ୍କାର ସମ୍ପତ୍ତି ହରାଇଲେ ।ଗାନ୍ଧୀ–ଇରଉଇନ୍ ଚୁକ୍ତି ହେବା ପରେ ଏ ଆନ୍ଦୋଳନ ଥଣ୍ଡା ପଡ଼ିଲା, ଗରିବ ଲୋକେ ଲୁଣ ମାରିବାର ଅଧିକାର ଫେରି ପାଇଲେ ।

୧୯୪୨ରେ ହେଲା ଶେଷ ସ୍ୱାଧୀନତା ଆନ୍ଦୋଳନ । ଗାନ୍ଧିଜୀ ଇଂରେଜ ସରକାରଙ୍କୁ 'ଭାରତ ଛାଡ଼' ବୋଲି ନୋଟିସ୍ ଦେଲେ । ଇଂରେଜ ସରକାର ଉତ୍‌କ୍ଷିପ୍ତ ହୋଇ ଗାନ୍ଧିଜୀଙ୍କ ସମେତ ସବୁ ବଡ଼ ବଡ଼ ନେତାଙ୍କୁ ଗିରଫ କରି ନେଲା । ଗାନ୍ଧିଜୀ ଗଲାବେଳେ ଦେଶବାସୀଙ୍କୁ ଗୋଟିଏ ମନ୍ତ୍ର ଦେଇଗଲେ–କର ବା ମର । ଓଡ଼ିଶାରେ ଦେଶର ଚାରିଆଡ଼େ ବିଦ୍ରୋହର ନିଆଁ ଜଳି ଉଠିଲା ।

ଏହି ବିପ୍ଳବ ବିରାଟ ଆକାର ଧାରଣ କରିଥିଲା । ସରକାର ଏହାକୁ ଦମନ କରିବା ପାଇଁ ଆପ୍ରାଣ ଚେଷ୍ଟା କଲା । ଏହା ଭୟାବହ ରୂପ ନେଇଥିଲା କୋରାପୁଟ ଜିଲ୍ଲାରେ । ଅଗଷ୍ଟ ୨୧ରେ ମାଥିଲି ଥାନା ଉପରେ ଆକ୍ରମଣ ହେବାରୁ ପୋଲିସ୍ ଗୁଳି ଚଳାଇ ୫ ଜଣଙ୍କୁ ମାରି ଧରାଶାୟୀ କରିଦେଲେ । ଅଗଷ୍ଟ ୨୪ ତାରିଖ ଦିନ ପୋଲିସ୍ ଗୁଳିରେ ନବରଙ୍ଗପୁରରେ ୫ ଜଣ ମଲେ ଓ ୧୭ ଜଣ ଆହତ ହେଲେ । ରାସ୍ତାର ପୋଲ ଭଙ୍ଗା ହେଲା—ଟେଲିଗ୍ରାଫ୍ ତାର କାଟି ଦିଆଗଲା । ସେଠାର ଗାନ୍ଧିବାଦୀ ନେତା ଲକ୍ଷ୍ମଣ ନାୟକଙ୍କୁ ନରହତ୍ୟା ଅଭିଯୋଗରେ ଗିରଫ କରାଗଲା ଓ ବ୍ରହ୍ମପୁର ଜେଲରେ ଫାସୀ ଦିଆଗଲା । ଫାସୀ କାଠକୁ ଯିବା ବେଳେ ଲକ୍ଷ୍ମଣ ନାୟକ କହିଗଲେ—"ଦେଶ ନିଶ୍ଚୟ ସ୍ୱାଧୀନ ହେବ । ଯେଉଁମାନେ ଏ ଦେଶର ଶାସକ ହେବେ ତାଙ୍କୁ ମୋର ଅନୁରୋଧ ମୋ ଛୋଟିଆ ଗରିବ ଭାଇ ଭଉଣୀଙ୍କୁ ପିନ୍ଧିବା ପାଇଁ ଖଣ୍ଡେ ଲୁଗା ଓ ମୁଠାଏ ପେଟ ପୁରାଇ ଖାଇବାକୁ ଦେବେ । ତେବେ ଯାଇ ମୋର ଆତ୍ମା ଶାନ୍ତି ପାଇବ ।" ଲକ୍ଷ୍ମଣ ନାୟକଙ୍କ ସହିତ ଗିରଫ ହୋଇଥିବା ୪୯ ଜଣ ସତ୍ୟାଗ୍ରହୀଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ହେଲା ।

କଟକ ଜିଲ୍ଲାରେ ଲୁଟ ତରାଜ, ଦଙ୍ଗା ହାଙ୍ଗାମା, ଓ ଭଙ୍ଗାରୁଜା କାମ ଜୋରସୋରରେ ଚାଲିଲା । ଲାଗିଆଡେ ଅରାଜକତା । ବିଷ୍ଣୁପୁରର କାଇପଡ଼ାଠାରେ ପୁଲିସ୍ ଗୁଳିରେ ୪ ଜଣ ପ୍ରାଣ ହରାଇଲେ । ଯାଜପୁରରେ ଶୋଭାଯାତ୍ରୀକାରୀଙ୍କୁ ଘଉଡ଼ାଇବା ପାଇଁ ବିମାନରୁ ବୋମା ମାଡ଼ ହୋଇଥିଲା । ଏତେ ଲୋକ ଗିରଫ ହେଲେ ସେମାନଙ୍କ ପାଇଁ ଜେଲ୍‌ରେ ଯାଗା ମିଳିଲା ନାହିଁ ।

ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ବରୀ ଆଶ୍ରମ ଭାଙ୍ଗି ଛାରଖାର କରି ଦିଆଗଲା । ଯେଉଁ ଅଞ୍ଚଳରେ ଥାନା, ଡାକବଙ୍ଗଳା, ଡାକଘର ଆଦି ସରକାରୀ କୋଠାବାଡ଼ି ଲୋକେ ପୋଡ଼ି ଜାଳି ଦେଇଥିଲେ ସେସବୁ ସ୍ଥାନରେ ବ୍ରିଟିଶ ସରକାର ସମୂହ ଜୋରିମାନା ପିଟୁଣି କର ବସାଇଲେ । ମହା ପରାକ୍ରମୀ ବ୍ରିଟିଶ ସରକାର ପାଗଳା ବିଲୁଆ ପରି ହୋଇଗଲା ।

ବାଲେଶ୍ୱର ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଉପରେ ଆକ୍ରମଣ ହେବାରୁ ପୋଲିସ୍ ଗୁଳି ଚଳାଇଲା । ବହୁ ଲୋକ ମୃତାହତ ହେଲେ । ଖଇରା ଥାନାରେ ଗୁଳି ଚାଲି ୫ ଜଣ ସଂଗ୍ରାମୀଙ୍କ ମୃତ୍ୟୁ ଘଟିଲା । ନୀଳଗିରି ବିଦ୍ରୋହୀମାନଙ୍କ ଉପରକୁ ସରକାର ଆକାଶ ମାର୍ଗରୁ ମେସିନ୍‌ଗନ୍‌ରେ ଗୁଳି ବୃଷ୍ଟି କଲେ । ସେଠାରେ ୩ ଜଣ ମରିଥିଲେ । ରୁହି ଗଡ଼ିଆରେ ୩ ଜଣ ଓ ଲୁଣିଆରେ ୮ ଜଣଙ୍କ ମୃତ୍ୟୁ ଘଟିଲା ।

ସେପ୍ଟେମ୍ବର ୨୮ରେ ଇରମ ଗ୍ରାମରେ ଯେଉଁ ଭୟାବହ କାଣ୍ଡ ଘଟିଲା ତାହା ଅବର୍ଣ୍ଣନୀୟ । ସେଠାରେ ପୋଲିସ୍ ଜନତା ଉପରକୁ ୭ ଥର ଗୁଳି ଚଳାଇଥିଲେ । ଫଳରେ ୩୫ ଜଣ ମଲେ ଓ ୧୦୬ ଜଣ ଗୁରୁତର ଭାବେ ଆହତ ହେଲେ । ସମଗ୍ର ଇରମ ମାଟି ଶହୀଦଙ୍କ ରକ୍ତରେ ରଞ୍ଜିତ ହେଲା । ଏହି ସ୍ଥାନକୁ ଓଡ଼ିଶାର ଜାଲିଆଁନାଲା ବାଗ ବୋଲି କୁହାଯାଏ । ସେତିକିରେ ମଧ୍ୟ ରକ୍ତ ପିପାସୁ ଇଂରେଜ ସରକାର ଶାନ୍ତ ହେଲା ନାହିଁ । ଲୋକଙ୍କଠାରୁ ଆହୁରି ୪,୭୦୦ ଟଙ୍କା ଜୋରିମାନା ଅସୁଲ ପାଇଁ ଆଦେଶ ଦେଇଥିଲେ ।

ପୁରୀ ଜିଲ୍ଲାରେ ପୁରୀ ସହର ଓ ନିମାପଡ଼ାରେ ଛାତ୍ର ଧର୍ମଘଟ ବ୍ୟାପକ ହୋଇଥିଲା । ନିମାପଡ଼ାରେ ଥାନା ଦଖଲ କରିବାକୁ ଯାଇ ଲୋକେ ପୁଲିସ୍ ଗୁଳିର ସାମନା କରିଥିଲେ । ପୁଲିସ୍ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ଗୁଳି ଚଳାଇଲେ । ସେଠାରେ ଉଛବ ମଲିକ ଶହୀଦ ହେଲେ । ଡାକବଙ୍ଗଳା ପୋଡ଼ି ହୋଇଥିଲା । ପୁଲିସ୍ ଆତଙ୍କରାଜ ଚଳାଇ ଶତାଧିକ ଲୋକଙ୍କୁ ଗିରଫ କରିଥିଲେ ।

ଓଡ଼ିଶାର ମୋଗଲବନ୍ଦୀ ଅଞ୍ଚଳରେ ଭାରତଛାଡ଼ ଆନ୍ଦୋଳନ ଚାଲିଥିବା ବେଳେ ଗଡ଼ଜାତର ଲୋକମାନେ ଚୁପ୍ ହୋଇ ବସି ନଥିଲେ । ଆଗରୁ ରଜା ଅତ୍ୟାଚାର ଯୋଗୁଁ ସେମାନଙ୍କ ଧୈର୍ଯ୍ୟ ଭାଙ୍ଗି ଯାଇଥିଲା । ଏହି ସୁଯୋଗରେ ସେମାନେ ମୋଗଲବନ୍ଦୀ ଅଞ୍ଚଳର ଭାଇଙ୍କ ସଙ୍ଗେ କାନ୍ଧକୁ କାନ୍ଧ ମିଳାଇ ଶେଷ ସ୍ୱାଧୀନତା ସଂଗ୍ରାମ ଚଳାଇଥିଲେ ।

ଗଡ଼ଜାତର ଦେଶୀୟ ରାଜାମାନେ ଲୋକଙ୍କ ଉପରେ ଇଂରେଜଙ୍କଠାରୁ ଅଧିକା ଅତ୍ୟାଚାର କରୁଥିଲେ । ଲୋକଙ୍କୁ ସେମାନେ ପଶୁଠାରୁ ହୀନ ବୋଲି ଜ୍ଞାନ କରୁଥିଲେ । ମହାତ୍ମା ଗାନ୍ଧୀଙ୍କ ଭାଷାରେ ଗଡ଼ଜାତରେ ରଜାମାନେ ଥିଲେ ବ୍ରିଟିଶ ସରକାରଙ୍କ ଗୋଲାମ । ସେଠାରେ ପ୍ରଜାମାନେ ଥିଲେ ଗୋଲାମଙ୍କ ଗୋଲାମ । ଅସଂଖ୍ୟ ପ୍ରକାର କର ବେଠି ବେଗାରି, ମାଗଣା ରସଦ ସାଥିକୁ ବହୁ ପ୍ରକାର ଶୁଳ୍କ ଲୋକମାନଙ୍କଠାରୁ ଅସୁଲ ହେଉଥିଲା । କେତେକ ଗଡ଼ଜାତରେ ପ୍ରଜାମଣ୍ଡଳଗୁଡ଼ିକୁ ବେଆଇନ୍ ଘୋଷଣା କରି ରଜାମାନେ ଖାସ୍ ଗୋଡ଼ାଣିଆଙ୍କୁ ନେଇ ପ୍ରଜାମଣ୍ଡଳ ଗଢୁଥିଲେ । ମାତ୍ର ପ୍ରଜାଙ୍କ ଦ୍ୱାରା ତାଙ୍କୁ ସମର୍ଥନ ମିଳୁ ନଥିଲା । ଭାରତ ଛାଡ଼ ଆନ୍ଦୋଳନ ବେଳେ ଗଡ଼ଜାତରେ ପ୍ରଜା ଆନ୍ଦୋଳନ ଏପରି ତେଜି ଉଠିଥିଲା ଯେ ରଜା କି ବ୍ରିଟିଶ ସରକାରଙ୍କ ପକ୍ଷେ ତାକୁ ସମ୍ଭାଳିବା କଷ୍ଟକର ହୋଇପଡ଼ିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ମୁହୂର୍ତ୍ତ । ନେତାଜୀ ସୁଭାଷଙ୍କ ଆଜାଦ ହିନ୍ଦ୍ ଫୌଜ ଭାରତ ସୀମାନ୍ତ ଅତିକ୍ରମ କରି ପୂର୍ବ ସୀମାନ୍ତରେ ମାଡ଼ି ଆସୁଥାନ୍ତି । ଭାରତକୁ ଆଉ ସମ୍ଭାଳିବା ସମ୍ଭବ ହେଲାନାହିଁ । ବିଶ୍ୱଯୁଦ୍ଧର ଯବନିକା ପରେ ବ୍ରିଟିଶ୍ ସରକାର କଂଗ୍ରେସ ସହିତ କଥାବାର୍ତ୍ତା ଚଳାଇ ଆମକୁ ସ୍ୱାଧୀନତା ଦେବାପାଇଁ ରାଜିହେଲା । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ରେ ଆମେ ସ୍ୱାଧୀନ ହେଲୁ ।

ଆଜିକୁ ୫୦ ବର୍ଷ ପୂର୍ବେ ସ୍ୱାଧୀନତା ସଂଗ୍ରାମୀମାନେ କିପରି ବୀରତ୍ୱର ସହ ଦୁର୍ଦ୍ଧର୍ଷ ବ୍ରିଟିଶ୍ ସରକାରର ସମ୍ମୁଖୀନ ହୋଇଥିଲେ ଏବଂ ଶେଷରେ ଏହି ସଇତାନ ସରକାର କବଳରୁ ଏ ଦେଶକୁ ମୁକ୍ତ କଲେ, ତାହା ପ୍ରତ୍ୟେକ ଦେଶବାସୀ ଅନୁଶୀଳନ କରିବା ଉଚିତ । ଆମର ଜାଗ୍ରତ ଯୁବ ସମାଜ ଓ ଭବିଷ୍ୟତ ବଂଶଧରମାନଙ୍କ ହାତରେ ଏହି ମହାନ ଦେଶର ସ୍ୱାଧୀନତା ଯେ ସୁରକ୍ଷିତ ରହିବ ସେଥିରେ କୌଣସି ସନ୍ଦେହ ନାହିଁ ।

ମୋ' ଦେଶ ଭବନ, କଟକ-୧୦

# ଓଡ଼ିଶାରେ ପ୍ରଜା ଆନ୍ଦୋଳନ

ଡ଼ଃ ଅତୁଲ ଚନ୍ଦ୍ର ପ୍ରଧାନ

ଇଂରେଜ ଶାସନ କାଳରେ ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାଧାରଣ ପ୍ରଜାମାନେ ବିଭିନ୍ନ ଭାବରେ ଶୋଷଣ ଓ ଅତ୍ୟାଚାରର ଶିକାର ହେଉଥିଲେ । ଓଡ଼ିଶାରେ ମୋଗଲବନ୍ଦୀରେ ଜମିଦାରମାନେ ଓ ଗଡ଼ଜାତରେ ରାଜାମାନେ ପ୍ରଜାମାନଙ୍କ ଉପରେ ଉତ୍ପୀଡ଼ନ କରୁଥିଲେ । ପ୍ରଜାମାନଙ୍କର ଭୂମି ଉପରେ ଅଧିକାର ସୁରକ୍ଷିତ ହୋଇ ନ ଥିଲା । ରାଜା କିମ୍ବା ଜମିଦାର ଇଚ୍ଛାକଲେ ସେମାନଙ୍କୁ ଭୂମିରୁ ଉଚ୍ଛେଦ କରି ପାରୁଥିଲେ । ଭୂରାଜସ୍ୱ ବ୍ୟତୀତ ରାଜା ଓ ଜମିଦାରମାନେ ପ୍ରଜାମାନଙ୍କଠାରୁ ବିଭିନ୍ନ ପ୍ରକାର ବେଆଇନ୍ ପାଉଣା ଆଦାୟ କରୁଥିଲେ । ରାଜା ପ୍ରଜାମାନଙ୍କୁ ବିନା ପାରିଶ୍ରମିକରେ ବେଠି ଖଟାଉଥିଲେ । ରାଜ ପରିବାରରେ ଉତ୍ସବ ହେଲେ ପ୍ରଜାମାନଙ୍କୁ ମାଗଣ ଦେବାକୁ ପଡୁଥିଲା । ରାଜା ଶିକାର କରିବାକୁ ଗଲେ ପ୍ରଜାମାନଙ୍କୁ ତାଙ୍କ ସହିତ ସହଯୋଗ କରିବାକୁ ପଡୁଥିଲା ଏବଂ ଶିକାର ଫଳରେ ପ୍ରଜାମାନଙ୍କର ଫସଲ ନଷ୍ଟ ହେଉଥିଲା । [illegible]ରୀମାନେ ସରକାରୀ ଗସ୍ତ ସମୟରେ ପ୍ରଜାମାନଙ୍କଠାରୁ ରସଦ୍ ଆଦାୟ କରୁଥିଲେ । କୁହାଯାଏ ଯେ କନିକାର ରାଜା ତାଙ୍କ ଜମିଦାରୀରେ ଭୂରାଜସ୍ୱ ବ୍ୟତୀତ ଚଉଷଠି ପ୍ରକାର କର ଆଦାୟ କରୁଥିଲେ ।

ଅସହଯୋଗ ଆନ୍ଦୋଳନ ପୂର୍ବରୁ ଓଡ଼ିଶାର ଗଡ଼ଜାତ ତଥା ଜମିଦାରୀମାନଙ୍କରେ କେତେଗୁଡ଼ିଏ ପ୍ରଜାମେଳି ସଙ୍ଘଟିତ ହୋଇଥିଲା । କିନ୍ତୁ ସେଗୁଡ଼ିକ ସେଭଳି ସଙ୍ଗଠିତ ଆନ୍ଦୋଳନର ରୂପଧାରଣ କରି ନ ଥିଲା । କିମ୍ବା ସେହି ଆନ୍ଦୋଳନଗୁଡ଼ିକ ପଛରେ କୌଣସି ଆଦର୍ଶବାଦ କାର୍ଯ୍ୟ କରୁ ନ ଥିଲା । ମହାତ୍ମା ଗାନ୍ଧୀ ଇଂରେଜ ସରକାର ବିରୋଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ଫଳରେ ସାଧାରଣ ଲୋକେ ଇଂରେଜ ସାମ୍ରାଜ୍ୟବାଦର ଛତ୍ର ଭାବରେ କାର୍ଯ୍ୟ କରୁଥିବା ରାଜା ଏବଂ ଜମିଦାରମାନଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ସାହସୀ ହୋଇ ଉଠିଲେ । ଅବଶ୍ୟ ମହାତ୍ମା ଗାନ୍ଧୀ ଶ୍ରେଣୀ ସଂଘର୍ଷରେ ବିଶ୍ୱାସ କରୁ ନ ଥିଲେ ଏବଂ କୃଷକ, ଜମିଦାର ଓ ରାଜା ଆଦି ସବୁ ଶ୍ରେଣୀର ଲୋକମାନଙ୍କୁ ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ଏକପିତ କରିବାକୁ ଚାହୁଁଥିଲେ । କିନ୍ତୁ ସମାଜବାଦୀ ଆନ୍ଦୋଳନର ଅଭ୍ୟୁଦୟ ଫଳରେ, ବିଶେଷତଃ କଂଗ୍ରେସ ସମାଜବାଦୀ ଦଳ ଗଠନ ଫଳରେ ଭାରତର ଅନ୍ୟାନ୍ୟ ସ୍ଥାନ ପରି ଓଡ଼ିଶାରେ ପ୍ରଜା ଆନ୍ଦୋଳନ ସଙ୍ଗଠିତ ଆନ୍ଦୋଳନରେ ପରିଣତ ହେଲା । ଏହି ଆନ୍ଦୋଳନ ଫଳରେ ଇଂରେଜ ରାଜତ୍ୱ କାଳରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଗଠିତ ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳ କେତେକ ପ୍ରଜାସ୍ୱାର୍ଥ ସଂରକ୍ଷକ ଆଇନ୍ ପ୍ରବର୍ତ୍ତନ କରିଥିଲେ ଏବଂ ସ୍ୱାଧୀନତାପରେ ହରେକୃଷ୍ଣ ମହତାବ ଏବଂ ନବକୃଷ୍ଣ ଚଉଧୁରୀଙ୍କ ଚେଷ୍ଟାରେ ରାଜଶାସନ ତଥା ଜମିଦାରୀ ଉଚ୍ଛେଦ କରାଗଲା ।

ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ସମୟରେ କନିକା ଜମିଦାରୀରେ ଏକ ବଡ଼ଧରଣର ପ୍ରଜାମେଳି ସଙ୍ଘଟିତ ହୋଇଥିଲା । କଟକ ଓ ବାଲେଶ୍ୱର ଜିଲ୍ଲାର ବିସ୍ତୀର୍ଣ୍ଣ ଅଞ୍ଚଳ କନିକା ଜମିଦାରୀର ଅନ୍ତର୍ଭୁକ୍ତ ଥିଲା । କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଉତ୍କଳ ସମ୍ମିଳନୀର ଜଣେ ପୁରୋଧା ଥିଲେ । କିନ୍ତୁ ସେ ଅସହଯୋଗ ଆନ୍ଦୋଳନର ବିରୋଧୀ ଥିଲେ । ଭୂରାଜସ୍ୱ ବ୍ୟତୀତ ସେ ବିଭିନ୍ନ ପ୍ରକାର କର ପ୍ରଜାମାନଙ୍କଠାରୁ ଆଦାୟ କରୁଥିଲେ । ଅସହଯୋଗ ଆନ୍ଦୋଳନ ପୂର୍ବରୁ ସେ ସ୍ୱେଚ୍ଛାକୃତ ଭାବରେ ଭୂରାଜସ୍ୱର ପରିମାଣ ବଢ଼ାଇ ଦେଇଥିଲେ । ଫଳରେ ପ୍ରଜାମାନେ ଅତିଷ୍ଠ ହୋଇ ତାଙ୍କ ବିରୋଧରେ ମେଳି କରିଥିଲେ ଏବଂ ଖଜଣା ନ ଦେବା ପାଇଁ ସ୍ଥିର କରି ଥିଲେ । କନିକାର ରାଜା ଇଂରେଜ ସରକାରଙ୍କର ପ୍ରିୟପାତ୍ର ଥିଲେ ଏବଂ ପ୍ରଜାମେଳି କଂଗ୍ରେସ ନେତାମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଛି ବୋଲି ସେ ସରକାରଙ୍କୁ ହୃଦ୍‌ବୋଧ କରାଇବାରେ ସମର୍ଥ ହୋଇଥିଲେ । ସରକାରୀ ସମର୍ଥନ ଲାଭ କରି କନିକା ରାଜା କଠୋର ଭାବରେ ପ୍ରଜାମାନଙ୍କୁ ଦମନ କରିଥିଲେ । ବହୁ ପ୍ରଜା ଉଚ୍ଛନ୍ନ ହୋଇଯାଇଥିଲେ । ଓଡ଼ିଶାର ବିଶିଷ୍ଟ କଂଗ୍ରେସ ନେତା ଡ଼ଃ ହରେକୃଷ୍ଣ ମହତାବ ତାଙ୍କର ଆତ୍ମଜୀବନୀରେ କନିକା ରାଜାଙ୍କର ଅତ୍ୟାଚାର ପ୍ରସଙ୍ଗରେ ନିମ୍ନଲିଖିତ ବର୍ଣ୍ଣନା ଦେଇଛନ୍ତି ।

"ସେତେବେଳେ କନିକା ରାଜା ଓ ଇଂରେଜ ସରକାର ଏକ ନିମିଷ ହୋଇଯାଇଥିଲେ । କନିକା ରାଜାଙ୍କ ବିରୋଧରେ କହିବା ରାଜଦ୍ରୋହ ଅପରାଧରେ ଆସିଯାଉଥିଲା । ବନ୍ଧୁକଧାରୀ ପୋଲିସ୍ କେବଳ ଯେ ଗୁଳି କରି କ୍ଷାନ୍ତ ହେଲେ, ତା' ନୁହେଁ, ଘର ଘର ଲୁଟି କଲେ, ବହୁ ଧନୀ ଲୋକ ପଥର ଭିକାରୀ ହୋଇଗଲେ ; ବହୁ ସ୍ତ୍ରୀଲୋକ ଅତ୍ୟାଚାରିତା ହେଲେ । ଏପରି ଆତଙ୍କ ସୃଷ୍ଟି କରାହେଲା ଯେ, କେତେକ ଗର୍ଭବତୀ ସ୍ତ୍ରୀ ପଳାଇଯାଇ ବଣରେ ପ୍ରସବ କରି ପକାଇଲେ । ଖଣ୍ଡେଇତ ରାୟ, ଅଶ୍ୱିନୀ କୁମାର ପଲେଇ ଏମାନଙ୍କର ଶହ ଶହ ମାଣ ଜମି ଫେଦଖଲ କରାଯାଇ ଏମାନଙ୍କୁ ରାଜ୍ୟରୁ ବାହାର କରି ଦିଆଗଲା । ଏମାନଙ୍କ ପରିବାର ବର୍ତ୍ତମାନ ସୁଦ୍ଧା ଅତି ଦରିଦ୍ର ଅବସ୍ଥାରେ ଦିନ୍ୟାପ ଚଳୁଛନ୍ତି ।"

କନିକାର ନିରୀହ ପ୍ରଜାମାନଙ୍କ ଉପରେ ଅତ୍ୟାଚାର ବିରୋଧରେ ଓଡ଼ିଶାର କଂଗ୍ରେସ ନେତାମାନେ ପ୍ରତିବାଦ କରିଥିଲେ । ସରକାରୀ ନିଷେଧାଜ୍ଞା ଭଙ୍ଗ କରି ଉଦ୍ଧବର ଏକ ମସଜିଦ୍‌ରେ ଅନୁଷ୍ଠିତ ଏକ ସଭାରେ ଗୋପବନ୍ଧୁ ଦାସ ଓ ଭାଗୀରଥି ମହାପାତ୍ର କନିକା ରାଜାଙ୍କ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଏଥିପାଇଁ ଉଭୟଙ୍କୁ ଛଅମାସ ଲେଖାଏ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା ।

ଆଇନ୍ ଅମାନ୍ୟ ଆନ୍ଦୋଳନ ସମାପ୍ତି ବେଳକୁ କଂଗ୍ରେସ ଦଳରେ ସମାଜବାଦୀ ଗୋଷ୍ଠୀଙ୍କର ଅଭ୍ୟୁଦୟ ଘଟିଥିଲା । ୧୯୩୪ ମସିହାରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଓ ଜୟପ୍ରକାଶ ନାରାୟଣ ଆଦିଙ୍କ ଚେଷ୍ଟାରେ କଂଗ୍ରେସ ସମାଜବାଦୀ ଦଳ ଗଠିତ ହୋଇଥିଲା । ଓଡ଼ିଶାରୁ ଶ୍ରୀ ନବକୃଷ୍ଣ ଚୌଧୁରୀ କଂଗ୍ରେସ ସମାଜବାଦୀ ଦଳର ପ୍ରଥମ ଜାତୀୟ କାର୍ଯ୍ୟକାରୀ କମିଟିର ସଭ୍ୟ ହୋଇଥିଲେ । କଂଗ୍ରେସ ସମାଜବାଦୀମାନେ କୃଷକମାନଙ୍କୁ ସଙ୍ଗଠିତ କରିବାକୁ ଚେଷ୍ଟା କରିଥିଲେ । ୧୯୩୫ ମସିହାରେ ଓଡ଼ିଶାର କଂଗ୍ରେସ ସମାଜବାଦୀମାନେ କିଷାନ୍ ସଙ୍ଘ ଗଠନ କରିଥିଲେ । ଶ୍ରୀ ହରେକୃଷ୍ଣ ମହତାବ ଏହି ସଙ୍ଘର ସଭାପତି ହୋଇଥିଲେ । ୧୯୩୬ ମସିହାର ଆରମ୍ଭରେ ବାଗଲପୁରରେ ମହତାବଙ୍କ ସଭାପତିତ୍ୱରେ ଏକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ କୃଷିଜାତ ଦ୍ରବ୍ୟ ବିକ୍ରୟ ପାଇଁ ସଂସ୍ଥା ଗଠନ ଏବଂ କୃଷକମାନଙ୍କୁ ମହାଜନମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ବ୍ୟବସ୍ଥା କରିବା ପାଇଁ ଦାବୀ କରାଯାଇଥିଲା । କୃଷକମାନେ ଜମିଦାରମାନଙ୍କୁ ସଲାମୀ ନ ଦେବା ପାଇଁ ଏହି ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା । ୧୯୩୬ ମସିହା ପାଇଁ ସମାଜବାଦୀ ଚିନ୍ତାଧାରାର ସମର୍ଥକ ପଣ୍ଡିତ ଜବାହରଲାଲ ନେହେରୁ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ । ଫଳରେ ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାର ବିଭିନ୍ନ ସ୍ଥାନରେ କଂଗ୍ରେସ ସମାଜବାଦୀମାନେ ସଭାମାନ କରି କୃଷକମାନଙ୍କୁ ଜାଗ୍ରତ ଏବଂ ସଙ୍ଗଠିତ କରିବାକୁ ଚେଷ୍ଟା କରିଥିଲେ । ଏହି ସମାଜବାଦୀ ଆନ୍ଦୋଳନରେ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ରାଜକୃଷ୍ଣ ବୋଷ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଭଗବତୀ ପାଣିଗ୍ରାହୀ ଆଦି ନେତାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୧୯୩୬ ମସିହା ସେପ୍ଟେମ୍ବର ପହିଲାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସର୍ବଭାରତୀୟ କିଷାନ ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ସଭାରେ ଖଜଣା ହ୍ରାସ, ପ୍ରଜାସ୍ୱତ୍ୱ ଆଇନ୍‌ରେ ସଂଶୋଧନ ଓ ସରକାରଙ୍କ ପକ୍ଷରୁ କୃଷକମାନଙ୍କୁ ଋଣ ଦାନ ବ୍ୟବସ୍ଥା ପାଇଁ ଦାବି କରାଯାଇଥିଲା । ସମାଜବାଦୀମାନେ କୃଷକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଜମିଦାରୀ ବ୍ୟବସ୍ଥାର ଉଚ୍ଛେଦ ଦାବି କରିଥିଲେ ।

୧୯୩୬ ମସିହା ଅକ୍ଟୋବର ମାସରେ କଂଗ୍ରେସ ସମାଜବାଦୀ ନେତା ୟୁସୁଫ୍ ମେହେରାଲି କଟକ ଆସିଥିଲେ । ସେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ବାଣୀ, "The only hope of solving Indias problem of poverty lies in socialism" "(ଭାରତର ଦାରିଦ୍ର୍ୟ ଦୂରୀକରଣ ପାଇଁ ସମାଜବାଦହିଁ ଏକମାତ୍ର ଉପାୟ)"କୁ ପ୍ରଚାର କରିଥିଲେ ।

୧୯୩୬ ମସିହା ନଭେମ୍ବର ମାସରେ ଜବାହାରଲାଲ ନେହେରୁ ଓଡ଼ିଶା ଗସ୍ତରେ ଆସିଥିଲେ । ସେ ସାଲେପୁର, ବାଲେଶ୍ୱର, ବହୁଗ୍ରାମ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ ଏବଂ ବ୍ରହ୍ମପୁରଠାରେ ବିରାଟ ଜନସମାଗମମାନଙ୍କରେ ଭାଷଣ ଦେଇଥିଲେ ଏବଂ ଇଂରେଜ ସାମ୍ରାଜ୍ୟବାଦକୁ ମୂଳପୋଛ କରି ଏକ ସମାଜବାଦୀ ସରକାର ଗଠନ କରିବା ପାଇଁ ଜାତୀୟ କଂଗ୍ରେସର ପତାକା ତଳେ ଏକତ୍ରିତ ହେବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ ।

୧୯୩୭ ମସିହା ଓଡ଼ିଶା ବିଧାନ ସଭା ନିର୍ବାଚନରେ କଂଗ୍ରେସ ଦଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କଲା । କିନ୍ତୁ ନୀତି ଦୃଷ୍ଟିରୁ କଂଗ୍ରେସ ପ୍ରଥମେ ମନ୍ତ୍ରୀମଣ୍ଡଳ ଗଠନ କରି ନ ଥିଲା । ତେଣୁ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ସଂଖ୍ୟାଲଘୁ ସରକାର ଗଠିତ ହୋଇଥିଲା । ପରେ ୧୯୩୭ ମସିହା ଜୁଲାଇ ମାସରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲା । ସେତେବେଳକୁ କୃଷକ ଆନ୍ଦୋଳନ ବ୍ୟାପକ ଆକାର ଧାରଣ କରିଥିଲା । ଏପ୍ରିଲ ଏବଂ ମେ ମାସରେ କଟକ ଓ ପୁରୀ ଜିଲ୍ଲାରେ ଅନେକଗୁଡ଼ିଏ କୃଷକ ସଭା ଅନୁଷ୍ଠିତ ହୋଇଥିଲା । ୧୯୩୭ ମସିହା ସେପ୍ଟେମ୍ବର ପହିଲାରେ କଟକରେ ସର୍ବଭାରତୀୟ କୃଷକ ଦିବସ ପାଳିତ ହୋଇଥିଲା । ସେହି ଦିନ ପ୍ରାୟ ଦଶ ହଜାର କୃଷକ କଟକରେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ସାକ୍ଷାତ୍ କଲେ ଏବଂ ସେମାନଙ୍କର ଦାବୀମାନ ଦାବୀପତ୍ରରେ ଉପସ୍ଥାପନ କଲେ । ପ୍ରଧାନମନ୍ତ୍ରୀ ସେମାନଙ୍କର ଦାବୀଗୁଡ଼ିକ ସହାନୁଭୂତିର ସହିତ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଲେ । କୃଷକ ଆନ୍ଦୋଳନ ଏପରି ଉଗ୍ରରୂପ ଧାରଣ କଲା ଯେ, ପ୍ରଜାମାନେ ଜମିଦାରମାନଙ୍କୁ ନୁଆଖିଆର ଭେଟି ଦେବା ପାଇଁ ମନା କଲେ

ଘରେ ଏବଂ ଜମିଦାରମାନଙ୍କର ଅନୁମତି ନ ନେଇ ଜଙ୍ଗଲରେ କୃଷିଜମି ପ୍ରସ୍ତୁତ କଲେ । ଏହି ସମୟରେ କନିକା ଜମିଦାରୀରେ ବିଧାନ ସଭା ସଦସ୍ୟ ଚନ୍ଦ୍ରଧର ବେହେରାଙ୍କ ନେତୃତ୍ୱରେ କୃଷକ ଆନ୍ଦୋଳନ ପୁଣି ଥରେ ତେଜି ଉଠିଲା ।

କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେବା ପରେ ମୋଗଲବନ୍ଦୀରେ କୃଷକ ଆନ୍ଦୋଳନ ଓ ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳ ଆନ୍ଦୋଳନ ବୃଦ୍ଧି ହୋଇଥିଲା । ଉଭୟ ଆନ୍ଦୋଳନରେ କଂଗ୍ରେସ ସମାଜବାଦୀମାନେ ଏବଂ କଂଗ୍ରେସ ନେତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୧୯୩୮ ମସିହା ଜାନୁଆରୀ ମାସରେ ସମାଜବାଦୀ ନେତା ସୁରେନ୍ଦ୍ର ନାଥ ଦ୍ୱିବେଦୀ କୃଷକମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ "କୃଷକ" ପତ୍ରିକା ବାହାର କରିଥିଲେ । ୧୯୩୮ ମସିହା ଫେବ୍ରୁଆରୀ ମାସରେ ଖଲିକୋଟ, ଆଠଗଡ଼ ଏବଂ ବିରିଡ଼ିରେ ଖଜଣା ବନ୍ଦ ଆନ୍ଦୋଳନ ସଙ୍ଗଠିତ ହୋଇଥିଲା ।

କୃଷକ ଆନ୍ଦୋଳନର ମୁକାବିଲା କରିବା ପାଇଁ ଜମିଦାରମାନେ ଏକତ୍ର ହୋଇଥିଲେ । ୧୯୩୭ ମସିହା ସେପ୍ଟେମ୍ବର ୨୭ ତାରିଖରେ କଟକରେ ଜମିଦାରମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୁଣି ଥରେ ୧୯୩୮ ମସିହା ଜାନୁଆରୀ ମାସରେ ସେମାନେ ଏକତ୍ରିତ ହେଲେ ଏବଂ ସମାଜବାଦୀମାନଙ୍କର କାର୍ଯ୍ୟକଳାପ ରୋକିବା ପାଇଁ ସରକାରଙ୍କୁ ଆହ୍ୱାନ ଦେଲେ ।

ବହୁ ପ୍ରତିବନ୍ଧକ ସତ୍ତ୍ୱେ କଂଗ୍ରେସ ସରକାର ଦୁଇଟି ପ୍ରଜାସ୍ୱାର୍ଥ ସଂରକ୍ଷକ ଆଇନ୍ ପାସ୍ କଲେ, ଯଥା–ଓଡ଼ିଶା ପ୍ରଜାସ୍ୱତ୍ୱ (ସଂଶୋଧନ) ଆଇନ (Orissa Tenancy Amendment Act) ଏବଂ ଓଡ଼ିଶା ମହାଜନ ଆଇନ (Orissa Money Lenders' Act). ପ୍ରଥମ ଆଇନଟି ଜମିଦାରମାନଙ୍କର ଅତ୍ୟାଚାର ଓ ଅନ୍ୟାୟ ଶୋଷଣ ବିରୋଧରେ ଉଦ୍ଦିଷ୍ଟ ଥିଲା ଏବଂ ଦ୍ୱିତୀୟ ଆଇନଟି ମହାଜନମାନଙ୍କର ସୁଧର ହାର କମାଇବା ପାଇଁ ଉଦ୍ଦିଷ୍ଟ ଥିଲା ।

୧୯୩୧ରେ କଟକରେ ପ୍ରଥମ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ ହୋଇଥିଲା । ଦୀର୍ଘଦିନ ଧରି ଗଡ଼ଜାତର ପ୍ରଜାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଅନ୍ୟାୟ ଅତ୍ୟାଚାର ବିରୋଧରେ ଅସନ୍ତୋଷର ବହ୍ନି ଜଳୁଥିଲା । ପ୍ରଜାମାନଙ୍କର ଜମି ଉପରେ ମାଲିକାନା ନ ଥିଲା । ରାଜା ଇଚ୍ଛା କଲେ ସେମାନଙ୍କୁ ଉଚ୍ଛେଦ କରିପାରୁଥିଲେ । ସେମାନଙ୍କୁ ଅତ୍ୟଧିକ ଭୂରାଜସ୍ୱ ତଥା ବିଭିନ୍ନ ପ୍ରକାର କର ଦେବାକୁ ପଡୁଥିଲା । ସେମାନେ ନାଗରିକ ଅଧିକାରରୁ ବଞ୍ଚିତ ହୋଇଥିଲେ ଏବଂ ଅଧିକାଂଶ କ୍ଷେତ୍ରରେ ରାଜାମାନେ ମନୋମୁଖୀ ଯଥେଚ୍ଛାଚାରୀ ଶାସନ ଚଳାଉଥିଲେ ।

୧୯୩୫ ମସିହାର ଭାରତ ଶାସନ ଆଇନ୍‌ରେ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭା ପାଇଁ ପ୍ରତିନିଧି ନିର୍ବାଚନ ଅଧିକାରରୁ ଦେଶୀୟ ରାଜ୍ୟଗୁଡ଼ିକର ପ୍ରଜାମାନଙ୍କୁ ବଞ୍ଚିତ କରାଯାଇଥିଲା ଏବଂ ଶାସକମାନଙ୍କୁ ସଦସ୍ୟ ମନୋନୟନ କରିବାର ଅଧିକାର ଦିଆଯାଇଥିଲା । ଏହା ଫଳରେ ସାରା ଭାରତରେ ଦେଶୀୟ ରାଜ୍ୟଗୁଡ଼ିକର ପ୍ରଜାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ପ୍ରତ୍ୟକ୍ଷ ଇଂରେଜ ଶାସିତ ପ୍ରଦେଶଗୁଡ଼ିକରେ ଲୋକପ୍ରତିନିଧିମୂଳକ ସରକାର ପ୍ରତିଷ୍ଠିତ ହେବା ପରେ ଦେଶୀୟ ରାଜ୍ୟଗୁଡ଼ିକରେ ପ୍ରଜା ଆନ୍ଦୋଳନ ବ୍ୟାପକ ଆକାର ଧାରଣ କରିଥିଲା ଏବଂ ପରିଶେଷରେ ଏହା କଂଗ୍ରେସ ଦଳର ସମର୍ଥନ ଲାଭ କରିଥିଲା ।

୧୯୩୭ ମସିହା ଜୁନ୍ ୨୫ ତାରିଖରେ କଟକଠାରେ ଡଃ ପଟ୍ଟାଭି ସୀତାରାମାୟାଙ୍କ ସଭାପତିତ୍ୱରେ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ନିମ୍ନଲିଖିତ ଦାବିଗୁଡ଼ିକ ଉପସ୍ଥାପିତ ହୋଇଥିଲା । ଯଥା–ଗଡ଼ଜାତମାନଙ୍କରେ ଲୋକପ୍ରତିନିଧିମୂଳକ ଶାସନ ପ୍ରତିଷ୍ଠା, ପ୍ରଜାମାନଙ୍କର ଜୀବନ, ସମ୍ପତ୍ତି ଏବଂ ସ୍ୱାଧୀନତାର ସୁରକ୍ଷା, ଗଡ଼ଜାତମାନଙ୍କରେ ଇଂରେଜ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ନିୟମକାନୁନ ଏବଂ ବିଧାନସଭାଗୁଡ଼ିକରେ ଗୃହୀତ ଆଇନମାନଙ୍କର ପ୍ରଚଳନ, ଭୂମି ଉପରେ ପ୍ରଜାମାନଙ୍କୁ ଅଧିକାର ଦାନ, ପ୍ରଜାମାନଙ୍କୁ ମୌଳିକ ଅଧିକାର ଦାନ, ରସଦ, ମାଗଣ ଏବଂ ବେଠି ଆଦି ପ୍ରଥାର ଉଚ୍ଛେଦ । ଏହି ସମ୍ମିଳନୀରେ ଗଡ଼ଜାତମାନଙ୍କରେ ପ୍ରଚଳିତ ବିଭିନ୍ନ ପ୍ରକାର ଅନ୍ୟାୟ ଏବଂ ଅବ୍ୟବସ୍ଥା ସମ୍ବନ୍ଧରେ ତଦନ୍ତ କରିବା ପାଇଁ ଏକ କମିଟି (ଓଡ଼ିଶା ଗଡ଼ଜାତ ଅନୁସନ୍ଧାନ କମିଟି) ଗଠିତ ହୋଇଥିଲା । ୧୯୩୮ ମସିହା ଜୁନ୍ ମାସରେ ଏହି କମିଟି ପୁନର୍ଗଠିତ ହୋଇଥିଲା । ପୁନର୍ଗଠିତ କମିଟିରେ ନିମ୍ନଲିଖିତ ସଦସ୍ୟମାନେ ସ୍ଥାନ ପାଇଥିଲେ, ଯଥା–ହରେକୃଷ୍ଣ ମହତାବ (ଅଧ୍ୟକ୍ଷ), ଲାଲମୋହନ ପଟ୍ଟନାୟକ ଏବଂ ବଳବନ୍ତରାୟ ମେହେଟା । ସାରଙ୍ଗଧର ଦାସ ଏହି କମିଟିର ସମ୍ପାଦକ ଥିଲେ ।

ଏହି ସମୟରେ ଗଡ଼ଜାତର ପ୍ରଜାମାନେ ପ୍ରଜାମଣ୍ଡଳମାନ ଗଠନ କରିଥିଲେ ଏବଂ ସେମାନଙ୍କର ଶାସକମାନଙ୍କ ପାଖରେ ଦାବିମାନ ଉପସ୍ଥାପନ କରିଥିଲେ । ଏହି ଦାବିଗୁଡ଼ିକ ପୂର୍ବରୁ କଟକରେ ଦ୍ୱିତୀୟ ଓଡ଼ିଶା ଗଡ଼ଜାତ ପ୍ରଜାସମ୍ମିଳନୀରେ ଗୃହୀତ ହୋଇଥିଲା । ପ୍ରଜାମଣ୍ଡଳ କାର୍ଯ୍ୟକଳାପ ଫଳରେ ଗଡ଼ଜାତଗୁଡ଼ିକରେ ଅଭୂତପୂର୍ବ ଜନଜାଗରଣ ଦେଖାଯାଇଥିଲା । କଂଗ୍ରେସ ନେତା ହରେକୃଷ୍ଣ ମହତାବ, କଂଗ୍ରେସ ସମାଜବାଦୀ ନେତା ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀ ଏବଂ ସାରଙ୍ଗଧର ଦାସ ପ୍ରଜାମଣ୍ଡଳ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନୀଳଗିରି, ଢେଙ୍କାନାଳ, ତାଳଚେର ଏବଂ ରଣପୁର ଏହି ଚାରିଟି ଗଡ଼ଜାତରେ ପ୍ରଜା ଆନ୍ଦୋଳନ ଭୀଷଣ ଆକାର ଧାରଣ କରିଥିଲା । ୧୯୩୮ ମସିହା ଅକ୍ଟୋବର ୨୯ ତାରିଖରେ ସାରା ଓଡ଼ିଶାରେ ଗଡ଼ଜାତ ଦିବସ ପାଳିତ ହୋଇଥିଲା । ସେହି ଦିନ ବିଭିନ୍ନ ସଭାରେ ଗଡ଼ଜାତର ରାଜାମାନଙ୍କର କୁଶାସନ ଏବଂ ସେମାନଙ୍କ ପ୍ରତି ଇଂରେଜ ସରକାରଙ୍କ ସମର୍ଥନ ନୀତିକୁ ସମାଲୋଚନା କରାଯାଇଥିଲା ।

ଇଂରେଜ ସରକାରଙ୍କର ସମର୍ଥନ ଲାଭ କରି ଗଡ଼ଜାତର ଶାସକମାନେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦବାଇବାକୁ ଚେଷ୍ଟା କରିଥିଲେ। ଢେଙ୍କାନାଳରେ ପୋଲିସ୍‌ର ଗୁଳି ଚାଳନା ଫଳରେ ଅଠର ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ଏମାନଙ୍କ ମଧ୍ୟରେ ବାରବର୍ଷର ବାଳକ ବାଜିରାଉତ ଅନ୍ତର୍ଭୁକ୍ତ ଥିଲେ। ପ୍ରଜାମଣ୍ଡଳ ନେତାମାନଙ୍କୁ ଗିରଫ କରି ଜେଲରେ ରଖାଯାଇଥିଲା। ସେମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦିଆଯାଇଥିଲା। ସେମାନଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିଲା। ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇଥିଲା। ପ୍ରଜାମଣ୍ଡଳକୁ ବେଆଇନ୍ ଘୋଷଣା କରି ଅନୁଗତ ପ୍ରଜାମାନଙ୍କୁ ନେଇ ରାଜାମାନେ ପ୍ରଜାପରିଷଦ ଗଠନ କରିଥିଲେ। ୧୯୩୯ ମସିହା ଜାନୁଆରୀ ୫ ତାରିଖରେ ରଣପୁରର ଉତ୍ତ୍ୟକ୍ତ ଜନତା ସେମାନଙ୍କର ନେତାମାନଙ୍କୁ ମୁକ୍ତ କରିବା ପାଇଁ ଦାବୀ କରିଥିଲେ। ଉତ୍ତ୍ୟକ୍ତ ଜନତାକୁ ସମ୍ଭାଳି ନ ପାରି ରଣପୁରର ରାଜା ଇଂରେଜ ପଲିଟିକାଲ୍ ଏଜେଣ୍ଟ ମେଜର ବେଜେଲ୍‌ଗେଟ୍‌ଙ୍କ ସାହାଯ୍ୟ ଲୋଡ଼ିଥିଲେ। ମୁଷ୍ଟିମେୟ ପୋଲିସ୍ ଲୋକଙ୍କୁ ସଙ୍ଗରେ ନେଇ ବେଜେଲ୍‌ଗେଟ୍ ନୟାଗଡ଼ରୁ ରଣପୁର ଯାତ୍ରା କରିଥିଲେ। ରାଜାଙ୍କ ସହିତ ଆଲୋଚନା ପରେ ବେଜେଲ୍‌ଗେଟ୍ ରାଜପ୍ରାସାଦ ଭିତରୁ ବାହାରି ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କଲା ଫଳରେ ଉତ୍ତେଜିତ ଜନତା ତାଙ୍କୁ ଟେକା ଫୋପାଡ଼ି ହତ୍ୟା କରିଥିଲେ। ସଙ୍ଗେ ସଙ୍ଗେ ସୈନ୍ୟବାହିନୀକୁ ରଣପୁର ପଠାଯାଇଥିଲା। କିନ୍ତୁ ସୈନ୍ୟମାନେ ସେଠାରେ ପହଞ୍ଚିଲା ବେଳକୁ ବହୁ ସଂଖ୍ୟକ ଲୋକ ରଣପୁର ଛାଡ଼ି ପଳାଇଥିଲେ। ବେଜେଲ୍‌ଗେଟ୍ ହତ୍ୟାରେ ଅଭିଯୁକ୍ତ ଦୁଇଜଣ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ପ୍ରାଣଦଣ୍ଡ ଦିଆଯାଇଥିଲା ଏବଂ ଅନ୍ୟ କେତେଜଣଙ୍କୁ ଆଜୀବନ ନିର୍ବାସନ ଦଣ୍ଡ ଦିଆଯାଇଥିଲା। ରଣପୁରର ରାଜାଙ୍କୁ କ୍ଷମତାରୁ ଅନ୍ତର କରାଯାଇଥିଲା ଏବଂ ପଲିଟିକାଲ୍ ବିଭାଗ ରାଜ୍ୟର ଶାସନ ଭାର ହାତକୁ ନେଇଥିଲେ।

ପ୍ରଜାମଣ୍ଡଳ ଆନ୍ଦୋଳନ ଫଳରେ ନୀଳଗିରିର ପ୍ରଜାମାନେ ନାଗରିକ ସ୍ୱାଧୀନତା ଏବଂ ରାଜାଙ୍କୁ ନିଜର ଅଭାବ ଅସୁବିଧା ସମ୍ବନ୍ଧରେ ଆବେଦନ କରିବାର ଅଧିକାର ପାଇଥିଲେ। ଏତଦ୍ ବ୍ୟତୀତ ନୀଳଗିରିରେ ବେଠି ଏବଂ ମାଗଣ ପ୍ରଥାର ଉଚ୍ଛେଦ କରାଯାଇଥିଲା।

୧୯୩୯ ମସିହା ଜୁଲାଇ ମାସ ବେସରକାରୀ ଗଡ଼ଜାତ ଅନୁସନ୍ଧାନ କମିଟି ସେମାନଙ୍କର ବିବରଣୀ ପ୍ରସ୍ତୁତ କରି ସାରିଥିଲେ। ଗଡ଼ଜାତମାନଙ୍କୁ ଜମିଦାରୀରେ ପରିଣତ କରି ଓଡ଼ିଶା ପ୍ରଦେଶରେ ସାମିଲ କରିବା ପାଇଁ ଏହି କମିଟି ମତ ଦେଇଥିଲେ। ଏହି ଗଡ଼ଜାତଗୁଡ଼ିକ ପ୍ରଥମେ ଜମିଦାରୀ ଥିଲେ ଏବଂ ରାଜନୈତିକ କାରଣରୁ ଇଂରେଜ ସରକାର ସେମାନଙ୍କୁ ରାଜ୍ୟର ମର୍ଯ୍ୟାଦା ପ୍ରଦାନ କରିଥିଲେ ବୋଲି କମିଟିର ଅଧ୍ୟକ୍ଷ ହରେକୃଷ୍ଣ ମହତାବ ଦୃଢ଼ ଭାବରେ ମତ ବ୍ୟକ୍ତ କରିଥିଲେ।

ଓଡ଼ିଶାର କଂଗ୍ରେସ ନେତାମାନଙ୍କ ସମର୍ଥନ ଲାଭ କରିଥିବା... ପ୍ରଜା ଆନ୍ଦୋଳନ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ... ହୋଇଥିଲା ଏବଂ ଗଡ଼ଜାତର ପ୍ରଜାମାନଙ୍କ ମଧ୍ୟରେ ... ଜାଗରଣ ଦେଖା ଦେଇଥିଲା। ଓଡ଼ିଶାର ପ୍ରଜାମଣ୍ଡଳ ଆନ୍ଦୋଳନ ... ସର୍ବଭାରତୀୟ ଦୃଷ୍ଟି ଆକର୍ଷଣ କରିଥିଲା। ମହାତ୍ମା ... ଓଡ଼ିଶାର ଗଡ଼ଜାତଗୁଡ଼ିକର ସମସ୍ୟା ସମ୍ପର୍କରେ ଗଭୀର ... ଦେଇଥିଲେ।

ଭାରତ ଛାଡ଼ ଆନ୍ଦୋଳନ ବେଳେ କେତେକ ଗଡ଼ଜାତ... ପ୍ରଜାମାନେ ସେମାନଙ୍କର ରାଜାମାନଙ୍କ ବିରୋଧରେ ଆନ୍ଦୋଳନ ... କରିଥିଲେ। ଏହି ସମୟରେ ତାଳଚେରରେ ପବିତ୍ରମୋହନ ... ପ୍ରଧାନଙ୍କ ନେତୃତ୍ୱରେ ଏବଂ ଢେଙ୍କାନାଳରେ ବୈଷ୍ଣବ ଚରଣ ... ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଜା ଆନ୍ଦୋଳନ ପରିଚାଳିତ ... ହୋଇଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏବଂ ସ୍ୱାଧୀନତା ପୂର୍ବରୁ ... ଗଡ଼ଜାତଗୁଡ଼ିକରେ ପ୍ରଜାମଣ୍ଡଳ ଆନ୍ଦୋଳନ ଦେଖା ଦେଇଥିଲା। ପ୍ରଜାମଣ୍ଡଳର ନେତାମାନେ ଗଡ଼ଜାତମାନଙ୍କରେ ଲୋକ... ପ୍ରତିନିଧିମୂଳକ ସରକାର ପ୍ରତିଷ୍ଠା ପାଇଁ ଦାବୀ କଲେ। ୧୯୪... ମସିହା ଅଗଷ୍ଟ ୧୦ ତାରିଖରେ କଟକରେ ଓଡ଼ିଶା ଏବଂ ଛତିଶଗଡ଼ ... ଗଡ଼ଜାତଗୁଡ଼ିକର ପ୍ରଜାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ... ସମ୍ମିଳନୀରେ ଓଡ଼ିଶାର ଗଡ଼ଜାତଗୁଡ଼ିକୁ ଓଡ଼ିଶା ପ୍ରଦେଶରେ ... ମିଶାଇ ଦେବା ପାଇଁ ଦାବୀ କରାଯାଇଥିଲା।

ଓଡ଼ିଶା ଏବଂ ଛତିଶଗଡ଼ର ଅଣଚାଳିଶଟି ଗଡ଼ଜାତ... ଶାସକମାନେ ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଥିଲେ। ସେମାନେ ... ଏକ ପୂର୍ବାଞ୍ଚଳ ଗଡ଼ଜାତ ସଙ୍ଘ ଗଠନ କରିଥିଲେ। ଏହି ସଙ୍ଘ ... ୧୯୪୭ ମସିହା ଅଗଷ୍ଟ ପହିଲାରୁ କାର୍ଯ୍ୟକାରୀ ହୋଇଥିଲା। ... ଏହି ସଙ୍ଘର ଗୋଟିଏ ସମ୍ବିଧାନ ଗଠିତ ହୋଇଥିଲା। ଏଥିରେ ... ଗୋଟିଏ ପୋଲିସ୍ ବାହିନୀ ଗଠିତ ହୋଇଥିଲା। ପ୍ରଜାମଣ୍ଡଳ ... ଆନ୍ଦୋଳନକୁ ଦମନ କରିବା ପାଇଁ ଏହି ପୋଲିସ୍ ବାହିନୀ ... ହୋଇଥିଲା।

ଭାରତ ସରକାର ଏହି ପୂର୍ବାଞ୍ଚଳ ଗଡ଼ଜାତ ସଙ୍ଘକୁ ... କରିଥିଲେ। ୧୯୪୭ ମସିହା ଡିସେମ୍ବର ୧୪ ତାରିଖ ଦିନ ... ରାଜଭବନଠାରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀ ... ବଲ୍ଲଭଭାଇ ପଟେଲ ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ... ସାକ୍ଷାତ୍ କରିଥିଲେ ଏବଂ ସେମାନଙ୍କର ରାଜ୍ୟଗୁଡ଼ିକୁ ଓଡ଼ିଶା ... ପ୍ରଦେଶରେ ମିଶାଇ ଦେବା ପାଇଁ ଆହ୍ୱାନ ଦେଇଥିଲେ। ... ସର୍ଦ୍ଦାର ପଟେଲ ସେମାନଙ୍କ ରାଜପଦ ମର୍ଯ୍ୟାଦା ଅକ୍ଷୁଣ୍ଣ ... ତଥା ସେମାନଙ୍କୁ ଭତ୍ତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ... ଏହି ସାକ୍ଷାତ୍‌କାର ଫଳରେ ମୟୂରଭଞ୍ଜକୁ ଛାଡ଼ି ଅନ୍ୟ ... ଗଡ଼ଜାତର ରାଜାମାନେ ଓଡ଼ିଶା ସହିତ ମିଶ୍ରଣ ପାଇଁ ... ପ୍ରଦାନ କରିଥିଲେ। ପରେ ସରାଇକଳା ଓ ...

ରାଜାମାନେ ମିଶ୍ରଣ ରାଜିନାମାରୁ ସମ୍ମତି ପ୍ରତ୍ୟାହାର କରିଥିଲେ ଏବଂ ୧୯୪୯ ମସିହା ଜାନୁୟାରୀ ପହିଲାରୁ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଥିଲା ।

ସ୍ୱାଧୀନତା ପରେ ଗଡ଼ଜାତ ମିଶ୍ରଣ ଭଳି ଜମିଦାରୀ ପ୍ରଥାର ଉଚ୍ଛେଦ ପାଇଁ କଂଗ୍ରେସ ମନ୍ତ୍ରୀମଣ୍ଡଳ ପଦକ୍ଷେପ ଗ୍ରହଣ କରିଥିଲେ । ୧୯୫୨ ମସିହାରେ ନବକୃଷ୍ଣ ଚଉଧୁରୀଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ସରକାର ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ୍ (Orissa Estates Abolition Act) ପାଶ୍ କରିଥିଲେ । ଏହା ଫଳରେ ଜମିଦାରୀ ପ୍ରଥାର ଅବସାନ ହେଲା ଏବଂ ପ୍ରଜାମାନେ ଭୂମିର ମାଲିକ ହେଲେ । ଦରିଦ୍ର ଓ ଭୂମିହୀନ ଲୋକମାନଙ୍କ ମଧ୍ୟରେ ଭୂମିବଣ୍ଟନ ପାଇଁ ଚଉଧୁରୀ ସରକାର ୧୯୫୩ରେ ଓଡ଼ିଶା ଭୂଦାନଯଜ୍ଞ ଆଇନ୍ (The Orissa Bhoodan Yagna Act) ପାଶ୍ କରିଥିଲେ । ପରେ ନବକୃଷ୍ଣ ଚଉଧୁରୀ ଏବଂ ତାଙ୍କ ପତ୍ନୀ ମାଳତୀ ଚଉଧୁରୀ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ । ସ୍ୱାଧୀନତା ପରେ କେତେକ ସମାଜବାଦୀ ବ୍ୟକ୍ତି କଂଗ୍ରେସରୁ ଅଲଗା ହୋଇ ଏକ ସମାଜବାଦୀ ଦଳ ଗଠନ କରିବା ପାଇଁ ୧୯୪୮ ମସିହାର ନାସିକ ସମ୍ମିଳନୀରେ ସିଦ୍ଧାନ୍ତ ଗ୍ରହଣ କରିଥିଲେ । ଓଡ଼ିଶାରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏବଂ ସାରଙ୍ଗଧର ଦାସ ଆଦି ସମାଜବାଦୀମାନେ କଂଗ୍ରେସରୁ ଅଲଗା ହୋଇ ଏହି ସମାଜବାଦୀ ଦଳରେ ଯୋଗ ଦେଇଥିଲେ ।

---

ଅଧ୍ୟାପକ, ଇତିହାସ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

---


*ଶାନ୍ତି ଓ ଅହିଂସା କିମ୍ବା ଯେକୌଣସି ପନ୍ଥା ଅବଲମ୍ବନ କରି ଆମ ଦେଶର ଶହୀଦ୍ ଓ ସ୍ୱାଧୀନତା ସଂଗ୍ରାମୀମାନେ ସେମାନଙ୍କର ଭବିଷ୍ୟତ ବଂଶଧରଙ୍କ ପାଇଁ ଯେଉଁ ସ୍ୱାଧୀନତା ଆଣିଛନ୍ତି ତାହା ହେଉଛି ପ୍ରକୃତ ଜନ୍ମଭୂମି ଯେଉଁଠାରୁ କି ନୂତନ ଭାରତ ଜନ୍ମଲାଭ କରୁଛି । ଏହି ଦ୍ରୁମର ବର୍ତ୍ତମାନ ପୂର୍ଣ୍ଣ ପୂର୍ଣ୍ଣ ବିକାଶ ଘଟିନାହିଁ । ଏହାର ବୃଦ୍ଧି ନିମନ୍ତେ ସ୍ୱେଦ ଓ ରକ୍ତ ପ୍ରଦାନ କରି ଜଳସେଚିତ କରିବାକୁ ପଡ଼ିବ । ଏହାଦ୍ୱାରା ଭାରତ ରୂପକ ଦ୍ରୁମ ସର୍ବଦା ସବୁଜଶ୍ରୀ ହୋଇ ରହିବ ।*

*–ଇନ୍ଦିରା ଗାନ୍ଧୀ*

# ମୁକ୍ତି ସଂଗ୍ରାମର ସ୍ମରଣ କବି ବାଞ୍ଛାନିଧି

ଶ୍ରୀ କୃଷ୍ଣଚରଣ ବେହେରା

ଊନବିଂଶ ଶତାବ୍ଦୀ ମଧ୍ୟ ଭାଗରୁ ଭାରତବର୍ଷରେ ବିଦେଶୀ ଶାସନ ବିରୁଦ୍ଧରେ ଯେଉଁ ମୁକ୍ତି-ସଂଗ୍ରାମ ଆରମ୍ଭ ହୋଇଥିଲା, ତାହାର ମୁଖପ୍ରସାର ଓ ଶକ୍ତି ବୃଦ୍ଧିରେ ସ୍ରଷ୍ଟା ଥିଲେ ବହୁ କବି, ଲେଖକ ଓ ପତ୍ରପତ୍ରିକାର ସଂପାଦକ/ ସାମ୍ବାଦିକମାନେ ଲେଖନୀ ଚାଳନା ପୂର୍ବକ ଯଥେଷ୍ଟ ସହାୟତା କରିଥିଲେ । ଏ କ୍ଷେତ୍ରରେ ଓଡ଼ିଶା ମଧ୍ୟ ପଛରେ ପଡ଼ି ନଥିଲା । ସାମାନ୍ୟ ବିଳମ୍ବରେ ହେଲେ ମଧ୍ୟ ଆମ ରାଜ୍ୟରେ ଜାତୀୟତାବାଦୀ



ଆନ୍ଦୋଳନ ଜାଗରୂକ ହୋଇଥିଲା ଏବଂ ମୁକ୍ତି-ସଂଗ୍ରାମ ପାଇଁ କେତେକ ସେନାପତିଙ୍କ ସହ ବହୁ ସୈନିକ ବାହାରି ପଡ଼ିଥିଲେ । ମୁକ୍ତି-ସଂଗ୍ରାମର ସେହି ଯୋଦ୍ଧାମାନଙ୍କୁ ସ୍ୱଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ତଥା ସମଗ୍ର ରାଜ୍ୟବାସୀଙ୍କ ପ୍ରାଣରେ ମୁକ୍ତି-ପିପାସା ସୃଷ୍ଟି କରିବା ଲକ୍ଷ୍ୟରେ ଯେଉଁ କେତେକ ସ୍ମରଣ କବି ନିଷ୍ଠାପର ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ବାଞ୍ଛାନିଧି ମହାନ୍ତି (୧୮୯୬–୧୯୩୮) ଅନ୍ୟତମ ।

କାବ୍ୟ କବିତା, ଗଳ୍ପ ଉପନ୍ୟାସ, ପ୍ରବନ୍ଧାଦି ସାହିତ୍ୟ ସୃଷ୍ଟି ମାଧ୍ୟମରେ ସ୍ୱଦେଶ ପ୍ରେମ ଓ ଜାତୀୟତାବାଦର ଉଦ୍‌ବୋଧନ କରାଯାଇ ପାରେ । ଏଠାରେ କିନ୍ତୁ ସେ ଧରଣର ସାହିତ୍ୟ ଓ ସାହିତ୍ୟ ସ୍ରଷ୍ଟାଙ୍କ ବିଷୟ ବୋଲା ଯାଉନାହିଁ । ମୁକ୍ତିକାମୀ ସ୍ୱଦେଶ ପ୍ରେମାସକ୍ତ ଓ ଜାତୀୟତାବାଦୀ ଗୀତ ରଚନା କରି, ସେଗୁଡ଼ିକ ଭକ୍ତିଭାବେ ସାଙ୍ଗୀତିକ ଶୈଳୀରେ ଗାନ କରି ତଥା ବହୁବିଧ ନାଟ୍ୟକର୍ମ ଜରିଆରେ ଯେଉଁମାନେ ମୁକ୍ତି-ସଂଗ୍ରାମର ପ୍ରଜ୍ୱଳିତ ଅଗ୍ନି ଶିଖାକୁ ଇନ୍ଧନ ଯୋଗାଇ ଥିଲେ, ସେହିମାନଙ୍କ କଥା ହିଁ ବୋଲାଯାଉଛି । ସେମାନଙ୍କ ମଧ୍ୟରେ ଆମ ରାଜ୍ୟର କବି ଦାମୋଦର ପଟ୍ଟନାୟକ, ଗୋଦାବରୀଶ ମିଶ୍ର, କୃଷ୍ଣମୋହନ ପଟ୍ଟନାୟକ, ଗୋବିନ୍ଦଚନ୍ଦ୍ର ଶୂରଦେଓ, କାନ୍ତକବି ଲକ୍ଷ୍ମୀକାନ୍ତ, ବାଞ୍ଛାନିଧି ମହାନ୍ତି, ବୀରକିଶୋର ଦାସ, କୃଷ୍ଣ ପ୍ରସାଦ ବସୁ ପ୍ରମୁଖ ବହୁ ସଙ୍ଗୀତ ରଚୟିତା ଓ ନାଟ୍ୟକାର ଅନ୍ତର୍ଭୁକ୍ତ । ସେମାନଙ୍କ ଜାତୀୟ ସଙ୍ଗୀତାବଳୀର କେତେକ ସ୍ୱତନ୍ତ୍ର ସଂକଳନ ମୁକ୍ତି-ସଂଗ୍ରାମ ଚାଲିଥିବା କାଳରେ ପ୍ରକାଶ ପାଇଥିଲା ! ଏହା ବ୍ୟତୀତ ବିଭିନ୍ନ କବିଙ୍କ ରଚନାବଳୀର ମିଳିତ ସଂକଳନମାନ ମଧ୍ୟ ପ୍ରକାଶିତ ହୋଇଥିଲା । ଉଦାହରଣ ସ୍ୱରୂପ –

(୧) ଜାତୀୟ ସଙ୍ଗୀତ (୧୯୦୪)–ରଚୟିତା ଦାମୋଦର ପଟ୍ଟନାୟକ ।

(୨) ନବ ଗୀତିକା (୧୯୨୭)–ସଂକଳୟିତା ଶ୍ରୀ ସାଥୀ ସାହୁ (ବ୍ରହ୍ମପୁର, ଗଞ୍ଜାମ)

ଏହି ସଂକଳନରେ ସନ୍ନିବେଶିତ ଗୀତଗୁଡ଼ିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି; ତନ୍ମଧ୍ୟରେ ଜାତୀୟ ଗୀତିକା ଏକ ବିଶିଷ୍ଟ ବିଭାଗ । ଏହାର ସମସ୍ତ କବି ଆଧୁନିକ ଯୁଗର ।

(୩) ଯୁଗବାଣୀ (୧୯୨୭)–ସଂକଳୟିତା ଶ୍ରୀ ସର୍ବେଶ୍ୱର ତ୍ରିପାଠୀ ।

ଏହି ସଂକଳନର 'ଅବତରଣିକା' ଲେଖିଛନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର । ଏଥିରେ ତିରିଶ ଜଣ ଗୀତିକାରଙ୍କ ଗୀତ ସ୍ଥାନିତ ହୋଇଛି । ତନ୍ମଧ୍ୟରେ ଅଛନ୍ତି–ଗିରୀନ୍ଦ୍ର ମୋହିନୀ ଦାସୀ ଓ ହେମମାଳୀ ଦେବୀ ନାମଧେୟା ଦୁଇଜଣ ନାରୀକବି ଏବଂ ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ, ଦ୍ୱିଜେନ୍ଦ୍ରଲାଲ୍ ପ୍ରମୁଖ ବଙ୍ଗୀୟ କବି ।

(୪) ଦୁନ୍ଦୁଭି (୧୯୨୯)–ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ।

(୫) ସ୍ୱରାଜ ସଙ୍ଗୀତ (୧୯୩୧)–ରଚୟିତା ଶ୍ରୀ ତ୍ରିଲୋଚନ ପ୍ରସାଦ ଦାସ ।

(ଗ) ଉତ୍କଳ ଜାତୀୟ ସଙ୍ଗୀତ (୧୯୩୮)—ସଂକଳୟିତା ଶ୍ରୀ ବ୍ରଜସୁନ୍ଦର ଦାଶ। ଏହି ସଂକଳୟିତା ଗାୟକ ଓ ସଙ୍ଗୀତଜ୍ଞ ବ୍ରଜସୁନ୍ଦର, 'ମୁକୁର' ସମ୍ପାଦକ ଖ୍ୟାତନାମା ବ୍ରଜସୁନ୍ଦର ଦାସଙ୍କଠାରୁ ଭିନ୍ନ ବ୍ୟକ୍ତି ଥିବାର ମନେହୁଏ। ଉକ୍ତ ସଂକଳନରେ ପ୍ରାୟ କୋଡ଼ିଏ ଜଣ ଉତ୍କଳୀୟ କବିଙ୍କ ସହିତ ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ, ଦ୍ୱିଜେନ୍ଦ୍ରଲାଲ୍, ନଜରୁଲ୍ ଇସ୍‌ଲାମ୍ ପ୍ରମୁଖ ଅଣଓଡ଼ିଆ କବି ସ୍ଥାନ ଲାଭ କରିଛନ୍ତି। ଗ୍ରନ୍ଥାରମ୍ଭରେ 'ନିବେଦନ'ରେ ଉଲ୍ଲେଖ କରାଯାଇଛି—"ବର୍ତ୍ତମାନ ଆମ୍ଭମାନଙ୍କ ଦେଶରେ ଯେପରି ଅବସ୍ଥା ଉପସ୍ଥିତ ହୋଇଅଛି ତହିଁରେ ଜାତୀୟ ସଙ୍ଗୀତର ବିଶେଷ ପ୍ରୟୋଜନ, ଏହା କେହି ଅସ୍ୱୀକାର କରିବେ ନାହିଁ। ୟୁରୋପରେ ଯେଉଁମାନେ ସଙ୍ଗୀତ ରଚନା କରି ପରାଧୀନ ଜାତିକୁ ସ୍ୱାଧୀନ କରିଅଛନ୍ତି, ସେମାନଙ୍କର ନାମ ଅଦ୍ୟାବଧି ପ୍ରତି ଗୃହେ ଗୃହେ ଧ୍ୱନିତ ହେଉଅଛି। ଭାରତବର୍ଷ ଏହିପରି କବିମାନଙ୍କର ସଙ୍ଗୀତ ନିମନ୍ତେ ରବିବାବୁ, ଡ଼ି: ଏଲ୍: ରାୟ, କାଜୀ ନଜ୍‌ରୁଲ୍, ବଙ୍କିମବାବୁ ଓ ଏହିପରି ଅନ୍ୟାନ୍ୟ କବିମାନଙ୍କ ନିକଟରେ ଚିର ଋଣୀ। ଓଡ଼ିଶାରେ କବି ରାଧାନାଥ, ଭିକାରୀବାବୁ, ଶ୍ରୀଯୁକ୍ତ କୃଷ୍ଣ ମୋହନ ପଟ୍ଟନାୟକ, ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ଶୂରଦେଓ, ବାବୁ ଘନଶ୍ୟାମ ମହାନ୍ତି, ଗୋଦାବରୀଶ ମିଶ୍ର, ଶ୍ରୀ ଜଗବନ୍ଧୁ ସିଂହ, ଶ୍ରୀ ନୀଳକଣ୍ଠ ଦାସ, ଶ୍ରୀଯୁକ୍ତ ବାଞ୍ଛାନିଧି ମହାନ୍ତି, ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଶ୍ରୀ ବ୍ରଜସୁନ୍ଦର ଦାସ, ସ୍ୱର୍ଗତ ମଧୁବାବୁ (ରାଓ), ଶ୍ରୀ ବୀରକିଶୋର ଦାସ, ଶ୍ରୀ ରଘୁନାଥ ମହାନ୍ତି ଓ ଅନ୍ୟାନ୍ୟ କବିମାନେ ଜାତୀୟ ସଙ୍ଗୀତକୁ ପରିପୁଷ୍ଟ କରିଅଛନ୍ତି। × × × ଏହି ପୁସ୍ତକ ଉକ୍ତିକ ଗୀତରେ ଓ କାର୍ଯ୍ୟରେ ପରିଣତ ହେଉ, ଏତିକି ପ୍ରତ୍ୟେକ ଭାରତ ସନ୍ତାନ ନିକଟରେ ମୋର ପ୍ରାର୍ଥନା।—ଶ୍ରୀ ପୂର୍ଣ୍ଣଚନ୍ଦ୍ର ବୋଷ, ତା ୮/୧୦/୧୯୩୮।"

ଏହା ଅଛି କେତୋଟି ଉଦାହରଣ ମାତ୍ର। ସ୍ୱାଧୀନତା ଆନ୍ଦୋଳନ କାଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ଅନୁରୂପ ଅନୁଷ୍ଠିତ ଉଦ୍ୟମ କରାଯାଇଥିଲା। ଏହି ସବୁ କୃତି ଓ କବିମାନଙ୍କ କୃତିତ୍ୱ ବିଷୟରେ ଆଲୋଚନା ଆମ ସାହିତ୍ୟ-ଇତିହାସରେ ଅତ୍ୟଳ୍ପ। ପୁଙ୍ଖାନୁପୁଙ୍ଖ ଓ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲେ, ରାଷ୍ଟ୍ରୀୟ ମୁକ୍ତି-ସଂଗ୍ରାମର ଇତିହାସରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିରୂପିତ ହୋଇପାରିବ।

ଏହି ପରିପ୍ରେକ୍ଷୀରେ ସ୍ମରଣକବି ବାଞ୍ଛାନିଧିଙ୍କ କୃତି ଓ କୃତିତ୍ୱର ବିଚାର କରାଯାଇ ପାରେ। ତରୁଣ ଅବସ୍ଥାରୁ ତାଙ୍କଠାରେ ସଙ୍ଗୀତ-ପ୍ରୀତି ପ୍ରକଟିତ ହୋଇଥିଲା। ଭଦ୍ରକ ହାଇସ୍କୁଲରେ ପଢ଼ିଲାବେଳେ ନିଜ ଅଭିଭାବକଙ୍କୁ ଲୁଚାଇ ସେ ପରବର୍ତ୍ତୀ କାଳର ପ୍ରସିଦ୍ଧ କଥାକାର ବୈଷ୍ଣବ ଚରଣ ଦାସଙ୍କ ସହ ସଙ୍ଗୀତ ସାଧନା କରୁଥିଲେ। ପରେ କଟକ ରେଭେନ୍‌ସା କଲେଜରେ ଅଧ୍ୟୟନ କଲାବେଳେ କବି କୃଷ୍ଣ ପ୍ରସାଦ ବସୁ ଓ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସାନ୍ନିଧ ଲାଭ କରି ପୂର୍ବବତ୍ ସଙ୍ଗୀତ-ଚର୍ଚ୍ଚା ଓ ନାଟ୍ୟକର୍ମରେ ନିମଜ୍ଜିତ ରହୁଥିଲେ। କର୍ମ ଜୀବନରେ ସଙ୍ଗୀତ ଓ ନାଟ୍ୟାଭିନୟ ପ୍ରତି ତାଙ୍କର ସେହି ଆସକ୍ତି ଓ ଅନୁରାଗ ଅକ୍ଷୁଣ୍ଣ ରହିଥିଲା। ଅବିଭକ୍ତ ବାଲେଶ୍ୱର ଜିଲ୍ଲାର 'ରାଧାମାଧବ ଥିଏଟର୍ ପାର୍ଟି' (ଭଦ୍ରକ), 'ନ୍ୟୁ ଓଡ଼ିଶା ଥିଏଟର୍' (ମେଦିନୀପୁର) ପ୍ରଭୃତି ପ୍ରତିଷ୍ଠାନ ସହ ସମ୍ପୃକ୍ତି ତାଙ୍କର ନାଟ୍ୟ-ସଙ୍ଗୀତ-ପ୍ରୀତିକୁ ବରାବର ଉଦ୍‌ଦୀପିତ କରି ରଖିଥିଲା। ତେଣୁ ବୋଲିବାକୁ ହେବ ଯେ — ବାଞ୍ଛାନିଧି ପ୍ରଥମେ ସଙ୍ଗୀତଜ୍ଞ, ତତ୍ପରେ କବି। ନିଜର ଏକଷଠିଶ ବର୍ଷର ଜୀବନ-କାଳ ମଧ୍ୟରେ ସେ ସ୍ୱଳ୍ପ ସମୟ ପାଇଁ ଭଦ୍ରକ ହାଇସ୍କୁଲ ଏବଂ ଭଦ୍ରକସ୍ଥ ସର୍ଭେ ଟ୍ରେନିଂ ସ୍କୁଲରେ ଶିକ୍ଷକତା କରିଥିଲେ। ୧୯୨୧ ମସିହାରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲା ପରେ ସେ ଆଉ କୌଣସି ନିର୍ଦ୍ଦିଷ୍ଟ କର୍ମନିଯୁକ୍ତି ଗ୍ରହଣ ନକରି ଦେଶ ଓ ଦଶର ସେବାରେ ନିଜକୁ ଉତ୍ସର୍ଗ କଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସେ ଆମ ରାଜ୍ୟରେ ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ, ଗୋପବନ୍ଧୁ ଚୌଧୁରୀ — ହରେକୃଷ୍ଣ ମହତାବ ପ୍ରମୁଖଙ୍କ ସଙ୍ଗରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ। ବିଦେଶୀ ବସ୍ତ୍ର ବର୍ଜ୍ଜନ, ଲବଣ ସତ୍ୟାଗ୍ରହ ତଥା ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ବିଭିନ୍ନ ଗଠନାତ୍ମକ କାର୍ଯ୍ୟକ୍ରମରେ ଆପଣାର ସମସ୍ତ ଶକ୍ତି ଓ ସମୟ ନିୟୋଜିତ କଲେ। ସକଳ କ୍ଷେତ୍ର ଓ ପରିସ୍ଥିତିରେ କିନ୍ତୁ ତାଙ୍କର ସଙ୍ଗୀତ ରଚନା, ବିଭିନ୍ନ ସଭା-ସମିତିରେ ସେଗୁଡ଼ିକର ଗାନ ବା ଆବୃତ୍ତି, ତଥା ନାନା ପ୍ରକାର ନାଟ୍ୟକର୍ମ ବଜାୟ ରହିଥିଲା।

ବାଞ୍ଛାନିଧିଙ୍କ ସଙ୍ଗୀତ-ସଙ୍କଳନ 'ଉତ୍କଳ ବୀଣା'ର ପ୍ରଥମ ଝଙ୍କାର ଚବିଶ ଗୋଟି ସଙ୍ଗୀତ ନେଇ ୧୯୨୮ ମସିହାରେ ଏବଂ ଦ୍ୱିତୀୟ ଝଙ୍କାର ଅଠତିରିଶ ଗୋଟି ସଙ୍ଗୀତ ନେଇ ୧୯୩୧ ମସିହାରେ ପ୍ରକାଶ ପାଇଥିଲା। ଏହି ବାଷଠି ଗୋଟି ଗୀତି-କବିତା ସ୍ୱଦେଶ-ପ୍ରେମାତ୍ମକ ଓ ଜାତୀୟତାବାଦୀ ସଙ୍ଗୀତ। ଏହା ସହିତ ତାଙ୍କର ପ୍ରାୟ ଛୟାଅଶୀ ଗୋଟି ଅପ୍ରକାଶିତ ସଙ୍ଗୀତ ମିଶାଇ 'ଓଡ଼ିଶା ସାହିତ୍ୟ ଏକାଡେମୀ' ୧୯୬୩ ମସିହାରେ 'ବାଞ୍ଛାନିଧି ପଦ୍ୟାବଳୀ' ଗ୍ରନ୍ଥଟି ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ମଧ୍ୟ ବାଞ୍ଛାନିଧିଙ୍କର ଆଉ କେତେକ ଅପ୍ରକାଶିତ ରଚନା ରହିଥିବାର ଜଣାପଡ଼େ। ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ସଂଗ୍ରହରେ ସେହି ଅପ୍ରକାଶିତ କିଛି ସଙ୍ଗୀତ, ଖଣ୍ଡିଏ ନାଟ୍ୟକୃତି ଓ ଗୋଟିଏ ପ୍ରବନ୍ଧ ରହିଛି। ଏହା ସବୁ ଅବିଳମ୍ବେ ପ୍ରକାଶ ପାଇବା ଲୋଡ଼ା ପଡୁଛି।

ଯେତେବେଳେ ଦେଶ ସମକ୍ଷରେ ଦୁଇଟି ମୁଖ୍ୟ ସମସ୍ୟା ସମୃଦ୍ଧିର ପ୍ରତିବନ୍ଧକ ରୂପେ ଠିଆ ହୋଇଥିବାର ସ୍ମରଣକବି ହୃଦୟଙ୍ଗମ କରିଥିଲେ। ଗୋଟିଏ ସମସ୍ୟା ହେଲା—ବିଦେଶୀ ଶାସନ କବଳରୁ ମୁକ୍ତିଲାଭ ଏବଂ ଅନ୍ୟଟି—ଛିନ୍ନବିଛିନ୍ନ ଓ ସ୍ୱାତନ୍ତ୍ର୍ୟହୀନ ହୋଇ ପଡ଼ିରହିଥିବା ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ। ଏହି ଉଭୟ ସମସ୍ୟା ତାଙ୍କର ସଙ୍ଗୀତାବଳୀରେ ଚମତ୍କାର ରୂପାୟନ ଲାଭ କରିଛି। ସ୍ୱାଧୀନତା ଲାଭର ଉଦଗ୍ର କାମନା ତାଙ୍କର ବିଭିନ୍ନ ଗୀତି-କବିତାରେ ସୁପରିସ୍ଫୁଟ। ଉଦାହରଣ ସ୍ୱରୂପ—

ସଂସାର ସାରାର ଜନ୍ମ ଅଧିକାର
ସବୁରି ସମ୍ପତ୍ତି ସ୍ୱାଧୀନତା, ଭାଇ।
ଚିର ପରାଧୀନ ନୁହଁଇ କେହି ତ
କାହା ଭାଗ୍ୟେ ଧାତା ଏହା ଲେଖି ନାହିଁ॥

ହେବାକୁ ସ୍ୱାଧୀନ ପଶୁପକ୍ଷୀ ନରେ
ଗଛୁରି ପରାଣେ ଆଶା ତ ସଞ୍ଚରେ
ପିଞ୍ଜରାରେ ଶୁଆ ଅବା ସିଂହ ଛୁଆ
କି ବେଦନା ଭୋଗେ ସେ ସିନା ଜାଣଇ ॥
ମାନବ ତ ସବୁ ପରାଣିର ସାର
ସ୍ୱାଧୀନତା ଦାବୀ ଅଧିକ ତାହାର
ମାନବ ଜଗତେ ଯେ ଜାତି ଆଲୋକ
ସେ କି ରହିଥିବ ପରକୁ ଅନାଇ ॥
ପରାଧୀନ ବୋଲି ଭାରତ ସନ୍ତାନ
ହୋଇଥିବୁ କି ହେ ଚିର ଉଦାସୀନ !
ଆମ୍ଭେ ପରା ଅଛୁଁ ତେତିଶ କୋଟି ହେ
ତେବେ କିମ୍ପା ଚିନ୍ତା ଭାବନା କାʼ ପାଇଁ ॥

ସେହିପରି ଅନ୍ୟଟି–

(ଗୀଅ) ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନ ରେ ।
(ଗାଅ) ସାଗର ଭୂଧର ଅମ୍ବର ଭୂଷିତ
ଭାଲ ହିମାଚଳ ଗିରିବର କମ୍ପିତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନ ରେ ॥
xx xxx xxx

ପାବନୀ ଗଙ୍ଗା ଯମୁନା ସଙ୍ଗେ
ସିନ୍ଧୁ ମହାନଦୀ କାବେରୀ ରଙ୍ଗେ
ପ୍ଲାବିତ ଭୁବନ ସୁରଧୁନୀ ଶୋଭନ
ସୂଚିତ ସ୍ୱାଧୀନ ରେ ॥
ବଙ୍ଗୋପସାଗର ଉତ୍କଳ ଦେଶେ
ନର୍ତ୍ତନ କୀର୍ତ୍ତନ ଉନ୍ନତ ବେଶେ
ଅଙ୍ଗେ ରଙ୍ଗେ ତରଙ୍ଗ ଭଙ୍ଗେ
ସୂଚିତ ସ୍ୱାଧୀନରେ ॥

ସ୍ୱାଧୀନତା ଲାଭ ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅହିଂସା, ସତ୍ୟାଗ୍ରହ ଓ ଅସହଯୋଗ ବଳରେ ସଂଗ୍ରାମ ଚଳାଇବାକୁ ବାଞ୍ଛାନିଧି ଆହ୍ୱାନ ଦେଇଛନ୍ତି–

ଗାନ୍ଧୀ ଗାନ୍ଧୀ ଜୟ ଗାଅ ଜୟ ଜୟ ବୋଲି
ବଦନ ଭରି ଗାଅ ଗାଅ ହେ ॥
xx xx xx
ଘୋଟିଛି ଅଶାନ୍ତି ନିଆଁ ଦେଖୁନା ସାରା ଦୁନିଆଁ
ତୋʼର ପ୍ରତିକାର ସିନା ଏକା ମହାତ୍ମା ଆଶ୍ରୟ ହେ ॥
ଦାନବ ଲୁତ ମଝିରେ ଭାରତ ମାତା ବନ୍ଦୀରେ
ମୋʼକୁ ମୁକୁଳାଇବୁ ତୁ ଯଦି କର ନାହିଁ ଭୟ ହେ ॥
ମନୁଷ୍ୟ ନିଜେ ତ ହୋଇ ମନୁଷ୍ୟେ ନ ଡର ଭାଇ
ଜଗତେ ନ ଡର ଆନେ ଏକା ଜଗନ୍ନାଥ ହେ ॥
xx xx . xx

ଅରଟ ଅସ୍ତ୍ର ବଳେ ସ୍ୱରାଜ୍ୟ ଲଭିବା ହେଳେ
(ସେ ତ) ସୁଦର୍ଶନ ଚକ୍ର କରିଦେବ ପାପ କ୍ଷୟ ହେ ॥
ଭାରତ ମାତା ଉଦ୍ଧାର ସ୍ୱରାଜ୍ୟ ପ୍ରାପତି ସାର
ଜଗତ କରତା ଜଗନ୍ନାଥେ କର ଲୟ ହେ ॥

ବିଦେଶୀ ବର୍ଜନ ଓ ସ୍ୱାବଲମ୍ବନଶୀଳତା ଥିଲା ସେହି ଅସହଯୋଗର ବଳିଷ୍ଠ ଦିଗ–

ତେଜ ତେଜ ଭାଇ ବିଦେଶୀ ବସନରେ
ବିଦେଶୀ ବସନରେ ବିଲାତି ଫେସନରେ ॥
ପିନ୍ଧି ପରଦେଶୀ ସାଜ ନ ମାଡ଼େ କି ତିଳେ ଲାଜ !
ପର ଘର ଲୁଗାରେ କି ଥାଏ ଭାଇ ସମ୍ମାନ ରେ ॥
ବିଦେଶୀ ବେପାରୀ ପୋଷି ସ୍ୱଦେଶ ଦେଉଛ ନାଶି
ଗାଆଁ–ତନ୍ତୀ ମଲେ ହୋଇ ଅକାରଣ ହଇରାଣ ରେ ॥
ହେଜୁ ନାହୁଁ କି ଉପାୟେ ଘରୁ ଧନ ବହିଯାଏ
କିଏ କରୁଛି ରକତ ଗୁପତରେ ଶୋଷଣ ରେ ॥

ସେହିପରି ଅନ୍ୟ ଏକ ଗୀତିକବିତାରେ+

କାହିଁକି ରହିଛ ଭାଇ ଅଳସେ ବସି ହୋ
ପର ନେଇଗଲା ଧନ ସଭିଙ୍କୁ ଲଷି ହୋ ॥
xx xx xx
(ଏବେ) ଘର ବେଉସା ଛାଡ଼ି ଦେଇ
ସହରେ ଗଲେ ପଳାଇ ।
ଦେଶର ଜୀବିକା ବୁଡ଼ିଲା
ଏପରି କଳ ମୋଡ଼ିଲା ।
ପ୍ରମାଦ ଆସି ବଢ଼ିଲା
ଗାଁ ଯେ ଖାଲି ପଡ଼ିଲା ।
ମୂଲ ମଜୁରି ବଢ଼ିଲା
ନ ଖାଇ ବଂଶ ବୁଡ଼ିଲା ।
(ଏବେ) ଲକ୍ଷ୍ମୀ ଠାକୁରାଣୀ ଗୁଲି ଗଲେଣି ରୁଷି ହୋ ॥
ଦେଇ କପଡ଼ା ବିଲାତି
ନିଏ ଜାହାଜ ଭରତି
ଧାନ ଚାଉଳ ଗହମ
ଖାଇବା ସରଞ୍ଜାମ
ଆମେ ମରିଲେ ଭୋକରେ
ଦିନକୁ ଦିନ ଦୁଃଖରେ ।
ଜିନିଷ ଦର ବଢ଼ିଲା
ଏହା କେହି ନ ବୁଝିଲା ।
ଜାଣି ତ ପାରିଲେ ଗାନ୍ଧୀ ହିସାବ କଷି ହୋ ॥
ଗାନ୍ଧୀବାଲା ବାତସାର
କଲେ ଅରଟ ପ୍ରଚାର
ଛାଡ଼ିଦିଅ ଅଦାଲତ
କର ଗ୍ରାମେ ପଞ୍ଚାୟତ ।
ମଦ ଅଫିମ ଗଞ୍ଜେଇ
ନିଶା କିଛି ଖାଅ ନାହିଁ ।

ହିନ୍ଦୁ ମୁସଲମାନ ଭାଇ
    ଅହିଂସା ଧରମେ ରହି ।
ନିଜ ଘର ନିଜେ କର
    କାହିଁକି ପୋଷୁଛ ପର ।
ନ ମାନି ସେ କଥା, ତାଙ୍କୁ ଦେଉଛ ହସି ହା ॥

ସ୍ୱରାଜ ସକାଶେ ଅହିଂସ ସଂଗ୍ରାମରେ ଜାତିକୁ କିଛି ତ୍ୟାଗ କରିବାକୁ ହେବ–ସ୍ୱାର୍ଥବଳି ଦେବାକୁ ପଡ଼ିବ । କେବଳ ବିଦେଶୀ ଶାସକଙ୍କର ନାନା କମିଟି–କମିଶନ୍ ଆଗରେ ଆପତ୍ତି ଅଭିଯୋଗ କଲେ ସୁଫଳ ମିଳିବ ନାହିଁ । ଏ କଥା ସ୍ୱରାଣ କବି ଭଲ ଭାବରେ ବୁଝିଥିଲେ ଏବଂ ସେଥିପାଇଁ ଗାଇଥିଲେ–

ଆଜି କାଲି କମିଶନ୍ ଫମିସନ୍
କେତେ ଯେ କମିଟି ମାନ
    ନିତି ନିତି ବସି ଯାଉଛି
ସତେ କି ସେ ସୁରବର
    ଏଥର ଅମର ବର
    ଯାଚି ଦେବେ ଜଣା ଯାଉଛି ।
ବରତ ମିଳିଛି ଯାହା
    ମନ ତ ଜାଣିଛି ତାହା
ଭଣ୍ଡାମିରେ ମନ ଆଉ ସତେ ଭୁଲୁଛି ॥
ଏ ଦେଶରେ କେତେ ଥର
    ବସିଛି ନାନା ପ୍ରକାର
କମିଟି ସବ୍‌କମିଟି ମନେ କି ଅଛି
    କାମରେ ଶବ କମିଟି
ଫଳ ଭଲେ ଯାହା ତାହା ଜଣାଯାଇଛି ॥

ସେହିପରି ଅନ୍ୟତ୍ର–
କହ କହ କେଉଁ ଜାତି ପାଇଛି ମୁକତି
    କରି ହୁରି ହାରି ଗୁହାରି
କହ ପାଇଛି କେ ସୁଖ ଲିଭାଇଛି ଦୁଃଖ
    ମାଗି ମାଗି ପଥ ଭିକାରୀ ॥
ଯେବେ ବାଘ ମୁହେଁ ପଡ଼େ ଶିକାର
    ମିନତିରେ ପାଏ କି ସେ ଉଦ୍ଧାର !
ଛାଡ଼ି କି ଦିଏ କେବେ ଧୀବର ଜାଲରୁ
    ନ ଗଲେ ମୀନ ଆପେ ବାହାରି ॥
ଦେଖ ଆଇରିସ୍, ଋଇନା, ଜାପାନ,
    ଆମେରିକା, ଆଫଗାନ୍ ପଠାନ
ପରାଣ ପାତି ହେଲେ ମୁକତି
    ଜୀବନ–ମରଣ ନ ବିଶୁରି ॥

ନିଜ ପ୍ରଦେଶର ସେତେବେଳେ ଯେଉଁ ଅଙ୍ଗହାନି ଘଟିଥିଲା, ଯଥା ଓଡ଼ିଶା ପ୍ରଥମେ ବଙ୍ଗ–ବିହାର, ପରେ କେବଳ ବିହାର ସହ ଯୋଗି ମିଶି ରହିଥିଲା, ତହିଁରେ ବାଞ୍ଛାନିଧି ପ୍ରାଣରେ ବଡ଼ ପୀଡ଼ା ପାଇଛନ୍ତି । ପଣ୍ଡିତ ଗୋଦାବରୀଶଙ୍କ ସହ ସେ ଓଡ଼ିଶାର କେତେକ ବିଛିନ୍ନାଞ୍ଚଳ ଗସ୍ତ କରି ସେଠାରେ ଦେଶ ମିଶ୍ରଣ ଓ ସ୍ୱାଧୀନତାର ବାର୍ତ୍ତା ପ୍ରଚ୍ଚର କରିଛନ୍ତି । ତାଙ୍କ ଲେଖନୀରୁ ଝରି ପଡ଼ିଛି–

କି ହେବ ଏ ମୁଣ୍ଡକଟା ଦେଶକୁ ଘେନି
ମୁଣ୍ଡକଟା ଗୋଡ଼ କଟା ପଙ୍ଗୁକୁ ଘେନି !
ମୋ ଜନନୀ କି ସୁନ୍ଦର        ସିଂହଭୂମି ତା'ର ଶିର
    ମେଦିନୀପୁର ମଞ୍ଜୁଷା ପସର ବେନି ॥
ଟିକାଲୀ ତା ଅଙ୍ଗ ଟୀକା        ସପର ସ୍ୱରୁ ଛିଟିକା
    ଫୁଲଝର ଫୁଲଝରା ସୁଷମା ବେଣୀ ॥
ମୋ ଜାତି କେଡ଼େ ମହତ        ହୋଇଛି ବେଦନା ହତ
    ତିନି ଦେଶେ ବହୁ ଜଳଧାରା ତ୍ରିବେଣୀ ॥

ନିଜ ପ୍ରଦେଶର ଦୁଃସ୍ଥିତି ଓ ଦୁରବସ୍ଥା କଥା ଭାଳି ହୋଇଥିଲେ ହେଁ, ସ୍ୱରାଣକବି ଭାରତ ମାତାର ମୁକ୍ତି ସାଧନକୁ ଜପାମାଳି କରିଥିବାର ଦେଖାଯାଏ । ବସ୍ତୁତଃ ତାଙ୍କର ଜାତୀୟତାବାଦ ଆଦୌ ସଂକୀର୍ଣ୍ଣ ଓ ସୀମାବଦ୍ଧ ନଥିଲା । କବି ରବୀନ୍ଦ୍ରନାଥ, ପଣ୍ଡିତ ଗୋପବନ୍ଧୁ ଓ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଭଳି ସେ ନିଜ ଜନ୍ମ ମାଟିର କଥା କହିଥିଲେ ହେଁ, ତାଙ୍କର ଅନ୍ତରାପାରେ ମହାଭାରତୀୟ ଭାବ ବରାବର ଜାଗରୁକ ଥିଲା । ସେଥିପାଇଁ ଏକ ଦିଗରେ "ହେ ମା' ଉତ୍କଳ ଜୟ ମା' ବନ୍ଦେ, ବନ୍ଦେ ଜନନୀ ଗୋ ପଦାରବିନ୍ଦେ" ମନ୍ତ୍ରୋଚ୍ଚାରଣରେ ଉତ୍କଳ–ବନ୍ଦନା କରିଥିଲା ବେଳେ, ଅନ୍ୟ ଦିଗରେ ସେ ଏହିପରି ଭାରତର ଜୟଗାନ କରିଛନ୍ତି–

ଜୟ ଜୟ ହିନ୍ଦୁ ମୁସଲମାନ
ଶିଖ ପାର୍ସି ଜୈନ ବୌଦ୍ଧ ଇହୁଦୀ ଖ୍ରୀଷ୍ଟିୟାନ ।
ନକରି କାହାରି ଭୟ        ଗାଅ ଜନ୍ମଭୂମିର ଜୟ
ସ୍ୱାଧୀନତା ବୈଜୟନ୍ତୀ ଉଡ଼ାଅ ଅବନୀମୟ ।
ଗର୍ଜି ଉଠୁ ସିଂହନାଦେ ସୁପ୍ତ ହିନ୍ଦୁସ୍ଥାନ ॥
ଭାରତ ଗଗନ ଭାରତ ପବନ
ଭାରତର ମାଟି ଭାରତର ଜଳ ଅମୂଲ୍ୟ ଧନ
ଗାଅ ଭାଇମାନେ ଐକ୍ୟ ମନେ ଭାରତର ଜୟଗାନ ॥
ଭାରତ ଗଗନେ ନବୀନ ସୂର୍ଯ୍ୟ ଉଇଁଲାଣି ଆଜି
ଭାରତ ଶେଷେ ସଭିଏଁ ମୁକ୍ତ ସଭିଏଁ ଶକ୍ତିମାନ ॥

ଅନ୍ୟ ଏକ ଗୀତି କବିତାରେ ଭାରତ ମାତାଙ୍କ ଶୃଙ୍ଖଳ ମୁକ୍ତିର କାମନା ଆହୁରି ସ୍ପଷ୍ଟ ଓ ପ୍ରଭାବଶାଳୀ–

ଧନ ଜନ ଯୁକ୍ତା ଭାରତ ମାତା
    ନମୋ ନମୋ ଜନନୀ ଶ୍ରୀଚରଣେ
ସନ୍ତାନ ବନ୍ଦେ ପ୍ରେମାନନ୍ଦେ
    ଯାଚି ଚିତ୍ତ କରୁଣା ମା' ଶରଣେ ॥
ବନ୍ଧନେ ଅନ୍ତର କାତର ଅତି
ମୁକତି କାମେ ଆମେ ଦେଇଛୁ ମତି
    ଶୁହଁ ସନ୍ତାନ ସନ୍ତତି ସଙ୍ଗାରଣେ ॥

ସଙ୍ଗୀତେ ଭଙ୍ଗିତେ ବିଷାଦ ଛାୟା
ଯାଉ ଗୋ ଦୂରେ ଛାଡ଼ ପରାଣ–ମାୟା।
ପ୍ଲାବିତେ ଚିତ୍ତେ, ସମରେ ପଶି
ତବ ମନ୍ତ୍ରରେ ହିଂସା ଦ୍ୱନ୍ଦ୍ୱ ବିନାଶି।
ଭେଦି ତୁଙ୍ଗ ଗିରି, ସିନ୍ଧୁ ସନ୍ତରଣେ
ନମୋ ନମୋ ଜନନୀ ଶ୍ରୀଚରଣେ ॥

ନାରୀ ଜାଗରଣ, ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ, ଜାତିଭେଦ ଦୂରୀକରଣ ଆଦି ବିଭିନ୍ନ ସାମାଜିକ ସମସ୍ୟା ନେଇ ବାଞ୍ଛାନିଧି ମଧ୍ୟ କେତେକ ଗୀତି କବିତା ରଚନା କରିଛନ୍ତି। କିନ୍ତୁ ମୁକ୍ତି–ସଂଗ୍ରାମ ବିଷୟକ ତାଙ୍କର ଗୀତି କବିତାର ସଂଖ୍ୟା ସର୍ବାଧିକ। ଏହି ସବୁ କବିତାର ଅନ୍ତଃସ୍ୱର ହେଉଛି ସ୍ୱଦେଶ ପ୍ରେମ ଓ ଜାତୀୟତାବାଦ, ପ୍ରାକ୍ ସ୍ୱାଧୀନତା କାଳରେ ଜନସାଧାରଣଙ୍କ ହିତାରେ ଯାହାର ଉଦ୍‌ବୋଧନ କରିବା ଅତ୍ୟନ୍ତ ଆବଶ୍ୟକ ଥିଲା। ଗୀତି କବିତାଗୁଡ଼ିକୁ ସାଙ୍ଗୀତିକତା ପ୍ରଦାନରେ ସେତେବେଳେ ବାଞ୍ଛାନିଧିଙ୍କର ପ୍ରଧାନ ସହାୟକ ଥିଲେ – କଟକ ଆର୍ଟ ଥିଏଟର୍–ଖ୍ୟାତ ସଙ୍ଗୀତଜ୍ଞ ଗୌରାଙ୍ଗଚନ୍ଦ୍ର ଦାସ 'ଜଗଦଳ... (୧୯୦୭–୮୨)। ଏଗୁଡ଼ିକୁ ସ୍ୱରତାଳ ସହ ବିଭିନ୍ନ ବାଦ୍ୟ... ସହଯୋଗରେ ସ୍ୱରଣକରି, ସଭା–ସମିତି–ସମ୍ମିଳନମାନଙ୍କ... ତଥା ନାଟ୍ୟାଭିନୟରେ ଉଦାତ୍ତ କଣ୍ଠରେ ଗାନ କରୁଥିଲେ... ସାଧାରଣ ଜନତା ଉପରେ ତାହାର ଯାଦୁକରୀ ପ୍ରଭାବ ପଡ଼ୁ... ହେଉଥିଲା। ପଣ୍ଡିତ ଗୋପବନ୍ଧୁ, ଡକ୍ଟର ମହତାବ, କବି... କାଳୀଚରଣ ପ୍ରମୁଖ ନିଜ ନିଜର ଭିନ୍ନ ଭିନ୍ନ ଲେଖାରେ ବାଞ୍ଛାନିଧିଙ୍କ ଏହି କୃତି ଓ କୃତିତ୍ୱର ସପ୍ରଶଂସ ଉଲ୍ଲେଖ କରି ଯାଇଛନ୍ତି।

**ସହାୟକ ଗ୍ରନ୍ଥାବଳୀ–**


(୧) ବାଞ୍ଛାନିଧି ପଦାବଳୀ–ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର (୧୯୬୩)।

(୨) ଜାତୀୟ କବି ବାଞ୍ଛାନିଧି–ଡକ୍ଟର ମନୀନ୍ଦ୍ର ମହାନ୍ତି, ପ୍ରକାଶକ : ଜେଏସ୍ ପ୍ରକା... ଭଗମ, ବାଲେଶ୍ୱର (୧୯୭୨)।



ଇ–୧, ଉତ୍କଳ ଆପାର୍ଟମେଣ୍ଟସ୍,
କଲ୍ୟାଣୀ ନଗର, କଟକ–୭୫୩୦୧୩




ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସଚିବାଳୟ ସମ୍ମିଳନୀ ଗୃହରେ ରାଜ୍ୟ ବନ୍ୟା ନିୟନ୍ତ୍ରଣ ପରିଷଦର ୨୯ତମ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି (୩/୮/୧୯୯୬)।

# ଆମ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି

**ପଣ୍ଡିତ ନୀଳମଣି ମିଶ୍ର**

ସୂର୍ଯ୍ୟବଂଶର ଶେଷ ଗଜପତି ପ୍ରତାପରୁଦ୍ରଙ୍କ ମୃତ୍ୟୁ ପରେ, ଦେଶଦ୍ରୋହୀଙ୍କ ଷଡ଼ଯନ୍ତ୍ର ଫଳରେ ଉତ୍କଳର ସ୍ୱାଧୀନତା ବିପନ୍ନ ହୋଇ ପଡ଼ିଥିଲା । ପ୍ରତାପରୁଦ୍ରଙ୍କ ଶାସନର ଅନ୍ୟତମ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ରାଜସିଂହାସନ ଲୋଭରେ ବିଦ୍ରୋହୀ ହୋଇ ଉଠିଲେ । ସେ ପ୍ରତାପରୁଦ୍ର ଦେବଙ୍କ ପୁତ୍ରମାନଙ୍କୁ ଗୋଟିକ ପରେ ଗୋଟିଏ ସଂହାର କରି ଶାସନଭାର ଗ୍ରହଣ କଲେ କିନ୍ତୁ କ୍ଷମତାରେ ବେଶିଦିନ ଟିକି ପାରିଲେ ନାହିଁ । ତାଙ୍କଠାରୁ ମୁକୁନ୍ଦ ଦେବ ବଳପୂର୍ବକ ସିଂହାସନ ଅଧିକାର କରି, ଜଗନ୍ନାଥଙ୍କ ସେବାରେ ଆସନିଯୋଗ କରିବା ସମୟରେ ପୁଣି ଦେଶଦ୍ରୋହୀଙ୍କ କାରସାଦି ଆରମ୍ଭ ହୋଇଗଲା । ମୁକୁନ୍ଦ ଦେବଙ୍କ ବିରୁଦ୍ଧରେ ଶିଖି ମହାନ୍ତି ଓ ମନାଇ ମହାନ୍ତି ଭୀଷଣ ଷଡ଼ଯନ୍ତ୍ର କରି, ବଙ୍ଗ ସୁବେଦାର ସୁଲେମାନ୍ କରାଣିଙ୍କୁ ଗୁପ୍ତ ପଥରେ ଓଡ଼ିଶା ଆକ୍ରମଣ ପାଇଁ ସାହାଯ୍ୟ କଲେ । ତା'ଫଳରେ କଳାପାହାଡ଼ ଦ୍ୱାରା ବାରବାଟୀ ଦୁର୍ଗ ଅଧିକୃତ ହେଲା ଏବଂ ଯାଜପୁର ନିକଟବର୍ତ୍ତୀ ଗୋହିରାଟିକିରୀଠାରେ ଗଜପତି ମୁକୁନ୍ଦଦେବ ସ୍ୱଦେଶର ସୁରକ୍ଷା ପାଇଁ ପ୍ରାଣବଳି ଦେଲେ । ବାରବାଟୀ ଦୁର୍ଗର ପତନ ଓ ମୁକୁନ୍ଦ ଦେବଙ୍କ ମୃତ୍ୟୁପରେ, ଓଡ଼ିଶାର ସ୍ୱାଧୀନତା ସାଙ୍ଘାତିକ ଭାବରେ ବିପନ୍ନ ହେଲା । ମୁକୁନ୍ଦ ଦେବଙ୍କ ରାଣୀ ପ୍ରଚୁର ପରିମାଣରେ ଉତ୍କୋଚ ଦେଇ, ବୋଧହୁଏ ନିଜର ଜୀବନ ଓ ସମ୍ମାନ ରକ୍ଷା କରିଥିଲେ । ସେଇଥିପାଇଁ ଓଡ଼ିଆରେ ଗୋଟିଏ ପ୍ରବଚନ ରହିଛି–

"ପଶିଲା କଳାପାହାଡ଼ ।
ଭାଙ୍ଗିଲା ଲୁହାର ବାଡ଼ ॥
ପିଇଲା ମହାନଦୀ ପାଣି ।
ସୁବର୍ଣ୍ଣଥାଳୀରେ ହୀରା ପରଶିଲେ
ମୁକୁନ୍ଦ ଦେବଙ୍କ ରାଣୀ" ॥

ମୁକୁନ୍ଦ ଦେବଙ୍କ ମୃତ୍ୟୁ ପରେ ଓଡ଼ିଶାର ସୀମା ସଙ୍କୁଚିତ ହୋଇଗଲା । ମହାନଦୀଠାରୁ ଋଷିକୁଲ୍ୟାର ମଧ୍ୟବର୍ତ୍ତୀ ଅଞ୍ଚଳକୁ ନେଇ ଭୋଇବଂଶର ପ୍ରଥମ ରାଜା ଗଜପତି ରାମଚନ୍ଦ୍ର ଦେବ (୧) ମଧ୍ୟ ବୈଦେଶିକ ଆକ୍ରମଣକାରୀଙ୍କ କବଳରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁରକ୍ଷା ପାଇଁ ପ୍ରାଣମୂଳ୍ପା ସଂଗ୍ରାମ କରି 'ଅଭିନବ ଇନ୍ଦ୍ରଦ୍ୟୁମ୍ନ' ଉପାଧିରେ ଭୂଷିତ ହେଲେ ସିନା, ମାତ୍ର ମୋଗଲ ବାଦଶାହଙ୍କ ପ୍ରଧାନ ସେନାପତି ରାଜା ମାନସିଂହଙ୍କ ଦ୍ୱାରା ଓଡ଼ିଶାର ସ୍ୱାଧୀନତା ପୁଣି ବିପନ୍ନ ହେଲା ।

ଖ୍ରୀ:ଅ: ୧୭୩୬ରେ ଖୋର୍ଦ୍ଧା ରାଜା ବୀରକେଶରୀ ଦେବ ମୋଗଲମାନଙ୍କ କବଳରୁ ସ୍ୱଦେଶକୁ ସ୍ୱାଧୀନ କରିବା ପାଇଁ ମରହଟ୍ଟାମାନଙ୍କ ସାହାଯ୍ୟରେ ସଫଳ ହେଲେ ମଧ୍ୟ ସ୍ୱାଧୀନତାକୁ ଜାହିର୍ କରି ପାରିଲେ ନାହିଁ । ସମଗ୍ର ଦେଶରେ 'ମୋଗଲଗୋଳ' ପରେ 'ବର୍ଗୀଶାସନ'ର ବିଭୀଷିକା ଜନସମାଜକୁ ଉଦ୍ବେଗ କରିଦେଲା । ଯଦିଓ ମରହଟ୍ଟାମାନଙ୍କ ସମୟରେ ଓଡ଼ିଶାର ଦେବ ଦେଉଳ ସୁରକ୍ଷିତ ହୋଇ ରହିଥିଲା, କିନ୍ତୁ ଲୁଣ୍ଠନ, ଧର୍ଷଣ ତଥା ଅତ୍ୟାଚାରରେ ପୀଡ଼ିତ ଜନତା ଅତିଷ୍ଠ ହୋଇ ପଡ଼ିଲେ । ସେଇଥି ପାଇଁ ଖ୍ରୀ:ଅ: ୧୮୦୩ରେ ଇଂରେଜମାନେ ସହଜରେ ଓଡ଼ିଶାକୁ କରାୟତ୍ତ କରିନେଲେ ।

ଅବଶ୍ୟ ତା'ପୂର୍ବରୁ ବାଲେଶ୍ୱର ପର୍ଯ୍ୟନ୍ତ ଫରାସୀ ଓ ପର୍ତ୍ତୁଗୀଜମାନେ ଦଖଲ କରି ନେଇଥିଲେ । ବଙ୍ଗର ଶାସକ ସିରାଜଦୌଲାଙ୍କ ପତନ ପରେ, ଇଂରେଜମାନେ ନିଜ ଶକ୍ତିକୁ ସୁଦୃଢ଼ କରି, ଫରାସୀ ଓ ପର୍ତ୍ତୁଗୀଜଙ୍କ କବଳରୁ ଓଡ଼ିଶାର ଉତ୍ତରାଞ୍ଚଳକୁ ଦଖଲ କରିବା ସହିତ କୂଟନୀତିର ପ୍ରୟୋଗରେ ମରହଟ୍ଟାମାନଙ୍କ ହାତରୁ ଓଡ଼ିଶାର ଶାସନ କ୍ଷମତା ହସ୍ତଗତ କରି ନେଲେ ।

ଓଡ଼ିଶାର ସ୍ୱାଧୀନତା ରକ୍ଷା ଦିଗରେ ଉତ୍ତର ଓଡ଼ିଶାର ରାଜନ୍ୟ ବର୍ଗଙ୍କ ତୁଳନାରେ ଦକ୍ଷିଣ ଓଡ଼ିଶାର ପାରଳାଖେମୁଣ୍ଡି, ବଡ଼ଖେମୁଣ୍ଡି, ଆଠଗଡ଼, ଖଲ୍ଲିକୋଟ, ମଞ୍ଜୁଷା, ଟିକାଲି, ଜଳନ୍ତର ଓ ଧରାକୋଟର ରାଜାମାନେ ମଧ୍ୟ ତୀବ୍ର ସଂଗ୍ରାମର ସମ୍ମୁଖୀନ ହୋଇଥିଲେ ।

ଉତ୍ତର ଓଡ଼ିଶାର ପ୍ରଖ୍ୟାତ ରାଜ୍ୟ ମୟୂରଭଞ୍ଜର ରାଜା ଦାମୋଦର ଭଞ୍ଜ ଖ୍ରୀ:ଅ: ୧୭୮୧ରୁ ଆରମ୍ଭ କରି ୧୭୯୬ ପର୍ଯ୍ୟନ୍ତ

ଇଂରେଜମାନଙ୍କ ସହିତ ଅସହଯୋଗ କଲେ ସତ, କିନ୍ତୁ ନିଜ ରାଜ୍ୟର ସ୍ୱାଧୀନତା ରକ୍ଷାକରି ପାରିଲେ ନାହିଁ ।

ମଧ୍ୟ ଓଡ଼ିଶାର କନିକା, କୁଜଙ୍ଗ ଓ ହରୀଶପୁରର ଶାସକମାନେ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଥିଲେ ସତ ; କିନ୍ତୁ ସମ୍ମିଳିତ ସହଯୋଗ ବ୍ୟତିରେକେ ସେମାନେ ସଫଳତା ହାସଲ କରି ପାରିଲେ ନାହିଁ ।

ଇଂରେଜମାନେ ୧୮୦୩ରେ ଶ୍ରୀଜଗନ୍ନାଥ ମନ୍ଦିରର ସେବାୟତମାନଙ୍କ ସହଯୋଗ ଲାଭ କରି, ଯଥାଶୀଘ୍ର ସମ୍ଭବ ଓଡ଼ିଶା ଦଖଲ କରିପାରିଥିଲେ । ମରାଠା ସୈନ୍ୟମାନେ ଅନେକ ପ୍ରକାର ରଣକୌଶଳ ଆରମ୍ଭ କରିଥିଲେ ହେଁ ବ୍ରିଟିଶ୍ ଯୁଦ୍ଧନୀତି ଆଗରେ ସେମାନେ ଆଦୌ ସଫଳ ହୋଇ ପାରିଲେ ନାହିଁ । ୧୮୦୪ ସୁଦ୍ଧା ଇଂରେଜମାନେ ମରାଠାମାନଙ୍କୁ ଓଡ଼ିଶା ଭୂଭାଗରୁ ସମ୍ପୂର୍ଣ୍ଣ ଭାବରେ ତଡ଼ି ଦେଇ, ଦେଶର ସର୍ବେସର୍ବା ହୋଇଗଲେ ।

ଓଡ଼ିଶାରେ ଇଂରେଜୀ ଶାସନର ମୂଳଭିତ୍ତି ସୁଦୃଢ଼ ହୋଇଯିବା ମାତ୍ରେ ସେମାନେ ନିଜର କଠୋର ଶାସନ ନୀତି ଚଳାଇଲେ । ଓଡ଼ିଶାର ଜନସାଧାରଣ ମରାଠା ଶାସନରେ ଅତିଷ୍ଠ ହୋଇ ପଡ଼ିଥିଲେ । ତେଣୁ ସେମାନେ ପ୍ରଥମେ ଇଂରେଜ ଶାସନକୁ ସ୍ୱାଗତ କରିଥିଲେ ସତ, କିନ୍ତୁ ବିଦେଶୀମାନଙ୍କ ଦମନମୂଳକ ଶାସନନୀତି ଓଡ଼ିଶାର ଶାନ୍ତ ତଥା ସରଳ ଜନସାଧାରଣଙ୍କୁ ସୁହାଇଲା ନାହିଁ ।

ଇଂରେଜମାନଙ୍କ ଓଡ଼ିଶା ଦଖଲ ସମୟରେ ଖୋର୍ଦ୍ଧାର ରାଜା ମୁକୁନ୍ଦ ଦେବ ଅତ୍ୟନ୍ତ ଦୁର୍ବଳ ଥିଲେ । ତାଙ୍କ ଦୁର୍ବଳତାର ସୁଯୋଗ ନେଇ ଇଂରେଜ ଅଫିସରମାନେ ଠାକୁର ରାଜାଙ୍କୁ ନାନାଭାବରେ ହଇରାଣ କରିବାକୁ ଲାଗିଲେ । ବିଶେଷତଃ 'ଲେମ୍ବାଇ' ଓ 'ରାହାଙ୍ଗ' ନାମକ ଦୁଇଟି ପ୍ରଗଣା ଇଂରେଜମାନେ ମରାଠା ଶାସକମାନଙ୍କ ପରି ଠାକୁର ରାଜାଙ୍କଠାରୁ ଜୋର୍ କରି ନିଜ ଦଖଲକୁ ନେଇଯିବାରୁ, ଓଡ଼ିଶାର ରାଜଭକ୍ତମାନେ ମନେ ମନେ ଚିଡ଼ି ହୋଇ ଉଠିଲେ । କିନ୍ତୁ ନିରୁପାୟ ହୋଇ ରାଜା ମୁକୁନ୍ଦ ଦେବ ତାଙ୍କ ମନ୍ତ୍ରୀ ଜୟକୃଷ୍ଣ ରାଜଗୁରୁଙ୍କ ମାଧ୍ୟମରେ ଇଂରେଜମାନଙ୍କ ସହିତ ଯୋଗ ସୂତ୍ର ସ୍ଥାପନ କରି, ନିଜ ଦାବୀ ହାସଲ କରିବା ପାଇଁ ଚେଷ୍ଟାକଲେ, ମାତ୍ର ଜୟକୃଷ୍ଣ ରାଜଗୁରୁ ଯେପରି ଭାବରେ ଯୁକ୍ତି ଉପସ୍ଥାପନ କଲେ, ସେଥିରେ ଇଂରେଜମାନେ ରାଜା ମୁକୁନ୍ଦ ଦେବଙ୍କ ଦାବୀ ପୂରଣ କରିବା ତ ଦୂରର କଥା, ଜୟକୃଷ୍ଣ ରାଜଗୁରୁଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ତାଙ୍କ ଉପରେ ଚାପ ପକାଇଲେ ।

ଏହା ଫଳରେ ରାଜଭକ୍ତ 'ପାଇକ'ମାନେ ଇଂରେଜ ଶାସନକୁ ବେଖାତିର କରି, ସେମାନଙ୍କ ବିରୁଦ୍ଧରେ ଲୁଟିଛିପି ବିଦ୍ରୋହ କଲେ । ଏହି ବିଦ୍ରୋହରେ ଇଂରେଜମାନଙ୍କର ପ୍ରଭୂତ କ୍ଷତି ହେଲା ଏବଂ ଏହା ରାଜା ମୁକୁନ୍ଦ ଦେବଙ୍କ କୁକୃତ୍ୟ ବୋଲି ମନେ କରି, ଖୋର୍ଦ୍ଧାଗଡ଼ ଉପରେ ଇଂରେଜମାନେ ଆକ୍ରମଣ କରିଦେଲେ । ରାଜା ମୁକୁନ୍ଦ ଦେବଙ୍କ ପକ୍ଷରୁ ମଧ୍ୟ ଯୁଦ୍ଧର ଆଭାସ ମିଳିବା ମାତ୍ରେ ଇଂରେଜମାନେ ଆହୁରି ହିଂସ୍ର ହୋଇ ଉଠିଲେ । ରାଜା ମୁକୁନ୍ଦ ଦେବ ମଧ୍ୟ କୋଡ଼ିଏ ହଜାର ପାଇକଙ୍କୁ ସଙ୍ଗଠିତ କରାଇ ଅଦମ୍ୟ ସାହସର ସହିତ ଯୁଦ୍ଧ ଚଳାଇଲେ । କିନ୍ତୁ ଇଂରେଜ ସେନାଙ୍କ ଦକ୍ଷତା ତଥା ଗୋଳା ବାରୁଦ ଆଗରେ ପାଇକମାନଙ୍କ ଉଦ୍ୟମ ଆଦୌ ସଫଳ ହେଲା ନାହିଁ । ଇଂରେଜମାନେ ବରୁଣେଇ ଦୁର୍ଗ ଦଖଲ କରିନେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରନ୍ତେ, ରାଜଗୁରୁ ଓ ଅନ୍ୟାନ୍ୟ ବିଶିଷ୍ଟ ରାଜକର୍ମଚାରୀଙ୍କ ପରାମର୍ଶ କ୍ରମେ ରାଜା ମୁକୁନ୍ଦ ଦେବ ବରୁଣେଇ ଦୁର୍ଗ ତ୍ୟାଗ କରି ଗୁପ୍ତପଥରେ ଘୁମୁସର ପ୍ରସ୍ଥାନ କଲେ । ପାଇକ, ସର୍ଦ୍ଦାର ଓ ଖୋର୍ଦ୍ଧାର ସାମନ୍ତମାନେ ତିନିଦିନ ପର୍ଯ୍ୟନ୍ତ ଇଂରେଜମାନଙ୍କୁ ଦୁର୍ଗ ବାହାରେ ଅଟକାଇ ରଖିବାରେ ସଫଳ ହେଲେ । କିନ୍ତୁ ପରିଶେଷରେ ଇଂରେଜମାନେ ଦୁର୍ଗର ପ୍ରାଚୀର ଭାଙ୍ଗି ପ୍ରବେଶ କରିବା ପରେ ସେଠାରେ ରାଜାଙ୍କୁ ନପାଇ, ଔଷଧ ରାଗରେ ତାଟିଆ କାମୁଡ଼ିଲା ପରି, ଦୁର୍ଗର ପ୍ରାଚୀର ଭାଙ୍ଗିବା, ସେଠାରେ ଲୋକମାନଙ୍କୁ କଠୋର ଦଣ୍ଡଦେବା ଏବଂ ଜୟକୃଷ୍ଣ ରାଜଗୁରୁଙ୍କୁ ଫାଶିରେ ଝୁଲାଇବା ପ୍ରଭୃତି ଅମାନୁଷିକ ଅତ୍ୟାଚାରମାନ ଆରମ୍ଭ କରିଦେଲେ । ତା'ଫଳରେ ଇଂରେଜ ଶାସନ ପ୍ରତି ଜନସାଧାରଣଙ୍କର ଯେଉଁ ଶ୍ରଦ୍ଧାଥିଲା, ତାହା ଘୃଣାରେ ପରିଣତ ହୋଇଗଲା । ଇଂରେଜମାନେ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ପ୍ରତିଶୋଧମୂଳକ ମନୋଭାବ ପୋଷଣ କରି ନଥିଲେ, ହୁଏତ ପରବର୍ତ୍ତୀ ସମୟରେ ଯେଉଁ ଜନପଦବ୍ୟାପୀ ଇଂରେଜ ଶାସନ ତଥା ଜନସାଧାରଣଙ୍କର ସଂଘର୍ଷ ଘଟାଇଲା, ତାହା ସମ୍ଭବ ହୋଇ ନଥାନ୍ତା !

ବିଶେଷତଃ ବରୁଣେଇଗଡ଼ରୁ ରାଜା ମୁକୁନ୍ଦ ଦେବଙ୍କ ପଳାୟନ, ତାଙ୍କୁ ବାଜମହମ୍ମଦଙ୍କ ପ୍ରଚେଷ୍ଟାରେ ବନ୍ଦୀ କରି କଟକ ଓ ମେଦିନୀପୁରଠାରେ ରଖାଇବା ଫଳରେ ଇଂରେଜମାନଙ୍କ ପ୍ରତି ଓଡ଼ିଶାର ଜନସାଧାରଣଙ୍କ ମନୋଭାବ ଘୃଣାରେ ପରିଣତ ହୋଇଥିଲା ।

ଏଥି ସହିତ ଆହୁରି ଗୋଟିଏ ଘଟଣା ଜଳନ୍ତା ନିଆଁରେ ଘିଅଧାରା ପରି କାର୍ଯ୍ୟ କଲା ।

ରୋଡ଼ଙ୍ଗ ମଣ୍ଡଳର ବକ୍ସି ବଂଶ ପୁରୁଷାନୁକ୍ରମେ ଖୋର୍ଦ୍ଧା ରାଜବଂଶର ସେନାପତି ପଦରେ ନିଯୁକ୍ତ ହେଉଥିଲେ । ସେଥିପାଇଁ ବକ୍ସି ବଂଶକୁ 'ରୋଡ଼ଙ୍ଗ ମଣ୍ଡଳ' ଜାଗିର ସ୍ୱରୂପ ରାଜଦରବାର ପକ୍ଷରୁ ଅର୍ପଣ କରାଯାଇଥିଲା । ମରାଠା ଶାସନରେ ଏହି ଭାବରେ ଅତ୍ୟାଚାରିତ ରୋଡ଼ଙ୍ଗର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଇଂରେଜମାନଙ୍କ ଆଗମନରେ ଆଶ୍ୱସ୍ତ ହୋଇଥିଲେ । କିନ୍ତୁ ଇଂରେଜମାନଙ୍କ ଆଚରଣ ତାଙ୍କ ପ୍ରତି ନିତାନ୍ତ କଠୋର ଓ ମନେ ହେଲା । ସେତିକିବେଳେ ଦେୱାନ୍ କୃଷ୍ଣଚନ୍ଦ୍ର ସିଂହ ରୋଡ଼ଙ୍ଗ ମଣ୍ଡଳକୁ ଯେ କୌଣସିମତେ ଅକ୍ତିଆର କରିବାକୁ ଉଦ୍ୟମ ଚଳାଇଲେ ।

ଇଂରେଜ ଶାସନରେ "ମାଲଗୁଜାରୀ" ପ୍ରଥା ଅତ୍ୟନ୍ତ କଠୋର ଭାବରେ ପାଳନ କରାଯାଉଥିଲା । ବକ୍ସି ଜଗବନ୍ଧୁଙ୍କୁ ଜଣେ ମଧ୍ୟ ଭୂସ୍ୱତ୍ୱଧାରୀ ଭାବେ ନିୟମିତ ରୂପେ 'ମାଲଗୁଜାରୀ' ଦେବାକୁ ହେବ ବୋଲି ଧାରଣା ଥିଲେ ମଧ୍ୟ, ସେ ଜଣେ ପ୍ରତିପତ୍ତିଶାଳୀ ବ୍ୟକ୍ତି ଭାବରେ ସେଥିପ୍ରତି ଅବହେଳା ପ୍ରଦର୍ଶନ କରିଥିଲେ । ପ୍ରଥାନୁକ୍ରମେ କର ଖଜଣା ନଦେଇ ଭୋଗଦଖଲ କରୁଥିବା ବ୍ୟକ୍ତି ଧାର୍ଯ୍ୟରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ 'ମାଲଗୁଜାରୀ' ଦାଖଲ କରିବା ସମ୍ଭବ ହୋଇ ନଥିଲା । ବକ୍ସି ଜଗବନ୍ଧୁଙ୍କର ଏ'ପ୍ରକାର ବ୍ୟତିକ୍ରମ ସମ୍ପତ୍ତି ଉପରେ ଲୋଲୁପଦୃଷ୍ଟି ପକାଇଥିବା କୃଷ୍ଣଚନ୍ଦ୍ର ସିଂହଙ୍କୁ ଖୁବ୍ ସୁହାଇଲା । ସେ ଦୀର୍ଘଦିନ ଧରି ଇଂରେଜମାନଙ୍କଠାରେ ଗୋଲାମଗିରି କରି ବେଶ୍ ଦି'ପଇସା ହାତପଇଠ କରିଥିଲେ । ଏତଦ୍‌ବ୍ୟତୀତ ଇଂରେଜ ହାକିମମାନଙ୍କ ମହଲରେ ତାଙ୍କର ମଧ୍ୟ ଖୁବ୍ ଜଣାଶୁଣା ଥିଲା । ସେ ଚାକିରି ଛାଡ଼ିଦେଇ ଇଂରେଜ ହାକିମମାନଙ୍କୁ ଖୁସି କରାଇ ରୋଡ଼ଙ୍ଗ ବକ୍ସିଙ୍କ ଜମିଦାରୀ ହସ୍ତଗତ କରିବାର ସମସ୍ତ 'ଯୋଜନା ଗୋପନୀୟ ଭାବରେ ପ୍ରସ୍ତୁତ କରିନେଲେ ।

ଧୀରେଧୀରେ ବକ୍ସି ଜଗବନ୍ଧୁଙ୍କ ଉପରେ କରଭାର ବୃଦ୍ଧି ପାଇବାକୁ ଲାଗିଲା । ତାହାର ପରିଣାମ ଏତେ ନିଷ୍ଠୁର ହେବ ବୋଲି ବକ୍ସି ଜଗବନ୍ଧୁ ଆଦୌ କଳ୍ପନା ସୁଦ୍ଧା କରିନଥିଲେ । ଦିନେ ଯାହାଙ୍କ ଆଦେଶରେ ଖର୍ଣ୍ଣୀଗାଈ ବାଟ ଛାଡ଼ି ଦେଉଥିଲା, ତାଙ୍କର ପରିଣତି ମାନହୀନ ହେବ ବୋଲି ସେ ଆଦୌ ଅନୁମାନ କରି ପାରିଲେ ନାହିଁ ।

ଏଣେ ଇଂରେଜମାନଙ୍କ ପରାମର୍ଶରେ କୃଷ୍ଣଚନ୍ଦ୍ର ସିଂହ ଚତୁରତାର ସହିତ ବକ୍ସି ଜଗବନ୍ଧୁଙ୍କୁ ଗୋଟିକ ପରେ ଗୋଟିଏ ଅସୁବିଧାରେ ପକାଇଲେ । ସେ ସଫଳତାର ସହିତ ବକ୍ସି ଜଗବନ୍ଧୁଙ୍କ ପରିବାର ମଧ୍ୟରେ ସାଂସାରିକ ମନୋମାଳିନ୍ୟ ମଧ୍ୟ ସୃଷ୍ଟି କରାଇ ଦେଲେ । ଏଣେ ମାଲଗୁଜାରୀ ଆଦାୟ ନହେବାରୁ ରୋଡ଼ଙ୍ଗ ଜମିଦାରୀ ନିଲାମ ହୋଇଯିବାର ଖବର ମଧ୍ୟ ବକ୍ସିଙ୍କଠାରୁ ଗୋପନ ରହିଲା । ତା'ଫଳରେ ବକ୍ସି ଜଗବନ୍ଧୁ ନିଜର ବଂଶ ପରମ୍ପରାଗତ ସମ୍ପତ୍ତିର ବେଦଖଲ ସମ୍ବନ୍ଧରେ କିଛିହେଲେ ଖବର ପାଇଲେ ନାହିଁ । ସୁଦୂର କଲିକତାରେ ରୋଡ଼ଙ୍ଗ ସମେତ ଗାହାଙ୍ଗ ପ୍ରଗଣାକୁ ମଧ୍ୟ କୃଷ୍ଣଚନ୍ଦ୍ର ସିଂହ ଇଂରେଜମାନଙ୍କ ଦୟାରେ ଶାଗମାଛ କିଣିଲା ପରି ଅସ୍ତ୍ର କରିନେଲେ ।

ସଂଖ୍ୟା ମରିହାରେ ଏ'ଖବର ବକ୍ସି ଜଗବନ୍ଧୁ ପାଇବା ବେଳକୁ ସେହିସୂତ୍ର ବହୁଗିଳୁ ବହି ଯାଇଥିଲା । ବକ୍ସି ଜଗବନ୍ଧୁ ଏ ଖବର ପାଇବା ମାତ୍ରେ ପ୍ରଥମେ ବିଚଳିତ ହୋଇ ପଡ଼ିଲେ, ପରେ ସେ ଏ'ପ୍ରକାର ଅନ୍ୟାୟ ବିରୁଦ୍ଧରେ ଇଂରେଜ ହାକିମମାନଙ୍କ ଶରଣାପନ୍ନ ହେଲେ । ସେ ନ୍ୟାୟବିଚାର ପାଇବା ଆଶାରେ ଖୋର୍ଦ୍ଧା ଓ କଟକ ଧାଇଁ ଧାଇଁ ବ୍ୟସ୍ତ ହୋଇ ପଡ଼ିଲେ । କେତେକ ବିଶ୍ୱସ୍ତ ହାକିମ ତାଙ୍କ ପ୍ରତି ଦୟାପରବଶ ହୋଇ ନ୍ୟାୟବିଚାର ପାଇଁ ଆଶ୍ୱାସନା ଦେଲେ ମଧ୍ୟ କୃଷ୍ଣଚନ୍ଦ୍ର ସିଂହଙ୍କ ଚକ୍ରାନ୍ତରେ ସବୁକିଛି ଫସର ଫାଟିଗଲା । ଇଂରେଜ ସରକାର ତଥା କୃଷ୍ଣଚନ୍ଦ୍ର ସିଂହଙ୍କ ଷଡ଼ଯନ୍ତ୍ର ବିରୁଦ୍ଧରେ କଲିକତାର ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ଚଳାଇବା ବକ୍ସି ଜଗବନ୍ଧୁଙ୍କ ପକ୍ଷରେ ଆଦୌ ସହଜସାଧ୍ୟ ବ୍ୟାପାର ନଥିଲା । ତା'ବ୍ୟତୀତ ସେତେବେଳେ କଲିକତା ଯିବା ପାଇଁ ଏକମାତ୍ର ସମୁଦ୍ରପଥହିଁ ସମ୍ଭବ ଥିଲା । ଏହିପ୍ରକାର ପ୍ରତିକୂଳ ପରିସ୍ଥିତି, ଧନାଭାବ ତଥା ଆତ୍ମମର୍ଯ୍ୟାଦାହୀନ ଅବସ୍ଥାରେ ଜର୍ଜରିତ ହୋଇ, ବକ୍ସି ଜଗବନ୍ଧୁ ୧୮୧୭ ମାର୍ଚ୍ଚ ମାସରେ 'ପାଇକ ବିଦ୍ରୋହ' କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ ।

ସେହିପରି କୁଜଙ୍ଗ, ବାଣପୁର, ଘୁମୁସର, ପାରଳାଖେମୁଣ୍ଡି ଏବଂ ପରିଶେଷରେ ସମ୍ବଲପୁରଠାରେ ସୁରେନ୍ଦ୍ରସାଏଙ୍କ ନେତୃତ୍ୱରେ ଯେଉଁ ସ୍ୱାଧୀନତା ଆନ୍ଦୋଳନମାନ ଓଡ଼ିଶା ଭୂଇଁରେ ମୁଣ୍ଡଟେକି ଥିଲା, ସେଥିପାଇଁ ଇଂରେଜ ପଦାଧିକାରୀମାନେ ମୁଖ୍ୟତଃ ଦାୟୀଥିଲେ ।

ବଙ୍ଗ ଅଧିକାର ପରେ ପରେ ଓଡ଼ିଶାକୁ ଅଧିକାର କରିବା ପାଇଁ ଇଂରେଜମାନଙ୍କୁ ଅନେକ କିଛି ଚଳିଦେବାକୁ ପଡ଼ିଛି । ଶହଶହ ଗୋରାପଲଟନଙ୍କୁ ଓଡ଼ିଶାର ବୀର ପାଇକମାନେ ବିଭିନ୍ନ ରଣକ୍ଷେତ୍ରରେ ହତ୍ୟା କରିଥିଲେ ଏବଂ ଇଂରେଜମାନଙ୍କ ତହବିଲରୁ ଲକ୍ଷଲକ୍ଷ ଟଙ୍କା ମଧ୍ୟ ପାଇକମାନେ ଉତ୍ପୁଆସି ଆକ୍ରମଣ ଫଳରେ ହରଣଚାଳ କରି, ଶାସନକୁ ବେଳେ ବେଳେ ଅକାମି କରି ଦେଉଥିଲେ । ତା'ଫଳରେ ଓଡ଼ିଶାବାସୀଙ୍କ ପ୍ରତି ଇଂରେଜ ସରକାରଙ୍କ ବୈମାତୃକ ମନୋଭାବ ସର୍ବଦା କାର୍ଯ୍ୟ କରୁଥିଲା । ତା'ରି ଫଳରେ ଇଂରେଜମାନଙ୍କ ଶାସନ କାଳରେ ଓଡ଼ିଶାର ଉନ୍ନତିକଳ୍ପେ କିଛିହେଲେ ଆଖିଦିଶିଆ କାର୍ଯ୍ୟ ହୋଇନଥିଲା । ସେଇଥି ପାଇଁ ୧୯୦୩ରେ 'ଉତ୍କଳସମ୍ମିଳନୀ'ର ଜନ୍ମଠାରୁ ୧୯୪୨ର ଥାନା ପୋଡ଼ାଜଳା ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନକୁ ଇଂରେଜଶାସନ ହିଁ ପରୋକ୍ଷରେ ଉତ୍ସାହିତ କରିଥିଲା ; ଏଥିରେ ସନ୍ଦେହ ନାହିଁ ।

ଏ/ଏଲ୍-୨୫, ଶାମଟାଣି,
ଭୁବନେଶ୍ୱର-୨

# ବକ୍ସି ଜଗବନ୍ଧୁ

**ଶ୍ରୀ ବ୍ରଜ ପାଇକରାୟ**

ଇଂରେଜମାନଙ୍କ ଓଡ଼ିଶା ଦଖଲ କରିବା ପୂର୍ବରୁ ଉତ୍ତରରେ ସମଗ୍ର ବଙ୍ଗ ଦେଶ ଏବଂ ଦକ୍ଷିଣରେ ଓଡ଼ିଆ ଜିଲ୍ଲା ଗଞ୍ଜାମ ସେମାନଙ୍କ ଅଧୀନସ୍ଥ ହୋଇ ସାରିଥିଲା । ତେଣୁ ଇଂରେଜମାନେ ଓଡ଼ିଶାକୁ ତିନି ଦିଗରୁ ଆକ୍ରମଣ କରିବା ସହଜ ହୋଇଥିଲା । ୧୮୦୩ ମସିହା ସେପ୍ଟେମ୍ବର ୮ ତାରିଖରେ ଇଂରେଜମାନେ



ମାନ୍ଦ୍ରାଜରୁ ବାହାରି ମାଣିକପାଟଣା ଦେଇ ୧୭ ତାରିଖରେ ପୁରୀରେ ପହଞ୍ଚିଲେ । ମାଲୁଦର ଫତେ ମହମ୍ମଦଙ୍କ ସହାୟତା ଫଳେ କର୍ଣ୍ଣେଲ ହାର୍‌କୋର୍ଟ୍ ଚିଲିକା ମୁହାଣ ପାରି ହୋଇ ଦୁଇ ଦିନ ପରେ ନରସିଂହ ପାଟଣାରେ ପହଞ୍ଚିଲେ । ସେଠାରେ ଏବଂ ପୁରୀ ଅଧିକାର ବେଳେ ଇଂରେଜମାନେ କୌଣସି ପ୍ରତିରୋଧର ସମ୍ମୁଖୀନ ହୋଇ ନଥିଲେ । ପୁରୀର ଜଗନ୍ନାଥ ମନ୍ଦିରକୁ ଦଖଲ କରି ଏବଂ କେତେକ ହିନ୍ଦୁ ସିପାହୀଙ୍କ ଦାୟିତ୍ୱରେ ଛାଡ଼ି ଦେଇ କର୍ଣ୍ଣେଲ ହାର୍‌କୋର୍ଟ୍ କଟକ ଯାତ୍ରା କରିଥିଲେ । ପଥରନଳା ପାଖରେ ମରହଟ୍ଟାମାନଙ୍କ ସାମାନ୍ୟ ପ୍ରତିରୋଧ ଏବଂ ଯୋଗୁ ସଡ଼କରେ ସେମାନଙ୍କର ଆକ୍ରମଣକୁ ପ୍ରତିହତ କରି ଇଂରେଜ ବାହିନୀ କଟକ ଆଡକୁ ଅଗ୍ରସର ହେଲେ । ଇଂରେଜମାନଙ୍କଠାରୁ ପରାଜିତ ହୋଇ ମରହଟ୍ଟାମାନେ ଖୋର୍ଦ୍ଧା ଜଙ୍ଗଲ ଅଞ୍ଚଳକୁ ପଳାଇ ଗଲେ । କର୍ଣ୍ଣେଲ ହାରକୋର୍ଟ୍ ବାରଙ୍ଗ ଗଡ଼ ଦେଇ କାଠଯୋଡ଼ି ନଦୀ ପାର ହୋଇ କଟକରେ ପହଞ୍ଚିଲେ ।

ବଙ୍ଗଳାରୁ କ୍ୟାପ୍‌ଟେନ୍ ମୋରଗାନ୍‌ଙ୍କ ନେତୃତ୍ୱରେ ଦଳେ ଇଂରେଜ ସୈନ୍ୟ ବାଲେଶ୍ୱର ସମୁଦ୍ର ଉପକୂଳବର୍ତ୍ତୀ ଜାମପଡ଼ାଠାରେ ଜାହାଜରୁ ଓହ୍ଲାଇ ମରହଟ୍ଟାମାନଙ୍କ ଦୁର୍ଗ ଅଧିକାର କରି ବାଲେଶ୍ୱର ଦଖଲ କଲେ । କର୍ଣ୍ଣେଲ ଫର୍ଗୁସନ୍‌ଙ୍କ ନେତୃତ୍ୱରେ ଆଉ ଦଳେ ଇଂରେଜ ସୈନ୍ୟ ମେଦିନୀପୁର ଦେଇ ଆସି ବାଲେଶ୍ୱରଠାରେ ଥିବା ଇଂରେଜମାନଙ୍କ ସହ ମିଶିଲେ । ଉକ୍ତ ମିଳିତ ବାହିନୀ ବାଲେଶ୍ୱରରୁ ବାହାରି କଟକରେ ଥିବା କର୍ଣ୍ଣେଲ ହାର୍‌କୋର୍ଟ୍‌ଙ୍କ ସୈନ୍ୟମାନଙ୍କ ସହ ମିଶି ମରହଟ୍ଟାମାନଙ୍କୁ ଯୁଦ୍ଧରେ ପରାସ୍ତ କରି ବାରବାଟି ଦୁର୍ଗ ଦଖଲ କଲେ । ଏହିଭଳି ଭାବରେ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କରିବା ପରେ କର୍ଣ୍ଣେଲ ହାରକୋର୍ଟ୍ ଓ ମିଃ ମେଲଭିଲ୍ ଓଡ଼ିଶା ସୁବାର ଶାସନକର୍ତ୍ତା ଭାବରେ ଗଡ଼ଜାତ ରାଜା ଓ ଜମିଦାରମାନଙ୍କଠାରୁ ଚୁକ୍ତିପତ୍ର ସ୍ୱାକ୍ଷର କରିନେଲେ । ୧୮୦୪ ମସିହାରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ନିକଟରେ ଥିବା ଦୁର୍ଗକୁ ବ୍ରିଟିଶମାନେ ତିନି ସପ୍ତାହ ଧରି ଅବରୋଧ କରି ତୋପ ମାଡ଼ରେ ଗଡ଼କୁ ଭୂତଳଶାୟୀ କଲେ ଏବଂ ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ ଓ ବିଦ୍ରୋହୀ ବୋଲି ଘୋଷଣା କଲେ । ପରିଶେଷରେ ରାଜା ମୁକୁନ୍ଦଦେବ ତାଙ୍କର ପ୍ରଧାନ ରାଜନୈତିକ ପରାମର୍ଶଦାତା ଜୟୀ ରାଜଗୁରୁଙ୍କ ପ୍ରରୋଚନାରେ ଏପରି ବିଦ୍ରୋହ ହୋଇଛି ବୋଲି ବ୍ରିଟିଶମାନଙ୍କୁ ଲେଖିଥିବା ପ୍ରାର୍ଥନା ପତ୍ରରେ ଜଣାଇବା ପରେ ତାଙ୍କୁ ମେଦିନୀପୁର ଜେଲରୁ ମୁକ୍ତି ଦିଆଯାଇ ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ ଅର୍ପଣ କରାଗଲା । ଜୟୀ ରାଜଗୁରୁ ଇଂରେଜମାନଙ୍କୁ ତୋପ୍‌ରେ ଜବାବ ଦେଇଥିବାରୁ ମେଦିନୀପୁର ବାଘିତୋଟାଠାରେ ବରଗଛରେ

ଦୁଇ ଗଛରେ ତାଙ୍କର ଦୁଇ ଗୋଡ଼କୁ ବାନ୍ଧି ଛାଡ଼ି ଦିଆଯିବାରୁ ରାଜଗୁରୁଙ୍କ ଶରୀର ଦୁଇଫାଳ ହୋଇଯାଇଥିଲା । ଜୟୀ ରାଜଗୁରୁଙ୍କ ପୈଶାଚିକ ହତ୍ୟା, ପାଇକମାନଙ୍କ ନିଷ୍କର ଜାଗିର ଉପରେ କର ଧାର୍ଯ୍ୟ, ଘନଘନ ବନ୍ଦୋବସ୍ତ ଫଳରେ କର ବୃଦ୍ଧି ଓ ଖଜଣା ଅନାଦେୟରେ ଜମି ନିଲାମ, କଉଡ଼ି ପରିବର୍ତ୍ତେ ଟଙ୍କା ଆକାରରେ ଖଜଣା ଗ୍ରହଣ, ଇଂରେଜମାନଙ୍କ ଏକଚାଟିଆ ଲୁଣମରା ଅଧିକାର, ପଦସ୍ଥ ଇଂରେଜ ଅଫିସର ଓ ଅଧସ୍ତନ ବଙ୍ଗାଳୀ କର୍ମଚାରୀମାନଙ୍କ ଅର୍ଥନୈତିକ ଶୋଷଣ ଓ ଜୁଲମ ଏବଂ ସର୍ବୋପରି ପାଇକମାନଙ୍କ ସ୍ୱାଧୀନଚେତା ମନୋବୃତ୍ତି ଓ ମର୍ଯ୍ୟାଦାପୂର୍ଣ୍ଣ ସାମାଜିକ ଚଳଣୀ ସମ୍ବନ୍ଧରେ ବ୍ରିଟିଶ୍ ଗୋରା ସାହେବମାନଙ୍କ ଅଜ୍ଞତା ଇତ୍ୟାଦି କାରଣ ଯୋଗୁଁ ୧୮୧୭ ମସିହାରେ ଖୋର୍ଦ୍ଧାର ଐତିହାସିକ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା । ଉକ୍ତ ବିଦ୍ରୋହର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ନରପତି ମହାରାଜା ମୁକୁନ୍ଦଦେବଙ୍କ ପ୍ରଧାନ ସେନାଧ୍ୟକ୍ଷ ଏବଂ ଅତି ଅନ୍ୟାୟ ଭାବେ ନିଜ ଜମିଦାରୀର ମାଲିକାନାରୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଉଚ୍ଛେଦ ହୋଇଥିବା ପୁରୁଷ ସିଂହ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ । ସେ ସମୃଦ୍ଧିଶାଳୀ ରୋଡ଼ଙ୍ଗ କିଲ୍ଲାର ଅଧିକାରୀ ଏବଂ ଖୋର୍ଦ୍ଧା ଅଞ୍ଚଳର ଜଣେ ସମ୍ମାନପ୍ରଦ ରାଜପୁରୁଷ ଥିଲେ ।

କଟକରେ ଅବସ୍ଥାପିତ କଲେକ୍ଟର ଚାର୍ଲସ୍ ଗ୍ରୋମ୍‌ଙ୍କ ବଙ୍ଗାଳୀ କର୍ମଚାରୀ କୃଷ୍ଣଚନ୍ଦ୍ର ସିଂହ ଖୁବ୍ କିଛି କାଳ ମଧ୍ୟରେ ଅସତ୍ ଉପାୟରେ ଉପାର୍ଜିତ ଅର୍ଥ ବଳରେ ରାହାଙ୍ଗ ଜମିଦାରୀ ହସ୍ତଗତ କରି କଟକରେ ବାସ କରୁଥିଲେ । ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ରଚନା କରି ସେ ବକ୍ସି ଜଗବନ୍ଧୁଙ୍କ ରୋଡ଼ଙ୍ଗ କିଲ୍ଲାର ଅଧିକାରୀ ହେବା ପାଇଁ ମସୁଧା ବନାଇଲେ । ଏହି ଷଡ଼ଯନ୍ତ୍ରରେ ତାଙ୍କ ଭାଇ ଗୌରହରି ସିଂହ ଓ ଅନ୍ୟତମ ଆତ୍ମୀୟ ଚନ୍ଦ୍ରପ୍ରସାଦ ସିଂହ ବିଶେଷ ସହଯୋଗ କରିଥିଲେ । ବକ୍ସି ଜଗବନ୍ଧୁ ରୋଡ଼ଙ୍ଗ କିଲ୍ଲାର ଖଜଣା କଟକ କଲେକ୍ଟରଙ୍କ ଟ୍ରେଜେରୀରେ ପଇଠ କରୁଥିଲେ । କିନ୍ତୁ କୃଷ୍ଣଚନ୍ଦ୍ର ସିଂହଙ୍କ ପ୍ରସ୍ତାବ କ୍ରମେ କଟକଠାରେ ଖଜଣା ଜମା ନଦେଇ ପୁରୀଠାରେ ଖଜଣା ଜମା କରିବା ଆରମ୍ଭ କଲେ । କାରଣ ପୁରୀ କଟକ ଅପେକ୍ଷା ବକ୍ସିଙ୍କୁ କମ୍ ବାଟ ଏବଂ ସୁବିଧାଜନକ ଥିଲା । ଖଜଣା ଦାଖଲ ସମୟରେ ସରକାରୀ କାଗଜ ପତ୍ରରେ "ରାହାଙ୍ଗ ଓଗେରା" ବୋଲି ରେକର୍ଡ଼ କରାଯାଇ ବକ୍ସିଙ୍କ ରୋଡ଼ଙ୍ଗ କିଲ୍ଲାର ଖଜଣା ଗ୍ରହଣ କରାଗଲା । କୃଷ୍ଣଚନ୍ଦ୍ର ସିଂହଙ୍କ ସୁଚତୁର ଜାଲରେ ବକ୍ସି ନିଜ ଅଜାଣତରେ ଛନ୍ଦି ହୋଇଗଲେ । ୧୮୦୯ ମସିହାରେ ସରକାରୀ ରେକର୍ଡ଼ରେ ଥିବା ପ୍ରମାଣ "ରାହାଙ୍ଗ ଓଗେରା" ବିକ୍ରି ପାଇଁ ସରକାରଙ୍କ ବିଜ୍ଞପ୍ତି ଜାରି କରାଗଲା । ଚତୁର କୃଷ୍ଣଚନ୍ଦ୍ର ସିଂହ କିଛି ମୂଲ୍ୟରେ ପୁନର୍ବାର ଉକ୍ତ ବୃତ୍ତିକୁ କ୍ରୟ କରି ରୋଡ଼ଙ୍ଗ କିଲ୍ଲା ଉପରେ ଜବରଦସ୍ତି ମାଲିକାନା ସାବ୍ୟସ୍ତ କରିବା ପାଇଁ ନିଜ ଲୋକ ପଠାଇଲେ । କିନ୍ତୁ ବକ୍ସିଙ୍କ ଲୋକ ପ୍ରତିରୋଧ କରିବାରୁ କୃଷ୍ଣଚନ୍ଦ୍ର ସିଂହ ଦଖଲ ନେଇ ପାରିଲେ ନାହିଁ । ୧୮୧୩ ମସିହାରେ କୃଷ୍ଣଚନ୍ଦ୍ର ସିଂହ ପୁନର୍ବାର "ରୋଡ଼ଙ୍ଗ କିଲ୍ଲା"ର ଲିଜ୍ ନେଲେ

ଏ ସମ୍ପର୍କରେ ବକ୍ସି ତତ୍କାଳୀନ ସେଟେଲମେଣ୍ଟ କମିଶନର ରିଚାର୍ଡସନ୍‌ଙ୍କ ପାଖରେ ଦରଖାସ୍ତ ପେଶ୍ କଲେ । ମାତ୍ର ତାଙ୍କୁ ନ୍ୟାୟ ମିଳିଲାନି ଏବଂ ନିଜ ଇଚ୍ଛା ବିରୁଦ୍ଧରେ ବକ୍ସି ପରିବାର ଦେବାଳିଆ ହୋଇଗଲେ । ବ୍ରିଟିଶ୍ ସରକାରଙ୍କ ଅନ୍ୟାୟ ବିରୁଦ୍ଧରେ ପ୍ରତିଶୋଧ ନେବା ପାଇଁ ପୁରୁଷ ସିଂହ ବକ୍ସି ଖୋର୍ଦ୍ଧାର ନିଷ୍କର ଜାଗିର ହରାଇଥିବା ପାଇକ, ଦଳେଇ, ଦଳବେହେରା ଏବଂ ପାଇକ ସର୍ଦ୍ଦାରମାନଙ୍କୁ ଏକତ୍ରିତ କରି ବିଦ୍ରୋହର ଅଗ୍ନି ପ୍ରଜ୍ୱଳନ କରିଥିଲେ ।

୧୮୧୭ ମସିହାରେ ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ବନ୍ଦୀ ପାଇଁ ଦାୟୀ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ରାଜାଙ୍କ ଅନୁଗତ ୪୦୦ କନ୍ଧ ପ୍ରଜା ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବାଣପୁର ଅଞ୍ଚଳକୁ ପ୍ରବେଶ କଲେ । ବକ୍ସି ଜଗବନ୍ଧୁ ବିଦ୍ରୋହର ଏହା ସୁବର୍ଣ୍ଣ ସୁଯୋଗ ମନେ କରି ପାଇକ ବାହିନୀ ସହ ବାଣପୁର ଅଗ୍ରସର ହେଲେ । ଏ ବିଦ୍ରୋହରେ ଖୋର୍ଦ୍ଧା ଅଞ୍ଚଳର ପ୍ରାୟ ସମସ୍ତ ଦଳେଇ, ଦଳବେହେରା ଏବଂ ପାଇକ ସର୍ଦ୍ଦାରମାନେ ଯୋଗ ଦେଇ ବିଦ୍ରୋହକୁ ବଳଶାଳୀ କରିଥିଲେ । ବିଦ୍ରୋହୀମାନେ ବାଣପୁର ପୁଲିସ୍ ଥାନାରେ ଅଗ୍ନି ସଂଯୋଗ କରି ପୁଲିସ୍ କର୍ମଚାରୀମାନଙ୍କୁ ମାରି ପକାଇଲେ ଏବଂ ବ୍ରିଟିଶ୍ ଖଜଣାଖାନା ଲୁଟ୍ କରି ଇଂରେଜ ଓ ଇଂରେଜ ସମର୍ଥକମାନଙ୍କୁ ନିର୍ମମ ଭାବରେ ହତ୍ୟା କଲେ । ବାଣପୁରଠାରେ ଅବସ୍ଥାପିତ ବ୍ରିଟିଶ୍ ଲୁଣ ଏଜେଣ୍ଟ ବେକର ସାହେବ ବିଦ୍ରୋହୀମାନଙ୍କ କବଳରୁ ଅଳ୍ପକେ ଖସି ଯାଇଥିଲେ ମଧ୍ୟ ଚିଲିକାରେ ଥିବା ତାଙ୍କ ବାଣିଜ୍ୟ ତରୀକୁ ବିଦ୍ରୋହୀମାନେ ଲୁଟ୍ କଲେ । ବାଣପୁରଠାରୁ ଖୋର୍ଦ୍ଧା ଆଡ଼କୁ ବିଦ୍ରୋହୀମାନେ ଅଗ୍ରସର ହେଉଥିବା ଖବର ପାଇ ଇଂରେଜମାନେ ଭୟରେ ଖୋର୍ଦ୍ଧାରୁ ପଳାୟନ କଲେ । ରଥିପୁର ଗ୍ରାମରେ ଥିବା ବ୍ରିଟିଶ୍ ସାହାଯ୍ୟକାରୀ ଚରଣ ପଟ୍ଟନାୟକଙ୍କୁ ବିଦ୍ରୋହୀମାନେ ନିର୍ମମ ଭାବରେ ହତ୍ୟା କଲେ । କ୍ରମେ ଖୋର୍ଦ୍ଧା ନିକଟବର୍ତ୍ତୀ ପାଣଗଡ଼ ଓ ବୋଲଗଡ଼କୁ ବିଦ୍ରୋହ ବ୍ୟାପି ଗଲା । କିନ୍ତୁ ଗଡ଼ଜାତ ରାଜ୍ୟର ରାଜ୍ୟମାନଙ୍କ ସହଯୋଗର ଅଭାବ ଯୋଗୁଁ ପାଇକ ବିଦ୍ରୋହ ସେ ଅଞ୍ଚଳକୁ ବ୍ୟାପିପାରି ନଥିଲା ।

କଟକରେ ଅବସ୍ଥାପିତ ମାଜିଷ୍ଟ୍ରେଟ୍ ଇମ୍ପେ ସାହେବ ଇଣ୍ଟେଲିଜେନସ୍ ବିଭାଗର ଗୁପ୍ତ ଖବର ପାଇ ବିଦ୍ରୋହ ଦମନ ପାଇଁ ଲେଫ୍‌ଟନାଣ୍ଟ ପ୍ରିଡକ୍ସଙ୍କୁ ଖୋର୍ଦ୍ଧା ଏବଂ ଲେଫ୍‌ଟନାଣ୍ଟ ଫାରିସ୍ ସାହେବଙ୍କୁ ପିପିଲି ପ୍ରେରଣ କଲେ । ନିଜେ ଇମ୍ପେ ସାହେବ ଲେଫ୍‌ଟନାଣ୍ଟ ଟ୍ରାଭିସ୍ ଓ କେତେକ ଇଂରେଜ ସିପାହୀଙ୍କ ସହ ୧୮୧୭ ମସିହା ଅପ୍ରେଲ୍ ୨ ତାରିଖରେ ଖୋର୍ଦ୍ଧା ନିକଟବର୍ତ୍ତୀ ଗଙ୍ଗପଡ଼ାଠାରେ ପହଞ୍ଚି ବିଦ୍ରୋହୀମାନଙ୍କ ରଣ ସଜ୍ଜାରେ ଭୟଭୀତ ହୋଇ କଟକ ଫେରି ଯାଇ ନିମ୍ନମତେ ରିପୋର୍ଟ କରିଥିଲେ :

"This instant I returned after a most fatiguing march of a day and night from Khurda. I can only write for the information of his Lordship in Council

that my retreat was forced and that the whole of Khurda teritory is in a complete State of insurrection."

ଲେଫଟ୍‌ନାଣ୍ଟ ଫାରିସ୍‌ଙ୍କୁ ଗଙ୍ଗପଡ଼ାଠାରେ ବିଦ୍ରୋହୀ ପାଇକମାନେ ଗୁଳି କରି ହତ୍ୟା କଲେ । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଞ୍ଚ ହଜାର ପାଇକ ଲେଫଟ୍‌ନାଣ୍ଟ ପ୍ରିଡସ୍‌ଙ୍କୁ ଖୋର୍ଦ୍ଧାଠାରେ ଆକ୍ରମଣ କରିବା ପାଇଁ ଅଗ୍ରସର ହେବା ଦେଖି ସେ କୌଣସିମତେ ନିଜ ପ୍ରାଣ ବଞ୍ଚାଇ ଭୟରେ ପିପିଲି ଦେଇ କଟକକୁ ଫେରିଗଲେ ।

ଅପ୍ରେଲ ୭ ତାରିଖ ୧୮୧୭ରେ ବିଦ୍ରୋହୀମାନେ ପିପିଲି ଅଧିକାର କରିବା ପରେ ଗଡ଼ପଦ୍ମପୁରର ରାଜା ବଳଭଦ୍ର ଛୋଟରାୟ ବିଦ୍ରୋହରେ ଯୋଗ ଦେଲେ । ପୁରୀ ସହରକୁ ବିଦ୍ରୋହୀମାନଙ୍କ କବଳରୁ ରକ୍ଷା କରିବା ପାଇଁ ଏବଂ ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ କ୍ୟାପ୍‌ଟେନ୍ ୱେଲିଂଟନ୍‌ଙ୍କୁ ପ୍ରେରଣ କରାଗଲା । ଅପ୍ରେଲ ୯ ତାରିଖ ୧୮୧୭ ମସିହାରେ କ୍ୟାପ୍‌ଟେନ ଲେ ଫେବରେ ୫୫୦ ଜଣ ସିପାହୀ ଖୋର୍ଦ୍ଧା ଯାତ୍ରା କରି ବିନା ପ୍ରତିରୋଧରେ ଖୋର୍ଦ୍ଧା ପୁନଃ ଅଧିକାର କଲେ । ଠିକ୍ ସେହିଦିନ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବିପୁଳ ସଂଖ୍ୟକ ପାଇକ ଲୋକନାଥ ଘାଟ ଦେଇ ପୁରୀରେ ପ୍ରବେଶ କଲେ । ବିଦ୍ରୋହୀମାନେ ସରକାରୀ କୋଠା ଓ କଚେରୀରେ ଅଗ୍ନି ସଂଯୋଗ କଲେ । ପୁରୀରେ ଥିବା ଇଂରେଜ କର୍ମଚାରୀମାନେ ଭୟରେ କଟକ ପଳାୟନ କଲେ । ଜଗନ୍ନାଥ ମନ୍ଦିରର ପଣ୍ଡା ଓ ସେବାୟତଗଣ ଓଡ଼ିଶାରୁ ବ୍ରିଟିଶ୍ ଶାସନ ଲୋପ ହେଲା ବୋଲି ସର୍ବସାଧାରଣରେ ଘୋଷଣା କଲେ । ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧା ଗାଦିରେ ପୁନର୍ବାର ଅଭିଷିକ୍ତ କରିବା ପ୍ରସ୍ତାବ ନେଇ ବକ୍ସି ଜଗବନ୍ଧୁ ଏବଂ ବିଦ୍ରୋହୀ ପାଇକମାନେ ଶ୍ରୀନଅରକୁ ଗଲେ । ହେଲେ ବକ୍ସିଙ୍କ ପ୍ରସ୍ତାବରେ ରାଜି ହେବା ପରିବର୍ତ୍ତେ ଗୁପ୍ତ ପତ୍ର ଜରିଆରେ ରାଜା ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କୁ ସାମରିକ ସାହାଯ୍ୟ ପାଇଁ ନିବେଦନ କରିଥିଲେ ।

ବିଦ୍ରୋହ ଦମନ ପାଇଁ ବ୍ରିଟିଶ୍ ସରକାର ପ୍ରଥମେ ଖୋର୍ଦ୍ଧା, ଲେମ୍ବାଇ ପ୍ରଗଣା, ପୁରୀ ଓ କୋଠ ଦେଶ ଅଞ୍ଚଳରେ ସାମରିକ ଆଇନ ଜାରି କଲେ । ମେଜର ଜେନେରାଲ ଗେବ୍ରିଏଲ୍ ମାର୍ଟିନଡେଲ୍ ମିଲିଟାରୀ କମିଶନର ଭାବରେ ନିଯୁକ୍ତି ପାଇ କଟକରେ ଅବସ୍ଥାନ କଲେ । ୧୮୧୭ ମସିହା ଅପ୍ରେଲ ୧୬ ତାରିଖରେ କ୍ୟାପଟେନ୍ ଲେ ଫେବରେ ଖୋର୍ଦ୍ଧାଠାରୁ ପୁରୀ ଯାଇ ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଗିରଫ୍ ଓ ବନ୍ଦୀ କଲେ । ଅପ୍ରେଲ ୨୮ ତାରିଖ ୧୮୧୭ ମସିହାରେ ମେଜର ହାମିଲ୍‌ଟନ୍ ରାଜା ଦ୍ୱିତୀୟ ମୁକୁନ୍ଦଦେବ ଏବଂ ତାଙ୍କ ପୁଅଙ୍କୁ ବାରବାଟି ଦୁର୍ଗରେ ବନ୍ଦୀ କରି ରଖିଥିଲେ । ଏହା ସତ୍ତ୍ୱେ ବିଦ୍ରୋହ ଗୋପ, ଟିରଣ, କୁଜଙ୍ଗ, ପଟାମୁଣ୍ଡାଇ ଏବଂ ଅସୁରେଶ୍ୱର ଅଞ୍ଚଳକୁ ବ୍ୟାପି ଗଲା । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବିଦ୍ରୋହୀ ପାଇକମାନେ ଇଂରେଜ ସମର୍ଥକ ଜମିଦାର ଓ ଅମଲାମାନଙ୍କ ସମ୍ପତ୍ତି ଲୁଟ୍ କଲେ । ଗୋପ ଅଞ୍ଚଳରେ କରୁଣାକର ସର୍ଦ୍ଦାରଙ୍କ ନେତୃତ୍ୱରେ ପାଇକମାନେ ଥାନା ଆକ୍ରମଣ କରି ପୁଲିସ୍‌ମାନଙ୍କୁ ତଡ଼ି ଦେଇଥିଲେ । କ୍ୟାପ୍‌ଟେନ୍ ଫେତ୍‌ଫୁଲ୍ ଏଠାରେ ବିଦ୍ରୋହ ଦମନ କରିବା ପାଇଁ ସମର୍ଥ ହୋଇଥିଲେ ।

କୁଜଙ୍ଗ ଅଞ୍ଚଳରେ ରାଜା ମଧୁସୂଦନ ଶେଷ୍ଟ ପାଇକମାନଙ୍କୁ ଗୁପ୍ତରେ ସାହାଯ୍ୟ କରିଥିଲେ । କୁଜଙ୍ଗରେ ସର୍ବଶ୍ରୀ ମଧୁସୂଦନ ମଙ୍ଗରାଜ, ବାମଦେବ ପଟ୍ଟଯୋଷୀ, ନାରାୟଣ ପରମଗୁରୁ ପ୍ରଭୃତି ପାଇକ ବିଦ୍ରୋହର ନେତୃତ୍ୱ ନେଇଥିଲେ । କ୍ୟାପ୍‌ଟେନ୍ କେନେଟ୍ ୧୮୧୭ ମସିହା ସେପ୍‌ଟେମ୍ବର ୨୩ ତାରିଖରେ ଦୁଇ ହଜାର ବ୍ରିଟିଶ୍ ସୈନ୍ୟଙ୍କ ସହ କୁଜଙ୍ଗ ଯାତ୍ରା କରି ବାଲୁକେଶ୍ୱର ଦାସ ଓ କୃପାସିନ୍ଧୁ ଛାମୁକରଣଙ୍କ ସହାୟତା କ୍ରମେ ବିଦ୍ରୋହ ଦମନ କରିଥିଲେ ।

ଭବିଷ୍ୟତରେ ଯେଭଳି ଆଉ ଏକ ବିଦ୍ରୋହ ସଂଗଠିତ ନହୁଏ ସେଥିଲାଗି ସରକାର କଠୋର ପଦକ୍ଷେପମାନ ଗ୍ରହଣ କରିଥିଲେ । ବିଦ୍ରୋହୀ ଓ ଯୁଦ୍ଧ ବନ୍ଦୀମାନଙ୍କ ବିଚାର ପାଇଁ W.Ewer (ୱାଲଟର୍ ଇଓ୍ୱର) ଏବଂ ଗେବ୍ରିଏଲ୍ ମାର୍ଟିନ୍‌ଡେଲ୍‌ଙ୍କୁ ନେଇ ଏକ କମିଟି ଗଠନ କରାଗଲା । ପାଇକ ବିଦ୍ରୋହର କାରଣ ନିର୍ଦ୍ଦେଶ ଏବଂ ଭବିଷ୍ୟତରେ ଯେଭଳି ପୁନର୍ବାର ବିଦ୍ରୋହର ଅଭ୍ୟୁଦୟ ନଘଟେ ସେଥିଲାଗି ବିଭିନ୍ନ ପ୍ରସ୍ତାବ ସହ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ ଆଦେଶ ଦିଆଗଲା ।

ରାଜା ଦ୍ୱିତୀୟ ମୁକୁନ୍ଦଦେବ ୧୮୧୭ ମସିହା ନଭେମ୍ବର ମାସ ୩୦ ତାରିଖରେ କାରାଗାର ମଧ୍ୟରେ ମୃତ୍ୟୁବରଣ କଲେ । କୁଜଙ୍ଗରେ ରାଜା ଆତ୍ମସମର୍ପଣ କରି କେତେକ ବିଦ୍ରୋହୀ ନେତାଙ୍କୁ ଧରାଇ ଦେବାରେ ବ୍ରିଟିଶ୍ ସରକାରଙ୍କୁ ସହଯୋଗ କରିଥିବାରୁ ତାଙ୍କୁ ମୁକ୍ତି ଦିଆଗଲା । ବହୁ ବିଦ୍ରୋହୀଙ୍କୁ ରାଜକ୍ଷମା ଦିଆଯାଇଥିଲେ ମଧ୍ୟ ବକ୍ସି ଜଗବନ୍ଧୁ, କୃଷ୍ଣଚନ୍ଦ୍ର ବିଦ୍ୟାଧର, ଗୋପାଳ ଛୋଟରାୟ, ପୀତବାସ ମଙ୍ଗରାଜ, ପଦ୍ମନାଭ ଛୋଟରାୟ, ବିଷ୍ଣୁ ପାଇକରାୟ ଏବଂ ପିଣ୍ଡିକ ବାହୁବଳେନ୍ଦ୍ର ପ୍ରଭୃତି ପାଇକ ନେତାମାନଙ୍କୁ ବ୍ରିଟିଶ୍ ସରକାର ରାଜକ୍ଷମା ଘୋଷଣାରୁ ବାଦ ଦେଇଥିଲେ । ସେମାନଙ୍କୁ ମୃତ ବା ଜୀବନ୍ତ ଭାବରେ ଧରାଇ ଦେଲେ ସରକାର ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ । ୨୩ ଜଣ ପାଇକ ନେତାଙ୍କୁ ଦ୍ୱୀପାନ୍ତର ଦଣ୍ଡ, କୁଜଙ୍ଗର ବାମଦେବ ପଟ୍ଟଯୋଷୀ ଏବଂ ନାରାୟଣ ପରମଗୁରୁଙ୍କୁ ୧୪ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଏବଂ ଦେଶଦ୍ରୋହୀ ଚରଣ ପଟ୍ଟନାୟକର ହତ୍ୟାକାରୀ ପର୍ଶୁରାମ ରାଉତରାୟଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

ବ୍ରିଟିଶ୍ ସରକାରଙ୍କ ସମସ୍ତ ମୁଣ୍ଡବ୍ୟଥାର କାରଣ ଏବଂ ପାଇକ ବିଦ୍ରୋହର ମୁଖ୍ୟ ନେତା ବକ୍ସି ଜଗବନ୍ଧୁ ଖୋର୍ଦ୍ଧାରୁ ପଳାୟନ କରି ଘୁମୁସର ଜଙ୍ଗଲରେ ଆତ୍ମଗୋପନ କଲେ । ଘୁମୁସରଠାରୁ ଶ୍ୱଶୁର ଘର ସେରଗଡ଼ ଯାଇ ସେଠାରେ କିଛି ଦିନ ଅବସ୍ଥାନ ପରେ ସେ ବୌଦ୍ଧ ଓ ଦଶପଲ୍ଲା ଜଙ୍ଗଲ ଅଞ୍ଚଳକୁ ଚାଲି ଗଲେ । ତାଙ୍କୁ ମୃତ ବା ଜୀବନ୍ତ ଅବସ୍ଥାରେ ଧରାଇ ଦେଲେ ପୁରସ୍କାର ଦିଆଯିବ ବୋଲି

ବ୍ରିଟିଶ୍ ସରକାର ଘୋଷଣା କଲେ । ବକ୍ସିଙ୍କୁ ଗିରଫ୍ କରିବା ପାଇଁ ମେଜର୍ ରୋଫ୍‌ସେଜ୍ (Major Roughsedge) ବୌଦ ରାଜା ଚନ୍ଦ୍ରଶେଖର ଦେବଙ୍କ ସହ ସମ୍ପର୍କ ସ୍ଥାପନ କରିବା ଖବର ପାଇ ବକ୍ସି ପୁନର୍ବାର ଘୁମୁସର ଜଙ୍ଗଲରେ ଲୁଚି ରହିଲେ । ଏଭଳି ଦୁର୍ଦ୍ଦିନ ସମୟରେ ବକ୍ସିଙ୍କ ଭରଣ ପୋଷଣ ପାଇଁ ଖୋର୍ଦ୍ଧାବାସୀ ସ୍ୱେଚ୍ଛାକୃତ ଅର୍ଥ ଯୋଗାଇ ଦେବା ଘଟଣାରୁ ତାଙ୍କ ଜନପ୍ରିୟତାର ପ୍ରମାଣ ସୁସ୍ପଷ୍ଟ ।

ବ୍ରିଗେଡିଅର ଜେନେରାଲ ଥୋମାସ୍ ଗୁପ୍ତ ଖବର ପାଇ ବକ୍ସି ଅବସ୍ଥାନ କରୁଥିବା ଘୁମୁସର ଅଞ୍ଚଳର ଏକ କନ୍ଧ ପଲ୍ଲୀକୁ ଆକସ୍ମିକ ଘେରାଉ କରିଥିଲେ ମଧ୍ୟ ତାଙ୍କୁ ଧରିବାରେ ବିଫଳ ହୋଇଥିଲେ । ଶେଷକୁ ଅନ୍ୟ ଉପାୟ ନଦେଖି ବ୍ରିଟିଶ୍ କମିଶନର୍ ଏକ ସରକାରୀ ଘୋଷଣାନାମ ଜାରି କରି ବକ୍ସି ଆତ୍ମସମର୍ପଣ କଲେ ତାଙ୍କୁ ତାଙ୍କ ଜୀବନ ପ୍ରତି ଆଶଙ୍କା ନଥିବାର ପ୍ରତିଶ୍ରୁତି ଦେଇଥିଲେ । ହେଲେ ବକ୍ସି ଉକ୍ତ ଘୋଷଣାନାମାକୁ କର୍ଣ୍ଣପାତ କରି ନଥିଲେ ।

ପରିଶେଷରେ ବକ୍ସିଙ୍କ ଆତ୍ମସମର୍ପଣ ନିମିତ୍ତ ଇଂରେଜମାନେ ଏକ ଅଭିନବ ପନ୍ଥା ଅନୁସରଣ କରି ୧୮୧୯ ମସିହାରେ ତାଙ୍କର ଧର୍ମପତ୍ନୀ, ନାବାଳକ ପୁତ୍ର, ପୋଷ୍ୟପୁତ୍ର, ଗୁମାସ୍ତା, ଚାକର ପ୍ରଭୃତିଙ୍କୁ ବାରବାଟି ଦୁର୍ଗରେ ବନ୍ଦୀ କରି ରଖିଲେ । ତଥାପି ବକ୍ସି ଇଂରେଜ ସରକାର ନିକଟରେ ମୁଣ୍ଡ ନୁଆଁଇଲେ ନାହିଁ । ତେଣୁ ଇଂରେଜ ସରକାର ବାଧ୍ୟ ହୋଇ ୧୮୨୦ ମସିହାରେ ଜଗବନ୍ଧୁଙ୍କ ପରିବାରକୁ ମୁକ୍ତି ଦେଲେ ।

ଇଂରେଜ କମିଶନର୍ ଟି: ପାକେନ୍‌ହାମ୍ (T. Pakenham) ବ୍ରିଟିଶ୍ ସରକାରଙ୍କ ସର୍ତ୍ତରେ ରାଜି ହୋଇ ଆତ୍ମସମର୍ପଣ କରିବା ପାଇଁ ବକ୍ସିଙ୍କୁ ପ୍ରବର୍ତ୍ତାଇବା ନିମିତ୍ତ ନୟାଗଡ଼ ରାଜାଙ୍କ ପାଖକୁ ଏକ ପରୱାନା ପଠାଇଲେ । ସର୍ତ୍ତ ଥିଲା ଯେ ବକ୍ସି ଜଗବନ୍ଧୁଙ୍କ ଭରଣ ପୋଷଣ ପାଇଁ ବ୍ରିଟିଶ୍ ସରକାର ମାସିକ ୧୫୦ ଟଙ୍କା ଭତ୍ତା ଦେବେ । ବକ୍ସି ତାଙ୍କର ପରିବାର ବର୍ଗଙ୍କ ସହ କଟକରେ ଅବସ୍ଥାନ କରିବେ । କଟକ ବାହାରକୁ ଯିବା ପାଇଁ ହେଲେ ବକ୍ସିଙ୍କୁ ଇଂରେଜ କମିଶନରଙ୍କ ଅନୁମତି ନେବା ପାଇଁ ପଡ଼ିବ । ଉକ୍ତ ସର୍ତ୍ତରେ ବକ୍ସିଙ୍କ ମର୍ଯ୍ୟାଦା ହାନୀ ଭଳି କୌଣସି କଥା ନଥିବାରୁ ନୟାଗଡ଼ ରାଜା ବକ୍ସି ଜଗବନ୍ଧୁଙ୍କୁ ଆତ୍ମସମର୍ପଣ ପାଇଁ ପରାମର୍ଶ ଦେଲେ । ୧୮୨୫ ମସିହା ମଇ ମାସ ୨୫ ତାରିଖରେ ବକ୍ସି ଜଗବନ୍ଧୁ ଆତ୍ମସମର୍ପଣ କରି କଟକରେ ପରିବାର ସହ ଅବସ୍ଥାନ କଲେ । ଶେଷରେ ଏହି ଐତିହାସିକ ପୁରୁଷ ୧୮୨୯ ମସିହା ଜାନୁଆରୀ ମାସ ୨୪ ତାରିଖରେ ଇହଲୀଳା ସମ୍ବରଣ କଲେ । ବକ୍ସିଙ୍କ ପରଲୋକ ଗମନ ପରେ ସର୍ତ୍ତ ଅନୁଯାୟୀ ବ୍ରିଟିଶ୍ ସରକାର ପ୍ରଦାନ କରୁଥିବା ଭରଣ ପୋଷଣ ପେନ୍‌ସନ୍ ବନ୍ଦ କରି ଦିଆଯାଇଥିଲା ।

---

ଆଡ୍‌ଭୋକେଟ୍,
ପ୍ଲଟ୍ ନମ୍ବର-୩୪୦, ଡାଗମରା (କେଶରୀ),
ୟୁନିଟ୍-୨୦, ଭୁବନେଶ୍ୱର-୩୦




ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତା ୪-୮- ୧୯୯୬ ରିଖ ଦିନ ଆସ୍କାଠାରେ ଋଷିକୁଲ୍ୟା ସେତୁ ଉଦ୍‌ଘାଟନ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ ଉପସ୍ଥିତ ଅଛନ୍ତି ।

# ଶହୀଦ ବିର୍ସା ମୁଣ୍ଡା

ଶୁଭଲକ୍ଷ୍ମୀ ମହାନ୍ତି

ଦେଶ ମାତୃକାକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆଜୀବନ ସଂଗ୍ରାମକରି ଓଡ଼ିଶାର ଯେଉଁ ବରପୁତ୍ରମାନେ ଶହୀଦ୍ ହୋଇ ଅମରତ୍ୱ ଲାଭ କରିଛନ୍ତି, ସେମାନଙ୍କ ମଧ୍ୟରେ ବିର୍ସା ମୁଣ୍ଡାଙ୍କ ନାମ ଉଲ୍ଲେଖଯୋଗ୍ୟ । ତାଙ୍କର ମହନୀୟ କୃତିତ୍ୱ ଓଡ଼ିଶାର ଘଟଣାବହୁଳ ଇତିହାସରେ ଏକ ରୋମାଞ୍ଚକର ଅଧ୍ୟାୟ ।

୧୮୭୫ ମସିହା ନଭେମ୍ବର ମାସ ୧୫ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲାର ଉଲିହାତୁ ନାମକ ଏକ ଆଦିବାସୀ ଗ୍ରାମରେ ମୁଣ୍ଡା ପରିବାରରେ ଶହୀଦ ବିର୍ସା ମୁଣ୍ଡାଙ୍କର ଜନ୍ମ । ପିତାଙ୍କ ନାମ ସୁଗନା ମୁଣ୍ଡା ଓ ମାତାଙ୍କ ନାମ କରମୀ ମୁଣ୍ଡା । ବାଲ୍ୟକାଳରୁ ବିର୍ସା ଅତି ସାହସୀ ଓ ସ୍ୱାଭିମାନୀ ଥିଲେ । ଶିକ୍ଷାଲାଭ ପାଇଁ ଗୁର୍ଜିବସା ମିଶନ୍ ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ଉକ୍ତ ସ୍କୁଲର ଗୋରା ପ୍ରଧାନ ଶିକ୍ଷକ, ବିର୍ସା ସ୍ୱାଧୀନ ଚେତା, ସ୍ପଷ୍ଟବାଦୀ ଓ ହିନ୍ଦୁଧର୍ମାନୁରାଗୀ ହୋଇଥିବା ଦୃଷ୍ଟିରୁ ଆକ୍ରୋଶମୂଳକ ଭାବେ ନିଷ୍ଠୁର ପ୍ରହାର କରି ବିଦ୍ୟାଳୟରୁ ବିତାଡ଼ିତ କରିଦେଲେ । ସେହି ଦିନଠାରୁ ବିଦ୍ୟାଅଧ୍ୟୟନରେ ପୂର୍ଣ୍ଣଚ୍ଛେଦ ପକାଇ ବିର୍ସା ଦେଶମାତୃକାକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରିବା ପାଇଁ ଦୃଢ଼ ଶପଥ ନେଲେ । ସେହି ସମୟରୁହିଁ ବିର୍ସାଙ୍କ ହୃଦୟରେ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ପ୍ରଜ୍ୱଳିତ ହୋଇଥିଲା ।

୧୮୧୭ ମସିହାର ପାଇକ ବିଦ୍ରୋହଠାରୁ ସ୍ୱାଧୀନତା ସଂଗ୍ରାମର ଅସ୍ୱମାରମ୍ଭ ହୋଇଥିଲା । ଏହି ପାଇକ ବିଦ୍ରୋହର ଜାଗରଣ ପରେ ୧୮୯୫ ମସିହାରେ ସୁନ୍ଦରଗଡ଼ଠାରୁ ଗୁର୍ଜିବସା ଓ ରାଞ୍ଚି ପର୍ଯ୍ୟନ୍ତ ବିପ୍ଳବୀ ବିର୍ସାଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ତରଙ୍ଗ ଖେଳିଯାଇଥିଲା । ବିର୍ସା ମୁଣ୍ଡା ପ୍ରଥମେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବଣେଇ, ଗୁରୁଣ୍ଡିଆ, କଲିପଶ ଇତ୍ୟାଦି ଗ୍ରାମର ମୁଣ୍ଡା, କିଶାନ, ଖୋଣ୍ଡ ଓ ଅଟିଆର ଆଦିବାସୀ ଭାଇଭଉଣୀମାନଙ୍କୁ ଏକଜୁଟ କରି ବ୍ରିଟିଶ୍ ଶାସକମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ନିରୀହ ଆଦିବାସୀମାନେ ବିର୍ସାଙ୍କୁ ଖୁବ୍ ଭଲ ପାଉଥିଲେ ଏବଂ ବିଶ୍ୱାସ କରୁଥିଲେ । ତେଣୁ ତାଙ୍କର ସମସ୍ତ କଥା ସେମାନେ ମାନିନେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ । ବିର୍ସା କହିଲେ ସେବକ ପଟ୍ଟା ଲେଖ ନାହିଁ, ଗୋତି ଖଟ ନାହିଁ, ଖଜଣା ଦିଅ ନାହିଁ, ବ୍ରିଟିଶ୍ ସରକାରଙ୍କ କଥା ମାନ ନାହିଁ । ବନ୍ଧୁକଗୁଳିକୁ ଡରି ଖ୍ରୀଷ୍ଟଧର୍ମ ଗ୍ରହଣ କରନାହିଁ । ତାଙ୍କର ଓଜସ୍ୱିନୀ ଭାଷଣରେ ଉଦ୍‌ବୁଦ୍ଧ ହୋଇ ହଜାର ହଜାର ଆଦିବାସୀ ଭାଇଭଉଣୀ ଗୋରା ସରକାର ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିବା ପାଇଁ ବାହାରି ପଡ଼ିଥିଲେ । ବିପ୍ଳବ ଆରମ୍ଭ ହେବାକ୍ଷଣି ଗୋରା ସରକାର ଭୟଭୀତ ହୋଇ ୧୮୯୫ ମସିହା ଅଗଷ୍ଟ ୧୬ ତାରିଖ ଦିନ ବିର୍ସା ମୁଣ୍ଡାଙ୍କ ସହ ଅନ୍ୟ ପନ୍ଦର ଜଣ ସହକର୍ମୀଙ୍କୁ ଏସ୍.ପି. ଶ୍ରୀ ମେୟରସ୍ ସଶସ୍ତ୍ର ପୋଲିସ୍ ବାହିନୀଙ୍କ ସାହାଯ୍ୟରେ ଗିରଫ କଲେ । ସେମାନଙ୍କ ନାମରେ ମୋକଦ୍ଦମା ହେଲା । ମୋକଦ୍ଦମାରେ ବିଚାର ପରେ ଅନ୍ୟାୟ ଭାବରେ ତାଙ୍କୁ ଦେଶଦ୍ରୋହୀ ଅପରାଧରେ ରାଞ୍ଚି ଜେଲ୍‌ରେ ଦୁଇବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିଲା । ଏହି ଜେଲ୍‌ରେ ଥିବା ସମୟରେ ବିର୍ସାଙ୍କର ଦେଶକୁ ସ୍ୱାଧୀନ କରିବାର ଦୃଢ଼ତା ଦ୍ୱିଗୁଣିତ ହୋଇଥିଲା । ଅନ୍ୟାୟକୁ ସହିବା ତାଙ୍କ ରକ୍ତରେ ଲେଖାନଥିଲା । ସେହି ସମୟରେ ମହାରାଣୀ ଭିକ୍ଟୋରିଆଙ୍କର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭାରତର ସମସ୍ତ ବନ୍ଦୀଙ୍କୁ ମୁକ୍ତ କରି ଦିଆଯାଇଥିଲା । ସେମାନଙ୍କ ସହିତ ବିର୍ସା ବି ମୁକ୍ତି ପାଇଥିଲେ । ମାତ୍ର ଜେଲରୁ ଫେରି ସେ ଦେଖିଲେ ବହୁ ଆଦିବାସୀ ଭାଇଭଉଣୀ ଖାଇବାକୁ ନପାଇ ବଣ ଜଙ୍ଗଲରେ ପୋକ ମାଛି ପରି ମରିବାରେ ଲାଗିଛନ୍ତି, ଆଉ କେତେକ ଘାସ ମୂଳ ଖୁଦ୍ୟ ଭାବରେ ଗ୍ରହଣ କରିଛନ୍ତି । ତା' ପରିଚ ଏସ୍.ପି. ମିଃ ମେୟରସ୍ ଓ ଡେପୁଟି କମିଶନର ମିଃ ଷ୍ଟ୍ରିଟ୍ ଫିଲ୍ଡଙ୍କ ଦ୍ୱାରା ପ୍ରେରିତ ରିପୋର୍ଟକୁ ଭିତ୍ତିକରି ସରକାର 'ପାର୍ଟ' ଉପରେ ଟିକସ ପକାଇବା ଦ୍ୱାରା ଲୋକମାନେ ଅତିଷ୍ଠ ହୋଇପଡ଼ିଥିଲେ । ଏସବୁ ଘଟଣା ବିର୍ସାଙ୍କୁ ବିଚଳିତ କରିଥିଲା । ଜୀବନର ସବୁଠାରୁ ବେଶୀ ଯନ୍ତ୍ରଣା ସେ ସେହି ସମୟରେ ପାଇଥିଲେ । ବିର୍ସାଙ୍କର ଦୁଇ ମୁଖ୍ୟ ସହକର୍ମୀ ଥିଲେ ଗୟା ମୁଣ୍ଡା ଓ ସୁନାର ମୁଣ୍ଡା । ବିର୍ସା ଏହି ଦୁଇଜଣଙ୍କ ସହ ମିଶି ଘୋର ଜଙ୍ଗଲରେ ପଡ଼ିରହିଥିବା ସରଳ ଆଦିବାସୀମାନଙ୍କର ସେବା କରି ସେମାନଙ୍କୁ ମୁଗ୍ଧ କରିଥିଲେ । ଫଳରେ ଶହ ଶହ ଆଦିବାସୀ

ଲୋକେ ଈଶ୍ୱରଙ୍କ ପରି ବିଶ୍ୱାସ କରୁଥିଲେ। କିଛିଦିନ ପରେ ସୁଯୋଗରେ ବିର୍ସାଙ୍କ ନେତୃତ୍ୱରେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ଶହଶହ ଆଦିବାସୀ ସିଂହଭୂମି ଜିଲ୍ଲାର ଗୋଟାଟଟାରେ ଚାରିଆଡ଼େ ନିଆଁ ଲଗାଇ ପୋଡ଼ାଜଳା କରିବାକୁ ଆରମ୍ଭ କଲେ। ସେହି ସମୟରେ ବିଦ୍ରୋହୀମାନେ ଓ ରାଞ୍ଚିର ମୁଖ୍ୟ ବିଶ୍ରାଳୟକୁ ମଧ୍ୟ ଆକ୍ରମଣ କରିଥିଲେ ଫଳରେ ଜଣେ ଗୋରା ପୋଲିସ ଅଫିସରଙ୍କ ସମେତ ଅନ୍ୟ ବାରଜଣ ବ୍ୟକ୍ତି ନିହତ ହେଲେ। ଆଦିବାସୀମାନଙ୍କର ଉତ୍ତ୍ୟକ୍ତ ଅବସ୍ଥା ଦେଖି ବ୍ରିଟିଶ୍ ଶାସକମାନେ ଭୟଭୀତ ହୋଇପଡ଼ିଥିଲେ। ଶେଷରେ ସେମାନେ ସ୍ଥିର କରିଥିଲେ ବିପ୍ଳବର ମୁଖ୍ୟ ନାୟକ ବିର୍ସା ମୁଣ୍ଡାଙ୍କୁ ଗିରଫ ନକଲେ ଏ ବିଦ୍ରୋହ ବନ୍ଦ ହେବନାହିଁ। ଏ ଉତ୍ତ୍ୟକ୍ତ ଆଦିବାସୀମାନଙ୍କୁ ଆୟତ୍ତ କରି ହେବ ନାହିଁ। ତେଣୁ ବ୍ରିଟିଶ୍ ସରକାର ଘୋଷଣା କଲେ ଯିଏ ବିର୍ସାଙ୍କୁ ଧରିଆଣିବାରେ ସାହାଯ୍ୟ କରିବ ତାଙ୍କୁ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ। ଏହି ଘୋଷଣା ପରେ ପରେ ଜୟରାମ ଓ ବୁଦ୍ଧୁରାମ ନାମକ ଦୁଇଜଣ ସିପାହୀଙ୍କୁ ବିର୍ସା ଓ ତାଙ୍କ ସହକର୍ମୀ ଦ୍ୱୟଙ୍କର ଅନୁସନ୍ଧାନ ଉଦ୍ଦେଶ୍ୟରେ ପଠାଗଲା, ମାତ୍ର ଗୟାମୁଣ୍ଡା ଏହିଖବର ପୂର୍ବରୁ ପାଇସାରିଥିଲେ। ତେଣୁ ତା'ର ନିର୍ଦ୍ଦେଶରେ ତା'ର ଅନୁଗାମୀମାନେ ସେହି ସିପାହୀ ଦ୍ୱୟଙ୍କୁ କୋଚିଲା ତୀରରେ ମାରି ଓ କୁରାଢ଼ିରେ ହାଣି ହତ୍ୟା କରିଥିଲେ। ଏହାର ପରିଣାମରେ ଗୟା ମୁଣ୍ଡା ଗିରଫ ହେବା ସମୟରେ ପୋଲିସବାହିନୀର ଆଘାତରେ ମୃତ୍ୟୁ ବରଣ କରିଥିଲେ। ଏହାର ପ୍ରତିବାଦରେ ବିର୍ସାଙ୍କ ନିର୍ଦ୍ଦେଶରେ ବିଦ୍ରୋହୀ ଆଦିବାସୀମାନେ ଦମନଲୀଳାର ମୁଖ୍ୟ କେନ୍ଦ୍ର ଖୁଣ୍ଟି ଥାନାକୁ ଆକ୍ରମଣ କଲେ। ସେହି ସ୍ଥାନରେ ରଘୁରାମ ନାମକ ଜଣେ ସିପାହୀଙ୍କୁ ହତ୍ୟାକରି ରାସ୍ତା ଉପରେ ତାହାର ଶବକୁ ପକାଇ ଦେଲେ। ଅନ୍ୟ ସିପାହୀ ଏବଂ ପୋଲିସ ଅଫିସରଙ୍କୁ ସେ ଥାନା ଛାଡ଼ି ଚାଲିଯିବା ପାଇଁ ଧମକ ଦେଲେ। ସେ ଥାନାରେ ନିଆଁ ମଧ୍ୟ ଲଗାଇଦେଲେ। ବିଦ୍ରୋହୀ ଆଦିବାସୀମାନଙ୍କର ହତ୍ୟାଲୀଳା ଓ ପୋଡ଼ାଜଳାରେ ଅତିଷ୍ଠ ହୋଇ ଶେଷରେ ବ୍ରିଟିଶ୍ ସରକାର ସଂଗ୍ରାମର କେନ୍ଦ୍ରସ୍ଥଳ ଡ଼ୋମ୍ବାରୀ ପାହାଡ଼କୁ ଘେରାଉକଲେ। ବିର୍ସାଙ୍କ ନେତୃତ୍ୱରେ ଶହଶହ ମୁଣ୍ଡା ଏକଜୁଟ ହୋଇ ୩୦୦ ଫୁଟ ଉଚ୍ଚ ଡ଼ୋମ୍ବାରୀ ପାହାଡ଼ ଉପରେ ଧନୁ, ତୀର, ବର୍ଚ୍ଛା ଇତ୍ୟାଦି ଧରି ଯୁଦ୍ଧ ପାଇଁ ଡାକରାଦେଲେ। ଜାନୁଆରୀ ନଅ ତାରିଖ ଦିନ ବିର୍ସା ଓ ତାଙ୍କର ଜଣେ କର୍ମୀ ନରସିଂହ ମୁଣ୍ଡା ଡ଼ୋମ୍ବାରୀ ପାହାଡ଼ ଉପରେ ଉଦ୍‌ବୋଧନ ଦେବା ସମୟରେ ଡ଼ିଃଏସ୍ଃପିଃ ମିଃ ଫୋବର୍ସ ଓ ଡେପୁଟି କମିଶନର ଷ୍ଟ୍ରୀଟ୍ ଫିଲ୍ଡ଼ ଦୁଇଶହ ସୈନ୍ୟଙ୍କୁ ସାଙ୍ଗରେ ଧରି ପାହାଡ଼କୁ ଘେରାଉ କଲେ ଏବଂ ବିଦ୍ରୋହୀମାନଙ୍କୁ ଆତ୍ମସମର୍ପଣ କରି ଆପୋଷ ମିଳାମିଶା ପାଇଁ ଆହ୍ୱାନ କଲେ। ମାତ୍ର ସେଥିରେ ବିଦ୍ରୋହୀମାନେ ଆଦୌ ରାଜି ନହୋଇ ପାହାଡ଼ଉପରୁ ଧନୁ, ତୀର, ବର୍ଚ୍ଛା ଓ ବଡ଼ବଡ଼ ପଥର ଖଣ୍ଡ ଫିଙ୍ଗି ପୋଲିସ୍ 'ବାହିନୀଙ୍କୁ ରକ୍ତାକ୍ତ କରି ଦେଇଥିଲେ। ଏଥିରେ ଅନ୍ୟ ଉପାୟ ନପାଇ ପୋଲିସ୍ ପକ୍ଷରୁ ଗୁଳିବର୍ଷଣ ହେଲା। ଫଳରେ ନରସିଂହ ମୁଣ୍ଡାଙ୍କ ସମେତ ପ୍ରାୟ ଦୁଇଶହ ସଂଗ୍ରାମୀ ସେହି ପାହାଡ଼ ଉପରେ ଟଳିପଡ଼ିଲେ। କିନ୍ତୁ ବିର୍ସା ଅଳ୍ପକେ ରକ୍ଷା ପାଇଗଲେ ଏବଂ ନିକଟସ୍ଥ ଚକ୍ରଧରପୁର ଜଙ୍ଗଲରେ ଯାଇ ଆତ୍ମଗୋପନ କଲେ। ପୋଲିସ୍ ବହୁଚେଷ୍ଟା କରି ତାଙ୍କୁ ଧରି ନପାରିବାରୁ ଶେଷରେ ମୁଣ୍ଡା ସମ୍ପ୍ରଦାୟଙ୍କ ଉପରେ ବହୁ ଉପାୟରେ ଅତ୍ୟାଚାରକଲେ। ତାଙ୍କର ଘରସବୁରେ ନିଆଁ ଲଗାଇଦେଲେ। ଏହି ସବୁ ଅତ୍ୟାଚାରରେ ବିର୍ସା ତାଙ୍କର ବହୁ ସହଯୋଗୀଙ୍କୁ ହରାଇଲେ। ତେବେବି ବିର୍ସାଙ୍କର ସ୍ୱାଧୀନତା ପାଇଁ ସଂକଳ୍ପ ଦୃଢ଼ ରହିଥିଲା। ମାସ ମାସଧରି ବଣଜଙ୍ଗଲରେ ବୁଲି ସେ ପରିସ୍ଥିତି ଅନୁଧ୍ୟାନ କରୁଥିଲେ। ଲୁଚି ଲୁଚି ସଙ୍ଗଠନ କାର୍ଯ୍ୟ କରୁଥିଲେ। ଏହାପରେ ଅଧିକ ଲାଭ ଆଶାରେ ବିର୍ସା ଓଡ଼ିଶାର ଭିଟାମାଟି ଛାଡ଼ି ସିଂହଭୂମି ଜିଲ୍ଲାକୁ ଚାଲିଗଲେ। ସେଠାରେ ସେନ୍ତ୍ରେରାଗ୍ରାମ ନିକଟବର୍ତ୍ତୀ ଏକ ଜଙ୍ଗଲ ମଧ୍ୟରେ ଲୁଚି ରହି ସାଙ୍ଗଠନିକ କାର୍ଯ୍ୟ କରୁଥିବା ସମୟରେ ୧୯୦୦ ମସିହା ମାର୍ଚ୍ଚ ତିନିତାରିଖ ଦିନ ପୋଲିସ୍ ହାତରେ ଧରାପଡ଼ିଥିଲେ। ପୂର୍ବରୁ ବ୍ରିଟିଶ୍ ସରକାର ବହୁ ଚେଷ୍ଟା କରି ମଧ୍ୟ ବିର୍ସାଙ୍କୁ ଧରି ପାରିନଥିଲେ ମାତ୍ର ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିଟାମାରିଆ ପାଞ୍ଚଶହ ଟଙ୍କା ଅର୍ଥ ଲୋଭରେ ବିର୍ସାଙ୍କର ଗୋପନ ଖବର ସରକାରଙ୍କୁ ଜଣାଇ ଦେଇଥିଲେ। ଫଳରେ ଗୋରା ସରକାର ବିର୍ସାଙ୍କୁ ଧରିନେଇ ଜେଲ୍‌ରେ ବହୁ ନିର୍ଯ୍ୟାତନା ଦେଇଥିଲେ। ପ୍ରଥମେ ତାଙ୍କୁ ରାଞ୍ଚି ଜେଲ୍‌କୁ ନେଲେ। ସେ ଜେଲ୍‌କୁ ଯିବା ସମୟରେ ଶହ ଶହ ଆଦିବାସୀ ଭାଇଭଉଣୀ ତାଙ୍କ ପଛେ ପଛେ ଚାଲିଥାଆନ୍ତି। ସରକାର ଗଣ୍ଡଗୋଳ ଆଶଙ୍କା କରି ରାତାରାତି ବିର୍ସାଙ୍କ ହାତ ଗୋଡ଼ରେ ବେଡ଼ି ପକାଇ ତାଙ୍କୁ ହଜାରୀବାଗ ଜେଲକୁ ପଠାଇଦେଲେ। ଜେଲରେ ବହୁ ନିର୍ଯ୍ୟାତନା ତାଙ୍କୁ ଭୋଗିବାକୁ ହେଲା, ଶେଷରେ ସ୍ୱାସ୍ଥ୍ୟ ଖରାପ ହେବାରୁ ପୁଣିଥରେ ରାଞ୍ଚିଜେଲ୍‌କୁ ତାଙ୍କୁ ଅଣାଗଲା ମିଥ୍ୟାଅଭିଯୋଗରେ କେଶ୍ ଚାଲିଲା। ତାଙ୍କ ସପକ୍ଷରେ ଶହ ଶହ ଲୋକ କୋର୍ଟ ବାହାରେ ରୁଣ୍ଡ ହୋଇଥିଲେ ମଧ୍ୟ ସେମାନଙ୍କୁ ସାକ୍ଷୀ ଦେବାପାଇଁ ବିଚାରପତି ସୁଯୋଗ ଦେଲେନାହିଁ। ତାଙ୍କର ସହପାଠୀ ତଥା ଜେଲ୍ ଡାକ୍ତର ଅମୂଲ୍ୟ ଓ ମେହେନ୍ତର ଶିବନା ତାଙ୍କ ଶେଷଜୀବନର କରୁଣ ଦୃଶ୍ୟକୁ ସ୍ୱଚକ୍ଷୁରେ ଦେଖୁଥିଲେ। ବିଚାର ସମୟରେ ବିର୍ସା ଖାଲି ପ୍ରଳାପ କରିଚାଲିଲେ। ତେଣୁ ବିଚାରପତି ବିଚାର ସ୍ଥଗିତ ରଖି ପୁନର୍ବାର ତାଙ୍କୁ ଜେଲକୁ ପଠାଇଦେଲେ। ସେହି ଜେଲ୍ ମଧ୍ୟରେ ତାଙ୍କୁ ଖାଦ୍ୟରେ ବିଷଦେଇ ମାରିଦିଆଗଲା। ଡାକ୍ତରଙ୍କୁ ନିର୍ଦ୍ଦେଶ ଦିଆଗଲା ବିର୍ସାଙ୍କର ହଇଜାରେ ମୃତ୍ୟୁ ହୋଇଛି ବୋଲି ଦର୍ଶାଇ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ, ମାତ୍ର ଡାକ୍ତର ତାହା କରିନଥିଲେ, ଫଳରେ ତାଙ୍କୁ ଚାକିରିରୁ ବରଖାସ୍ତ କରିଦିଆଗଲା। ମେହେନ୍ତର ଶିବନା ପାଗଳହୋଇ ବିର୍ସାଙ୍କୁ ଗଳିକନ୍ଦି ଖୋଜି ବୁଲିଲା। ଏହି ମହାନ୍ ବିପ୍ଳବୀ ଶହୀଦ୍ ବିର୍ସା ମୁଣ୍ଡାଙ୍କର ୧୯୦୦ ମସିହା ଜୁନ୍‌ମାସ ନଅ ତାରିଖ ଦିନ ମୃତ୍ୟୁ ହୋଇଥିଲା।

ଭାରତର ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଶହୀଦ୍ ବିର୍ସା ମୁଣ୍ଡାଙ୍କର ତ୍ୟାଗ ଅତୁଳନୀୟ। ସରଳ ଆଦିବାସୀ ମୁଣ୍ଡା ପରିବାରରେ ଜନ୍ମ ହୋଇ ଦେଶକୁ ସ୍ୱାଧୀନ କରିବା ପାଇଁ ସେ ସମଗ୍ରଜୀବନକୁ ଉତ୍ସର୍ଗ କରିଯାଇଛନ୍ତି। ତାଙ୍କର ବୀରତ୍ୱବ୍ୟଞ୍ଜକ ସଂଗ୍ରାମ ଯୁଗ ଯୁଗ ଧରି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ।

---

ମାର୍ଫତ୍—ପ୍ରମୋଦ କିଶୋର ମହାନ୍ତି,
୫୬୭, ଶହୀଦ୍ ନଗର, ଭୁବନେଶ୍ୱର

# ରାଜ୍ୟ କୃଷି ନୀତି

ଓଡ଼ିଶାର ମୃତ୍ତିକା, ବୃଷ୍ଟିପାତ ଏବଂ ଜଳବାୟୁ ଚାଷ ପାଇଁ ଅତ୍ୟନ୍ତ ଉପଯୁକ୍ତ ହୋଇଥିଲେ ହେଁ ଏହାର ପୂର୍ଣ୍ଣ ଉପଯୋଗ ଏ ପର୍ଯ୍ୟନ୍ତ କରାଯାଇ ନାହିଁ । ଓଡ଼ିଶାର ଜନସଂଖ୍ୟାର ଶତକଡ଼ା ୭୦ଭାଗ କୃଷି ଉପରେ ନିର୍ଭରଶୀଳ । ଯେଉଁ ପର୍ଯ୍ୟନ୍ତ କୃଷିର ଆଶାନୁରୂପ ଉନ୍ନତି ହୋଇନାହିଁ, ସେ ପର୍ଯ୍ୟନ୍ତ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଅସମ୍ଭବ । ରାଜ୍ୟ ସରକାର କୃଷିକୁ ଶିଳ୍ପର ମାନ୍ୟତା ଦେଇଛନ୍ତି । କୃଷିକୁ ଅଗ୍ରାଧିକାର ଦେବା ପାଇଁ ପ୍ରଥମଥର ପାଇଁ ଏକ କୃଷିନୀତି ପ୍ରଣୟନ କରାଯାଇଛି, ଏହା କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାର ଆଶା କରାଯାଏ ।

### ଏହି ନୀତିର ମୂଳ ଲକ୍ଷ୍ୟ :

(କ) ଶସ୍ୟ ଓ ତୈଳବୀଜ ଜାତୀୟ ଫସଲ ଉତ୍ପାଦନକୁ ଦ୍ୱିଗୁଣିତ କରିବା । (ଖ) ଚାଷକୁ କେବଳ ଏକ ଜୀବନ ନିର୍ବାହର ପନ୍ଥା ହିସାବରେ ଗ୍ରହଣ ନ କରି, ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା, ଯେପରି ଯୁବ ସମ୍ପ୍ରଦାୟ କୃଷିକୁ ଆତ୍ମ ନିଯୁକ୍ତିର ଏକ ପନ୍ଥା ରୂପେ ଗ୍ରହଣ କରିବେ । (ଗ) ପ୍ରଗତିଶୀଳ କୃଷି ବ୍ୟବସ୍ଥା ଦ୍ୱାରା ଅଧିକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟିକରିବା । (ଘ) କୃଷିକୁ ଦାରିଦ୍ର୍ୟ ଦୂରୀକରଣର ଏକ ମୁଖ୍ୟ ପନ୍ଥା ଭାବରେ ଗ୍ରହଣ କରିବା । (ଙ) ବିଭିନ୍ନ ଉନ୍ନତ ଦେଶର ଚାଷ ପ୍ରଣାଳୀକୁ ଲୋକଙ୍କ ନିକଟରେ ପହଞ୍ଚାଇବା । (ଚ) ସମସ୍ୟାମୂଳକ ଜମିକୁ ଚାଷୋପଯୋଗୀ କରିବା :– ଜଳପ୍ଳାବିତ ଅଞ୍ଚଳ, ମୃତ୍ତିକା ଅବକ୍ଷୟ ଘଟୁଥିବା ଅଞ୍ଚଳ, ଶୁଷ୍କାଞ୍ଚଳ, ପୋଡୁଚାଷ ଅଞ୍ଚଳ, ପତିତ ଜମି, କ୍ଷାର ଓ ଅମ୍ଳ ବୃଦ୍ଧି ପାଉଥିବା ଜମିର ସମସ୍ୟାର ନିରାକରଣ ପାଇଁ ସମନ୍ୱିତ ବ୍ୟବସ୍ଥା କରିବା । (ଛ) କୃଷି କ୍ଷେତ୍ରରେ ଏକ ବ୍ୟାପକ ଉଦ୍ୟୋଗୀ ଗୋଷ୍ଠୀ ସୃଷ୍ଟି କରିବା । (ଜ) ଚାଷ କ୍ଷେତ୍ରରେ ଆବଶ୍ୟକ ହେଉଥିବା ବିଭିନ୍ନ କାର୍ଯ୍ୟ ପାଇଁ କୁଶଳୀ କର୍ମୀ ସୃଷ୍ଟି କରିବା । (ଝ) ଚାଷ କ୍ଷେତ୍ରରେ ବ୍ୟାପକ ଯାନ୍ତ୍ରୀକରଣ କରି କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା । (ଞ) କୃଷିଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଏବଂ ଅତ୍ୟାଧୁନିକ ଜୈବପ୍ରଯୁକ୍ତିବିଦ୍ୟାର ପ୍ରସାର କରିବା । (ଟ) ଫଳ ଓ ଫୁଲ ଚାଷ, ପନିପରିବା ଚାଷ, ଦୁଗ୍ଧ ଉତ୍ପାଦନ, ମାଂସ ଏବଂ ଅଣ୍ଡା ଉତ୍ପାଦନ, ମତ୍ସ୍ୟଚାଷ, ଆଳୁ ଏବଂ ପିଆଜ ଉତ୍ପାଦନକୁ ବହୁଗୁଣିତ କରି ଆତ୍ମ ନିର୍ଭରଶୀଳ ହେବା । (ଠ) ଚା, କଫି, ରବର, କାଜୁ, ଇତ୍ୟାଦି ବଗିଚା ଶିଳ୍ପର ବ୍ୟାପକ ପ୍ରସାର କରିବା । (ଡ) ଜଳସେଚନ କ୍ଷେତ୍ରରେ ବ୍ୟକ୍ତିଗତ ଏବଂ ସାମୂହିକ ଉଦ୍ୟମକୁ ଉତ୍ସାହିତ କରି ଜଳସେଚିତ ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରି ମୋଟ ଚାଷଜମିର ଶତକଡ଼ା ୫୦ ଭାଗ ଜଳସେଚନ କରିବା । (ଢ) କୃଷି କ୍ଷେତ୍ରରେ ଏକ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରିବା (ଣ) କୃଷିଜାତ ଦ୍ରବ୍ୟର କ୍ରୟବିକ୍ରୟ ପାଇଁ ଘରୋଇ ଉଦ୍ୟମକୁ ପ୍ରୋତ୍ସାହନ ଦେବା । (ତ) ବିଭିନ୍ନ ଅଞ୍ଚଳର ଜଳବାୟୁକୁ ଲକ୍ଷ୍ୟ ରଖି ଉପସ୍ଥିତ ସୁବିଧା ସୁଯୋଗର ପ୍ରକୃଷ୍ଟ ବ୍ୟବହାର ଉଦ୍ଦେଶ୍ୟରେ ଏକ ଫଳପ୍ରଦ ଫସଲ ଉତ୍ପାଦନର ଖସଡ଼ା ପ୍ରସ୍ତୁତ କରିବା । (ଥ) କୃଷକୁ ଏକ ଉଦ୍ୟୋଗରେ ପରିଣତ କରି ରପ୍ତାନି ଅଭିମୁଖୀ କରିବା ।

## ଅଧ୍ୟାୟ–୨

ଉପଯୁକ୍ତ ଲକ୍ଷ୍ୟ ସାଧନ ଦିଗରେ ଯେଉଁସବୁ ସରକାରୀ ପଦକ୍ଷେପ ନିଆଯିବ ତନ୍ମଧ୍ୟରୁ ଉନ୍ନତ ବିହନ ଯୋଗାଣ ମୁଖ୍ୟ ।

### ବିହନ :

ରାଜ୍ୟର ମୁଖ୍ୟ ଫସଲ ଧାନ । ବର୍ଷକୁ ପ୍ରାୟ ୪୫ ଲକ୍ଷ ହେକ୍ଟରରେ ଧାନ ଚାଷ କରାଯାଏ । ମାତ୍ର ଚାଷୀମାନଙ୍କ ବିହନ ଆବଶ୍ୟକତାର ମାତ୍ର ୨ ପ୍ରତିଶତ ଅଧିକ ଅମଳକ୍ଷମ ଧାନ ବିହନ ଯୋଗାଯାଇ ପାରୁଛି । ଆସନ୍ତା ୫ ବର୍ଷ ମଧ୍ୟରେ ଏହି ଯୋଗାଣର ପରିମାଣ ୨୦%କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି । ସେହିକାଳ ମଧ୍ୟରେ ଡାଲି ଜାତୀୟ ଓ ତୈଳବୀଜ ଜାତୀୟ ବିହନ ଯୋଗାଣ ପରିମାଣ ୮%ରୁ ୧୦%କୁ ବୃଦ୍ଧି କରିବାର ବ୍ୟବସ୍ଥା କରାଯିବ । ବିଭିନ୍ନ ବର୍ଷରେ ବିହନ ଯୋଗାଣ ଲକ୍ଷ୍ୟ ନିମ୍ନମତେ ରଖାଯାଇଛି ।

| ବର୍ଷ | [illegible] | [illegible] | | | [illegible] |
|---|---|---|---|---|---|
| | [illegible] | [illegible] | [illegible] | [illegible] | |
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |

ବିହନ ଆବଶ୍ୟକତାକୁ ଆଖିରେ ରଖି ବିହନ ଉତ୍ପାଦନ ପାଇଁ ସମସ୍ତ ଦରକାରୀ ବ୍ୟବସ୍ଥା କରାଯିବ । ବିହନ ଉତ୍ପାଦନ ଓ ଯୋଗାଣକୁ ଏକ ତ୍ରିସ୍ତରୀୟ ବ୍ୟବସ୍ଥାରେ ପରିଣତ କରାଯିବ ଏବଂ ସେଥିରେ କୃଷି ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି କୃଷକ ପର୍ଯ୍ୟନ୍ତ ସମସ୍ତେ ସଂଶ୍ଳିଷ୍ଟ ହେବେ । ଏହି ବ୍ୟବସ୍ଥା ଅନୁଯାୟୀ କୃଷି ବିଶ୍ୱବିଦ୍ୟାଳୟକୁ ପ୍ରଜନନ ବିହନ ଯୋଗାଣର ଦାୟିତ୍ୱ ଦିଆଯିବ, ସରକାରୀ ଫାର୍ମ ଏବଂ ଓଡ଼ିଶା ରାଜ୍ୟ ବିହନ ନିଗମର ଫାର୍ମଗୁଡ଼ିକରେ ଭିତ୍ତି ବିହନ ଉତ୍ପାଦନ କରାଯିବ ଏବଂ ବିହନ ନିଗମ ଏହି ଭିତ୍ତି ବିହନକୁ ଚାଷୀମାନଙ୍କୁ ଦେଇ ସେମାନଙ୍କଠାରୁ ପ୍ରାମାଣିକ ବିହନ କିଣି ନେବେ । ଏହା ବ୍ୟତୀତ ଘରୋଇ ସଂସ୍ଥାମାନଙ୍କୁ ମଧ୍ୟ ଭିତ୍ତି ବିହନ ଉତ୍ପାଦନ କ୍ଷେତ୍ରରେ ସୁଯୋଗ ଦିଆଯିବ । ଉପଯୁକ୍ତ କ୍ଷେତ୍ରରେ ସରକାରୀ ଫାର୍ମକୁ ଏଥିପାଇଁ ଦୀର୍ଘମିଆଦୀ ସୂତ୍ରରେ ଲିଜ୍ ଦିଆଯାଇପାରିବ । ପ୍ରାମାଣିକ ବିହନ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ, ଘରୋଇ ପାଇକାରୀ ଓ ଖୁଚୁରା ବିକ୍ରେତାମାନଙ୍କୁ ନିଯୁକ୍ତି ଦେବେ, ଯାହା ଫଳରେ କି ବିହନ ଯୋଗାଣ ଅନ୍ତତଃ ପ୍ରତ୍ୟେକ ପଞ୍ଚାୟତରେ ସମ୍ଭବ ହେବ । ପ୍ରତ୍ୟେକ ବ୍ଲକ ସ୍ତରରେ ଉନ୍ନତ ଫଳଚାରା ଓ କଲମୀ ଉତ୍ପାଦନ ପାଇଁ ଅନ୍ତତଃ ଗୋଟିଏ ଲେଖାଏଁ ଫାର୍ମ ପ୍ରତିଷ୍ଠା କରାଯିବ । ସରକାରୀ ଫାର୍ମ ବ୍ୟତୀତ ଘରୋଇ ଉଦ୍ୟମରେ ରେଜିଷ୍ଟ୍ରୀଭୁକ୍ତ ନର୍ସରୀ ପ୍ରତିଷ୍ଠା ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ଏହି ନର୍ସରୀଗୁଡ଼ିକ ଗୋଟିଏ ଗୋଟିଏ ଉଦ୍ୟୋଗ ହିସାବରେ ୪ର୍ଥ ଅଧ୍ୟାୟରେ ବର୍ଣ୍ଣିତ ବିଭିନ୍ନ ପ୍ରୋତ୍ସାହନ ପାଇପାରିବେ । ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଉନ୍ନତ ଧରଣର ପନିପରିବା ଚାରା ପ୍ରସ୍ତୁତି ପାଇଁ ଘରୋଇ ଉଦ୍ୟମରେ ନର୍ସରୀ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦିଆଯିବ । ଏହି ଯୋଜନା ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯିବ ।

## ସାର :

କୃଷି ଉତ୍ପାଦନ ବୃଦ୍ଧିରେ ରାସାୟନିକ ଓ ଜୈବିକ ସାରର ବ୍ୟବହାର ବୃଦ୍ଧି କରାଯିବା ଆବଶ୍ୟକ । ୫ ବର୍ଷ ଶେଷରେ ରାଜ୍ୟରେ ହେକ୍ଟର ପ୍ରତି ରାସାୟନିକ ସାର ବ୍ୟବହାର ପରିମାଣ ୧୦୦ କେ.ଜି.କୁ ବଢ଼ାଇବାର ଲକ୍ଷ୍ୟ ରଖାଯାଇଛି । ସାର ବ୍ୟବହାର ଯେପରି ଆନୁପାତିକ ଭାବରେ ବଢ଼େ, ସେଥିପାଇଁ ମଧ୍ୟ ଦୃଷ୍ଟି ଦିଆଯିବ ।

ସମୁଦାୟ ସାର ଯୋଗାଣର ଏବଂ ହେକ୍ଟର ପ୍ରତି ବ୍ୟବହାରର ବାର୍ଷିକ ଲକ୍ଷ୍ୟ ହେଲା :–

| ବର୍ଷ | [illegible] | [illegible] | [illegible] | ସମୁଦାୟ ପୋଷକ ତତ୍ତ୍ୱ | [illegible] |
|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] |

ସାର ଯୋଗାଣ କ୍ଷେତ୍ରରେ ସମବାୟ ସଂସ୍ଥାଗୁଡ଼ିକୁ କ୍ଷମତା ଅନୁପାତରେ ବ୍ୟବହାର କରାଯିବ, ବାକି ଯୋଗାଣ ଘରୋଇ ବ୍ୟବସାୟୀମାନଙ୍କ ଜରିଆରେ କରାଯିବ ।

## ଜୈବ ସାର :

ଏହା ବ୍ୟତୀତ ଜୈବ ଉର୍ବରକ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଜୈବ ଉର୍ବରକ ବ୍ୟବହାରର ପ୍ରସାର ଉଦ୍ଦେଶ୍ୟରେ ମହିଳା ସମିତି, ଯୁବକ ସଙ୍ଘ, ବେସରକାରୀ ସଂସ୍ଥା ଓ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ଏହାର ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯିବ । ସବୁଜ ସାର ହିସାବରେ ଧନିଆକୁ ବ୍ୟାପକ ଭାବରେ ବ୍ୟବହାର କରିବା ପାଇଁ ଏହାର ବିହନ ଉତ୍ପାଦନ ଓ ବିକ୍ରୟ ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ । ସର୍ବସାଧାରଣ ପତିତ ଜମି ବା ବ୍ୟକ୍ତିବିଶେଷମାନଙ୍କ ବାଡ଼ି ଗୁରିପଟେ ଧନିଆ ବିହନ ଚାଷ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ ।

## ମାଟି ପରୀକ୍ଷା :

ମାଟି ପରୀକ୍ଷା ଓ ସେହି ଅନୁସାରେ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବ । ଚାଷୀମାନଙ୍କୁ ସେମାନଙ୍କ ଜମିର ସ୍ୱାସ୍ଥ୍ୟ ସମ୍ପର୍କୀୟ ମାଟିପରୀକ୍ଷା କାର୍ଡ଼ ଦେବାର ବ୍ୟବସ୍ଥା କରାଯିବ । ପ୍ରତିବର୍ଷ ତିନିଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ।

## କୃଷି ଯନ୍ତ୍ରପାତି :

ଗୋଟିଏ ଜମିରୁ ଅଧିକ ଫସଲ ନେବାକୁ ହେଲେ ଶୀଘ୍ର ଚାଷ ଓ ଭଲ ଚାଷ ହେବାର ଆବଶ୍ୟକତା ରହିଛି । ତେଣୁ କୃଷି ଯନ୍ତ୍ରପାତିର ଅଧିକ ପ୍ରଚଳନ ଉପରେ ଗୁରୁତ୍ୱ ଦିଆଯିବ । ଶୀଘ୍ରଚାଷ ପାଇଁ ପାୱାର ଟିଲର, ବିନା ବଳଦରେ ଚାଲୁଥିବା ଚାଷଯନ୍ତ୍ର, ହସ୍ତଚାଳିତ ରୁଆଯନ୍ତ୍ର, ଅମଳଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର, ବିହନବୁଣା ଯନ୍ତ୍ର ଓ ଅନ୍ୟାନ୍ୟ ଆବଶ୍ୟକ ଯନ୍ତ୍ରର ପ୍ରସାର କରାଯିବ ଓ ସେଥିପାଇଁ ପ୍ରଶିକ୍ଷଣ ଓ ପ୍ରଦର୍ଶନ ବ୍ୟବସ୍ଥାକୁ ବ୍ୟାପକ କରାଯିବ । କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଓ ଆଞ୍ଚଳିକ ଗବେଷଣାଗାରରେ କୃଷିଯନ୍ତ୍ର

ସମନ୍ୱୀୟ ଗବେଷଣାକୁ ପ୍ରୋତ୍ସାହନ ଦିଆଯିବ ଓ ଘରୋଇ ଉଦ୍ୟମରେ ଉନ୍ନତ ଯନ୍ତ୍ରପାତିର ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ । ପ୍ରତି ଜିଲ୍ଲାରେ ସ୍ଥାନୀୟ ଆବଶ୍ୟକତାକୁ ଆଖିରେ ରଖି ଯନ୍ତ୍ରପାତିର ଉତ୍ପାଦନ ପାଇଁ ବ୍ୟବସ୍ଥା କରାଯିବ ଓ ଗୋଟିଏ କୃଷି ଯନ୍ତ୍ରପାତିର କାରଖାନା ବସାଯିବ । କୃଷି ଯନ୍ତ୍ରପାତି ସହଜରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଘରୋଇ ବିକ୍ରୟ ବ୍ୟବସ୍ଥା କରାଯିବ । କୃଷିଶିଳ୍ପ ନିଗମ ଗ୍ରାମାଞ୍ଚଳରେ ଘରୋଇ ବିକ୍ରେତାମାନଙ୍କୁ ନିଯୁକ୍ତି ଦେବେ । ପ୍ରତ୍ୟେକ ବ୍ଲକରେ ଅନ୍ତତଃ ଗୋଟିଏ କୃଷିସେବା କେନ୍ଦ୍ର ଘରୋଇ ଉଦ୍ୟମରେ ସ୍ଥାପନ କରିବାର ବ୍ୟବସ୍ଥା କରାଯିବ ଏବଂ ସେଥିପାଇଁ ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ ପ୍ରୋତ୍ସାହନ ଦିଆଯିବ । ଏକ କୃଷି ଯନ୍ତ୍ରୀକରଣ ବୋର୍ଡ଼ ଗଠନ କରାଯାଇ ଗବେଷଣା, ଉତ୍ପାଦନ ଓ ବ୍ୟବହାର ମଧ୍ୟରେ ସମନ୍ୱୟ ରକ୍ଷା କରାଯିବ । ଭାରତ ସରକାର ବିଭିନ୍ନ ଫସଲ ପାଇଁ ଆନୁଷଙ୍ଗିକ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଚାଷୀମାନଙ୍କୁ ରିହାତି ପ୍ରଦାନ କରନ୍ତି । ଚଳିତ ବର୍ଷ ରିହାତି ଦରରେ ବିକ୍ରି ହୋଇଥିବା ଯନ୍ତ୍ରପାତିର ମୂଲ୍ୟ ୭ କୋଟି ଟଙ୍କା ଅଟେ । ଆସନ୍ତା ବର୍ଷମାନଙ୍କରେ ବିଭିନ୍ନ କୃଷି ଯନ୍ତ୍ରପାତି ବିକ୍ରୟ ପାଇଁ ନିମ୍ନମତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

| | |
|---|---|
| ୧୯୯୬–୧୯୯୭ | ୨୦ କୋଟି ଟଙ୍କା |
| ୧୯୯୭–୧୯୯୮ | ୨୭ କୋଟି ଟଙ୍କା |
| ୧୯୯୮–୧୯୯୯ | ୨୬ କୋଟି ଟଙ୍କା |
| ୧୯୯୯–୨୦୦୦ | ୩୭ କୋଟି ଟଙ୍କା |
| ୨୦୦୦–୨୦୦୧ | ୫୦ କୋଟି ଟଙ୍କା |

ଏହା ବ୍ୟତୀତ ବାର୍ଷିକ ୫୦୦୦ ସଂଖ୍ୟାରେ ପାୱାର ଟିଲର ଓ ତଦ୍ରୂପ କ୍ଷୁଦ୍ର ଯନ୍ତ୍ର ଚାଷୀଙ୍କୁ ରିହାତି ଦରରେ ବିକ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାହୋଇଛି ।

## ଅର୍ଥକରୀ ଫସଲ :

ଖାଦ୍ୟଶସ୍ୟ ଉତ୍ପାଦନଠାରୁ ଅର୍ଥକାରୀ ଫସଲ (ଯଥା–ଆଖୁ, କ୍ଷୋଟ, ମେସ୍ତା, କପା, ସୋୟାବିନ୍, ଚିନାବାଦାମ, ଆଳୁ, ଲଙ୍କାମରିଚ, ପିଆଜ ଇତ୍ୟାଦି) ଉତ୍ପାଦନ ପ୍ରତି ଅଧିକ ଦୃଷ୍ଟି ଦିଆଯିବ । ଧାନ ବା ଅନ୍ୟାନ୍ୟ ଖାଦ୍ୟଶସ୍ୟ ଫସଲ କେବଳ ଉପଯୁକ୍ତ ସୁବିଧା ଥିବା ଜମିରେ କରାଯିବ ଓ ଏହାର ଉତ୍ପାଦିକା ଶକ୍ତି ବୃଦ୍ଧି କରିବାର ପ୍ରଚେଷ୍ଟା ଅବ୍ୟାହତ ରହିବ । କମ୍ ବୃଷ୍ଟିପାତ ଅଞ୍ଚଳରେ ଯଥା :–କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ନବରଙ୍ଗପୁର, ରାୟଗଡ଼ା ଅଞ୍ଚଳରେ କପାଚାଷ, ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କର ନଦୀ–ବାଲିଶଯ୍ୟାରେ ଆଳୁ ଚାଷର ପ୍ରସାର କରାଯିବ । ପ୍ରକୃତ ଆଳୁ ବିହନ (True Potato Seeds) ବ୍ୟବହାର କରି ନିରୋଗ, ଉନ୍ନତ ଧରଣର ଆଳୁଚାଷ ପ୍ରବର୍ତ୍ତନ କରାଯିବ । ତିନିବର୍ଷରେ ଆଳୁ ଉତ୍ପାଦନ ୪ ଲକ୍ଷ ଟନକୁ ବଢ଼ାଇ ରାଜ୍ୟକୁ ଆଳୁରେ ଆତ୍ମନିର୍ଭରଶୀଳ କରିବାକୁ ପଡ଼ିବ ।

ଶୀତଳଭଣ୍ଡାର ପରିଚାଳନା ଘରୋଇକରଣ କରାଯିବ । ୫ ବର୍ଷ ମଧ୍ୟରେ କପାଚାଷ ପରିମାଣ ଯେପରି ୨ ଲକ୍ଷ ହେକ୍ଟରକୁ ବୃଦ୍ଧିପାଏ, ତାହାର ବ୍ୟବସ୍ଥା କରାଯିବ । ସ୍ୱତନ୍ତ୍ର କପାଚାଷ ସମବାୟ ସମିତି ଗଠନ ଓ କପା କର୍ପୋରେସନ୍ ସହାୟତାରେ ଏହି ଲକ୍ଷ୍ୟ ହାସଲ କରାଯିବ । ଘରୋଇ ସଂସ୍ଥାମାନଙ୍କ ଜରିଆରେ ଚିନିକଳ ବସାଇ ଆଖୁ ଚାଷର ପ୍ରସାର କରାଯିବ । ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟରେ ଯେପରି ୨,୫୦,୦୦୦ ହେକ୍ଟର ଜମିରେ ଆଖୁ ଚାଷ କରାଯାଏ ଏବଂ ୨୦ଟି ଚିନିକଳ ସ୍ଥାପିତ ହୁଏ, ତାହାର ବ୍ୟବସ୍ଥା କରାଯିବ । ଏହା ବ୍ୟତୀତ କୃଷି ଜଳବାୟୁ ମଣ୍ଡଳକୁ ଖାପ ଖୁଆଇଲା ଭଳି ଫସଲ, ଯଥା କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ସୋୟାବିନ୍, ନବରଙ୍ଗପୁର ଓ ଗଜପତି ଜିଲ୍ଲାରେ ମକା ଉତ୍ପାଦିତ କରାଯିବ ଓ ପରେ ଗବେଷଣା ଦ୍ୱାରା ସ୍ଥିରୀକୃତ ଅଞ୍ଚଳରେ ଏହାର ପ୍ରସାର କରାଯିବ । ଫଳଚାଷ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଜଳବାୟୁ ମଣ୍ଡଳୀୟ ସୁବିଧାକୁ ଆଖିରେ ରଖି ଆମ୍ବ, ଲେମ୍ବୁ, କମଳା, ବରକୋଳି, ସପେଟା, ଲିଚୁ, ପିଜୁଳି, ନଡ଼ିଆ, କଦଳୀ, ସପୁରୀ ଇତ୍ୟାଦି ଫଳ ଚାଷର ନୂତନ ବଗିଚା ସୃଷ୍ଟି କରାଯିବ ।

| ବର୍ଷ | ହେକ୍ଟର |
|---|---|
| ୧୯୯୬–୧୯୯୭ | ୩୫,୦୦୦ |
| ୧୯୯୭–୧୯୯୮ | ୫୦,୦୦୦ |
| ୧୯୯୮–୧୯୯୯ | ୭୫,୦୦୦ |
| ୧୯୯୯–୨୦୦୦ | ୧,୦୦,୦୦୦ |
| ୨୦୦୦–୨୦୦୧ | ୧,୨୫,୦୦୦ |

ପ୍ରତ୍ୟେକ ସହର ପାଖାପାଖି ଅଞ୍ଚଳରେ ପରିବା ଚାଷରେ ଅଧିକ ଧ୍ୟାନ ଦିଆଯିବ । ଉନ୍ନତ ମାନର ବିହନ, ଚାରା ଯୋଗାଣ ଓ ବିକ୍ରୟ ପାଇଁ ଘରୋଇ ଉଦ୍ୟମକୁ ପ୍ରୋତ୍ସାହିତ କରାଯିବ ।

## ସମସ୍ୟାମୂଳକ ଜମିର ଉଦ୍ଧାର :

ଜଳ ନିଷ୍କାସନ ହୋଇ ପାରୁ ନ ଥିବା ହେତୁ ପ୍ରାୟ ୩ ଲକ୍ଷ ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହୁଛି । ସମବାୟ ସମିତି ଜରିଆରେ ଉକ୍ତ ଜମିରେ ମାଛଚାଷ କରିବାକୁ ପ୍ରୋତ୍ସାହନ ଦିଆଯିବ । କ୍ରମାଗତ ଭାବେ ପାଣି ଜମି ରହୁଥିବା ହେତୁ ପ୍ରାୟ ୪ ଲକ୍ଷ ହେକ୍ଟର ଜମି ଲବଣାକ୍ତ ହୋଇ ଗଲାଣି; ତନ୍ମଧ୍ୟରୁ ସ୍ଥାନବିଶେଷରେ ଆବଶ୍ୟକତା ଅନୁଯାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ । ପୋଡୁଚାଷ ବ୍ୟାପକ ହୋଇଥିବାରୁ ପ୍ରାୟ ୫ ଲକ୍ଷ ହେକ୍ଟର ଜମିର ମୃତ୍ତିକାମାନ ହ୍ରାସ ପାଇଛି । ମୃତ୍ତିକାକ୍ଷୟ ହେତୁ ଆହୁରି ୨୬ ଲକ୍ଷ ହେକ୍ଟର ଜମିରେ ଆବଶ୍ୟକୀୟ ଅମଳ ମିଳିପାରୁ ନାହିଁ । ଜମିର ଏହିଭଳି ଉତ୍ପାଦିକା ଶକ୍ତିକୁ ପୁନରୁଦ୍ଧାର କରିବା ପାଇଁ ବ୍ୟାପକ ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି । ସେଥିପାଇଁ ସ୍ୱତନ୍ତ୍ର ଯୋଜନାମାନ ପ୍ରସ୍ତୁତ କରାଯିବ ଏବଂ ଆବଶ୍ୟକ ସ୍ଥଳେ ବିଦେଶୀ ପୁଞ୍ଜିଲଗାଣକାରୀ ସଂସ୍ଥାମାନଙ୍କର ସାହାଯ୍ୟ ନିଆଯିବ । ପର୍ଯ୍ୟାପ୍ତ ପରିମାଣର ବୃଷ୍ଟିପାତ ପରେ

ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ବିଶେଷରେ ଚାଷ ପାଇଁ ଜଳାଭାବ ଓ ମରୁଡ଼ି ଦେଖାଯାଏ । ବୃଷ୍ଟି ନିର୍ଭରଶୀଳ ଚାଷକୁ ଲାଭପ୍ରଦ କରିବା ପାଇଁ ଜଳଛାୟା ଯୋଜନା ଉପରେ ପ୍ରାଧାନ୍ୟ ଦିଆଯିବ । ନବମ ଯୋଜନା କାଳରେ ୨୦ ଲକ୍ଷ ହେକ୍ଟର ଜମିରେ ଏହି ଜଳଛାୟା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖାଯିବ । ଏହା ଅଷ୍ଟମ ଯୋଜନା କାଳରେ ନିଆଯାଇଥିବା ଲକ୍ଷ୍ୟ ୫ ଗୁଣରୁ ଅଧିକ । ଜଳଛାୟା ପ୍ରକଳ୍ପ ଅନୁଯାୟୀ ପ୍ରାୟ ୫୦୦ ହେକ୍ଟର ପରିମିତ ଅବକ୍ଷୟ ଘଟୁଥିବା ଜମିରେ ଏକ ସମନ୍ୱିତ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏହି କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା ବିଭିନ୍ନ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା, ଆଧାରରେ ଫଳଚାଷ, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଯାହା ଫଳରେ କି ବର୍ଷା ଉପରେ ନିର୍ଭର କରି ମଧ୍ୟ ଚାଷ ଜମିରେ ଏକାଧିକ ଫସଲ ଉଠାଇବା ସମ୍ଭବ ହେବ । ଚାଷ ବ୍ୟତୀତ ଗୋ-ସମ୍ପଦର ଉନ୍ନତି କରିବା ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା, କୁକୁଡ଼ା ଓ ଛୋଟ ପ୍ରାଣୀର ଉତ୍ପାଦନ ବୃଦ୍ଧି କରିବା, ଅସହାୟ ମହିଳାମାନଙ୍କୁ ଅର୍ଥ ସାହାଯ୍ୟ କରି ଗେଟ ବ୍ୟବସାୟରେ ସମ୍ପୃକ୍ତ କରିବା, ମହୁଚାଷ ପ୍ରସାର କରିବା ଇତ୍ୟାଦି ମଧ୍ୟ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକ କେବଳ ସରକାରୀ କଳ ମାଧ୍ୟମରେ କରା ନ ଯାଇ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କୃଷକ ସମିତି ଆଦି ଜରିଆରେ ମଧ୍ୟ କାର୍ଯ୍ୟକାରୀ କରାଯିବ । ଆବଶ୍ୟକ ସ୍ଥଳେ ବିଭିନ୍ନ ବୈଦେଶିକ ସାହାଯ୍ୟ ମଧ୍ୟ ନିଆଯିବ ।

### ଜୈବିକ ଖାଦ୍ୟ ଉତ୍ପାଦନ :

ଆଦିବାସୀ ଅଞ୍ଚଳରେ ଚାଷୀମାନେ କେବଳ ଜୈବ ଉର୍ବରକ ବ୍ୟବହାର କରି ଚାଷ କରିବାର ପରମ୍ପରା ରହିଛି । ତାହାର ସୁଯୋଗ କରାଯାଇ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ବିଭିନ୍ନ ପ୍ରକାରର ପରିପରିବା ଖାଦ୍ୟ ପ୍ରସ୍ତୁତ କରାଯିବ, ସମ୍ପୂର୍ଣ୍ଣ ଭାବରେ ଜୈବିକ ଉପାଦାନରେ ଗଢ଼ା ଏପ୍ରକାର ଖାଦ୍ୟର ଚାହିଦା ବିଦେଶରେ ଅଛି । ଏହାକୁ ରପ୍ତାନିଭିତ୍ତିକ ବ୍ୟବସାୟରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦିଆଯିବ ।

### କୃଷି ସମ୍ପ୍ରସାରଣ :

କୃଷି ସମ୍ପ୍ରସାରଣ, ବର୍ତ୍ତମାନ ଏକ ପରାମର୍ଶ ଦେବା ସଂସ୍ଥାରେ ସୀମିତ ଅଛି । ନୂତନ କୃଷି ନୀତିର ଆବଶ୍ୟକତାକୁ ଆଖିରେ ରଖି କୃଷି ସମ୍ପ୍ରସାରଣ ଆଭିମୁଖ୍ୟ ବଦଳିବ; ଫସଲ ଓ ଚାଷୀମାନଙ୍କ ଅସୁବିଧା ସମାଧାନ କ୍ଷେତ୍ରରେ ବ୍ୟବହାର କରାଯିବ । ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ କୃଷି ବୈଜ୍ଞାନିକମାନେ ଚାଷୀମାନଙ୍କ ସହିତ ଆଲୋଚନା, ଦୂରଦର୍ଶନ ମାଧ୍ୟମରେ ସମନ୍ୱିତ ପୋକ ରୋଗ ନିରାକରଣ ବ୍ୟବସ୍ଥାର ପ୍ରଶିକ୍ଷଣ ଓ ପ୍ରଦର୍ଶନ ଏବଂ ଭିଡ଼ିଓ ମାଧ୍ୟମରେ ଆଞ୍ଚଳିକ ଜଳବାୟୁ ମଣ୍ଡଳୀୟ କୃଷିଶିକ୍ଷା ପ୍ରଦର୍ଶନର ବ୍ୟବସ୍ଥା ହେବ । ବିଭିନ୍ନ ଫସଲ ପାଇଁ ନୂତନ ବୈଜ୍ଞାନିକ କୌଶଳ, ଯଥା-ବିହନ ବିଶୋଧନ, ଜଳନିୟନ୍ତ୍ରଣ, ଫସଲ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଓ ନୂତନ ଚାଷ ପଦ୍ଧତି ଭିଡ଼ିଓ କ୍ୟାସେଟ୍ ମାଧ୍ୟମରେ ପ୍ରସାର କରାଯିବ । ବହି, ଚିଠା ପ୍ରକାଶନ, ମାସିକ ପତ୍ରିକା ଓ ପ୍ରଶ୍ନପତ୍ର ମାଧ୍ୟମରେ ଚାଷୀଙ୍କୁ ଉନ୍ନତ ଚାଷର ସଠିକ୍ ଜ୍ଞାନ ଦେବା ପାଇଁ ବ୍ୟବସ୍ଥା ହେବ । କୃଷି ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ, ବିଭିନ୍ନ ଗବେଷଣା କେନ୍ଦ୍ରରେ କାର୍ଯ୍ୟରତ ବୈଜ୍ଞାନିକ, ଉଚ୍ଚ କୃଷି ଓ ଯୋଜନା ଅଧିକାରୀମାନେ ଯେପରି ଚାଷୀମାନଙ୍କ ସହିତ ପ୍ରତ୍ୟକ୍ଷ ଆଦାନ-ପ୍ରଦାନ କରିପାରନ୍ତି, ସେଥିପାଇଁ ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ । ସେମାନଙ୍କ ପାଇଁ ସରକାରୀ ଗାଡ଼ି ବ୍ୟତୀତ ଆବଶ୍ୟକ ସ୍ଥଳେ ଭଡ଼ାରେ ଗାଡ଼ି ଯୋଗାଇ ଦିଆଯିବ । ପ୍ରତି ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଗୋଟିଏ ଲେଖାଏଁ କୃଷିବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇ ଗବେଷଣାଲବ୍ଧ ଜ୍ଞାନ ଚାଷୀମାନଙ୍କ ପାଖରେ ପହଞ୍ଚାଇ ଦିଆଯିବ ।

### ଅର୍ଥ ଲଗାଣ :

ରାଜ୍ୟ ସରକାରଙ୍କ ୧୯୯୫ କୃଷି ଋଣ ପରିଶୋଧ ସମ୍ବନ୍ଧୀୟ ସୁଧ ଛାଡ଼ ଯୋଜନା ଚାଷୀମାନଙ୍କୁ ଋଣ ପରିଶୋଧ କରିବାରେ ଆଗ୍ରହୀ କରିଛି । ସମବାୟ ବ୍ୟାଙ୍କ ବ୍ୟତୀତ ବ୍ୟବସାୟିକ ବ୍ୟାଙ୍କମାନେ ମଧ୍ୟ ସ୍ୱଳ୍ପମିଆଦୀ ଫସଲ ଋଣ ଓ ମଧ୍ୟମ ମିଆଦୀ କୃଷିଋଣ ଦେବା ପାଇଁ ନିର୍ଦ୍ଦିଷ୍ଟ ନୀତି ଗ୍ରହଣ କରିଛନ୍ତି । ରାଜ୍ୟ ସମବାୟ ବ୍ୟାଙ୍କ ଗତବର୍ଷ ତୁଳନାରେ ଋଣଦାନ ଦ୍ୱିଗୁଣିତ କରି ଚଳିତବର୍ଷ ଦେଢ଼ଶହ କୋଟି ଟଙ୍କା କୃଷି ଋଣ ଯୋଗାଇବାକୁ ସମର୍ଥ ହେବେ । ଏହି ବୃଦ୍ଧି ହାର ଅବ୍ୟାହତ ରଖିବାକୁ ଚେଷ୍ଟା କରାଯିବ । କୃଷି କ୍ଷେତ୍ରରେ ଆବଶ୍ୟକ ହେଉଥିବା ଦୀର୍ଘମିଆଦୀ ଋଣ ପାଇଁ ନାବାର୍ଡ଼ ଦ୍ୱାରା ପ୍ରସ୍ତୁତ ଯୋଜନାମାନ ରହିଛି । ଏଗୁଡ଼ିକ ହେଲା-ଫୁଲଚାଷ, ଫଳଚାଷ, ଜଳସେଚନ ବ୍ୟବସ୍ଥା, କୃଷିରେ ବ୍ୟବହାର ହେଉଥିବା ଯନ୍ତ୍ରପାତି ଇତ୍ୟାଦି । ଏହିସବୁ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ପ୍ରକଳ୍ପ ଖର୍ଚ୍ଚ ଅନୁସାରେ ଯେ କୌଣସି ବ୍ୟବସାୟିକ ବ୍ୟାଙ୍କ ବା ଓଡ଼ିଶା ରାଜ୍ୟ ସମବାୟ କୃଷି ଉନ୍ନୟନ ବ୍ୟାଙ୍କ ଅର୍ଥ ଲଗାଣ କରିପାରିବେ । ଏହାକୁ (IRDP) ସହ ସମ୍ପୃକ୍ତ କରାଯିବ । ସ୍ୱଳ୍ପମିଆଦୀ ଋଣ ପାଇଁ ସମବାୟ ବ୍ୟାଙ୍କ ଏବଂ ବ୍ୟବସାୟିକ ବ୍ୟାଙ୍କ ବ୍ୟତୀତ କୃଷକ ସଙ୍ଗଠନମାନଙ୍କୁ ମଧ୍ୟ ନିୟୋଜିତ କରାଯିବ ।

### ଦ୍ରବ୍ୟ ବିକ୍ରୟରେ ସାହାଯ୍ୟ :

ଉତ୍ପାଦିତ କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ସୁବ୍ୟବସ୍ଥା ନ ହେଲେ ଚାଷୀମାନେ ସେମାନଙ୍କର ଉପଯୁକ୍ତ ମୂଲ୍ୟ ପାଆନ୍ତି ନାହିଁ । ଏହାର ଦୂରୀକରଣ ପାଇଁ ବିଶେଷ ଭାବରେ ଘରୋଇ ଉଦ୍ୟମକୁ ପ୍ରୋତ୍ସାହନ ଦିଆଯିବ । ଏହି ଯୋଜନା ଅନୁଯାୟୀ ଘରୋଇ ସଂସ୍ଥାମାନେ ଚାଷୀମାନଙ୍କୁ ଉନ୍ନତ ବିହନ, ସାର, ଔଷଧ ଆଦି ଯୋଗାଇ ଦିଅନ୍ତି ଏବଂ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ କିଣି ନିଅନ୍ତି । ଏ ପ୍ରକାର ଚୁକ୍ତିବଦ୍ଧ ଚାଷ (Contract farming) ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯିବ ଏବଂ ଏଭଳି ଚାଷ ପ୍ରବର୍ତ୍ତନ କରିବା ପାଇଁ ଇଚ୍ଛୁକ ସଂସ୍ଥାମାନଙ୍କୁ ଏପିକଲ ଜରିଆରେ

ସରକାରୀ ସହଯୋଗ ପ୍ରଦାନ କରାଯିବ। ଏହାବ୍ୟତୀତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ସରକାରୀ ପଦକ୍ଷେପ ନିଆଯିବ। ବିଭିନ୍ନ ଶସ୍ୟ ଉତ୍ପାଦନ ଅଞ୍ଚଳକୁ ଲକ୍ଷ୍ୟ କରି ମଣ୍ଡି ପ୍ରତିଷ୍ଠା କରାଯିବ ଏବଂ ଏହି ମଣ୍ଡିଗୁଡ଼ିକରେ ଆବଶ୍ୟକ ଚଟାଣ, ଗୋଦାମ ଘର ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ସୃଷ୍ଟି କରାଯିବ। ଏହି ଭିତ୍ତିଭୂମିଜନିତ ସୁବିଧା ସୃଷ୍ଟି ପାଇଁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ, ଜବାହର ରୋଜଗାର ଯୋଜନା ଆଦିକୁ ବ୍ୟବହାର କରାଯିବ। ଏହିପରି ୫୮ଟି ମଣ୍ଡି ସାରା ଓଡ଼ିଶାରେ ପ୍ରତିଷ୍ଠା କରାଯିବ। ପ୍ରତି ପଞ୍ଚାୟତକୁ ବ୍ଲକ ସଦର ମହକୁମା ସହ ସଂଯୋଗ କରାଯିବାର ଯୋଜନା ସରକାର ହାତକୁ ନେଇଛନ୍ତି। ଏହି ଯୋଜନା ମାଧ୍ୟମରେ ମଣ୍ଡି ଏବଂ ବିଭିନ୍ନ କୃଷିଭିତ୍ତିକ କାରଖାନା ସହ କୃଷି ଜମିର ସଂଯୋଗକୁ ଅଗ୍ରାଧିକାର ଦିଆଯିବ। ଆଳୁ ଏବଂ ପନିପରିବାର ଉତ୍ପାଦନକୁ ବଢ଼ାଇବା ପାଇଁ ଏବଂ କୃଷୀମାନଙ୍କୁ ଉଚିତ ମୂଲ୍ୟ ଦେବା ପାଇଁ ଶୀତଳ ଭଣ୍ଡାରମାନ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବ। ଏହି ଶୀତଳ ଭଣ୍ଡାରଗୁଡ଼ିକ ଯେପରି ଘରୋଇ ଉଦ୍ୟମରେ ଅଧିକରୁ ଅଧିକ ହୋଇପାରିବ ସେଥିଲାଗି ସରକାରୀ ପ୍ରୋତ୍ସାହନ ଦିଆଯିବ। ଏହାର ଆବଶ୍ୟକତା ପ୍ରାୟ ୩ ଲକ୍ଷ ଟନରୁ ଊର୍ଦ୍ଧ୍ୱ ହେବ। ଏହି ଶୀତଳଭଣ୍ଡାରଗୁଡ଼ିକୁ ପ୍ରତିଷ୍ଠା କରିବା ପାଇଁ ବିଶେଷକରି ଘରୋଇ ଉଦ୍ୟମକୁ ସ୍ୱାଗତ କରାଯିବ। ଏଥିରେ ମିଳୁଥିବା ବିଭିନ୍ନ ପ୍ରୋତ୍ସାହନର ବ୍ୟବସ୍ଥା ୪ର୍ଥ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି। ପିଆଜ ସଂରକ୍ଷଣ ପାଇଁ ସ୍ୱଳ୍ପ ଖର୍ଚ୍ଚରେ ଗୋଦାମ ଘରମାନ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ତିଆରି କରାଯିବ ଏବଂ ସେଗୁଡ଼ିକୁ ପିଆଜ ଉତ୍ପାଦକ ସମିତିମାନଙ୍କୁ ଭଡ଼ା ସୂତ୍ରରେ ଦିଆଯିବ। ଘରୋଇ ଉଦ୍ୟମରେ ଏଭଳି ଗୋଦାମ ପାଇଁ ବିଭିନ୍ନ ରିହାତି ୪ର୍ଥ ଅଧ୍ୟାୟ ଅନୁଯାୟୀ ଦିଆଯିବ।

**ଜଳସେଚନ :**

ଶତକଡ଼ା ୫୦ ଭାଗ କୃଷିଜମିକୁ ସେଚ ପରିସରଭୁକ୍ତ କରିବା ପାଇଁ ରାଜ୍ୟ ସରକାର ଦୃଢ଼ପରିକର। ସରକାର ନିମ୍ନମତେ ବିଭିନ୍ନ ଜଳସେଚନ ପ୍ରକଳ୍ପ ଜରିଆରେ ଅଧିକ ୧୨ ଲକ୍ଷ ହେକ୍ଟର ଜମିରେ ସେଚ ସୁବିଧା ଯୋଗାଇ ଦେବା ନିମନ୍ତେ ଯୋଜନା ପ୍ରଣୟନ କରିଛନ୍ତି।

| | |
|---|---|
| (କ) ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ | ୫·୩୦ ଲକ୍ଷ ହେକ୍ଟର |
| (ଖ) ଭୂତଳ ଜଳ ବିନିଯୋଗ ଜରିଆରେ (Dugw ll. Shallow, Tub w lls tc.) | ୧·୩୦ ଲକ୍ଷ ହେକ୍ଟର |
| (ଗ) କ୍ଷୁଦ୍ର ଜଳସେଚନ (ପ୍ରବାହ ଓ ଉଠା) | ୩·୦୦ ଲକ୍ଷ ହେକ୍ଟର |
| (ଘ) ଜଳସେଚନ ପ୍ରକଳ୍ପ ଓ ଅନ୍ୟାନ୍ୟ | ୨·୦୦ ଲକ୍ଷ ହେକ୍ଟର |
| | ୧୧·୬୦ ଲକ୍ଷ ହେକ୍ଟର |

ଏହି କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ନିମନ୍ତେ ବିଶ୍ୱବ୍ୟାଙ୍କ ତଥା ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କରୁ ଆର୍ଥିକ ସହାୟତା ଅଣାଯାଇ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରି ଜଳସେଚ... କାର୍ଯ୍ୟରେ ବିନିଯୋଗ କରିବା ନିମନ୍ତେ ଯତ୍ପରୋନାସ୍ତି ଚେଷ୍ଟା କରାଯାଉଛି। ଫଳ ସ୍ୱରୂପ ବିଶ୍ୱବ୍ୟାଙ୍କ ୧୪୦୦ କୋଟି ଟଙ୍କା... ଜଳସମ୍ପଦ ଏକୀକରଣ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ବୃହତ୍... ମଧ୍ୟମ ଜଳସେଚନ ପ୍ରକଳ୍ପ ଜରିଆରେ ଯଦିଓ ପ୍ରାୟ ୧୦ ଲକ୍ଷ... ହେକ୍ଟର ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯାଇଛି... ପର୍ଯ୍ୟାପ୍ତ ପରିମାଣର ଜଳ କୃଷି କ୍ଷେତ୍ରରେ ପହଞ୍ଚି ପାରୁନାହିଁ... ରକ୍ଷଣାବେକ୍ଷଣ ନିମନ୍ତେ ପର୍ଯ୍ୟାପ୍ତ ପାଣ୍ଠି ଅଭାବରୁ ... ପରିଚାଳନାଗତ ଦୋଷତ୍ରୁଟି କାରଣରୁ ଜଳସେଚନ ପ୍ରଣାଳୀଗୁଡ଼ିକ... ଅବହେଳିତ ଅବସ୍ଥାରେ ରହିଛି। ଫଳରେ ବହୁ ଖର୍ଚ୍ଚରେ ନିର୍ମି... ଏହି ସମ୍ପତ୍ତିଗୁଡ଼ିକର ବହୁ ଅବନତି ଘଟିଛି। ଏଗୁଡ଼ିକ... ଜଳସେଚନ ପ୍ରକଳ୍ପଗୁଡ଼ିକରୁ ଚାହିଦା ମୁତାବକ ସମାନ ଭାବେ... ଏବଂ ନିର୍ଭରଯୋଗ୍ୟ ଜଳ ଯୋଗାଇ ଦେଇ ହେଉନାହିଁ। ଏହା... ସମାଧାନ ନିମନ୍ତେ ବିଶ୍ୱବ୍ୟାଙ୍କ ପ୍ରକଳ୍ପ (Orissa Wat r R sourc s Consolidation Proj ct) ଓଡ଼ି... ଜଳସମ୍ପଦ ଏକୀକରଣ ପ୍ରକଳ୍ପ ଅନୁଯାୟୀ କୃଷକମାନଙ୍କୁ... ଜଳସେଚନ ପରିଚାଳନା କ୍ଷେତ୍ରରେ ସାମିଲ କରି ପରିଚାଳନା ଓ... ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି... ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବରେ ଆଠିଲି, ଦେଓ... ଘୋଡ଼ାହାଡ଼ ଓ ଋଷିକୁଲ୍ୟା ଜଳସେଚନ ପ୍ରକଳ୍ପରେ ଏହା... କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟ ସମ୍ପାଦନା ଓ... ଜଳବ୍ୟବହାରୀ ସଙ୍ଘ ଗଠନ ନିମନ୍ତେ ସରକାର କାର୍ଯ୍ୟାନୁଷ୍ଠା... ଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟରେ ମଧ୍ୟ ବେସରକାରୀ... ଅନୁଷ୍ଠାନମାନଙ୍କୁ ନିୟୋଜିତ କରାଯାଉଛି। ଉକ୍ତ ଅଞ୍ଚଳ... କ୍ଷେତ୍ରରେ ପରିଚାଳନା, ରକ୍ଷଣାବେକ୍ଷଣ ତଥା ଜଳକର ଆଦାୟ ... 'ପାଣି ପଞ୍ଚାୟତ' ବା ଜଳବ୍ୟବହାରକାରୀ ସଙ୍ଘ Wat r Us rs Association) ଉପରେ ନ୍ୟସ୍ତ କରାଯି... ସରକାରଙ୍କର ଲକ୍ଷ୍ୟ। ପ୍ରତ୍ୟେକ ବୃହତ୍ ଓ ମଧ୍ୟମ ଜଳସେଚନ... ଯୋଜନାରେ ଏକ ଦୀର୍ଘମିଆଦୀ ନିର୍ଦ୍ଦିଷ୍ଟ ଜଳସେଚନ ପ୍ରଣାଳୀ... ପ୍ରସ୍ତୁତ କରାଯିବ।

**ଫସଲ ବୀମା :**

ବର୍ତ୍ତମାନ ରାଜ୍ୟରେ କେବଳ ଧାନ, ଚିନାବାଦାମ ଓ ପୋଟି... ଫସଲ ବୀମା ଅନ୍ତର୍ଭୁକ୍ତ ହୋଇଛି। ମାତ୍ର ୧,୫୦,୦୦୦ କୃଷ... ଏହାଦ୍ୱାରା ଉପକୃତ ହେଉଛନ୍ତି। ପର୍ଯ୍ୟାୟକ୍ରମେ ଆଖୁ, ଗୋ... ନଳିତା, ବିରି, ମୁଗ, ହରଡ଼, ବୁଟ, ମଟର, ସୂର୍ଯ୍ୟମୁଖୀ, ସୋରିଷ... ରାଶି, ଅଳସୀ, କୁସୁମୀ ଓ ମକା ଆଦି ଫସଲକୁ ଏହି ବୀମା... ପରିସରଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯିବ। ନିର୍ଦ୍ଦିଷ୍ଟ ଫସଲ... ଭିତ୍ତିରେ ସାମୂହିକ ବୀମା ଯୋଜନା ପ୍ରଣୟନ କରାଯିବ। ... କମ୍‌ରେ ୧୫,୦୦,୦୦୦ କୃଷୀ ପରିବାରଙ୍କୁ ଫସଲ ବୀମା ... ପାଇଁ ଆବଶ୍ୟକ ସଚେତନତା ସୃଷ୍ଟି କରାଯିବ। ବୀମା ଯୋଜନା... ସବୁ ଫସଲ ପାଇଁ ପଞ୍ଚାୟତକୁ ଏକକ ହିସାବରେ ଧରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

# ଅଧ୍ୟାୟ—୩

## ରାଜ୍ୟ ମତ୍ସ୍ୟ ବିକାଶ ନୀତି :

ଓଡ଼ିଶା ବହୁବିଧ ମତ୍ସ୍ୟ ସମ୍ପଦରେ ଭରପୂର ଥିଲେ ହେଁ ଏ ପର୍ଯ୍ୟନ୍ତ ଏହାର ପୂର୍ଣ୍ଣ ବିନିଯୋଗ ହୋଇପାରି ନାହିଁ। ଓଡ଼ିଶାର ଶତକଡ଼ା ୮୦ ଭାଗ ଲୋକ ମାଛ ଖାଆନ୍ତି। ଏ ପ୍ରଦେଶରେ ଛୋଟ ବଡ଼ ଜଳାଶୟ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଜଳଭଣ୍ଡାର, ସମୁଦ୍ର ଉପକୂଳବର୍ତ୍ତୀ ଲୁଣିପାଣି ଚାଷ ପାଇଁ ବିସ୍ତୃତ ଲୁଣାଜମି ଓ ସମୁଦ୍ରରେ ମାଛଧରା ପାଇଁ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନର ଆବଶ୍ୟକତା ରହିଛି, ଯଦ୍ୱାରା ମାଛ ଉତ୍ପାଦନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ।

ଏହି ନୀତିର ମୂଳ ଲକ୍ଷ୍ୟ ହେବ : (୧) ବୈଜ୍ଞାନିକ ଉପାୟରେ ଚାଷ କ୍ଷେତ୍ରରୁ ଅଧିକ ମାଛ ଉତ୍ପାଦନ କରିବା। (୨) ମତ୍ସ୍ୟଜୀବୀଙ୍କ ପାଇଁ ମାଛଧରାର ସୁବିଧାସୁଯୋଗ ଯୋଗାଇ ଦେବା। (୩) ଗଭୀର ସମୁଦ୍ରରୁ ମାଛଧରା ଯୋଜନାକୁ ତ୍ୱରାନ୍ୱିତ କରିବା। (୪) ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କୁ ଆଧୁନିକ ପ୍ରଣାଳୀର ବୈଷୟିକ ଜ୍ଞାନ ଯୋଗାଇଦେବା। (୫) ମାଛଚାଷ ଓ ଚିଙ୍ଗୁଡ଼ିଚାଷ ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବା।

## ଅଭ୍ୟନ୍ତରୀଣ ମାଛଚାଷ :

ଓଡ଼ିଶାରେ ୬୯,୦୦୦ ହେକ୍ଟର ପରିମିତ ଛୋଟବଡ଼ ଜଳାଶୟ, ୨ ଲକ୍ଷ ୫୬ ହଜାର ହେକ୍ଟର ପରିମିତ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତମ ଜଳଭଣ୍ଡାର ମଧ୍ୟରୁ ମାତ୍ର ୪୦ ହଜାର ୧୪୯ ହେକ୍ଟର ଜଳାଶୟରେ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ସମ୍ଭବ ହୋଇଛି। ବର୍ତ୍ତମାନ ମଧୁରପାଣି ମାଛ ୧,୧୯,୦୦୦ ମେଟ୍ରିକଟନ୍ ହେଉଥିବା ସ୍ଥଳେ ବୈଜ୍ଞାନିକ ପଦ୍ଧତିରେ ବୃଦ୍ଧି କରି ୨୦୦୨ ମାର୍ଚ୍ଚ ସୁଦ୍ଧା ୨.୦୬ ଲକ୍ଷ ମେଟ୍ରିକଟନକୁ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯିବାକୁ ନିମ୍ନମତେ ପଦକ୍ଷେପ ନିଆଯିବ। (କ) ବିଶ୍ୱବ୍ୟାଙ୍କ ସହାୟତାରେ ଆରମ୍ଭ ହୋଇଥିବା ୬୯ ଗୋଟି କ୍ଷୁଦ୍ର, ମଧ୍ୟମ ଜଳଭଣ୍ଡାରର ମାଛ ଉତ୍ପାଦନର ଯୋଜନା ସମ୍ପୂର୍ଣ୍ଣ କରି ୩ ହଜାରରୁ ଊର୍ଦ୍ଧ୍ୱ ପରିବାରର ଉପକାର କରିବା ସଙ୍ଗେ ସଙ୍ଗେ ମାଛ ଉତ୍ପାଦନ ୩୨ ହଜାର ଟନ୍‌କୁ ବୃଦ୍ଧି କରାଯିବ। (ଖ) ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ଦ୍ୱାରା ୩୯ ହଜାର ହେକ୍ଟର ଜଳାଶୟର ପୁନଃ ସଂସ୍କାର କରି ବାର୍ଷିକ ୫ ହଜାର ହେକ୍ଟର ହିସାବରେ ସର୍ବମୋଟ ୨୫ ହଜାର ହେକ୍ଟର ଜଳାଶୟକୁ ମାଛଚାଷ ଉପଯୋଗୀ କରାଯିବ ଏବଂ ହେକ୍ଟର ପିଛା ଅତି କମ୍‌ରେ ୨ ଟନ୍ ହିସାବରେ ୫୦ ହଜାର ମେଟ୍ରିକ୍‌ଟନ୍ ମାଛ ଅଧିକ ଉତ୍ପାଦନ କରାଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ୨୦ ହଜାରରୁ ୨୫ ହଜାର ମତ୍ସ୍ୟଚାଷୀ ଉପକୃତ ହେବେ। (ଗ) ଆଗାମୀ ୫ ବର୍ଷ ମଧ୍ୟରେ ହୀରାକୁଦ, ରେଙ୍ଗାଲି, କୋଲାବ ପ୍ରଭୃତି ବୃହତ୍ ଜଳଭଣ୍ଡାର ତଥା ବିଶ୍ୱବ୍ୟାଙ୍କ ସହାୟତାରେ ନିଆଯାଇଥିବା ୬୯ଟି ଜଳଭଣ୍ଡାର ସମେତ ରାଜ୍ୟର ସମସ୍ତ ଜଳଭଣ୍ଡାରରେ ବଡ଼ ବଡ଼ ଜାଆଁଳ (୪"ରୁ ବଡ଼) ହେକ୍ଟର ପିଛା ୧୫୦୦ ଛାଡ଼ିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯିବ। ଫଳରେ ରାଜ୍ୟରେ ମାଛ ଉତ୍ପାଦନ ବହୁଳ ପରିମାଣରେ ବୃଦ୍ଧି ପାଇବ। (ଘ) ଆମ ପ୍ରଦେଶରେ ପ୍ରାୟ ୩ ଲକ୍ଷ ହେକ୍ଟର ପରିମିତ ଜଳଯୁକ୍ତ ଜମିକୁ ଅତିକମ୍‌ରେ ବର୍ଷକୁ ୨ ହଜାର ହେକ୍ଟର ହିସାବରେ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ସାହାଯ୍ୟରେ ମତ୍ସ୍ୟଚାଷ ଉପଯୋଗୀ କରାଯିବ ଏବଂ ଆସନ୍ତା ୫ ବର୍ଷ ଭିତରେ ୧୦ ହଜାର ହେକ୍ଟରରୁ ବର୍ଷକୁ ୧୦ ହଜାର ଟନ୍ ହିସାବରେ ମାଛ ଉତ୍ପାଦନ ୨୦୦୨ ମସିହା ସୁଦ୍ଧା ୨.୨୬ ଲକ୍ଷ ମେଟ୍ରିକଟନ୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

## ମଧୁର ପାଣିରେ ଚିଙ୍ଗୁଡ଼ି ଚାଷ :

ମଧୁର ପାଣିରୁ ଉତ୍ପନ୍ନ ଚିଙ୍ଗୁଡ଼ି ଦ୍ୱାରା ବୈଦେଶିକ ମୁଦ୍ରା ଯଥେଷ୍ଟ ପରିମାଣରେ ଅର୍ଜନ କରାଯାଇପାରିବ। ଆମ ରାଜ୍ୟରେ ଥିବା ମଧୁର ଜଳାଶୟରେ କାର୍ପମାଛ ସହ ଚିଙ୍ଗୁଡ଼ିଚାଷ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ପୋଖରୀରେ କରାଯାଇ ପାରିଛି ଏବଂ ୨୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଆସନ୍ତା ୫ ବର୍ଷ ଭିତରେ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ହ୍ୟାଚେରୀ ମାଧ୍ୟମରେ ଜାଆଁଳ ସୃଷ୍ଟି କରାଯିବ। ଆସନ୍ତା ୫ ବର୍ଷ ଭିତରେ ମଧୁର ଚିଙ୍ଗୁଡ଼ି ଜାଆଁଳ ୨ କୋଟିରୁ ୨୦ କୋଟି ପର୍ଯ୍ୟନ୍ତ ଉତ୍ପାଦନ କରାଯିବ। ଆବଶ୍ୟକ ଅର୍ଥ ବିଶ୍ୱବ୍ୟାଙ୍କ ଅଥବା ପଞ୍ଚାୟତ ସଂସ୍ଥାମାନଙ୍କରୁ ନିଆଯିବ ଏବଂ ଏତଦ୍ୱାରା ଏକ ଚତୁର୍ଥାଂଶ ବ୍ୟକ୍ତିଗତ ଉଦ୍ୟୋଗୀ ଓ ତିନି ଚତୁର୍ଥାଂଶ ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ଦିଆଯିବ।

## ଲୁଣି ପାଣିରେ ଚିଙ୍ଗୁଡ଼ି ଚାଷ :

ଲୁଣି ପାଣିରେ ଚିଙ୍ଗୁଡ଼ି ଚାଷ ପାଇଁ ଚିହ୍ନଟ କରାଯାଇଥିବା ୩୧ ହଜାର ୬୦୦ ହେକ୍ଟର ଲୁଣିଆ ଜମି ମଧ୍ୟରୁ ବର୍ତ୍ତମାନ ୧୦ ହଜାର ୯୬ ହେକ୍ଟର ଜମିକୁ ଚିଙ୍ଗୁଡ଼ି ଚାଷ ଉପଯୋଗୀ କରାଯାଇପାରିଛି। ବର୍ତ୍ତମାନ ବର୍ଷକୁ ୬୫୦୦ ମେଟ୍ରିକ୍ ଟନ୍ ଚିଙ୍ଗୁଡ଼ି ଉତ୍ପାଦନ ହେଉଥିବା ସ୍ଥଳେ ୨୦୦୨ ମସିହା ମାର୍ଚ୍ଚ ସୁଦ୍ଧା ଚିଙ୍ଗୁଡ଼ି ଉତ୍ପାଦନ ଅଧିକ ୯ ହଜାର ୪୬୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଅଛି। ସରକାରୀ ଓ ବେସରକାରୀ ଉଦ୍ୟୋଗରେ ବର୍ତ୍ତମାନ ୮ଟି ହ୍ୟାଚେରୀ ପ୍ରତିଷ୍ଠା ହୋଇଥିବା ସ୍ଥଳେ ୨୦୦୨ ମାର୍ଚ୍ଚ ସୁଦ୍ଧା ଆଉ ୨୦ଟି ହ୍ୟାଚେରୀ ପ୍ରତିଷ୍ଠା କରାଯିବାକୁ ସ୍ଥିର କରାଯାଇଛି। ଚିଙ୍ଗୁଡ଼ି ଜାଆଁଳ ୨୦୦୨ ମସିହା ସୁଦ୍ଧା ବାର୍ଷିକ ୮୦ କୋଟି ପର୍ଯ୍ୟନ୍ତ ଉତ୍ପନ୍ନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଶ୍ୱବ୍ୟାଙ୍କ ସହାୟତାରେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗର ଯୋଜନା କେନ୍ଦ୍ରାପଡ଼ା ଜିଲ୍ଲାର ଜଗତଯୋର, ବଣପଡ଼ା ଓ ଭଦ୍ରକ ଜିଲ୍ଲାର ବିଦେଇପୁର ଓ ନରେନ୍ଦ୍ରପୁରଠାରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଦ୍ୱାରା ୧୩୦୦ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ୩୦ ଜଣ ମଧ୍ୟମ ଶ୍ରେଣୀର ଘରୋଇ ଉଦ୍ୟୋଗୀ ଉପକୃତ ହେବେ।

ଏହି ପ୍ରକଳ୍ପ ଦ୍ୱାରା ୧୬୦୦ ମେଟ୍ରିକ୍ ଟନ୍ ଚିଙ୍ଗୁଡ଼ି ଉତ୍ପାଦନ ହୋଇ ୬୦-୭୦ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଉପାର୍ଜିତ ହେବ । ବିଶ୍ୱବ୍ୟାଙ୍କ ସହାୟତାରେ ହ୍ୟାଚେରୀ ସହିତ ବରଫ କଳ, ଚିଙ୍ଗୁଡ଼ି ସଂରକ୍ଷଣ କାରଖାନା ତଥା ଚିଙ୍ଗୁଡ଼ି ଖାଦ୍ୟ ଉତ୍ପାଦନ କାରଖାନା ଘରୋଇ ଉଦ୍ୟୋଗୀମାନଙ୍କ ଜରିଆରେ ସମ୍ପୂର୍ଣ୍ଣ କରାଯିବ । ଲୁଣିପାଣି ଚିଙ୍ଗୁଡ଼ିଚାଷ କାର୍ଯ୍ୟର ସମ୍ପାଦନ ସମୟରେ ପରିବେଶର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ।

## ସାମୁଦ୍ରିକ ମତ୍ସ୍ୟ ବିକାଶ :

ଓଡ଼ିଶାର ୪୮୦ କି.ମି. ଦୀର୍ଘ ଉପକୂଳସ୍ଥ ଅଗଭୀର ସମୁଦ୍ରରୁ ଦେଶୀ ଡଙ୍ଗା ଓ ମାଛଧରା ଟ୍ରଲର ସାହାଯ୍ୟରେ ବର୍ତ୍ତମାନ ପ୍ରାୟ ୧,୧୫,୦୦୦ ମେଟ୍ରିକ୍ ଟନ୍ ମାଛ ଧରାଯାଉଥିବା ବେଳେ ୨୦୦୧ ମାର୍ଚ୍ଚ ସୁଦ୍ଧା ୨ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନ୍ ମାଛ ଧରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟ ହାସଲ ପାଇଁ ବର୍ତ୍ତମାନ ୧୦ଟି ମାଛଧରା ଜେଟି ସହ ଆସନ୍ତା ୫ ବର୍ଷ ଭିତରେ ଆଉ ୧୧ଟି କେନ୍ଦ୍ର ପ୍ରତିଷ୍ଠା କରାଯିବାର ଯୋଜନା କରାଯାଇଛି । ଏହାଛଡ଼ା କେନ୍ଦ୍ର ସରକାରଙ୍କ ସହାୟତାରେ ଟ୍ରଲର ଓ ଯାନ୍ତ୍ରିକ ଡଙ୍ଗାରେ ବ୍ୟବହୃତ ଡିଜେଲ ପାଇଁ ରିହାତି, ମତ୍ସ୍ୟଜୀବୀମାନଙ୍କ ପାଇଁ ବାସଗୃହ ତଥା ଦୁର୍ଘଟଣାଜନିତ ବୀମା, ସଞ୍ଚୟ ଓ ସାହାଯ୍ୟକାରୀ ଯୋଜନା ଚାଲୁ ରଖାଯିବ । ଦେଶୀ ଡଙ୍ଗାକୁ ଯାନ୍ତ୍ରିକ ଡଙ୍ଗାରେ ପରିବର୍ତ୍ତନ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ ।

## ଅନ୍ୟାନ୍ୟ କାର୍ଯ୍ୟକ୍ରମ :

(୧) ନଦୀ, ହ୍ରଦ ଓ ଜଳ ଭଣ୍ଡାରରେ ବଢୁଥିବା ମାଛସବୁ ସ୍ୱତଃପ୍ରବୃତ୍ତ ହୋଇ ପ୍ରଜନନ କରିଥାନ୍ତି । ମାଛ ଉତ୍ପାଦନ ବଢ଼ାଇବା ପାଇଁ ପ୍ରଜନନ ଅଞ୍ଚଳରେ ମାଛଧରାକୁ ନିଷିଦ୍ଧ କରିବାକୁ ପଦକ୍ଷେପ ନିଆଯିବ । (୨) ମତ୍ସ୍ୟଜୀବୀ ସମ୍ପ୍ରଦାୟର ମଙ୍ଗଳ ପାଇଁ ରାଜ୍ୟ ସ୍ତରରେ ଏକ ମତ୍ସ୍ୟଜୀବୀ ମହାସଂଘ ଅଛି । ରାଜ୍ୟରେ ୪୧୦ଟି ସମବାୟ ସମିତିରେ ୭୨,୬୧୦ ଜଣ ସଭ୍ୟ ଅଛନ୍ତି । ଏହି ମହାସଂଘ ଜରିଆରେ ମତ୍ସ୍ୟଜୀବୀ ସଭ୍ୟଙ୍କୁ ଜାଲ, ଡଙ୍ଗା, ଯାନ୍ତ୍ରିକ ଡଙ୍ଗା ରିହାତି ଦରରେ ଯୋଗାଇ ଦେଇ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯିବ । ସୁପ୍ତ ଅବସ୍ଥାରେ ଥିବା ୨୨୫ଟି ସମବାୟ ସମିତିକୁ ପୁନର୍ଜୀବିତ କରାଯିବ । (୩) ବୈଦେଶିକ ସହାୟତାରେ ଶାମୁକା ଚାଷର (Oyster Culture) ପ୍ରବର୍ତ୍ତନ ତଥା ପ୍ରସାରଣ କରାଯିବ । (୪) ଚିଲିକାର ସାମଗ୍ରିକ ଉନ୍ନୟନ ପାଇଁ ବୈଦେଶିକ ସହାୟତା ତଥା ଅର୍ଥ କମିଶନଙ୍କ ୨୭ କୋଟି ଟଙ୍କାର ଅନୁଦାନକୁ ନେଇ ଏକ ଯୋଜନା ପ୍ରସ୍ତୁତ କରାଯାଇଅଛି, ଯାହା ଫଳରେ ସମୁଦ୍ର ଜଳ ଓ ଚିଲିକା ଜଳର ଭାରସାମ୍ୟ ରଖାଯାଇପାରିବ । ଏହା ଫଳରେ ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରାଯିବ । (୫) ରାଜ୍ୟରେ ମୁକ୍ତା ଚାଷର ପ୍ରବର୍ତ୍ତନ କରାଯାଉଛି । ଆଗାମୀ ୫ ବର୍ଷ ମଧ୍ୟରେ ଏହାର ବ୍ୟାପକ ସମ୍ପ୍ରସାରଣ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

## ପଶୁ ସମ୍ପଦ ବିକାଶ ଓ ଦୁଗ୍ଧ ଉନ୍ନୟନ :

ଆମ ରାଜ୍ୟରେ ଗୋପାଳନ ଓ ଦୁଗ୍ଧ ଉତ୍ପାଦନର ଐତିହ୍ୟ ଓ ପରମ୍ପରାକୁ ଭିତ୍ତିକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଚାଷୀମାନଙ୍କୁ ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ପ୍ରତି ଅଧିକ ଆକୃଷ୍ଟ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ । ଦେଶର ଅନ୍ୟ ଉନ୍ନତ ରାଜ୍ୟମାନଙ୍କ ସହିତ ସମକକ୍ଷ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ମାଂସ ଓ ଅଣ୍ଡାର ଚାହିଦା ମେଣ୍ଟାଇବା ପାଇଁ ବୈପ୍ଳବିକ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ । ବର୍ତ୍ତମାନ ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ୧୦ଟି ଜିଲ୍ଲାରେ ଓମ୍‌ଫେଡ୍ ଆନୁକୂଲ୍ୟରେ ଏବଂ ଦୁଇଟି ଜିଲ୍ଲାରେ ଇଣ୍ଡୋସ୍ୱିସ୍ ପ୍ରକଳ୍ପ ଆନୁକୂଲ୍ୟରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତିମାନ ଗଠନ କରାଯାଇ ଦୁଗ୍ଧ ଉତ୍ପାଦକମାନଙ୍କୁ ଏ ସମ୍ପର୍କୀୟ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଏହାଛଡ଼ା ବାକି ୧୮ଟି ଜିଲ୍ଲାରେ ସମନ୍ୱିତ ଦୁଗ୍ଧ ବିକାଶ ପ୍ରକଳ୍ପ ଜରିଆରେ ଚାଷୀମାନଙ୍କୁ କୃତ୍ରିମ ପ୍ରଜନନ, ଘାସଚାଷ, ଦୁଗ୍ଧ ସଂଗ୍ରହ, ପ୍ରକ୍ରିୟାକରଣ ତଥା ବିକ୍ରି ଦିଗରେ ସୁବିଧା ସୁଯୋଗ ଦିଆଯାଉଅଛି ।

## ପ୍ରଜନନ କାର୍ଯ୍ୟକ୍ରମ :

ରାଜ୍ୟରେ ଅଧିକ ଦୁଧିଆଳୀ ଗାଈ ସୃଷ୍ଟିକରି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନିମିତ୍ତ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ । ୧୯୯୫-୯୬ ବର୍ଷରେ ରାଜ୍ୟର କୃତ୍ରିମ ପ୍ରଜନନ ଲକ୍ଷ୍ୟ ୭ ଲକ୍ଷକୁ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଆସନ୍ତା ୫ ବର୍ଷରେ ଏହି ସଂଖ୍ୟା ବାର୍ଷିକ ୧୫ ଲକ୍ଷକୁ ବୃଦ୍ଧି କରାଯିବ । ଫଳରେ ଏହି ସମୟ ମଧ୍ୟରେ ରାଜ୍ୟରେ ପ୍ରାୟ ୬୦ ଲକ୍ଷ କୃତ୍ରିମ ପ୍ରଜନନ ଦ୍ୱାରା ଉତ୍ପାଦିତ ସଙ୍କର ଜାତୀୟ ଗାଈ ଓ ଉନ୍ନତ ମଇଁଷିମାନଙ୍କଠାରୁ ବାର୍ଷିକ ପ୍ରାୟ ୨୪ ଲକ୍ଷ ଟନ୍ ଦୁଗ୍ଧ ଉତ୍ପାଦିତ ହୋଇପାରିବ । ବେସରକାରୀ ସ୍ତରରେ ସଙ୍କର ଜାତୀୟ ମାଈ ବାଛୁରୀ ପାଳନ କରାଯାଇ ଅଧିକ ଉତ୍ପାଦନକ୍ଷମ ଗାଈ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ ।

## ଓମ୍‌ଫେଡ୍ :

ସମବାୟ ମାଧ୍ୟମରେ ଗ୍ରାମାଞ୍ଚଳରେ ଆନନ୍ଦ ଢାଞ୍ଚାରେ ଦୁଗ୍ଧ ଉତ୍ପାଦନ, ସମବାୟ ସମିତି ଗଠନ ଦୁଗ୍ଧ ବନ୍ୟା ଯୋଜନାର ମୁଖ୍ୟ ଲକ୍ଷ୍ୟ । ବର୍ତ୍ତମାନ ସୁଦ୍ଧା ଓମ୍‌ଫେଡ୍‌ର କାର୍ଯ୍ୟକ୍ରମ ପରିଚାଳିତ ଅବିଭକ୍ତ ପାଞ୍ଚଟି ଜିଲ୍ଲା କଟକ, ଢେଙ୍କାନାଳ, କେନ୍ଦୁଝର, ପୁରୀ ଓ ସମ୍ବଲପୁରରେ ମୋଟ ୧୧୩ଟି ପଞ୍ଚାୟତ ସମିତି ମଧ୍ୟରୁ ୪୦ଟି ପଞ୍ଚାୟତ ସମିତିରେ ମୋଟ ୮୬୪ଟି ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଗଠନ କରାଯାଇ ୬୧,୦୬୧ ଜଣ ଦୁଗ୍ଧ ଉତ୍ପାଦକଙ୍କୁ ସମିତିର ସଦସ୍ୟଭୁକ୍ତ କରାଯାଇଅଛି । ଯାହାଫଳରେ ଏହି ଜିଲ୍ଲାମାନଙ୍କରେ ଥିବା ସମସ୍ତ ପଞ୍ଚାୟତ ସମିତି ଏହି ଯୋଜନାର ପରିସରଭୁକ୍ତ ହୋଇପାରିବ ଏବଂ ସଦସ୍ୟଭୁକ୍ତ ଦୁଗ୍ଧ ଉତ୍ପାଦକମାନଙ୍କ ସଂଖ୍ୟା ୧-୧୦ ଲକ୍ଷକୁ ବୃଦ୍ଧି କରାଯିବ । ଦୁଗ୍ଧ

ଉତ୍ପାଦନ ବୃଦ୍ଧି ହେବା ସହିତ ଦୁଗ୍ଧ ଶୀତଳୀକରଣ ଏବଂ ପ୍ରକ୍ରିୟାକରଣ ପ୍ଲାଣ୍ଟର ସଂଖ୍ୟା ଏବଂ କ୍ଷମତାକୁ ବୃଦ୍ଧି କରାଯିବ । ବର୍ତ୍ତମାନ ଏହି ଅଞ୍ଚଳରେ ଦୈନିକ ମୋଟ ୬୬·୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ୧୭ଟି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ରହିଛି । ଏହାର ସଂଖ୍ୟା ଆସନ୍ତା ୫ ବର୍ଷ ମଧ୍ୟରେ ୨୦କୁ ବୃଦ୍ଧି କରାଯିବ । ସେହିପରି ବର୍ତ୍ତମାନ ଦୈନିକ ମୋଟ ୧.୩୫.୦୦୦ ଲିଟର କ୍ଷମତା ବିଶିଷ୍ଟ ୫ଟି ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟ ରହିଛି । ଏହାର ସଂଖ୍ୟା ୬କୁ ବୃଦ୍ଧି କରାଯାଇ ଦୈନିକ ୩ ଲକ୍ଷ ଲିଟରକୁ ବୃଦ୍ଧି କରାଯିବ । ବିଭିନ୍ନ ସ୍ଥାନରେ ଗଢ଼ି ଉଠୁଥିବା ଶିଳ୍ପାଞ୍ଚଳଗୁଡ଼ିକର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଚାହିଦାକୁ ଦୃଷ୍ଟିରେ ରଖି ଦୁଗ୍ଧ ଉତ୍ପାଦନ ଓ ବିକ୍ରୟ ବୃଦ୍ଧି କରାଯିବ । ବର୍ତ୍ତମାନ ଓମ୍‌ଫେଡ୍ ମାଧ୍ୟମରେ ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର କୃଷୀମାନଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯାଇ ସହରାଞ୍ଚଳମାନଙ୍କରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରି କରାଯାଉଛି । ଏହି ସୂତ୍ରରୁ ବାର୍ଷିକ ପ୍ରାୟ ୨୫ କୋଟି ଟଙ୍କା ଗ୍ରାମାଞ୍ଚଳର କ୍ଷୁଦ୍ରକୃଷୀମାନଙ୍କ ହାତକୁ ଯାଉଛି ।

### ମହିଳା ଗୋପାଳନ ପ୍ରକଳ୍ପ (Women Dairy Project) :

ରାଜ୍ୟରେ ପ୍ରଥମଥର ମହିଳାମାନଙ୍କ ପାଇଁ ଭାରତ ସରକାରଙ୍କ ଶିଶୁ ଓ ମହିଳା ବିକାଶ ବିଭାଗ ଆନୁକୂଲ୍ୟରେ 'ଓଡ଼ିଶା ମହିଳା ଗୋପାଳନ ପ୍ରକଳ୍ପ' ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଆରମ୍ଭ ହୋଇଅଛି । ୧୯୯୬–୯୭ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ଅବିଭକ୍ତ କଟକ, ପୁରୀ ଓ ଢେଙ୍କାନାଳ ଜିଲ୍ଲାରେ ଆରମ୍ଭ କରାଯିବ । ଆସନ୍ତା ୩ ବର୍ଷ ମଧ୍ୟରେ ୫୦୦ଟି ମହିଳା ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଜରିଆରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରାୟ ୫୦,୦୦୦ରୁ ଅଧିକ ମହିଳା ଉପକୃତ ହେବେ । ଏହି ସମବାୟ ସମିତି ମାଧ୍ୟମରେ ଦୈନିକ ପ୍ରାୟ ୪୦,୦୦୦ ଲିଟର ଦୁଗ୍ଧ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି । ପ୍ରାୟ ୧୦୦୦ ମହିଳାଙ୍କୁ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ସମ୍ପାଦିକା, ଦୁଗ୍ଧ ପରୀକ୍ଷକ ଭାବରେ ନିଯୁକ୍ତି ଦିଆଯିବ । ଏହି ପ୍ରକଳ୍ପରୁ ମିଳୁଥିବା ବିଭିନ୍ନ ପ୍ରୋତ୍ସାହନ ବ୍ୟବସ୍ଥା ୪ର୍ଥ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଅନୁସୂଚିତ ବନ୍ୟାଞ୍ଚଳ ଯୋଜନା ଅଣଦୁଗ୍ଧ ବନ୍ୟାଞ୍ଚଳରେ ଥିବା ୧୬ଟି ଜିଲ୍ଲାରେ ଏବେ ୭ଟି "ଜିଲ୍ଲା ସମବାୟ ଦୁଗ୍ଧ ଉତ୍ପାଦନକାରୀ ସଙ୍ଘ" ରହିଛି । ଏଥିରେ ବର୍ତ୍ତମାନ ୨୨୫ଟି ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଅଛି । ଏହି ଅଞ୍ଚଳରେ ଥିବା ୧୨୫ଟି ଦୁଗ୍ଧ ପୁଞ୍ଜି ଅଞ୍ଚଳ (Cluster area) ନିର୍ଦ୍ଦିଷ୍ଟ କରାଯାଇ ସେଠାରେ ୩୭୫ଟି ସମବାୟ ସମିତି ମାଧ୍ୟମରେ ଦୈନିକ ୧୮,୦୦୦ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି । ଆସନ୍ତା ୫ ବର୍ଷରେ ଏହି ଅଞ୍ଚଳରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରି ସ୍ଥାନୀୟ ସଂଗ୍ରହ ପରିମାଣକୁ ବଳକା ୦,୦୦୦ ଲିଟରରେ ପହଞ୍ଚାଯିବ ।

### ସମନ୍ୱିତ ଦୁଗ୍ଧ ବିକାଶ ପ୍ରକଳ୍ପ (Integrated Dairy Development Project) :

କେନ୍ଦ୍ର ୧୯୯୩–୯୪ ଆର୍ଥିକ ବର୍ଷରୁ ଅବିଭକ୍ତ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାମାନଙ୍କରେ କେନ୍ଦ୍ର ସହାୟତାରେ ପ୍ରଥମ ସମନ୍ୱିତ ଦୁଗ୍ଧ ବିକାଶ ପ୍ରକଳ୍ପ (Integrated Dairy Development Project Phase-I) କାର୍ଯ୍ୟକାରୀ ହେଉଛି । ଦ୍ୱିତୀୟ ଦଫାରେ ସୁନ୍ଦରଗଡ଼, ଅବିଭକ୍ତ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଏହି ପ୍ରକଳ୍ପ (IDDP Phase-II) ଆରମ୍ଭ କରାଯାଇଛି । ଏହିସବୁ ଜିଲ୍ଲାମାନଙ୍କରେ ନିର୍ଦ୍ଦିଷ୍ଟ ଦୁଗ୍ଧମାର୍ଗ (Milk Route)ର ଦୁଇପାର୍ଶ୍ୱସ୍ଥ ଗ୍ରାମାଞ୍ଚଳରେ କୃତ୍ରିମ ପ୍ରଜନନ ଜରିଆରେ ଅଧିକ ଦୁଧିଆଳୀ ଗାଈ ସୃଷ୍ଟି କରି ଦୁଗ୍ଧ ଉତ୍ପାଦନକାରୀ କୃଷୀମାନଙ୍କୁ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମିତି ଜରିଆରେ ବିଭିନ୍ନ ସାହାଯ୍ୟ ଦିଆଯାଇ ଦୁଗ୍ଧ ଉତ୍ପାଦନ, ସଂଗ୍ରହ, ସଂରକ୍ଷଣ ଓ ପ୍ରକ୍ରିୟାକରଣ ପରେ ବିପଣନର ବ୍ୟବସ୍ଥା କରାଯାଉଛି । ୧୯୯୬–୯୭ ମସିହା ସୁଦ୍ଧା ଏ ବାବଦ ୧୧ କୋଟି ଟଙ୍କାର ଦୁଗ୍ଧ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି ।

### ମାଂସ ଉତ୍ପାଦନ ଓ କୁକୁଡ଼ା ପାଳନ :

ଓଡ଼ିଶାର ଅଧିବାସୀମାନେ ସାଧାରଣତଃ ଆମିଷାଶୀ । ତେଣୁ ରାଜ୍ୟରେ ମାଂସ ଓ ଅଣ୍ଡାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏବର୍ଷ ରାଜ୍ୟରେ ଅଣ୍ଡା ଉତ୍ପାଦନ ୫୯୫ ନିୟୁତ ଓ ମାଂସ ଉତ୍ପାଦନ ୩୨ ହଜାର ମେଟ୍ରିକ୍ ଟନ୍‌ରେ ପହଞ୍ଚି ପାରିଛି । ଏହାକୁ ଦ୍ୱିଗୁଣିତ କରିବା ପାଇଁ ରାଜ୍ୟରେ ଅଧିକ ଅଣ୍ଡା ଓ ମାଂସଳ କୁକୁଡ଼ା ଉତ୍ପାଦନ ଉପରେ ଯୋର ଦିଆଯିବ । ଏ ଦିଗରେ ଆଗ୍ରହୀ ଯୁବଗୋଷ୍ଠୀ ତଥା ମହିଳାମାନଙ୍କୁ ତାଲିମ ଦିଆଯାଇ ବ୍ୟାଙ୍କ ଋଣ ଓ ରିହାତି ଦିଆଯିବ । ଓଡ଼ିଶାର ନଗରାଞ୍ଚଳରେ ଆସନ୍ତା ୫ ବର୍ଷ ମଧ୍ୟରେ ଅନ୍ୟୁନ ୧୦ ଗୋଟି ମାଂସ ପ୍ରକ୍ରିୟାକରଣ କାରଖାନା ଘରୋଇ ଉଦ୍ୟମରେ ବସାଯିବ ଏବଂ ଏଥିଲାଗି ଆବଶ୍ୟକ ପ୍ରୋତ୍ସାହନ ୪ର୍ଥ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।

## ଅଧ୍ୟାୟ–୪

### ପ୍ରୋତ୍ସାହନ ବ୍ୟବସ୍ଥା :

କୃଷିକୁ ଶିଳ୍ପର ମାନ୍ୟତା ଦେବା ପାଇଁ ନିମ୍ନଲିଖିତ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି ।

### (୧) ଏପିକଲ :

ଶିଳ୍ପର ବହୁବିଧ ବିକାଶ ପାଇଁ ଯେପରି IPICOL ସଂସ୍ଥା ରହିଛି, ସେହିପରି କୃଷି କ୍ଷେତ୍ରରେ ଉଦ୍ୟୋଗୀକରଣ ପାଇଁ ଏପିକଲ (APICOL) ନାମକ ଏକ ସଂସ୍ଥା ସୃଷ୍ଟି କରାଯାଇଛି । କୃଷି ସମ୍ପର୍କୀୟ ବ୍ୟବସାୟ, ଉତ୍ପାଦନ, ରପ୍ତାନି କ୍ଷେତ୍ରରେ ଓଡ଼ିଶାରେ କି ସୁବିଧା ଅଛି, କିପରି ଅର୍ଥ ବିନିଯୋଗ ହୋଇପାରିବ ସେ ସମ୍ପର୍କରେ ଯୋଜନା ପ୍ରସ୍ତୁତି, ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ବୈଜ୍ଞାନିକ ପରାମର୍ଶ, ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ, ସହଯୋଗ ଓ ସୁବିଧା ଯୋଗାଇ ଦେବା ଏହି ସଂସ୍ଥାର ଲକ୍ଷ୍ୟ । ଉଦ୍ୟୋଗୀ ଚିହ୍ନଟ, ନୂତନ ବ୍ୟାଙ୍କଭିତ୍ତିକ ଯୋଜନା ପ୍ରସ୍ତୁତି,

ଉଦ୍ୟୋଗ ପାଇଁ ଆବଶ୍ୟକ ଟ୍ରେନିଂ ଆଦି ବ୍ୟବସ୍ଥା କରିବା ମଧ୍ୟ ଏହି ସଂସ୍ଥାର କାମ ହେବ । କୃଷିଭିତ୍ତିକ ଶିଳ୍ପ ପାଇଁ ଘୋଷିତ ବିଭିନ୍ନ ପ୍ରୋତ୍ସାହନ ଏହି ସଂସ୍ଥାରୁ ମିଳିପାରିବ । ଭାରତ ସରକାରଙ୍କର ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ କୃଷିଜାତ ଦ୍ରବ୍ୟ ରପ୍ତାନି ସଂସ୍ଥା (APEDA) ଆଦିରୁ ମିଳୁଥିବା ବିଭିନ୍ନ ସାହାଯ୍ୟ ଆଣି ଓଡ଼ିଶାର ଉଦ୍ୟୋଗୀମାନଙ୍କ ନିକଟରେ ଏହି ସଂସ୍ଥା ପହଞ୍ଚାଇବ । ଏହି ଜାତୀୟ ଶିଳ୍ପ ପାଇଁ ଏପିକଲ ଓଡ଼ିଶା ସରକାରଙ୍କର ସଂଯୋଗକାରୀ ସଂସ୍ଥା ଭାବରେ କାର୍ଯ୍ୟ କରିବ ।

## (୨) ପ୍ରଶାସନିକ ପୁନର୍ବିନ୍ୟାସ :

ବ୍ଲକ ସ୍ତରରେ ଉଦ୍ୟୋଗୀ ଚାଷୀମାନଙ୍କୁ ଚିହ୍ନଟ କରିବା, ବିଭିନ୍ନ ପରାମର୍ଶ ଦେବା ଓ ଅନ୍ୟାନ୍ୟ ସାହାଯ୍ୟ ପ୍ରଦାନ କରିବା ପାଇଁ କୃଷି ସହାୟକ କେନ୍ଦ୍ରମାନ ପ୍ରତିଷ୍ଠା କରାଯିବ । ଏହି କେନ୍ଦ୍ରରେ ସାଧାରଣ ଚାଷ, ଫଳଚାଷ, ଫୁଲଚାଷ, ଦୁଗ୍ଧ ଉତ୍ପାଦନ, ମାଂସ ଓ ଅଣ୍ଡା ଉତ୍ପାଦନ, ମତ୍ସ୍ୟ ଉତ୍ପାଦନ ଇତ୍ୟାଦି କ୍ଷେତ୍ରରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ବୈଷୟିକ ପରାମର୍ଶ ଦିଆଯିବ । ଏଭଳି କେନ୍ଦ୍ରଗୁଡ଼ିକ ବ୍ଲକ ସ୍ତରରେ ରହିବ ଓ ବିଭିନ୍ନ କୃଷି ସମ୍ବନ୍ଧୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ସେମାନଙ୍କ ମଧ୍ୟରୁ ବରିଷ୍ଠତମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ । ବ୍ଲକ ସ୍ତରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ଗୋଟିଏ ଛତା ତଳେ ଉପଲବ୍ଧ କରାଯିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନେତୃତ୍ୱ ଦିଆଯିବ ଏବଂ ଉକ୍ତ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀ ପାହ୍ୟା ଦିଆଯିବ । ଏହି ପଦବୀ ପାଇଁ ବିଭିନ୍ନ ସେବାରୁ ଅଧିକାରୀମାନଙ୍କୁ ଦକ୍ଷତା ଭିତ୍ତିରେ ନିଆଯିବ ।

## (୩) ପ୍ରକଳ୍ପ ଖର୍ଚ୍ଚ ଉପରେ ରିହାତି :

ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁଭଳି ଭାବରେ ରିହାତି ବ୍ୟବସ୍ଥା କରାଯାଇଛି ସେହିଭଳି ଭାବରେ କେତେକ ନିର୍ଦ୍ଦିଷ୍ଟ କୃଷିଭିତ୍ତିକ ପ୍ରକଳ୍ପ ପାଇଁ ରିହାତିର ବ୍ୟବସ୍ଥା କରାଯିବ । ଏହି ପ୍ରକଳ୍ପଗୁଡ଼ିକର ଏକ ତାଲିକା ପରିଶିଷ୍ଟ 'କ'ରେ ସନ୍ନିବେଶିତ ହୋଇଛି । ଏହି ପ୍ରକଳ୍ପଗୁଡ଼ିକର ସମୁଦାୟ ପୁଞ୍ଜି ବିନିଯୋଗ ଉପରେ (ଜମିର ମୂଲ୍ୟକୁ ବାଦଦେଇ) ଶତକଡ଼ା ୨୦ ଭାଗ ମୂଳଧନ ରିହାତି (Capital Investment Subsidy) ଆକାରରେ ଦିଆଯିବ । ଏହି ରିହାତିର ସର୍ବୋଚ୍ଚ ପରିମାଣ ୨୦ ଲକ୍ଷ ଟଙ୍କା ରଖାଯିବ ।

## (୪) ବିକ୍ରି କରରେ ରିହାତି :

(କ) ସମସ୍ତ ହସ୍ତଚାଳିତ କୃଷି ଯନ୍ତ୍ରପାତି ଉପରୁ ବିକ୍ରୟ କର ଉଠାଇ ଦିଆଯିବ ଏବଂ ଯନ୍ତ୍ରଚାଳିତ ସମସ୍ତ କୃଷି ଯନ୍ତ୍ରପାତି ଉପରେ ତାହା ଶତକଡ଼ା ୪ ଭାଗ ଲାଗୁ କରାଯିବ । (ଖ) ନିରୂପିତ ବିହନ (Truthfully Labelled Seeds) ବିହନ ନିଗମ ମାଧ୍ୟମରେ ବିକ୍ରି କରାଯାଉଥିବା ଚିନାବାଦାମ ଓ ସୋୟାବିନ୍ ବିହନ ଉପରେ ବିକ୍ରୀକର ଉଠାଇ ଦିଆଯିବ । (ଗ) ବିକ୍ରିସ୍ତି ଅନ୍ତର୍ଭୁକ୍ତ ଜୈବ ଉର୍ବରକ ଉପରେ ବିକ୍ରିକର ଶତକଡ଼ା ୨ ଭାଗ କମାଇ ଦିଆଯିବ । (ଘ) ଉଠା ଜଳସେଚନରେ ବ୍ୟବ... ହେଉଥିବା ୫ ଅଶ୍ୱଶକ୍ତି ପର୍ଯ୍ୟନ୍ତ ପମ୍ପ ଉପରେ ବିକ୍ରୀକର ଶତକଡ଼ା... ଭାଗ କରାଯିବ ।

## (୫) ପରିବହନ ରିହାତି :

ଆଦିବାସୀ ଉପଯୋଜନା ଅଞ୍ଚଳରେ ରାସାୟନିକ ଓ ଜୈବି... ସାର ବ୍ୟବହାର ବୃଦ୍ଧି କରିବା ପାଇଁ ଟନ୍ ପିଛା ୧୫୦ ଟ... ପରିବହନ ରିହାତି ବ୍ୟବସ୍ଥା କରାଯିବ । ଏହା ... ଉତ୍ପାଦନକାରୀ ସଂସ୍ଥାମାନଙ୍କ ଜରିଆରେ ଦିଆଯିବ ।

## (୬) ପାୱାର ଟିଲର ଉପରେ ରିହାତି :

ପାୱାର ଟିଲର ଉପରେ ଶତକଡ଼ା ୧୦ ଭାଗ ରିହାତି ପ୍ରଦ... କରାଯିବ ।

## (୭) (କ) କୃଷି ଯନ୍ତ୍ରପାତି ଉପରେ ରିହାତି :

ନିର୍ଦ୍ଧାରିତ କୃଷି ଯନ୍ତ୍ରପାତି ଉପରେ ଶତକଡ଼ା ୫୦ ରିହା... ଦିଆଯିବ । ଏହି ରିହାତିର ପରିମାଣ ଉପକରଣ ପ୍ରତି ୧୫୦... ଟଙ୍କା ମଧ୍ୟରେ ସୀମିତ ରହିବ । ବିଦ୍ୟୁତ୍ ଚାଳିତ ... ମଞ୍ଜିଛଡ଼ା ଯନ୍ତ୍ର ଆଦିରେ ଏହି ରିହାତି ସୀମା ୧୫୦୦ ଟ... ପରିବର୍ତ୍ତେ ୨୦୦୦ ଟଙ୍କାକୁ ବୃଦ୍ଧି କରାଯିବ ।

## (ଖ) ଫୁଆରା ଓ ବୁନ୍ଦା ଜଳସେଚନରେ ରିହାତି :

ଫୁଆରା ଓ ବୁନ୍ଦା ଜଳସେଚନ ବ୍ୟବସ୍ଥାରେ କେ... ସରକାରଙ୍କଠାରୁ ମିଳୁଥିବା ରିହାତି ସହ ରାଜ୍ୟ ସରକାର... ତରଫରୁ ଅଧିକ ୧୫% ରିହାତି ଦିଆଯିବ ।

## (୮) ଷ୍ଟାମ୍ପ ଶୁଳ୍କରେ ରିହାତି :

ସରକାରୀ ଜମି ଏପିକଲ ସଂସ୍ଥାକୁ ହସ୍ତାନ୍ତରିତ ହେଲେ ସେଥିରେ କୌଣସି ଷ୍ଟାମ୍ପ ଶୁଳ୍କ ଲାଗୁ ହେବନାହିଁ । ଏପିକ... ସଂସ୍ଥାରୁ କୌଣସି ଜମି ବା ଅନ୍ୟ ସ୍ଥାବର ସମ୍ପତ୍ତି ଅନ୍ୟ କୌଣ... ଉଦ୍ୟୋଗୀଙ୍କୁ ହସ୍ତାନ୍ତରିତ ହେଲେ ଷ୍ଟାମ୍ପ ଶୁଳ୍କ ଶତକଡ଼ା ୫ ଭାଗ... ସୀମିତ ରହିବ ।

## (୯) ଉତ୍ପାଦନ ପ୍ରୋତ୍ସାହନ :

ପ୍ରାମାଣିକ ବିହନ ଉତ୍ପାଦନ ବୃଦ୍ଧି କରିବା ପାଇଁ ... ପ୍ରୋତ୍ସାହନର ବ୍ୟବସ୍ଥା କରାଯିବ । ଯେଉଁ ଚାଷୀମାନେ ... ବିହନ ପ୍ରାମାଣୀକରଣ ସଂସ୍ଥା ଦ୍ୱାରା ପ୍ରାମାଣିକୃତ ବିହନ ... ସେମାନଙ୍କୁ ଉତ୍ପାଦିତ ବିହନ ଉପରେ ନିମ୍ନମତେ ପ୍ରୋତ୍ସା... କରାଯିବ । ପ୍ରାମାଣିକ ତୈଳବୀଜ ବିହନ......କ୍ୱିଣ୍ଟାଲ ପିଛା ... ୨୦୦ ଟଙ୍କା । ସମସ୍ତ ପ୍ରାମାଣିକ ଡାଲି ଜାତୀୟ ... ......କ୍ୱିଣ୍ଟାଲ ପିଛା ୨୦୦ ଟଙ୍କା ।

### (୧୦) ଘରୋଇ ଜଳସେଚନ ବ୍ୟବସ୍ଥା ପ୍ରୋତ୍ସାହନ :

କୃଷକଙ୍କ ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିବା ଉଠା ଜଳସେଚନ (ପ୍ରୋତ୍ସାହ କୂପକୀ) ଯୋଜନାର ପ୍ରକଳ୍ପ ଖର୍ଚ୍ଚ ଉପରେ ଶତକଡ଼ା ୫୦ ରିହାତି ଦିଆଯିବ । ରିହାତିର ସର୍ବୋଚ୍ଚ ସୀମା ୫୦,୦୦୦ ଟଙ୍କା ରହିଛି । ଯେଉଁ ସ୍ଥାନରେ ଚାଷୀମାନେ କେନ୍ଦ୍ର ସରକାରଙ୍କର ପ୍ରସ୍ତୁତ ଯୋଜନା ଅନୁସାରେ ରିହାତି ପାଉଥିବେ, ସେ ସ୍ଥାନରେ ଚାଷୀମାନଙ୍କୁ ଏହା ଲାଗୁ ହେବନାହିଁ ।

### (୧୧) କୃଷକଙ୍କୁ ସମ୍ମାନ :

କୃଷକମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯିବ ଓ ଅନ୍ୟ ଚାଷୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯିବ ।

### (୧୨) ପ୍ରଶିକ୍ଷଣ ବ୍ୟବସ୍ଥା :

ବ୍ୟବସାୟିକ ଭିତ୍ତିରେ ଚାଷ କରିବା ପାଇଁ, ଅତ୍ୟାଧୁନିକ କୃଷିକୌଶଳ ପ୍ରୟୋଗ କରିବା ପାଇଁ ଉଦ୍ୟୋଗୀ ଚାଷୀମାନଙ୍କର ବ୍ୟାପକ ପ୍ରଶିକ୍ଷଣ ଶିବିରର ବ୍ୟବସ୍ଥା କରାଯିବ । ଏହା ପ୍ରଧାନତଃ କୃଷି ସହାୟକ କେନ୍ଦ୍ର ମାଧ୍ୟମରେ ପରିଚାଳିତ ହେବ । ଅନ୍ୟ ଆଇ.ଟି.ଆଇ. ଜରିଆରେ କୃଷି କର୍ମୀମାନଙ୍କୁ ସୃଷ୍ଟି କରାଯିବ ।

### (୧୩) ଆଦର୍ଶ କୃଷି ଫାର୍ମ :

ଅତ୍ୟାଧୁନିକ ଚାଷ କୌଶଳକୁ କାର୍ଯ୍ୟ କ୍ଷେତ୍ରରେ ପ୍ରଦର୍ଶନ କରିବା ପାଇଁ ବିଭିନ୍ନ ସ୍ଥାନରେ ସରକାରୀ ଫାର୍ମକୁ ଆଦର୍ଶ କୃଷି ଫାର୍ମରେ ପରିଣତ କରାଯିବ । ସେଠାରେ ଦେଶ ବା ବିଦେଶର ସଂସ୍ଥାମାନଙ୍କୁ ଫାର୍ମ ପ୍ରତିଷ୍ଠା ପାଇଁ ଏପିକଲ ଜରିଆରେ ଯୌଥ ଉଦ୍ୟୋଗ ସ୍ଥାପନ କରିବାକୁ ଅନୁମତି ଦିଆଯିବ ।

### (୧୪) ସରକାରୀ ଶୀତଳ ଭଣ୍ଡାର :

ସରକାରୀ ଶୀତଳ ଭଣ୍ଡାରଗୁଡ଼ିକୁ ଉଦ୍ୟୋଗୀମାନଙ୍କୁ ଦୀର୍ଘମିଆଦୀ ଭିତ୍ତିରେ ଲିଜ୍ ପ୍ରଦାନ କରାଯିବ ।

### (୧୫) ଶସ୍ୟ ସଂରକ୍ଷଣ :

ସଂରକ୍ଷଣ ଅଭାବରୁ ଅନେକ ଖାଦ୍ୟଶସ୍ୟ ନଷ୍ଟ ହୋଇଯାଉଛି । ଶସ୍ୟ ସଂରକ୍ଷଣ ପାଇଁ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ । ଧାନରୁ ଚାଉଳ କରିବା ସମୟରେ ଶସ୍ୟନଷ୍ଟ ରୋକିବା ପାଇଁ ହଲରଗୁଡ଼ିକ ଉନ୍ନତ ଧରଣର ସେଲରରେ ପରିଣତ କରାଯିବ ଏବଂ ସେଥିପାଇଁ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ହଲରଗୁଡ଼ିକୁ ବିଶେଷ ସାହାଯ୍ୟ ଦିଆଯିବ ।

### (୧୬) ବିହନ ସଂରକ୍ଷଣ କେନ୍ଦ୍ର :

ବିଭିନ୍ନ ଉଦ୍ଭିଦ ବିଶେଷ ସମୟର ବିବର୍ତ୍ତନରେ ପରିବର୍ତ୍ତିତ ହୋଇଯାଉଛି ଏବଂ କେତେକ କ୍ଷେତ୍ରରେ ଲୁପ୍ତ ହୋଇଯାଉଛି । ଏହି ପ୍ରାକୃତିକ ସମ୍ପଦର ଲୁପ୍ତରୁ ସଂରକ୍ଷଣ ପାଇଁ ଗୋଟିଏ ବିହନ ସଂରକ୍ଷଣ (Germ Plasm Bank) ପ୍ରତିଷ୍ଠା କରାଯିବ । ଯେଉଁଠି ବିଭିନ୍ନ ଫସଲ ଓ ଅନ୍ୟାନ୍ୟ ଉଦ୍ଭିଦ ସମ୍ପତ୍ତିର ବିହନକୁ ବୈଜ୍ଞାନିକ ପଦ୍ଧତିରେ ଭବିଷ୍ୟତ ପାଇଁ ରଖାଯିବ । ଏହା କୃଷି ବିଶ୍ୱବିଦ୍ୟାଳୟ ପରିସରରେ ହେବ ।

### (୧୭) ରାଷ୍ଟ୍ରୀୟ ଉଦ୍ୟାନ ସଂସ୍ଥା ମାଧ୍ୟମରେ ସାହାଯ୍ୟ :

ସମବାୟ ଭିତ୍ତିରେ ବା କମ୍ପାନୀ ଭାବରେ ପନିପରିବା ଏବଂ ଫଳଚାଷ ପାଇଁ ରାଷ୍ଟ୍ରୀୟ ଉଦ୍ୟାନ ସଂସ୍ଥା ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଦିଏ । ଏହି ପ୍ରୋତ୍ସାହନ ଅମଳ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଏବଂ ତନ୍ମଧ୍ୟରୁ କେତେଗୁଡ଼ିଏ ନିମ୍ନରେ ପ୍ରଦତ୍ତ ହେଲା । (କ) ଫଳ ଓ ପନିପରିବା ସଂଗ୍ରହ କେନ୍ଦ୍ର; (ଖ) ଫଳ ଓ ପରିବା ପରୀକ୍ଷା ନିରୀକ୍ଷା ଯନ୍ତ୍ର; (ଗ) ଶୀତଳ ଭଣ୍ଡାର; (ଘ) ଶୀତଳୀକୃତ ଯାନ; (ଙ) ଖୁଚୁରା ବିକ୍ରୟ କେନ୍ଦ୍ର ସ୍ଥାପନ; (ଚ) ବିକ୍ରୟ ଉପକରଣ ଇତ୍ୟାଦି; ଏହି ସାହାଯ୍ୟର ପରିମାଣ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ମିଳିପାରିବ ଯାହାକି ଏକ କୋହଳ ଋଣ ରୂପେ (୫୦%) ବିବେଚିତ ହେବ ।

### (୧୮) ନାରିକେଳ ଉନ୍ନୟନ ସଂସ୍ଥା ଦ୍ୱାରା ସାହାଯ୍ୟ :

ଉନ୍ନତ ମାନର ନଡ଼ିଆ ବଗିଚା ସ୍ଥାପନ ପାଇଁ ଭାରତ ସରକାରଙ୍କ ନାରିକେଳ ଉନ୍ନୟନ ସଂସ୍ଥା ହେକ୍ଟର ପିଛା ୬୦୦୦.୦୦ ଟଙ୍କାର ଅନୁଦାନ ଦେଉଛନ୍ତି । ଏଥିପାଇଁ ସର୍ବନିମ୍ନ ବଗିଚାର ପରିମାଣ ୦.୨୦ ହେକ୍ଟର ଏବଂ ସର୍ବୋଚ୍ଚ ଦୁଇ ହେକ୍ଟର ଧାର୍ଯ୍ୟ କରାଯାଇଛି ।

### (୧୯) ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ସାହାଯ୍ୟ :

ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ କୃଷିକୁ ପ୍ରାଧାନ୍ୟ ଦିଆଯିବ । ନିଶ୍ଚିତ କର୍ମଯୋଗାଣ ଯୋଜନା ମାଧ୍ୟମରେ ଫଳଗଛ ରୋପଣକୁ ପ୍ରାଧାନ୍ୟ ଦିଆଯିବ । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା, ସ୍ୱତନ୍ତ୍ର ମହିଳା ଉନ୍ନୟନ ଯୋଜନା ଏବଂ ହରିଜନ ଓ ଆଦିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଯୋଜନାମାନଙ୍କରେ ହିତାଧିକାରୀମାନଙ୍କୁ କୃଷି ଓ ତତ୍‌ସଂଲଗ୍ନ ଯୋଜନାରେ ନିୟୋଜିତ କରିବା ପାଇଁ ସାହାଯ୍ୟ କରାଯିବ । ବିଭିନ୍ନ କୃଷି ଯନ୍ତ୍ରପାତି ଭଡ଼ା ଭିତ୍ତିରେ ବ୍ୟବହାର କରାଇବା ପାଇଁ ସ୍ଥାନ ବିଶେଷରେ କୃଷି ସେବା କେନ୍ଦ୍ରମାନ ଖୋଲାଯିବ । ଯାହା ଜରିଆରେ କି ହିତାଧିକାରୀମାନେ ଟ୍ରାକ୍ଟର, ପାୱାର ଟିଲର ଓ ଅନ୍ୟାନ୍ୟ କୃଷୋପକରଣ ପାଇ ପାରିବେ । ଏହି ଯୋଜନା ମାଧ୍ୟମରେ କୂଅରେ ଜଳ ଉଠାଇବା ପାଇଁ ବ୍ୟବହୃତ ବିଦ୍ୟୁତ୍ ଓ ଡିଜେଲ ଚାଳିତ ପମ୍ପକୁ ଅନ୍ତର୍ଭୁକ୍ତ କରାଯିବ । ଏହିସବୁ କାର୍ଯ୍ୟରେ ସମଷ୍ଟିଗତ

ଉଦ୍ୟମକୁ ଅଗ୍ରାଧିକାର ଦିଆଯିବ ଏବଂ ଏହିସବୁ ଯୋଜନାର କାର୍ଯ୍ୟକାରିତା ଉପରେ ନିର୍ଦ୍ଧାରିତ ମୂଲ୍ୟରେ (ଶତକଡ଼ା ୨୫.୩୩ ଓ ୫୦) ରିହାତି ମିଳି ପାରିବ ।

## (୨୦) ମହିଳା ଗୋପାଳନ ପ୍ରକଳ୍ପ ମାଧ୍ୟମରେ ସାହାଯ୍ୟ :

ଏହି ପ୍ରକଳ୍ପ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟ କରୁଛି ଓ ଏହା କଟକ, ପୁରୀ, ଢେଙ୍କାନାଳ ଜିଲ୍ଲାକୁ ପ୍ରସାରିତ ହେବ । ଏହି ପ୍ରକଳ୍ପର ମୁଖ୍ୟାଂଶ ହେଲା :–(କ) ମହିଳା ଦୁଗ୍ଧ ସମବାୟ ସମିତି ଗଠନ କରିବା ପାଇଁ ପ୍ରୋତ୍ସାହନ । ଦୁଗ୍ଧ ପରୀକ୍ଷା ଯନ୍ତ୍ରପାତି । ପରିଚାଳନା ପ୍ରୋତ୍ସାହନ । ପ୍ରାଥମିକ ଚିକିତ୍ସା ବା ଟ୍ରାଭିମ୍ ଏବଂ ଔଷଧ । କୃତ୍ରିମ ପ୍ରଜନନ ଯନ୍ତ୍ରପାତି । ଦୁଗ୍ଧ କ୍ୟାନ୍ । ଘାସକଟା ଯନ୍ତ୍ର । (ଖ) ସଭ୍ୟମାନଙ୍କୁ ପ୍ରୋତ୍ସାହନ । ରିହାତି ଦରରେ ସୁଷମ ଗୋଖାଦ୍ୟ, ୟୁରିଆ–ମିଶ୍ରିତ ନଡ଼ା । କୃମିନାଶକ ଔଷଧ, ଟିକା । ଗୋ–ବୀମାରେ ରିହାତି । ଘାସଚାଷ ପାଇଁ ଆର୍ଥିକ ସୁବିଧା । (ଗ) ସମବାୟ ସମିତିର ପରିଚାଳନା ସଭ୍ୟା, ସମ୍ପାଦିକା, କୃତ୍ରିମ ପ୍ରଜନନ କର୍ମୀ, ଦୁଗ୍ଧ ପରୀକ୍ଷକ, ମହିଳା ସମ୍ପ୍ରସାରଣ ଅଧିକାରୀ ଓ କର୍ମୀମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଓ ପ୍ରଶିକ୍ଷଣ ବ୍ୟବସ୍ଥା । (ଘ) ପ୍ରତ୍ୟେକ ସଫଳ ଭ୍ରୂଣ ରୋପଣ ପାଇଁ ୨,୫୦୦ ଟଙ୍କା ଏବଂ ଏଥିରୁ ଜନ୍ମିତ ବାଛୁରୀର ରକ୍ଷଣାବେକ୍ଷଣ ପାଇଁ ୫୦୦ ଟଙ୍କାର ଆର୍ଥିକ ବ୍ୟବସ୍ଥା । (ଙ) ପଶୁଚିକିତ୍ସା ଶିବିର ପାଇଁ ଏବଂ କୃତ୍ରିମ ପ୍ରଜନନ କର୍ମୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ।

## (୨୧) ନିୟମାବଳୀ :

ଏହି ପ୍ରୋତ୍ସାହନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରଣୟନ କରାଯିବ । ଏହା କୃଷି ନୀତି ଘୋଷଣା ପ୍ରକାଶ ପାଇବା ଦିନଠାରୁ କାର୍ଯ୍ୟକାରୀ ହେବ ଏବଂ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ । ଆବଶ୍ୟକ ଅନୁଯାୟୀ ଏହି ନୀତିର ସଂଶୋଧନ କରାଯାଇପାରିବ ।

## ପ୍ରକଳ୍ପ ତାଲିକା* 'କ' ସାରଣୀ

**ବ୍ୟବସାୟିକ କୃଷି :**

(୧)ବ୍ୟବସାୟିକ ଭିତ୍ତିରେ ଫଳ ଚାଷ, (୨) ବ୍ୟବସାୟିକ ଭିତ୍ତିରେ ମାଂସ ଓ ଅଣ୍ଡା ଉତ୍ପାଦନ, ମତ୍ସ୍ୟ ଚାଷ, (୩) ବ୍ୟବସାୟିକ ଭିତ୍ତିରେ ବଗିଚା ଶିଳ୍ପ (ଯଥା: କଫି, ରବର, କୋକୋ, କାଜୁ ଓ ଅଏଲପାମ୍), (୪) ବାଛୁରୀ ପାଳନ କେନ୍ଦ୍ର (ବ୍ୟବସାୟ ଭିତ୍ତିକ), (୫) ଛାଗଳ ପାଳନ କେନ୍ଦ୍ର (ବ୍ୟବସାୟ ଭିତ୍ତିକ), (୬) ରପ୍ତାନିଭିତ୍ତିକ ଚାଷ, (୭) ପିଞ୍ଚ ବିହନ ଉତ୍ପାଦନ, (୮) ରେଜିଷ୍ଟ୍ରିଭୁକ୍ତ ନର୍ସରୀରେ ଫଳ ଚାରା ଓ କଲମ ପ୍ରସ୍ତୁତି ।

## କୃଷିଭିତ୍ତିକ ଶିଳ୍ପ :

(୧) ଗୋ ଓ କୁକୁଡ଼ା ଖାଦ୍ୟ ଉତ୍ପାଦନ, (୨) ଗୁଳର ଚୁପୁଡ଼ୁ କାର୍ଡ଼ବୋର୍ଡ଼ ତିଆରି, (୩) ଆଖୁ ଛେଦା ଉପରେ ପର୍ଯ୍ୟବସିତ ଲେଖା ଓ ସମ୍ବାଦପତ୍ର କାଗଜ ପ୍ରସ୍ତୁତି, (୪) ତନ୍ତୁ ଉପରେ ଆଧାରିତ କାର୍ଡ଼ବୋର୍ଡ଼ ତିଆରି, (୫) ଅମଳ ପରିଶେଷ ସାମଗ୍ରୀ ବିନିଯୋଗରେ କାଗଜ ଓ କାର୍ଡ଼ ତିଆରି, (୬) ପାମ ତେଲ ଶିଳ୍ପ, (୭) ସମନ୍ୱିତ ମକାଶିଳ୍ପ, (୮) କାଜୁ ପ୍ରକ୍ରିୟାକରଣ ଶିଳ୍ପ, (୯) କୃଷି ସେବା କେନ୍ଦ୍ର ।

* ଏହି ତାଲିକା ସରକାରୀ ଘୋଷଣାନାମା ବଳରେ ବର୍ଦ୍ଧିତ ବା ସଙ୍କୁଚିତ ହେବ ।

## ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ :

(୧) ସୋୟାବିନ୍‌କୁ ନେଇ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି, (୨) ନଡ଼ିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, (୩) ଗୋପାଳନ ଓ ଦୁଗ୍ଧ ପ୍ରକ୍ରିୟାକରଣ, (୪) ଫଳରସ, ଜାମ, ଜେଲି, ଆଚାର, ଇତ୍ୟାଦି (୫) ଫଳ ମଣ୍ଡ ପ୍ରସ୍ତୁତି; (୬) ଲଙ୍କା, ଟମାଟୋ ଇତ୍ୟାଦିର ପ୍ରକ୍ରିୟାକରଣ, (୭) ପନିପରିବା ପୁଞ୍ଜୀକରଣ ଓ ପ୍ରକ୍ରିୟାକରଣ, (୮) ଫଳ ଓ ପନିପରିବାର ଶୀତଳୀକରଣ, (୯) ଛତୁଚାଷ ଓ ପ୍ରକ୍ରିୟାକରଣ, (୧୦) ପନିପରିବା ଓ ଫଳ ରଖିବା ପାଇଁ ଶୀତଳଭଣ୍ଡାର, ଆର୍ଦ୍ରତା ବିହୀନ ଶୀତଳଭଣ୍ଡାର, (୧୧) ଛତୁ ମଞ୍ଜି ପ୍ରସ୍ତୁତି, (୧୨) ମାଂସ ପ୍ରକ୍ରିୟାକରଣ ଶିଳ୍ପ, (୧୩) ମିଠା ପାଣି ମୁକ୍ତା ଚାଷ, (୧୪) Oyster ଚାଷ ।

## ଜୈବ ପ୍ରଯୋଗ ବିଦ୍ୟା ପର୍ଯ୍ୟବସିତ ଶିଳ୍ପ :

(୧) କୃତ୍ରିମ ଚାରା ପ୍ରସ୍ତୁତି (Tissue Culture) ଓ ଉନ୍ନତ ବିହନ ପ୍ରସ୍ତୁତି ପାଇଁ ପ୍ରୟୋଗଶାଳା, (୨) ଜୈବିକ (Vermi Culture) ଉପାୟରେ ଉର୍ବରକ ପ୍ରସ୍ତୁତି ।

## ଅତ୍ୟାଧୁନିକ ଚାଷ :

(୧) Green House, poly House, Glass House ଆଦି କୃତ୍ରିମ ଚାଷ କେନ୍ଦ୍ର ସ୍ଥାପନ, (୨) ହିମାଗ୍ନି ଯାନ ।

# ନୂତନ ଶିଳ୍ପନୀତି : ଶିଳ୍ପ ବିପ୍ଳବର ସଫଳ ରୂପାୟନ

ଶ୍ରୀ ଚଣ୍ଡି ପ୍ରସାଦ ମହାନ୍ତି

ବିପୁଳ ଖଣିଜ ସମ୍ପଦ ତଥା ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ତଥା ଅଗ୍ରଣୀ ରାଜ୍ୟ ରୂପେ ପରିଣତ କରିବା ନିମନ୍ତେ ଆମର ବରେଣ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ନୂତନ ଶିଳ୍ପନୀତି ଘୋଷଣା କରିଛନ୍ତି । ପୂର୍ବର ସରକାରଙ୍କ ତରଫରୁ ଯେଉଁ ଶିଳ୍ପନୀତି ଘୋଷଣା କରାଯାଇଥିଲା, ଆଜିର ଶିଳ୍ପନୀତିର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭିନ୍ନ ଓ ଯୁଗୋପଯୋଗୀ । ଦେଶରେ ପ୍ରବର୍ତ୍ତିତ ଅର୍ଥନୈତିକ ଉଦାରୀକରଣ ଓ ରାଜ୍ୟର ଶିଳ୍ପ ସମ୍ଭାବନା ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରାଯିବା ପାଇଁ ଶିଳ୍ପନୀତିକୁ ପରିପୁଷ୍ଟ କରାଯାଇଛି । ନୂତନ ଶିଳ୍ପନୀତି ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ଟିକସ ରିହାତି, ବିଦ୍ୟୁତ୍ ଶୁଳ୍କ ଛାଡ଼ ଏବଂ ରିହାତି ହାରରେ ଶିଳ୍ପ ସଂସ୍ଥାନ ପାଇଁ ଜମି ଯୋଗାଣ ବ୍ୟବସ୍ଥାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି ।

ନୂତନ ଶିଳ୍ପନୀତିକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଶିଳ୍ପ ସଂସ୍ଥା ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ଏକ ବିଧିବଦ୍ଧ କୌଶଳ ଓ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାର ପ୍ରସାର ପାଇଁ କିଭଳି ପ୍ରୋତ୍ସାହନ ଯୋଗାଇ ଦିଆଯିବା ଆବଶ୍ୟକ ତାହା ବୈଷୟିକ ଦୃଷ୍ଟିକୋଣରୁ ସ୍ଥିରୀକୃତ ହେବ ବୋଲି ସ୍ଥିର ନିଆଯାଇଛି । ତୃତୀୟ ଓ ଶେଷ ପର୍ଯ୍ୟାୟରେ ଏହି ଶିଳ୍ପନୀତିକୁ କାର୍ଯ୍ୟକାରୀ କରିବା ଲାଗି ପ୍ରଶାସନିକ ବ୍ୟବସ୍ଥା କିପରି ଅନୁକୂଳ ହେବ ତାହା ନିର୍ଦ୍ଧାରଣ କରାଯାଇଛି ।

## ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ :

ରାଜ୍ୟର ପରିବେଶକୁ ସୁରକ୍ଷିତ ରଖି ପ୍ରାକୃତିକ ସମ୍ପଦକୁ କିଭଳି ବିନିଯୋଗ କରାଯିବ ତାହା ହେଉଛି ନୂତନ ଶିଳ୍ପନୀତିର ମୁଖ୍ୟ ଆଭିମୁଖ୍ୟ । କୃଷିର ବିକାଶ ପାଇଁ ଏଥିରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । କୃଷିକୁ ଏକ ଶିଳ୍ପର ମାନ୍ୟତା ଦିଆଯାଇଥିବାରୁ କୃଷିର ବିକାଶ ନିମନ୍ତେ କୃଷିଭିତ୍ତିକ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠା କରିବା ଲାଗି ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଏତଦ୍‌ବ୍ୟତୀତ ରାଜ୍ୟ, ରାଜ୍ୟ ବାହାରେ ତଥା ବିଦେଶୀ ଘରୋଇ ପୁଞ୍ଜି ବିନିଯୋଗକାରୀମାନଙ୍କୁ ମଧ୍ୟ ରାଜ୍ୟରେ ଆବଶ୍ୟକ ଭିତ୍ତିଭୂମିମାନ ପ୍ରତିଷ୍ଠାକରି ଶିଳ୍ପର ବିକାଶ ପାଇଁ ଆକୃଷ୍ଟ କରାଯାଇଛି । ଶିଳ୍ପ କ୍ଷେତ୍ରରେ ବିଶେଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବାଲାଗି ନୀତିରେ ବିଶେଷ ମାନ୍ୟତା ପ୍ରଦାନ କରାଯାଇଛି । ଶିଳ୍ପ କ୍ଷେତ୍ରରେ ପଛୁଆ ହୋଇ ରହିଥିବା ଅଞ୍ଚଳଗୁଡ଼ିକରେ ବ୍ୟାପକ ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠାକରି ଶିଳ୍ପପ୍ରତି ସଚେତନତା ସୃଷ୍ଟିକରିବା ହେଉଛି ଏହି ଶିଳ୍ପନୀତିର ପ୍ରଧାନ ଆଭିମୁଖ୍ୟ । ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ କୃଷିଭିତ୍ତିକ, କ୍ଷୁଦ୍ର ଶିଳ୍ପ, ଗ୍ରାମ୍ୟ ଓ କୁଟୀର ଶିଳ୍ପ, ଲୁଗାବୁଣା, ହସ୍ତତନ୍ତ ଓ ହସ୍ତଶିଳ୍ପମାନ ପ୍ରତିଷ୍ଠା କରିବା ଉପରେ ବିଶେଷ ଅଗ୍ରାଧିକାର ଦିଆଯାଇଛି । ସ୍ଥାନୀୟ ଶିଳ୍ପୋଦ୍ୟୋଗୀମାନଙ୍କୁ କର୍ମତତ୍ପର ଓ କାର୍ଯ୍ୟଦକ୍ଷ କରିବା ହେଉଛି ଏହି ଶିଳ୍ପନୀତିର ଅନ୍ୟ ଏକ ବ୍ୟବସ୍ଥା ।

ବିଦ୍ୟୁତ୍‌ଶକ୍ତି, ରେଳବାଇ, ରାସ୍ତାଘାଟ, ବନ୍ଦର, ଟେଲିଯୋଗାଯୋଗ ଓ ବିମାନବନ୍ଦର ଭଳି ଯୋଗାଯୋଗ ବ୍ୟବସ୍ଥାକୁ ସମୁନ୍ନତ କରିବା ଲାଗି ବିହିତ ପଦକ୍ଷେପମାନ ଗ୍ରହଣ କରିବା ନିମନ୍ତେ ନୂତନ ଶିଳ୍ପନୀତିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଯେଉଁ ଶିଳ୍ପାନୁଷ୍ଠାନଗୁଡ଼ିକରେ ବିଶେଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରାଯାଇ ପାରିବ ବୋଲି ସମୀକ୍ଷା କରାଯିବ ସେ ସବୁ ଶିଳ୍ପାନୁଷ୍ଠାନକୁ ଅଧିକ ପ୍ରୋତ୍ସାହନ ଯୋଗାଇ ଦିଆଯିବା ଲାଗି ଏଥିରେ ଅଗ୍ରାଧିକାର ଦିଆଯାଇଛି । ଏତଦ୍‌ବ୍ୟତୀତ କୃଷି ଓ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପପ୍ରତିଷ୍ଠା ପାଇଁ ମହିଳା, ଆଦିବାସୀ, ହରିଜନ, ଶାରୀରିକ ଅକ୍ଷମ ଶିଳ୍ପୋଦ୍ୟୋଗୀମାନଙ୍କୁ ଅଧିକ ସୁବିଧାସୁଯୋଗ ଯୋଗାଇ ଦିଆଯିବା ଲାଗି ନିଷ୍ପତ୍ତି ନିଆଯାଇଛି । ଶିଳ୍ପପ୍ରତିଷ୍ଠା ପାଇଁ ନୂତନ ବାତାବରଣ ସୃଷ୍ଟି କରାଯିବା ସଙ୍ଗେ ସଙ୍ଗେ ଶିଳ୍ପୋଦ୍ୟୋଗୀମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେବା କ୍ଷେତ୍ରରେ ଯେପରି ଅଧିକ କାଳବିଳମ୍ବ ନହୁଏ ସେଥିପ୍ରତି ସତର୍କ ଦୃଷ୍ଟି ଦିଆଯାଇଛି ।

ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରିବା ଓ ଜମି ଯୋଗାଇଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି

ଗଠନ କରାଯିବା ଲାଗି ପ୍ରସ୍ତାବ ରହିଛି । ଶିଳ୍ପନୀତି ଅନୁଯାୟୀ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଖଣିଭିତ୍ତିକ ଶିଳ୍ପ, ଶକ୍ତି ଉତ୍ପାଦନ, ଗ୍ରାନାଇଟ୍ ଓ ଜେମ୍‌ଷ୍ଟୋନ୍, ଇଲୋକ୍‌ଟ୍ରୋନିକ୍ସ ଓ ସଫ୍‌ଟ୍ ୱେୟାର, ତୈଳ ବିଶୋଧନାଗାର, ପେଟ୍ରୋ କେମିକାଲ, ଫାର୍ମାସିଟିକାଲ, ଅଟୋ ଓ ଅଟୋକମ୍ପୋନେଣ୍ଟ, ପୋଷାକ, ପର୍ଯ୍ୟଟନ, ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକ ପ୍ରତିଷ୍ଠା କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଯେଉଁ ସମସ୍ୟାମାନ ଦେଖାଦେବ ସେସବୁର ସମାଧାନଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବାର ବ୍ୟବସ୍ଥା ରହିଛି । ସରକାରୀ ଉଦ୍ୟୋଗରେ ପରିଚାଳିତ ଶିଳ୍ପାନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଏକ କ୍ୟାବିନେଟ୍ ସ୍ତରୀୟ ସବ୍‌କମିଟି ଗଠନ କରାଯାଇଛି ।

ଶିଳ୍ପାନୁଷ୍ଠାନଗୁଡ଼ିକୁ ଆବଶ୍ୟକ ପ୍ରୋତ୍ସାହନ ଦେବା ନିମନ୍ତେ କେତେକ ବିଧିବଦ୍ଧ ନୀତି ନିର୍ଦ୍ଧାରଣ କରାଯାଇଛି । ରାଜ୍ୟର ବିଭିନ୍ନ ସବ୍‌ଡିଭିଜନକୁ ତିନୋଟି ଜୋନ୍‌ରେ ବିଭକ୍ତ କରାଯାଇଛି । ଶିଳ୍ପକ୍ଷେତ୍ରରେ ବିଶେଷ ପଛୁଆ ରହିଥିବା ଅଞ୍ଚଳକୁ ଜୋନ୍-କ, ଅଳ୍ପ ପଛୁଆ ରହିଥିବା ଅଞ୍ଚଳକୁ ଜୋନ୍-ଖ ଓ ଶିଳ୍ପାନୁଷ୍ଠାନ ଥିବା ଅଞ୍ଚଳଗୁଡ଼ିକୁ ଜୋନ୍-ଗରେ ବିଭକ୍ତ କରାଯାଇଛି । ତଦନୁଯାୟୀ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଜୋନ୍‌କୁ ଆବଶ୍ୟକ ପ୍ରୋତ୍ସାହନମାନ ଯୋଗାଇ ଦିଆଯିବ । ଆନନ୍ଦପୁର, ଆଠମଲ୍ଲିକ, ବାଲିଗୁଡ଼ା, ବାମନଘାଟୀ, ଭବାନୀପାଟଣା, ବୀରମହାରାଜପୁର, ବଣେଇ, ବୌଦ, ଦେବଗଡ଼, ଧର୍ମଗଡ଼, ଗୁଣୁପୁର, ହିନ୍ଦୋଳ, କାମାକ୍ଷାନଗର, କପ୍ତିପଦା, କନ୍ଧମାଳ, କୁଚିଣ୍ଡା, ମାଲକାନାଗିରି, ପଲ୍ଲହଡ଼ା, ପାଇକମାଳ, ନୀଳଗିରି, ନବରଙ୍ଗପୁର, ପଦ୍ମପୁର, ପାଲଲହଡ଼ା, ପଣପୀଢ଼, ପାରଳାଖେମୁଣ୍ଡି, ପାଟଣାଗଡ଼, ରେଢ଼ାଖୋଲ ଓ ସୋନପୁର ସବ୍‌ଡିଭିଜନ୍ ଜୋନ୍-କ'ର ପରିସରଭୁକ୍ତ ।

ଆଠଗଡ଼, ବାଙ୍କୀ, ବାରିପଦା, ଭଞ୍ଜନଗର, ଭଦ୍ରକ, ବଲାଙ୍ଗୀର, ଚମ୍ପୁଆ, ଜଗତସିଂହପୁର, ଜୟପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନୟାଗଡ଼, ପୁରୀ, ସୁନ୍ଦରଗଡ଼ ଓ ଟିଟିଲାଗଡ଼ ସବ୍‌ଡିଭିଜନ୍ ଜୋନ୍-ଖ'ର ଅନ୍ତର୍ଭୁକ୍ତ ।

ଅନୁଗୁଳ, ବାଲେଶ୍ୱର, ବରଗଡ଼, ବ୍ରହ୍ମପୁର, ଭୁବନେଶ୍ୱର, ପାନପୋଷ, ରାୟଗଡ଼ା, ସମ୍ବଲପୁର ଓ ତାଳଚେର ସବ୍‌ଡିଭିଜନ୍ ଜୋନ୍-ଗ'ର ପରିସରଭୁକ୍ତ ।

ଯେଉଁ ଶିଳ୍ପୋଦ୍ୟୋଗୀମାନେ ଶିଳ୍ପ ପ୍ରତିଷ୍ଠାକରିବା ଲାଗି ଆଗଭର ହେବେ, ସେମାନଙ୍କ ନିମନ୍ତେ ନୂତନ ଶିଳ୍ପନୀତି ଅନୁଯାୟୀ ପର୍ଯ୍ୟାପ୍ତ ରିହାତି ପ୍ରଦାନ ବ୍ୟବସ୍ଥା ରଖାଯାଇଛି । ଯେଉଁ ଶିଳ୍ପୋଦ୍ୟୋଗୀମାନେ ଜୋନ୍-କ'ର ପରିସରଭୁକ୍ତ, ସେମାନଙ୍କ ଲାଗି ପ୍ରକଳ୍ପବ୍ୟୟର ଶତକଡ଼ା ୨୦ ଭାଗ ଓ ସର୍ବାଧିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି । ଯେଉଁମାନେ ଜୋନ୍-ଖ'ର ପରିସରଭୁକ୍ତ ଅଟନ୍ତି, ସେମାନଙ୍କ ଲାଗି ପ୍ରକଳ୍ପ ବ୍ୟୟର ଶତକଡ଼ା ୧୫ ଭାଗ ଓ ସର୍ବାଧିକ ୧୫ ଲକ୍ଷ ଟଙ୍କା ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ମାତ୍ର ଯେଉଁମାନେ ଜୋନ୍-ଗ'ର ପରିସରଭୁକ୍ତ, ସେମାନଙ୍କ ଲାଗି ପ୍ରକଳ୍ପବ୍ୟୟର ଶତକଡ଼ା ୧୦ ଭାଗ ଓ ସର୍ବାଧିକ ୧୦ ଲକ୍ଷ ଟଙ୍କା ରିହାତି ପ୍ରଦାନ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ମହିଳା, ଶାରୀରିକ ଅକ୍ଷମ, ଆଦିବାସୀ ଓ ହରିଜନ ଶିଳ୍ପୋଦ୍ୟୋଗୀମାନଙ୍କ ଲାଗି ପ୍ରକଳ୍ପ ବ୍ୟୟର ଶତକଡ଼ା ୫ ଭାଗ ଓ ସର୍ବାଧିକ ୫ ଲକ୍ଷ ଟଙ୍କା ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

ଶିଳ୍ପୋଦ୍ୟୋଗୀମାନଙ୍କୁ ଶିଳ୍ପପ୍ରତିଷ୍ଠାର ପ୍ରାରମ୍ଭିକ ଅବସ୍ଥାରେ ଅର୍ଥାତ୍ ୫ ବର୍ଷ ପର୍ଯ୍ୟନ୍ତ ମାଗଣାରେ ପାଣି ଯୋଗାଇ ଦିଆଯିବ ଓ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯିବ । ବିକ୍ରୟକର କ୍ଷେତ୍ରରେ ମଧ୍ୟ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ଖଦୀ, ଗ୍ରାମୋଦ୍ୟୋଗ, କୁଟୀରଶିଳ୍ପ ଓ ହସ୍ତଶିଳ୍ପ ନିମନ୍ତେ ଯନ୍ତ୍ରପାତି ଓ କଞ୍ଚାମାଲ୍ କିଣିବା କ୍ଷେତ୍ରରେ ୭ ବର୍ଷ ପର୍ଯ୍ୟନ୍ତ ବିକ୍ରିକର ଛାଡ଼ କରାଯିବ । ସେହିଭଳି କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପାନୁଷ୍ଠାନ ଲାଗି ଯନ୍ତ୍ରପାତି ଓ କଞ୍ଚାମାଲ କିଣିବା କ୍ଷେତ୍ରରେ ୫ ବର୍ଷରୁ ୭ ବର୍ଷ ପର୍ଯ୍ୟନ୍ତ ବିକ୍ରୀକର ଛାଡ଼ କରାଯିବା ଲାଗି ବ୍ୟବସ୍ଥା ରହିଛି । ନୂତନ ଶିଳ୍ପାନୁଷ୍ଠାନଗୁଡ଼ିକ ଲାଗି ଯନ୍ତ୍ରପାତି ପରିବହନ ସମୟରେ ଅକ୍‌ଟ୍ରାଇ ଟିକସ ମଧ୍ୟ ଛାଡ଼ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି ।

ଏହାଛଡ଼ା ରୁଗ୍‌ଣ ଶିଳ୍ପାନୁଷ୍ଠାନଗୁଡ଼ିକ ନିମନ୍ତେ ଆବଶ୍ୟକ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଇ ସେସବୁକୁ କର୍ମତତ୍ପର କରିବା ଲାଗି ସ୍ଥିର କରାଯାଇଛି । ଏଥି ନିମନ୍ତେ ରୁଗ୍‌ଣ ଶିଳ୍ପାନୁଷ୍ଠାନଗୁଡ଼ିକର ଶିଳ୍ପୋଦ୍ୟୋଗୀମାନେ ନୂତନ ଶିଳ୍ପନୀତିର ସୁବିଧା ସୁଯୋଗ ଲାଭ କରିବା ନିମନ୍ତେ ଆଗେଇ ଆସିବା ଲାଗି ଆହ୍ୱାନ ଦିଆଯାଇଛି ।

## ପ୍ରଶାସନିକ ସୁବିଧା-ସୁଯୋଗ :

ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ ଅସୁବିଧା ଓ ପ୍ରତିବନ୍ଧକମାନ ଏଡ଼ାଇବାଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ନୋଡ଼ାଲ କମିଟି ଗଠନ କରାଯାଇଛି । ରୁଗ୍‌ଣ ଶିଳ୍ପାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର କରିବା ଲାଗି ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଶିଳ୍ପୋଦ୍ୟୋଗୀମାନେ ଯେପରି ସମସ୍ତ ପ୍ରକାରର ସୁବିଧା ସୁଯୋଗ ଲାଭ କରି ପାରିବେ ସେଥିଲାଗି ଇପିକଲ, ଓ.ଏସ୍.ଏଫ୍.ସି. ଏବଂ ଇଲୋକ୍‌ଟ୍ରୋନିକ୍ସ ନିଗମ ଗୋଟିଏ ସ୍ଥାନରେ କାର୍ଯ୍ୟ କରିବା ଲାଗି ବ୍ୟବସ୍ଥା କରାଯାଇଛି । କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ନିମନ୍ତେ ଏକ କର୍ପୋରେଟ୍ ବଡ଼ି ଗଠନ କରାଯିବାର ପ୍ରସ୍ତାବ ରହିଛି । ଜମି ଓ ଭିତ୍ତିଭୂମି ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ଇଡ଼କୋ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସର୍ବୋପରି ଶିଳ୍ପର ସର୍ବାଙ୍ଗୀଣ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ପରାମର୍ଶଦାତା କମିଟି ଗଠନ କରାଯିବାର ବ୍ୟବସ୍ଥା ରହିଛି ।

---

ରଚନା ଅଧିକାରୀ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର ।

# ସମ୍ବଲପୁରରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନର ଏକ ଝଲକ

**ଶ୍ରୀ ସହଦେବ ସାହୁ**

୧୯୦୫ରେ ପ୍ରଭିନ୍‌ସିଆଲ୍ ରିଡିଷ୍ଟ୍ରିବ୍ୟୁସନ ସ୍କିମ୍ ଅନୁଯାୟୀ ସମ୍ବଲପୁର ବେଙ୍ଗଲ ପ୍ରେସିଡେନ୍‌ସିର ଓଡ଼ିଶା ଡିଭିଜନକୁ ଆସିଗଲା ସିନା, ଓଡ଼ିଆଭାଷୀମାନଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ମିଳିଲା ନାହିଁ। ୧୯୧୧ରେ ବିଲାତ ରାଜା ତଥା ଭାରତ ସମ୍ରାଟ୍ (କିଙ୍ଗ୍ ଏମ୍ପରର) ଭାରତ ଆସିବେ ଓ ଦିଲ୍ଲୀରେ ଦରବାର କରିବେ, ଏହା ଶୁଣି ସମ୍ବଲପୁରର ବୁଦ୍ଧିଜୀବୀମାନେ ଯେଉଁ ଦରଖାସ୍ତ (ମେମୋରିଆଲ୍) ତାଙ୍କୁ ମିଶ୍ରୋଙ୍କୁ ଦେଇଥିଲେ, ତହିଁରୁ ସେ ସମୟର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସମ୍ମିଶ୍ରଣ ଆନ୍ଦୋଳନର କିଞ୍ଚିତ୍ ଆଭାସ ମିଳେ।

ପ୍ରଶାସନିକ ସୁବିଧା ଦୃଷ୍ଟିରୁ ସମ୍ବଲପୁର ଓ ସଂଲଗ୍ନ କରଦ ରାଜ୍ୟମାନଙ୍କୁ ୧୮୬୨ରେ ଓଡ଼ିଶା ବିଭାଗରୁ ବିଚ୍ଛିନ୍ନ କରାଯାଇ ସେଣ୍ଟ୍ରାଲ୍ ପ୍ରୋଭିନ୍‌ସେସ ଅଧୀନରେ ରଖାଗଲା। ଏ ବ୍ୟବସ୍ଥା ଦ୍ୱାରା ଓଡ଼ିଆମାନଙ୍କ ରାଜନୈତିକ, ଶିକ୍ଷାଗତ, ସାମାଜିକ ତଥା ଭାଷାଗତ ଅସୁବିଧା ବଢ଼ିଗଲା; ୧୮୯୯ରେ ସମ୍ବଲପୁରବାସୀ ଏହାର ସମାଧାନ ଲାଗି ପ୍ରାର୍ଥନା ଜଣାଇଥିଲେ ଏବଂ ତାହା ଦୃଷ୍ଟିରେ ରଖି ୧୯୦୩ରେ ଏକ ରିଜୋଲ୍ୟୁସନ ବଳରେ ଭାଇସରୟ ଲର୍ଡ଼ କର୍ଜନ ସତ୍ୟାସତ୍ୟ ଅନୁସନ୍ଧାନର ଆଦେଶ ଦେଇଥିଲେ। ଫଳରେ ୧୯୦୫ରେ ପ୍ରାଦେଶିକ ପୁନର୍ବଣ୍ଟନ ଯୋଜନା କାର୍ଯ୍ୟକାରୀ ହେଲା। ଏଥିରେ ସମ୍ବଲପୁରର ଲାଭ ହେଲା ଯେତିକି; କ୍ଷତି ହେଲା ତତୋଧିକ। ସମ୍ବଲପୁର ସିନା ଓଡ଼ିଶାକୁ ଆସିଗଲା; ସମ୍ବଲପୁରର ବହୁତ ଅଞ୍ଚଳକୁ ଛିନ୍ନ କରି ସେଣ୍ଟ୍ରାଲ୍ ପ୍ରୋଭିନ୍‌ସେସର ପୂର୍ବସୀମାନ୍ତରେ ଥିବା ରାୟପୁର ଓ ବିଳାସପୁର ଜିଲ୍ଲାରେ ମିଶାଇଦିଆଗଲା। ପଦ୍ମପୁର ଓ ଚନ୍ଦ୍ରପୁର, ମାଲଖୋଣ୍ଡା ଓ ଫୁଲଝର ଜମିଦାରୀ, ଶାରଙ୍ଗଗଡ଼ ଓ ରାଇଗଡ଼ ଦେଶୀୟ ରାଜ୍ୟ ତଥା ବ୍ରିଟିଶ ଶାସିତ ସମ୍ବଲପୁର ଜିଲ୍ଲାରେ ପୂର୍ବରୁ ମିଶିଥିବା ଯୋଗିନୀ ସମେତ ୮ଟି ଗ୍ରାମ ଆଉ ବୃହତ୍ତର ସମ୍ବଲପୁରଠାରୁ କାଢ଼ି ନିଆଗଲା। ଏଭଳି ବିଚ୍ଛିନ୍ନ ହୋଇଥିବା ଅଞ୍ଚଳର ଅଧିବାସୀମାନେ ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦରଖାସ୍ତ କରି ନ୍ୟାୟ ପାଇ ନାହାନ୍ତି। ତେଣୁ ସମ୍ବଲପୁରବାସୀମାନେ ୧୯୧୦ରେ ଯେଉଁ ମେମୋରିଆଲ୍ ଦେଇଥିଲେ ତହିଁରେ ଦିଆ ଯାଇଥିବା କେତେକ ଯୁକ୍ତି ଏଠାରେ ଦୋହରାଇବା ଉଚିତ୍ ମନେ ହେଉଛି।

ବିଚ୍ଛିନ୍ନ କରାଯାଇଥିବା ଅଞ୍ଚଳର ସବୁଠାରୁ ବଡ଼ ସମସ୍ୟା ହେଉଛି ଭାଷା। ସଂଖ୍ୟା ଗରିଷ୍ଠ ଲୋକେ ଓଡ଼ିଆ କହନ୍ତି। ଅଳ୍ପ ସଂଖ୍ୟକ ଲୋକେ ଲରିଆ କହନ୍ତି, କେହି ହିନ୍ଦୀ କହନ୍ତି ନାହିଁ; ଲରିଆ ହିନ୍ଦୀ ନୁହେଁ। ହିନ୍ଦୀ ଓ ଓଡ଼ିଆ ଭଳି ଦୁଇଟି ଅତି ଉନ୍ନତ ଭାଷାର ମିଳନରେ ତିଆରି ହୋଇଥିବା ଏକ ମୌଖିକ ଭାଷା। ସେଣ୍ଟ୍ରାଲ ପ୍ରୋଭିନ୍‌ସର ପୂର୍ବସୀମାରେ ଥିବା ରାୟପୁର ଓ ବିଳାସପୁର ଜିଲ୍ଲାରେ କଥିତ ଭାଷା ଯେଉଁ ଲରିଆ, ତାହା ହିନ୍ଦୀଠାରୁ ଓଡ଼ିଆର ବେଶି ପାଖାପାଖି। ସେହିଭଳି ପଶ୍ଚିମ ସୀମାରେ ଥିବା ମାଣ୍ଡଲା ଓ ବାଲାଘାଟ ଜିଲ୍ଲାରେ କୁହାଯାଉଥିବା ଲରିଆ ହିନ୍ଦୀ ଭାଷାର ପାଖାପାଖି। ଲରିଆ ଭାଷାରେ ସାହିତ୍ୟ ନାହିଁ ସିନା, ଲରିଆଭାଷୀ ଲୋକେ ଶହ ଶହ ବର୍ଷ ଧରି ଓଡ଼ିଆ ଧର୍ମଗ୍ରନ୍ଥଗୁଡ଼ିକୁ ଆଦରି ନେଇଛନ୍ତି। ଏହାସତ୍ତ୍ୱେ ସେଣ୍ଟ୍ରାଲ ପ୍ରୋଭିନ୍‌ସେସର ପ୍ରଶାସନ ରାୟପୁର ଓ ବିଳାସପୁରରେ ହିନ୍ଦୀକୁ କଚେରୀ ଭାଷା ରୂପେ ଗ୍ରହଣ କରିଛନ୍ତି। ସମ୍ବଲପୁର ଜିଲ୍ଲାର ଯେଉଁସବୁ ବିଚ୍ଛିନ୍ନାଞ୍ଚଳ ରାୟପୁର ବିଳାସପୁର ଜିଲ୍ଲାରେ ଅନ୍ତର୍ଭୁକ୍ତ କରାଯାଇଛି, ସେ ଅଞ୍ଚଳ ରାୟପୁର ଓ ବିଳାସପୁର ଜିଲ୍ଲାର ସଦର ମହକୁମାଠାରୁ ଯେତେ ଦୂର ସମ୍ବଲପୁର ଜିଲ୍ଲାର ସଦର ମହକୁମାଠାରୁ ତାହାଠାରୁ କମ ଦୂର। ସମ୍ବଲପୁରର ଗୁରୁତ୍ୱ କମାଇଦିଆଯାଉଛି। ସମ୍ବଲପୁର ରାଜାଙ୍କ ଶାସନରେ ଥିବାବେଳେ ସମ୍ବଲପୁର ଅଧୀନରେ ୧୮ଟି କରଦ ରାଜ୍ୟ ଥିଲା। ତନ୍ମଧ୍ୟରୁ କେତେକ ଏବେ ଛତିଶଗଡ଼ ଏଜେନ୍‌ସି ଅନ୍ତର୍ଭୁକ୍ତ ହୋଇ ରାୟପୁରରୁ ଶାସିତ ହେଉଛି। ଅଥଚ ସମ୍ବଲପୁରର ଗୁରୁତ୍ୱକୁ ଏକ ଜିଲ୍ଲା ସ୍ତରରେ ସୀମିତ କରାଯାଉଛି।

ଭାଷାର ଅନୁରୂପ ଶିକ୍ଷା। ସେଣ୍ଟ୍ରାଲ ପ୍ରୋଭିନ୍‌ସର ଶିକ୍ଷା ବିଭାଗରେ କୌଣସି କର୍ମଚାରୀ ଓଡ଼ିଆ ଭାଷାରେ ଶିକ୍ଷା ପାଇ ନାହାନ୍ତି। ସେମାନେ କିପରି ବିଚ୍ଛିନ୍ନାଞ୍ଚଳର ଲୋକଙ୍କୁ ଶିକ୍ଷାଦେବେ। ପ୍ରାୟ ଅର୍ଦ୍ଧ ଶତାବ୍ଦୀକାଳ ସମ୍ବଲପୁର ଜିଲ୍ଲା ସେଣ୍ଟ୍ରାଲ ପ୍ରୋଭିନ୍‌ସ ଅଧୀନରେ ଥିଲାବେଳେ ମଧ୍ୟ ଏବଂ ସେ

ପ୍ରଦେଶର ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶାରୁ କିଛି କିଛି ଓଡ଼ିଆ ପାଠ୍ୟପୁସ୍ତକ ଆମଦାନୀ କରି ଯୋଗାଇଥିଲେ ମଧ୍ୟ, ଶିକ୍ଷାଗତ ଅସୁବିଧା ଦୂର ହୋଇ ନଥିଲା । ଏବେ କିପରି ସେଠାକାର ଅସୁବିଧା ଦୂର ହେବ ? ଏତାସତ୍ତ୍ୱେ ସେମାନେ ପ୍ରାଥମିକ ସ୍ତରରେ ହିନ୍ଦୀ ଭଳି ଏକ ବିଦେଶୀ ଭାଷା ପଢ଼ିବାକୁ ବାଧ୍ୟ ହେବେ । ସେଣ୍ଟ୍ରାଲ ପ୍ରୋଭିନ୍‌ସର ଅନ୍ୟ ଅଞ୍ଚଳରେ ପୂର୍ବରୁ ହିନ୍ଦୀରେ ଶିକ୍ଷା ପାଇଥିବା ଲୋକମାନଙ୍କ ସହିତ ନୂଆ କରି ଶିକ୍ଷା ପାଉଥିବା ଓଡ଼ିଆ ବା ଲରିଆଭାଷୀ ସରକାରୀ ଚାକିରି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । ହିନ୍ଦୀ ଜାଣି ନଥିବା ବା ଅଳ୍ପ ଜାଣିଥିବା କାରଣରୁ ସେମାନେ ଅବହେଳିତ ହେବେ ।

ସମ୍ବଲପୁର ଯେତେବେଳେ ସେଣ୍ଟ୍ରାଲ ପ୍ରୋଭିନ୍‌ସର ସରକାରଙ୍କ ଶାସନାଧୀନ ଥିଲା, ସେତେବେଳେ ସମ୍ବଲପୁର ଯେଉଁ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥିଲା, ସମ୍ବଲପୁରରୁ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳ ବର୍ତ୍ତମାନ ସେଣ୍ଟ୍ରାଲ ପ୍ରୋଭିନ୍‌ସର ଅଧୀନରେ ରହି ତାଠାରୁ ବେଶି ଅସୁବିଧା ଭୋଗିବ । ସବୁ ସରକାରୀ କାଗଜପତ୍ର ଓଡ଼ିଆରେ ଅଛି, ଏହାକୁ ବୁଝାଇବା ପାଇଁ ସମ୍ବଲପୁର ଜିଲ୍ଲାରୁ ଓଡ଼ିଆଙ୍କୁ ଡକା ହେବ । ସେ ଅଞ୍ଚଳ ଅନୁନ୍ନତ ଓ ଅନଗ୍ରସର ହୋଇଥିବାରୁ ସେଠାରେ ଓଡ଼ିଆ ଅଫିସର ମିଳିବେ ନାହିଁ । ସେଣ୍ଟ୍ରାଲ ପ୍ରୋଭିନ୍‌ସର ଯେଉଁ ଅଣଓଡ଼ିଆ ଅଫିସରମାନେ ଶାସନ କରିବେ ସେମାନେ ପ୍ରଜାମାନଙ୍କର ଦୁଃଖସୁଖ ବୁଝିବାରେ ସକ୍ଷମ ହେବେ ନାହିଁ । ଫଳରେ ଓଡ଼ିଆଭାଷୀ ଲୋକଙ୍କୁ ନ୍ୟାୟ ନ ମିଳିବାର ଆଶଙ୍କା ରହିଛି । ସରକାର ଅଫିସରମାନଙ୍କୁ ଓଡ଼ିଆ ଭାଷା ଶିକ୍ଷା କରିବାକୁ ବାଧ୍ୟ କଲେ ମଧ୍ୟ, ଲାଭ ମିଳିବ ନାହିଁ । ସେମାନେ ଖୁକିରିର ଅଳ୍ପକାଳ ପାଇଁ ଚଳନୀୟ ଓଡ଼ିଆ ଭାଷା ଶିଖିବାକୁ ବାଧ୍ୟ ହେବେସିନା, ଯଥାଶୀଘ୍ର ସ୍ଥାନ ଛାଡ଼ି ଯିବାକୁ ପାଇଁ ଖୁଜିବେ । ଫଳରେ ଦଳେ ଅଳ୍ପ ଅଫିସରଙ୍କ ପରେ ଆଉ ଦଳେ ଅଳ୍ପ ଅଫିସର ଶାସନ କରିବେ । ଇତିମଧ୍ୟରେ ଲୋକେ ହିନ୍ଦୀ ଭାଷାରେ ପାଉଥିବା ସରକାରୀ ନୋଟିସ ବା ପତ୍ରକୁ ବୁଝିବା ପାଇଁ କେଉଁଠି ହିନ୍ଦୀ ଜାଣିଥିବା ଲୋକ ଅଛି ଖୋଜି ବୁଲିବେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ମେମୋରିଆଲରେ ସମ୍ବଲପୁର ବିଷୟରେ ଉଲ୍ଲେଖ କଲାବେଳେ ଦରଖାସ୍ତକାରୀମାନେ ମାଡ୍ରାସ ପ୍ରେସିଡେନ୍‌ସିରୁ ଗଞ୍ଜାମ, ଗଞ୍ଜାମ ଏଜେନ୍‌ସି ଓ ବିଶାଖାପାଟନମ୍ ଏଜେନ୍‌ସିସ୍, ବେଙ୍ଗଲ ପ୍ରେସିଡେନ୍‌ସିରୁ ଘାଟଶିଳା ଡିଭିଜନର ସିଂହଭୂମ ଜିଲ୍ଲା ଓ ମେଦିନୀପୁର ଜିଲ୍ଲାର କନ୍ଥାଇ ସବଡ଼ିଭିଜନ ଓଡ଼ିଶାରେ ରହୁ ବୋଲି ଦାବୀ କରିଥିଲେ । ବେଙ୍ଗଲ, ମାଡ୍ରାସ୍ ଓ ସେଣ୍ଟ୍ରାଲ ପ୍ରୋଭିନ୍‌ସ ନାମକ ତିନୋଟି ପ୍ରଦେଶରେ ଓଡ଼ିଆଙ୍କୁ ବିଭକ୍ତ କରାଯାଇଥିବା ଓଡ଼ିଆ ଜାତିର ଅବକ୍ଷୟର ମୂଳ କାରଣ ବୋଲି ସେମାନେ ଦର୍ଶାଇଥିଲେ । ଏହି ଦରଖାସ୍ତରେ ସେମାନେ ପ୍ରାର୍ଥନା କରିଥିଲେ ଯେ, ଏ ସବୁ ଅଞ୍ଚଳ ମିଶାଇ ଓଡ଼ିଶାକୁ ସ୍ୱତନ୍ତ୍ର ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ଶାସନ କରାଯାଉ, ତାହାର ରାଜଧାନୀ ରାଞ୍ଚି ଭଳି କେନ୍ଦ୍ର ସ୍ଥାନରେ ରଖାଯାଉ, ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ଗ୍ରୀଷ୍ମକାଳୀନ ଆବାସସ୍ଥଳୀ ପୁରୀରେ କରାଯାଉ ।

ମେମୋରିଆଲ ସହିତ ଦିଆ ହୋଇଥିବା ସମ୍ବଲପୁରର ମାନଚିତ୍ରଟିରେ ୧୮୯୭ର ଏବଂ ତାହା କଲିକତାର 'ସର୍ଭେ ଅଫ୍ ଇଣ୍ଡିଆ' ଅଫିସ ଦ୍ୱାରା ଖୋଦେଇ କରାଯାଇ ଛପା ହୋଇଥିବା ଉଲ୍ଲେଖ ଅଛି ।

---

ସାଧାରଣ ସମୟରେ ଆମେ ପ୍ରତ୍ୟେକ ବ୍ୟକ୍ତିଗତ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଓ ନୀତି ପ୍ରତି ଅନୁରକ୍ତ ହୋଇ ରହିଥାଉ ଏବଂ ତଦ୍ୱାରା ଆମ ଭିତରେ ମତ ପାର୍ଥକ୍ୟ ଦେଖା ଦେଇଥାଏ । ଗଣତାନ୍ତ୍ରିକ ଜୀବନର ବିକାଶ ଓ ଗଣତନ୍ତ୍ରର ପ୍ରତିଷ୍ଠା ଲାଗି ଏହାର ଯଥେଷ୍ଟ ଆବଶ୍ୟକତା ରହିଛି । କିନ୍ତୁ ଯେତେବେଳେ ଆମର ସ୍ୱାଧୀନତା ଓ ଦେଶର ସାର୍ବଭୌମତ୍ୱ ବିପଦଗ୍ରସ୍ତ ହୋଇ ପଡ଼ିବ, ସେତେବେଳେ ସମସ୍ତ ପ୍ରକାର ଅନୁରକ୍ତିକୁ ଭୁଲିଯାଇ ଆମକୁ କେବଳ ଆମ ଦେଶର ଅନୁରକ୍ତ ହୋଇ ରହିବାକୁ ପଡ଼ିବ ।

—ଶାସ୍ତ୍ରୀ

---




ପାରଳାଖେମୁଣ୍ଡିଠାରେ ଲୋକସଭା ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ପି: ଭି ନରସିଂହ ରାଓ ଗ୍ରୀଡ୍ ଷ୍ଟେସନ୍ ଉଦ୍‌ଘାଟନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉପସ୍ଥିତ ଅଛନ୍ତି ।



ଓଡ଼ିଶା କୃଷକ ସମାଜ ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା କୃଷକ ସମାଜର ୭୨ତମ କାର୍ଯ୍ୟକାରୀ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି (୧୩-୭-୧୯୯୬) ।



ଜଗତସିଂହପୁର ଜିଲ୍ଲାର ଡିଷ୍ଣାନନ୍ଦପୁରଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପାଇକା ସେତୁ ଉଦ୍‌ଘାଟନ କରୁଛନ୍ତି । ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ ଓ ଲୋକସଭା ସାଂସଦ ଶ୍ରୀ ରଞ୍ଜୀବ ବିଶ୍ୱାଳ ଉପସ୍ଥିତ ଅଛନ୍ତି (୭-୭-୧୯୯୬) ।




ସତ୍ୟବାଦୀ ବ୍ଲକ୍‌ର ଡକ୍ଷିଆଗଡ଼ ସାହିଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନୂଆ ଜଗନ୍ନାଥ ସଡ଼କ (ଶରଣକୁଳଠାରୁ ବୀରପ୍ରତାପପୁର) ଉଦ୍‌ଘାଟନ କରୁଛନ୍ତି (୧୫-୭-୧୯୯୬) ।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଏଚ୍: ଏମ୍: ଭି: କମ୍ପାନୀର ମିଳିତ ଉଦ୍ୟମରେ ପ୍ରସ୍ତୁତ ଶ୍ରୀଜଗନ୍ନାଥଙ୍କ ୭୨ଟି ଭଜନ ସମ୍ବଳିତ ୮ଟି କ୍ୟାସେଟ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସ ଭବନରେ ଉନ୍ମୋଚନ କରୁଛନ୍ତି । (୨୪-୬-୧୯୯୬) ।



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସ ଭବନଠାରେ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ଦ୍ୱାରା ଲିଖିତ "ପ୍ରବନ୍ଧ ସାହିତ୍ୟ ଓ ପ୍ରାବନ୍ଧିକ ଗୋବିନ୍ଦ ତ୍ରିପାଠୀ" ପୁସ୍ତକ ଉନ୍ମୋଚନ କରୁଛନ୍ତି (୧୫-୬-୧୯୯୬) ।



ଭୁବନେଶ୍ୱର ବମିଖାଲଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନବ ନିର୍ମିତ ଏକାମ୍ର ସିନେମା ହଲ୍‌କୁ ଉଦ୍‌ଘାଟନ କରୁଛନ୍ତି (୨୭–୬–୧୯୯୬)।



କଟକ ଶହୀଦ୍ ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଦୈନିକ ସମ୍ବାଦପତ୍ର "ମାତୃଭାଷାର" ଅଷ୍ଟମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି (୨୧–୬–୧୯୯୬)।





ସ୍ନେହ ଆନୁକୂଲ୍ୟରେ ଆୟୋଜିତ ସହର ସଫେଇ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ ଅନ୍ୟମାନଙ୍କ ସହିତ କ୍ୟାପିଟାଲ ହସ୍ପିଟାଲ ପରିସର ମଧ୍ୟରେ ସଫେଇ କାର୍ଯ୍ୟ କରୁଛନ୍ତି (୨୨-୬-୧୯୯୬) ।




ରବୀନ୍ଦ୍ର ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ 'ଶ୍ରୀ ସୁରେନ୍ଦ୍ର ମିଶ୍ରଙ୍କ ଗବେଷଣା ଲବ୍ଧ ପୁସ୍ତକ "ବାଜି ରାଉତ" ଉନ୍ମୋଚନ କରୁଛନ୍ତି (୧୯-୬-୧୯୯୬) ।




ଭୁବନେଶ୍ୱର ସ୍ୱସ୍ତି ହୋଟେଲଠାରେ ଆଇ: ସି: ଏ: ଆର୍‌ର ୧୪ ତମ ଆଞ୍ଚଳିକ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ପ୍ରକାଶନକୁ ଉନ୍ମୋଚନ କରୁଛନ୍ତି (୧୧-୭-୧୯୯୬) ।



ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ସନ୍ଧ୍ୟା ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ସରଣୀ-ଦ୍ୱିତୀୟ ଭାଗକୁ ଉନ୍ମୋଚନ କରୁଛନ୍ତି (୧୪-୭-୧୯୯୬) ।



ସୂଚନା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି (୧୯-୭-୧୯୯୬) ।



କଳିଙ୍ଗ ଅଶୋକ ହୋଟେଲଠାରେ ଓଡ଼ିଶାରେ ସାମାଜିକ ବନୀକରଣ–ଚିନ୍ତା ଓ ଚେତନା-ଶୀର୍ଷକ ଆଞ୍ଚଳିକ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭୁବନେଶ୍ୱର ଆଞ୍ଚଳିକ ଗବେଷଣାଗାରର ବୈଜ୍ଞାନିକ ଡକ୍ଟର ସାକ୍ସେନା ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ସଂକଳିତ "ଦି ଫ୍ଲୋରା ଅଫ୍ ଓଡ଼ିଶା"ର ପ୍ରଥମ ଓ ଦ୍ୱିତୀୟ ଭାଗ ଉନ୍ମୋଚନ କରୁଛନ୍ତି (୨୪-୭-୧୯୯୬) ।



ଭୁବନେଶ୍ୱର ବିମାନଘାଟୀଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ପି: ଭି: ନରସିଂହରାଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି (୨୭-୭-୧୯୯୬)।



ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ କଳାହାଣ୍ଡିର ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଲୋକ ସମ୍ପର୍କ ବିଭାଗ ଷ୍ଟଲ ପରିଦର୍ଶନ କରୁଛନ୍ତି। କଳାହାଣ୍ଡି ଜିଲ୍ଲାପାଳ ଶ୍ରୀମତୀ ଜି: ସୁବର୍ଣ୍ଣାରାଣୀ ଉପସ୍ଥିତ ଅଛନ୍ତି (୧୩-୩-୧୯୯୬)।

# ଜନସେବକ ଓ ଜନଶିକ୍ଷକ ଜଗବନ୍ଧୁ ସିଂହ

ଶ୍ରୀ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ସ୍ୱଦେଶ ବତ୍ସଳ ଜନସେବକ, ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟ ସାଧକ ଭାବେ ଜଗବନ୍ଧୁ ସିଂହ ସୁନାମଧନ୍ୟ । ୧୮୭୭ ମସିହାରେ ସେ ପୁରୀ ଜିଲ୍ଲାର ନିମାପଡା ନିକଟବର୍ତ୍ତୀ ଭୁବନପୁର ଗ୍ରାମରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଓକିଲାତି ପାସ୍ କଲା ପରେ ସେ ୧୯୦୧ ମସିହାରେ ମଧୁସୂଦନ ଦାସଙ୍କ ସହକାରୀ ଭାବେ କଟକରେ ଆଇନଜୀବୀ ଭାବେ କର୍ମଜୀବନ ଆରମ୍ଭ କରିଥିଲେ । ମଧୁସୂଦନଙ୍କ ପ୍ରେରଣା ହିଁ ଜଗବନ୍ଧୁଙ୍କୁ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ଓ ଜନହିତକର କାର୍ଯ୍ୟରେ ନିୟୋଜିତ କରାଇଥିଲା । ୧୯୦୪ ମସିହାରେ ଜଗବନ୍ଧୁ ପୁରୀକୁ ଆସି ସେଠାରେ ଆଇନ୍ ବ୍ୟବସାୟ ଆରମ୍ଭ କରିଥିଲେ । ଦକ୍ଷ ଆଇନ୍‌ଜୀବୀ ଭାବେ ସେ ଏଠାରେ ଅଳ୍ପଦିନ ମଧ୍ୟରେ ଆପଣାକୁ ସୁପ୍ରତିଷ୍ଠିତ କରିପାରିଥିଲେ ।

କର୍ମଜୀବନର ପ୍ରାରମ୍ଭରୁ ଜଗବନ୍ଧୁ ଥିଲେ ଉତ୍କଳ ସମ୍ମିଳନୀର କାର୍ଯ୍ୟ ସହ ଘନିଷ୍ଠ ଭାବେ ସମ୍ପୃକ୍ତ । ପୁରୀଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ୬ମ, ୯ମ ଓ ୧୨ଶ ବାର୍ଷିକ ଅଧିବେଶନର ସେ ଥିଲେ ସମ୍ପାଦକ । ତାହାଙ୍କ ସୁପରିଚାଳନାରେ ଏହି ଅଧିବେଶନ ସୁସମ୍ପାଦିତ ହୋଇ ପାରିଲା । ପୁରୀର ବହୁ ଜନହିତକର କାର୍ଯ୍ୟ ଓ ଶିକ୍ଷାନୁଷ୍ଠାନ ସହ ସେ ମଧ୍ୟ ଥିଲେ ଘନିଷ୍ଠ ଭାବେ ସମ୍ପୃକ୍ତ । ପୁରୀ ମ୍ୟୁନିସିପାଲଟି ଓ ଜିଲ୍ଲା ବୋର୍ଡର କର୍ମକର୍ତ୍ତା ଭାବେ ସେ ଆପଣାର କର୍ତ୍ତବ୍ୟନିଷ୍ଠା ଓ ଦକ୍ଷତାର ପରିଚୟ ଦେଇ ଯାଇଛନ୍ତି । ୧୯୨୦ ମସିହାରେ ଚକ୍ରଧରପୁରଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ବାର୍ଷିକ ଐତିହାସିକ ଅଧିବେଶନ ଜଗବନ୍ଧୁଙ୍କ ସଭାପତିତ୍ୱରେ ହିଁ ଅନୁଷ୍ଠିତ ହୋଇଥିଲା । ନାଗପୁର କଂଗ୍ରେସ ଅଧିବେଶନରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ଜାତୀୟ କଂଗ୍ରେସର ନୀତି ଭାବେ ଗୃହୀତ ହୋଇ ଥିଲା । ଏହି ଅଧିବେଶନର ଅବ୍ୟବହିତ ପରେ ସେଠାରେ ଏକ ପ୍ରସ୍ତାବରେ ଏହା ହିଁ ଉତ୍କଳ ସମ୍ମିଳନୀର ଆଦର୍ଶ ଭାବେ ଗୃହୀତ ହୋଇ ଯାଇଥିଲା । ଏହା ପରଠାରୁ ଜଗବନ୍ଧୁ ସକ୍ରିୟ ଭାବେ ଜାତୀୟ କଂଗ୍ରେସର କାର୍ଯ୍ୟକ୍ରମ ଓ ଗାନ୍ଧୀବାଦୀ ଆଦର୍ଶକୁ ଅନୁସରଣ କରିଥିଲେ । ଗୋପବନ୍ଧୁ ଥିଲେ ଜଗବନ୍ଧୁଙ୍କର ବାଲ୍ୟ ବନ୍ଧୁ ଓ ସହକର୍ମୀ । ଜଗବନ୍ଧୁ ଅବଶ୍ୟ ଏହା ପୂର୍ବରୁ ଜାତୀୟ କଂଗ୍ରେସର ସଭ୍ୟ ହୋଇଥିଲେ ଓ ଗୋପବନ୍ଧୁଙ୍କ ସହ ମିଶି ବହୁ ଜନହିତକର କାର୍ଯ୍ୟ ସମ୍ପାଦନ କରୁଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ସେ ଥିଲେ ଅନ୍ୟତମ ପୃଷ୍ଠପୋଷକ । ୧୯୧୯ରେ ପୁରୀ ଜିଲ୍ଲାରେ ଦେଖା ହୋଇଥିବା ଭୀଷଣ ଦୁର୍ଭିକ୍ଷ ସମୟରେ ସେ ଗୋପବନ୍ଧୁଙ୍କ ସହ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିମାନଙ୍କ ସାହାଯ୍ୟ ଲାଗି ଅକ୍ଳାନ୍ତ ଉଦ୍ୟମ କରିଥିଲେ । ତାହାଙ୍କ ସଭାପତିତ୍ୱରେ ଗଠିତ ଦୁର୍ଭିକ୍ଷ ଅନୁସନ୍ଧାନ କମିଟି ଜନସାଧାରଣଙ୍କ ଦୁର୍ଦ୍ଦଶା ଓ ଜନସାଧାରଣଙ୍କୁ ସାହାଯ୍ୟ କରିବାରେ ସରକାରଙ୍କ ଅବହେଳା ସମ୍ପର୍କରେ ଯେଉଁ ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରକାଶ କରିଥିଲେ ତାହା ସେତେବେଳେ ସମଗ୍ର ଭାରତରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ।

କଂଗ୍ରେସର ନୀତିକୁ କାର୍ଯ୍ୟକାରୀ କରିବାକୁ ଯାଇ ଜଗବନ୍ଧୁ ସରକାରଙ୍କ ସହ ଅସହଯୋଗର ନିଦର୍ଶନ ସ୍ୱରୂପ ୧୯୨୧ ମସିହାରେ ଓକିଲାତି କରିବାରୁ ଅବ୍ୟାହତି ନେଇ ଥିଲେ । ପୁରୀ ଜିଲ୍ଲା କଂଗ୍ରେସ କମିଟିର ସେ ଥିଲେ ସଭାପତି । ସମଗ୍ର ପୁରୀ ଜିଲ୍ଲାରେ ସେ ଅସହଯୋଗର ବାର୍ତ୍ତା ପ୍ରସାର କରିବାରେ ନିଜକୁ ନିୟୋଜିତ ରଖିଥିଲେ । କଂଗ୍ରେସ ସଦସ୍ୟ ଭାବେ ସେ ୧୯୨୪ ମସିହାରେ ପୁରୀ ସଦର ନିର୍ବାଚନ ମଣ୍ଡଳୀରୁ ବିହାର-ଓଡ଼ିଶା କାଉନ୍‌ସିଲକୁ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ । ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଘୋଷିତ ହେବା ପରେ ୧୯୩୭ ମସିହାରେ ଓଡ଼ିଶାର ବ୍ୟବସ୍ଥାପକ ସଭା ପାଇଁ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୁରୀ ସଦର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ସଦସ୍ୟ ଭାବେ ଜଗବନ୍ଧୁ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ଏହି ବିଧାନସଭା ପ୍ରାୟ ଦୁଇ ବର୍ଷ ପରେ ଭାଙ୍ଗି ଯାଇଥିଲା । ଏହା ପରେ ଗଠିତ ହୋଇଥିଲା ମିଳିତ ମନ୍ତ୍ରିମଣ୍ଡଳ । ମାତ୍ର କଂଗ୍ରେସ ନୀତି ବିରୁଦ୍ଧ ହୋଇଥିବା ଯୋଗୁ ଜଗବନ୍ଧୁ ଏହା ସହ ନିଜକୁ ସମ୍ପୃକ୍ତ କରି ନଥିଲେ । ରାଜନୈତିକ କର୍ମ ପ୍ରବାହରେ ନିମଗ୍ନ ସହିତ ଆପଣାକୁ ନିୟୋଜିତ କରିଥିଲେ ସେ ଓଡ଼ିଆ ସାହିତ୍ୟ ଓ

ଓଡ଼ିଶାର ଇତିହାସ ଗବେଷଣା କ୍ଷେତ୍ରରେ ମଧ୍ୟ ସେ ଥିଲେ ଅନୁରୂପ ଭାବେ ଉତ୍ସର୍ଗୀକୃତ । ଏ କ୍ଷେତ୍ରରେ ତାହାଙ୍କ କୃତିତ୍ୱ ବାସ୍ତବିକ ଅବିସମ୍ବାଦିତ । ଏହି କୃତିତ୍ୱ ପାଇଁ ସେ ଆଜି ଅଧିକ ସ୍ମରଣୀୟ ଓ ବରଣୀୟ ମନେ ହୁଅନ୍ତି । ''ମୁକୁର' 'ଉତ୍କଳ ସାହିତ୍ୟ', 'ସତ୍ୟବାଦୀ' ପ୍ରଭୃତି ପତ୍ରିକାରେ ତାଙ୍କର ବହୁ ରଚନା ପ୍ରକାଶ ପାଇଥିଲା । ଓଡ଼ିଆରେ ପ୍ରବନ୍ଧ ରଚନାର ଆଦିପର୍ବର ବିଶିଷ୍ଟ ପ୍ରାବନ୍ଧିକ ଭାବେ ସେ ଯଶସ୍ୱୀ । ସେ ଥିଲେ ପରଂପରାବାଦୀ, ଭାରତର ପ୍ରାଚୀନ ସଂସ୍କୃତି ଓ ବିଶ୍ୱରଧାରାର ସମର୍ଥକ । ପ୍ରାଚୀନ ଓଡ଼ିଆ ସାହିତ୍ୟ ବ୍ୟତୀତ ସେ ସଂସ୍କୃତ ପୁରାଣ, ଧର୍ମଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ସଂଗୀତ ଓ ବଙ୍ଗଳା, ଇଂରାଜୀ ପ୍ରଭୃତି ଭାଷାରେ ଲିଖିତ ଇତିହାସ ଓ ବହୁ ସହାୟକ ଗ୍ରନ୍ଥ ଅନୁଶୀଳନ କରିଥିଲେ । ଏତାଦୃଶ ବହୁ ବିଷୟକ ଜ୍ଞାନ ଓ ତତ୍‌ସମ୍ପର୍କୀୟ ତାହାଙ୍କ ବିଶ୍ୱର-ଆଲୋଚନାକୁ ସେ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବାକୁ ଜୀବନବ୍ୟାପୀ ସାଧନା କରି ଯାଇଅଛନ୍ତି । ଏହି ଦୃଷ୍ଟିରୁ ସେ ଥିଲେ ଏକାଧାରାରେ ଜନସେବକ ଓ ଜନଶିକ୍ଷକ । ସ୍ୱଳ୍ପ ଶିକ୍ଷିତ ଜନସାଧାରଣଙ୍କ ଲାଗି ସେ ହିଁ ପ୍ରଥମେ ବିଧିବଦ୍ଧ ଭାବେ ସାହିତ୍ୟ ରଚନାରେ ମନୋନିବେଶ କରିଥିଲେ । ଏହି ଦୃଷ୍ଟିରୁ ଗୃହିଣୀଶାସ୍ତ୍ରରେ ତାହାଙ୍କ ରଚିତ 'ଗୃହଲକ୍ଷ୍ମୀ' ପୁସ୍ତକ ଏକ ସଫଳ ସୃଷ୍ଟି ।

ଏହି ପୁସ୍ତକରେ ଲେଖକ ତାହାଙ୍କ ରଚିତ ଚବିଶ ଗୋଟି ଗ୍ରନ୍ଥର ଏକ ତାଲିକା ପ୍ରଦାନ କରିଅଛନ୍ତି । ସେମାନଙ୍କ ମଧ୍ୟରୁ ଗୀତା (ଅନୁବାଦ), ଗୀତା ରହସ୍ୟ (ଅନୁବାଦ), ସୁବର୍ଣ୍ଣ ଦୃଷ୍ଟାନ୍ତ, ପ୍ରାଚୀନ ଉତ୍କଳ, ଶ୍ରୀକୃଷ୍ଣ, ପ୍ରାଚୀନ ଭାରତର ସାହିତ୍ୟ, ଜ୍ୟୋତିଷାର୍ଣ୍ଣବ, ଭାରତ ଚରିତାମୃତ ପ୍ରଭୃତି ସୁପ୍ରସିଦ୍ଧ । ଏତଦ୍ ବ୍ୟତୀତ ସେ ବହୁ ଗୀତିନାଟ୍ୟ ଓ ନାଟକ ରଚନା କରିଥିଲେ । ମାତ୍ର ଏଗୁଡ଼ିକ ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସି ପାରିନାହିଁ ।

ପ୍ରକାଶିତ ପୁସ୍ତକମାନଙ୍କ ମଧ୍ୟରୁ 'ପ୍ରାଚୀନ ଉତ୍କଳ' ତାହାଙ୍କର ଏକ ଅମଳିନ କୀର୍ତ୍ତି । ଚଳିତ ଶତାବ୍ଦୀର ପ୍ରଥମ ପାଦରେ ତାହାଙ୍କ ବ୍ୟକ୍ତିଗତ ଓ ଏକକ ଉଦ୍ୟମରେ ଏହା ସଂକଳିତ ହୋଇଥିଲା । ଓଡ଼ିଶା ସମ୍ବନ୍ଧୀୟ ଏହା ହେଉଛି ପ୍ରଥମ ପ୍ରାମାଣିକ ଜ୍ଞାନକୋଷ । ଇତି ମଧ୍ୟରେ ଏହି ଗ୍ରନ୍ଥର ବହୁ ସଂସ୍କରଣ ପ୍ରକାଶ ପାଇଅଛି । ସୁପଣ୍ଡିତ ଜଗବନ୍ଧୁଙ୍କର ଏକ ପ୍ରବନ୍ଧ ସଂକଳନ ହେଉଛି 'ପ୍ରବନ୍ଧ ସାର' । ୧୯୨୯ ମସିହାରେ ଏହା ପ୍ରକାଶ ପାଇଥିଲା । ସ୍ୱଦେଶର ନାନା ସମସ୍ୟା ସମ୍ପର୍କରେ ଲେଖକ କିପରି ଅଭିଜ୍ଞ ଥିଲେ ଓ ବହୁ ବିଷୟରେ ସୁପଣ୍ଡିତ ଥିଲେ ତାହା ଏହି ପ୍ରବନ୍ଧଗୁଡ଼ିକରୁ ଜଣା ଯାଏ । ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଏଗୁଡ଼ିକ ରଚିତ ହୋଇ ଥିଲେ ହେଁ ସେଗୁଡ଼ିକର ଉପାଦେୟତା ଓ ପ୍ରାସଙ୍ଗିକତା ଏବେ ମଧ୍ୟ ଅନୁଭୂତ ହୁଏ । ଏଥିରେ ଲେଖକ ଗାନ୍ଧୀବାଦୀ ବିଶ୍ୱରଧାରାର ମହତ୍ୱ ମଧ୍ୟ ଦର୍ଶାଇ ଅଛନ୍ତି । ଶିକ୍ଷିତ ବ୍ୟକ୍ତିମାନଙ୍କର କୃଷି, ଶିଳ୍ପ ପ୍ରତି ଅନାଦର, ହାତ ପାଇଟି କରିବାକୁ ବିମୁଖତା, ଭାରତୀୟ ପୁରାଣ, ଜ୍ୟୋତିଷ, ସଂଗୀତ ଓ ଆୟୁର୍ବେଦ ଚିକିତ୍ସା ପ୍ରତି ଅନାଦର ଓ ନୂତନ ଶିକ୍ଷା ପଦ୍ଧତିର ଦୋଷ ତ୍ରୁଟି ପ୍ରଭୃତି ତାହାଙ୍କ ଲେଖାରେ ଗଭୀର ରେଖାପାତ କରିଥିଲା । ଜାତୀୟବାଦୀ ଭାବରେ ସେ ଜନସାଧାରଣଙ୍କୁ ଏ ବିଷୟରେ ଅବହିତ କରିବା ଲାଗି ଏହି ପ୍ରବନ୍ଧ ସବୁ ରଚନାରେ ବ୍ରତୀ ହୋଇଥିଲେ । ସେତେ ଦୂର ଜଣାଯାଏ, ଜଗବନ୍ଧୁ ହିଁ ସର୍ବ ପ୍ରଥମେ ଜୟଦେବଙ୍କୁ ଉତ୍କଳର କବି ବୋଲି ପ୍ରତିପାଦନ କରିଥିଲେ । ଏ ସମ୍ପର୍କରେ ସେ ବଙ୍ଗୀୟ ଆଲୋଚକଙ୍କ ଯୁକ୍ତିର ଅସାରତା ଦର୍ଶାଇ ଯାଇଅଛନ୍ତି (ସତ୍ୟବାଦୀ ୨/୫-୭) ।

ଶ୍ରୀମଦ୍ ଭଗବତ ଗୀତାକୁ ସେ ନବାକ୍ଷରୀ ଛନ୍ଦରେ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ଏହି ଅନୁଦିତ ରଚନାଟି ଏବେ ପୁନଃ ମୁଦ୍ରିତ ହୋଇଛି । ତହିଁରୁ ଏହାର ଜନପ୍ରିୟତା ସହଜରେ ଅନୁମେୟ । ତାହାଙ୍କ ରଚିତ 'ଶ୍ରୀକୃଷ୍ଣ' (ପ୍ର.ପ୍ର. ୧୯୨୭) ଏକ ଉପାଦେୟ ଆଲୋଚନା ଗ୍ରନ୍ଥ । ଏଥିରୁ ଲେଖକଙ୍କ ବହୁଶାସ୍ତ୍ର ଦର୍ଶିତା, ପାଣ୍ଡିତ୍ୟ, ସଂସ୍କୃତ ପୁରାଣ ଓ ଆଧୁନିକ ଇତିହାସ ସମ୍ପର୍କୀୟ ଗଭୀର ଜ୍ଞାନର ପରିଚୟ ମିଳିଥାଏ । ଜନସାଧାରଣଙ୍କୁ 'ଧର୍ମ ମୂଳକ ଶିକ୍ଷା' ଦେବା ଉଦ୍ଦେଶ୍ୟରେ ଲେଖକ ଏହି ଗ୍ରନ୍ଥ ରଚନା କରିଥିଲେ ଓ ଏହାକୁ ବେଲଗୁଣ୍ଠାର ଏକ ପ୍ରକାଶନ ସଂସ୍ଥା 'ଧର୍ମ ବିବର୍ଦ୍ଧିନୀ ସଭା'ଙ୍କୁ ଉତ୍ସର୍ଗ କରିଥିଲେ ।

ଆତ୍ମପ୍ରଚାର ବିମୁଖ ଜଗବନ୍ଧୁଙ୍କୁ କଟକ, 'ଉତ୍କଳ ସାହିତ୍ୟ ସମାଜ' ଏହାର ପଞ୍ଚବିଂଶ ବାର୍ଷିକ ଉତ୍ସବରେ ସଭାପତି ପଦରେ ବରଣ କରିଥିଲେ । ଏହି ଅବକାଶରେ ଆପଣାର ଲିଖିତ ଅଭିଭାଷଣରେ ସେ ଯାହା କହିଥିଲେ ତାହାର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଏବେ ମଧ୍ୟ ସ୍ୱୀକାର୍ଯ୍ୟ । ତାହାଙ୍କ ଭାଷାରେ, "ମୋ କ୍ଷୁଦ୍ର ମତରେ ଧର୍ମ କେବଳ ମାନବର ସମ୍ୟକ ହିତ ସାଧନ କରିବା ପାଇଁ ସୃଷ୍ଟି । ସୁତରାଂ ଯାହା ଧର୍ମ ସହିତ ସମ୍ମିଳିତ, ଯାହା ଧର୍ମ ଶକ୍ତି ସଂଯୁକ୍ତ, ଯାହା ସମ୍ୟକ ହିତ ସାଧନ ସମର୍ଥ ତାହା ପ୍ରକୃତ ସାହିତ୍ୟ ।" ସାହିତ୍ୟର ଉନ୍ନତି ଲାଗି ପରାମର୍ଶ ଦେବାକୁ ଯାଇ ସେ ଲେଖିଥିଲେ- ଅଭିଭାଷଣ ଓ ବକ୍ତୃତାର ଯୁଗ ନାହିଁ । ବର୍ତ୍ତମାନ କାର୍ଯ୍ୟର ଯୁଗ; ନୀରବ, ନିରାଡ଼ମ୍ବର ସାଧନାର ଯୁଗ । କେବଳ ବିଭିନ୍ନ ପ୍ରକାର ଅଭାବ ଅସୁବିଧା ଅଛି ବୋଲି ବାରମ୍ବାର ଶୁଣିବା ଅପେକ୍ଷା ସେସବୁ ଅଭାବ ଅସୁବିଧା କାର୍ଯ୍ୟ ଦ୍ୱାରା ଦୂର କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ଜନସେବା ଓ ବହୁ ଦାୟିତ୍ୱପୂର୍ଣ୍ଣ କର୍ମ ନିର୍ବାହ କରିବା ସହିତ ଏତାଦୃଶ ନିରଳସ ଓ ନିରବଛିନ୍ନ ସାହିତ୍ୟ ସାଧନାର ଦୃଷ୍ଟାନ୍ତ ବିରଳ ବୋଲି କୁହା ଯାଇପାରେ । ବ୍ୟକ୍ତିଗତ ଜୀବନରେ ଜଗବନ୍ଧୁ ଥିଲେ ବହୁ ସଦ୍‌ଗୁଣ ସଂପନ୍ନ । ସଂଯତ, ସୁଶୃଂଖଳ, ସମୟାନୁବର୍ତ୍ତୀ ଓ ପରିଚ୍ଛନ୍ନ ଥିଲା ତାଙ୍କର ଜୀବନଯାପନ ରୀତି । ସେ ଥିଲେ ଏକ ପ୍ରକାର କ୍ରୋଧ, ଲୋଭ ହିଂସା ବିବର୍ଜିତ ଓ ଅଜାତ ଶତ୍ରୁ । ଦୃଢ଼ ଈଶ୍ୱର ବିଶ୍ୱାସ, ସତ୍ୟନିଷ୍ଠା ଓ ପରୋପକାରିତା ତାହାଙ୍କ ଚରିତ୍ରକୁ ମହିମା- ମଣ୍ଡିତ କରି ଥିଲା । ଏତଦ୍ ସତ୍ତ୍ୱେ ସେ ଶେଷ ପର୍ଯ୍ୟନ୍ତ ସାମନ୍ତ ସୁଲଭ କେତେକ ଅଭ୍ୟାସରୁ ଆପଣାକୁ ମୁକ୍ତ କରି

ପାରୁନଥିଲେ । ଏଥି ପାଇଁ ତାଙ୍କୁ କେତେକ ପରିମାଣରେ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା । ସ୍ଥୂଳ ଶରୀର ଯୋଗୁଁ ସେ ଶେଷ ବୟସରେ ଜନସାଧାରଣଙ୍କ ସହିତ ଅଧିକ ସମ୍ପର୍କ ରକ୍ଷା କରିବାକୁ ସମର୍ଥ ହୋଇ ପାରିନଥିଲେ । ଏହି ଅବସ୍ଥାରେ ଅଧ୍ୟୟନ ଓ ଗ୍ରନ୍ଥ ରଚନାରେ ହିଁ ତାଙ୍କର ଅଧିକ ସମୟ ଅତିବାହିତ ହେଉଥିଲା ।

ତାହାଙ୍କ ଅନ୍ତିମ ସାହିତ୍ୟ କୃତି ହେଉଛି 'ଭାରତ ଚରିତାମୃତ' । ୧୯୨୦ ମସିହାରୁ ସେ ଏହି ଗ୍ରନ୍ଥ ରଚନାରେ ବ୍ରତୀ ହୋଇଥିବା ଜଣାଯାଏ । ମହାଭାରତ ଯୁଦ୍ଧ ପରଠାରୁ ମହାତ୍ମା ଗାନ୍ଧୀଙ୍କ ଯୁଗ ପର୍ଯ୍ୟନ୍ତ ଭାରତର ଐତିହାସିକ, ଅର୍ଥନୈତିକ ଘଟଣାବଳୀକୁ ସେ ପୁରାଣ ରୀତିରେ ପ୍ରଶ୍ନୋତ୍ତର ଛଳରେ ସରଳ ଭାଷାରେ ପଦ୍ୟ ଛନ୍ଦରେ ବର୍ଣ୍ଣନା କରି ଅଛନ୍ତି । ଏହା ଚତୁର୍ଦ୍ଦଶାକ୍ଷରୀ ଛନ୍ଦରେ ରଚିତ । ପ୍ରାୟ ଦେଢ଼ ହଜାର ପୃଷ୍ଠା ବିଶିଷ୍ଟ ଏହି ଗ୍ରନ୍ଥଟି ଜଗବନ୍ଧୁଙ୍କ ମୃତ୍ୟୁର ୧୭ ବର୍ଷ ପରେ ୧୯୬୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ହୋଇଥିଲା । ଏହାର ଭାଷା କିପରି ସରଳ, ସର୍ବଜନବୋଧ ତାହା ନିମ୍ନୋକ୍ତ ଦୃଷ୍ଟାନ୍ତରୁ ଅନୁମେୟ । ପରାଧୀନ ଯୁଗରେ ଉତ୍କଳୀୟ ଋଷୀମାନଙ୍କ ଅବସ୍ଥା ବର୍ଣ୍ଣନା କରି ସେ ଲେଖିଛନ୍ତି –

"ମାଗି ଆଣିବା ବୁଦ୍ଧିରେ କାମ ନ ଚଳଇ
ମାଗି ଆଣିବା ଚିଉଡ଼େ ପେଟ ନ ପୂରଇ ।
ନିଜ ଦେଶ କାଳ ପାତ୍ର ନ ହୁଏ ବିଗ୍ଭର
ଆନ ଦେଶ ରୀତି ନୀତି ହେଉଛି ଆଦର ।
ନିଜ ଦେଶର ଅବସ୍ଥା କହୁଅଛି ଶୁଣ
ନିରକ୍ଷର ଅଟନ୍ତି ଦେଶର ବାରପଣ ।
ଋଷୀ ମୂଲିଆଙ୍କ ଦଶା କହିଲେ ନସରେ
ରହନ୍ତି ସକଳେ ଅତି ମଳିନ ବେଶରେ
ପରିଷ୍କାର ପରିଛନ୍ନ ଜ୍ଞାନ ନଦାରଦ
ରୋଗ ବେଳେ ନ ମିଳିଲେ ପାନେ ଔଷଧ ।
ଝାଡ଼ାଗଦା ମାଳ ମାଳ ଦୁଆର ମୁହଁରେ
ଘ୍ରାଣ ଦାନ୍ତ ପୂରିଥାଏ ନାନା ଅଳିଆରେ ।"

(ଭା:ଚ: ୧ମ ପୃ:—୬୨୩)

ଶ୍ରୀଜଗନ୍ନାଥଙ୍କ ବନ୍ଦନାରୁ ଏହି ଗ୍ରନ୍ଥଟି ଆରମ୍ଭ ହୋଇଅଛି । ଏହି ପ୍ରସଙ୍ଗରେ ଜଗବନ୍ଧୁ ଆପଣାର ଅଭିପ୍ରାୟ ସମ୍ପର୍କରେ ନୀଳାଚଳ ନାଥଙ୍କୁ ଏହିପରି ଜଣାଇଛନ୍ତି–

"ନୀଳାଚଳ ଛାଡ଼ି ଚଳେ ଦେବ ଖଣ୍ଡେ ବସା
ନିତି ମିଳୁଥିବ ଦରଶନ ଏହି ଆଶା ।
ମହାପ୍ରସାଦ କଣିକା ମାତ୍ର ମିଳୁଥିବ
ମରଣ କାଳରେ କିଛି କଷଣ ନୋହିବ ।
ମୂର୍ଖଙ୍କୁ ସ୍ତୁତି ନକରି ଯିବ ଏ ଜୀବନ
ପରହିତ ଲାଗି ସଦା ରହୁଥିବ ମନ ।
ବିଷୟ ବିଷରେ ମନ ନ ହୋଇବ ଘାରି
ତବ ଶ୍ରୀଚରଣେ ସଦା ମନ ଥିବ ଧରି ।"

(ଭା:ଚ: ୧ମ, ୫୩–୫୭)

ଭକ୍ତ ଜଗବନ୍ଧୁ ଏହିପରି ଜୀବନ ଅତିବାହିତ କରିଥିଲେ ଓ ଅବଶେଷରେ 'କଷଣ ବିହୀନ ମୃତ୍ୟୁ' ବରଣ କରିଥିଲେ । ୧୯୪୮ ମସିହା ମେ ମାସ ୧୭ ତାରିଖ; ସେଦିନ ଥିଲା ନୀଳାଦ୍ରି ମହୋଦୟାଷ୍ଟମୀ–ଏକ ପବିତ୍ର ଦିବସ । ଜଗବନ୍ଧୁ ପ୍ରତ୍ୟୁଷରୁ ଯଥାବିଧି ନିତ୍ୟକର୍ମ ଶେଷ କଲେ । ତାହାଙ୍କ ସେବକ ତାଙ୍କୁ ପନ୍ଦର ମିନିଟ ପର୍ଯ୍ୟନ୍ତ ତୈଳ ମର୍ଦ୍ଦନ କରିଥିଲା । ଏହା ପରେ ସେ ଖଡ଼ମ ପିନ୍ଧି ସବୁଦିନ ଭଳି ଗ୍ଭଲି ଗ୍ଭଲି ଜଗନ୍ନାଥବଲ୍ଲଭ ମଠ ପୋଖରୀକୁ ଯାଇ ଥିଲେ । ସ୍ନାନ ପରେ ସେ ପିନ୍ଧିବା ଲାଗି ମଠା–ଗ୍ଭଦର ପ୍ରଭୃତି ନେଇ ତାଙ୍କ ସେବକ ସଙ୍ଗେ ସଙ୍ଗେ ଯାଇଥାଏ । ସ୍ନାନ ପରେ ସେ ପାହାଚ ଉପରକୁ ଉଠି ସୂର୍ଯ୍ୟଙ୍କୁ ନମସ୍କାର କଲେ । ଏହାପରେ ପରେ ସେ ନିରବରେ ସେଇଠି ଢଳି ପଡ଼ିଲେ । ମୁଖରୁ ତାଙ୍କର କେବଳ ଧୀର କଣ୍ଠରେ 'ଗୋବିନ୍ଦ' ବୋଲି ଉଚ୍ଚାରିତ ହୋଇଥିଲା । ଏହିପରି ଆକସ୍ମିକ ଭାବେ କର୍ମଯୋଗୀ ଜଗବନ୍ଧୁ କର୍ମମୟ ସଂସାରରୁ କଷଣବିହୀନ ବିଦାୟ ନେଇଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ସେଦିନ ତାହାଙ୍କ ନଶ୍ୱର ଦେହ ଚିତାଗ୍ନିରେ ଭସ୍ମୀଭୂତ ହୋଇ ଯାଇଥିଲା । ତାହାଙ୍କର ଏହିପରି ଆକସ୍ମିକ ବିୟୋଗ ଉପଲକ୍ଷେ ନୀଳକଣ୍ଠ ଦାସ ଯଥାର୍ଥରେ ଲେଖିଥିଲେ–ତାଙ୍କର ଯେ ମୃତ୍ୟୁ ହେଲା ଜଗତରେ ଅତି ଅଳ୍ପ ଲୋକଙ୍କର ସେପରି ସୁଖମୃତ୍ୟୁ ହୁଏ । xxxxxxxଜଗବନ୍ଧୁ ଓକିଲ ଥାଇ ଅକ୍ଳାନ୍ତ ସାହିତ୍ୟସେବୀ ଥିଲେ । ତାଙ୍କପରି ସ୍ଥିରନିଷ୍ଠ, ଧାରାବାହିକ ସାହିତ୍ୟସେବୀ ବଡ଼କେଶୀ ଦେଖାଯାନ୍ତି ନାହିଁ । ସେ ଅଳ୍ପଭାଷୀ ଓ ନିରାଟ ସତ୍ୟବାଦୀ ଥିଲେ । କ୍ରୋଧ ବୋଲି ତାଙ୍କଠି କେହି କେବେ କିଛି ଦେଖିନାହିଁ । ଆକୃତିରେ ଓ ବ୍ୟକ୍ତିତ୍ୱରେ ତାଙ୍କ ଭଳକୁ ଜଣେ ମିଳିବା ଦୁର୍ଘଟ+"(୧) ।

(୧) ନବ ଭାରତ– ଜନ୍ମ ୧୩୫୫ (ଜୁନ ୧୯୪୮)

'ଶାନ୍ତିକା',
ଉତ୍ସଦେବ ନଗର, ଭୁବନେଶ୍ୱର–୨

# ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ମହାରଥୀ – ନେତାଜୀ

**ଶ୍ରୀ ବିଶ୍ୱମ୍ବର ପରିଡ଼ା**

ବିଂଶ ଶତାବ୍ଦୀର ଅନ୍ୟତମ ତୁଙ୍ଗ ଜନନେତା ଓ ବରେଣ୍ୟ ଅଗ୍ରଗାମୀ ସ୍ୱାଧୀନତା ସଂଗ୍ରାମୀ ପ୍ରାତଃ ସ୍ମରଣୀୟ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପୁଣ୍ୟ ଜନ୍ମ ଶତବାର୍ଷିକୀ ପାଳନ ଲାଗି ସମଗ୍ର ଦେଶର ପ୍ରତିପଲ୍ଲୀରେ ବିପୁଳ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଉଛି । ଚଳିତବର୍ଷ ଗତ ଜାନୁଆରୀ ୨୩ ତାରିଖଠାରୁ ଆଗାମୀ ବର୍ଷ ଜାନୁଆରୀ ୨୨ ତାରିଖ ପର୍ଯ୍ୟନ୍ତ ଏକ ବର୍ଷ କାଳ ବିଭିନ୍ନ



କାର୍ଯ୍ୟକ୍ରମ ମାଧ୍ୟମରେ ଏହା ପାଳନ କରାଯିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଉଛି ।

ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ କର୍ମମୟ ଜୀବନ ସନ ୧୯୨୧ ମସିହାରୁ ଆରମ୍ଭ ହୋଇ ସନ ୧୯୪୫ ମସିହାରେ ପରିସମାପ୍ତି ହୋଇଥିଲେ ମଧ୍ୟ ଏହି ୨୪ ବର୍ଷର କର୍ମମୟ ସାଧନାର ପ୍ରତ୍ୟେକ ମୁହୂର୍ତ୍ତ ଏପରି ଗୁରୁତ୍ୱପୂର୍ଣ୍ଣ ଓ ଉଦ୍ଦୀପନାମୟ ଯେ ତାହାକୁ ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ ।

ପୁଣ୍ୟଶ୍ଳୋକ ନେତାଜୀ ସୁଭାଷଚନ୍ଦ୍ର ବୋଷ ସନ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ କଟକ ସହରର ଓଡ଼ିଆ ବଜାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ସ୍ୱର୍ଗୀୟ ଜାନକୀନାଥ ବୋଷ ସେତେବେଳେ ଜଣେ ଖ୍ୟାତନାମା ଓକିଲ ହିସାବରେ ସମଗ୍ର ରାଜ୍ୟରେ ଖ୍ୟାତିଲାଭ କରିଥିଲେ । ନେତାଜୀ ଏପରି ଏକ ପ୍ରଭାବଶାଳୀ ପରିବାରରେ ଜନ୍ମଗ୍ରହଣ କରିବାର ସୁଯୋଗ ପାଇ ବାଲ୍ୟବୟସ୍ର ଆଭିଜାତ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ପରିବର୍ଦ୍ଧିତ ହୋଇ ଥିଲେ । ତାଙ୍କର ପ୍ରାଥମିକ ଶିକ୍ଷା କଟକର ପ୍ରୋଟେଷ୍ଟାଣ୍ଟ ଇଂଲିଶ ମିଡ଼ିୟମ ସ୍କୁଲରୁ ଆରମ୍ଭ ହୋଇଥିଲା ମାତ୍ର ବାଲ୍ୟକାଳରୁ ମେଧାବୀ ସୁଭାଷଚନ୍ଦ୍ର ସାହେବୀ ଢାଞ୍ଚାରେ ଅଧ୍ୟୟନ ପ୍ରତି ବିତସ୍ପୃହ ହୋଇ ପଡ଼ିଥିଲେ । ତାଙ୍କର ମାତା ପ୍ରଭାବତୀ ଦେବୀ ଅତ୍ୟନ୍ତ ଧର୍ମ ପରାୟଣା ହୋଇଥିବା ହେତୁ ବାଲ୍ୟକାଳରୁ ସୁଭାଷଚନ୍ଦ୍ର ଏଥିରେ ଅନୁପ୍ରାଣିତ ହୋଇ ପଡ଼ିଥିଲେ । ପ୍ରୋଟେଷ୍ଟାଣ୍ଟ ସ୍କୁଲର ବିଦେଶୀୟ ବାତାବରଣ ତାଙ୍କୁ ଆଦୌ ଭଲ ଲାଗୁ ନଥିଲେ ମଧ୍ୟ ସେ ସେଠାରେ ପ୍ରାଥମିକ ଶିକ୍ଷା ଲାଭ ସମାପ୍ତ କରି କଟକ କଲିଜିଏଟ୍ ସ୍କୁଲରେ ମାଧ୍ୟମିକ ଶିକ୍ଷା ଲାଭ କରିଥିଲେ । ୧୬ ବର୍ଷ ବୟସ ପର୍ଯ୍ୟନ୍ତ ସେ କଟକର ବାତାବରଣ ମଧ୍ୟରେ ରହି କଲିଜିଏଟ୍ ସ୍କୁଲରେ ମାଧ୍ୟମିକ ଶିକ୍ଷା କୃତିତ୍ୱର ସହ ସମାପ୍ତ କରି ଥିଲେ । ପ୍ରଧାନ ଶିକ୍ଷକ ନାରାୟଣ ପ୍ରସାଦ ମହାନ୍ତି ଓ ଶିକ୍ଷକ ବାଣୀଭୂଷଣ ମୃତ୍ୟୁଞ୍ଜୟ ରଥ ପ୍ରମୁଖଙ୍କ ସ୍ୱଦେଶ ପ୍ରୀତି ତାଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

ଏହାପରେ ସେ ଉଚ୍ଚଶିକ୍ଷା ଲାଭ ଉଦ୍ଦେଶ୍ୟରେ କଲିକତା ମହାନଗରୀରେ ଅବସ୍ଥାନ କଲାବେଳେ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ସ୍ଥାପିତ ରାମକୃଷ୍ଣ ମିଶନ ସହିତ ସଂପୃକ୍ତ ହୋଇ ପ୍ରକୃତ ପ୍ରୀତି ଓ ଜନସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ଯେଉଁ ବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ହୋଇଥିଲା ସେହିବର୍ଷ ସୁଭାଷଚନ୍ଦ୍ର ଜନ୍ମଲାଭ କରିଥିଲେ । ସମଗ୍ର ଦେଶ ଯୁବମାନସରେ ସ୍ୱାମୀଜୀ ସାଂସ୍କୃତିକ ଚେତନାର ଉନ୍ମାଦନା ପ୍ରେ

ଯେଉଁ ଆଲୋଡ଼ନ ସୃଷ୍ଟି କରିଥିଲେ ଅଳ୍ପ ବୟସରେ ତାଙ୍କର ଦେହାନ୍ତ ଯୋଗୁଁ ପରିତୃପ୍ତି ଲାଭ କରି ପାରିନଥିଲା । ତେଣୁ ସ୍ୱାମୀଜୀଙ୍କ ପୁନଶ୍ଚ ଆସି ସୁଭାଷଚନ୍ଦ୍ର ନାମରେ ନବକଳେବର ହୋଇ ଆସିଛନ୍ତି ବୋଲି କେହି କେହି ସେତେବେଳେ ବିଶ୍ୱାସ କରୁଥିଲେ । କଲିକତା ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କଲାବେଳେ ସେ ଜାତୀୟ ଆନ୍ଦୋଳନରେ ଯୋଗ ଦେଇ କାର୍ଯ୍ୟ କଲେ । ପିତାଙ୍କ ନିର୍ଦ୍ଦେଶ କ୍ରମେ ସେ ଆଇ.ସି.ଏସ୍. ପଢିବା ପାଇଁ ଲଣ୍ଡନ ଗଲେ । ମାତ୍ର ଆଠମାସ ସେଠାରେ ରହି ନିଜର ଅପରିସୀମ ଜ୍ଞାନ ଓ ଅକ୍ଳାନ୍ତ ପରିଶ୍ରମ ବଳରେ ସନ ୧୯୨୦ ମସିହାରେ ହୋଇଥିବା ଆଇ.ସି.ଏସ୍. ପରୀକ୍ଷା ଦେଇ ୪ର୍ଥ ସ୍ଥାନ ହାସଲ କରିବାର ଗୌରବ ଅର୍ଜନ କରିଥିଲେ । ଲଣ୍ଡନରୁ ଫେରି ସେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ସନ ୧୯୨୫ ମସିହାରେ ଆଲିପୁର ଜେଲ୍‌ରେ ବନ୍ଦୀ ହୋଇ ରହିଲେ ଏବଂ ପରେ ପରେ କଂଗ୍ରେସର ଜଣେ ଚରମପନ୍ଥୀ ନେତା ହିସାବରେ ସମଗ୍ର ଦେଶରେ ଖ୍ୟାତି ଲାଭ କରିଥିଲେ । ଆଲୋଚନା ମାଧ୍ୟମରେ ଦାବୀ ହାସଲ କରିବାକୁ ସେ ପସନ୍ଦ କରୁନଥିଲେ । ସେତେବେଳେ ବଜ୍ରଗମ୍ଭୀର ସ୍ୱରରେ ଥରେ ଘୋଷଣା କରିଥିଲେ ଯେ "No real change in History has ever been achieved by discussion but the only alternative is "WAR"." (ଇତିହାସରେ କୁଆପି ଆଲୋଚନା ମାଧ୍ୟମରେ ବାସ୍ତବ ପରିବର୍ତ୍ତନ ହାସଲ କରାଯାଇ ନାହିଁ । ଏଥିପାଇଁ ଏକମାତ୍ର ବିକଳ୍ପ ପନ୍ଥା ହେଉଛି–ଯୁଦ୍ଧ) ତାଙ୍କର ଏଭଳି ଚରମ ପନ୍ଥୀ ଅଭିମୁଖ୍ୟ ଯୋଗୁ କଂଗ୍ରେସରେ ଚରମପନ୍ଥୀ ଓ ନରମପନ୍ଥୀ ଭାବରେ ୨ଟି ଗୋଷ୍ଠୀ ସୃଷ୍ଟି ହେଲା । କଂଗ୍ରେସରେ ଥିବା ଯୁବଗୋଷ୍ଠୀ ଚରମପନ୍ଥୀମାନଙ୍କୁ ସମର୍ଥନ କରିବା ଯୋଗୁ କଂଗ୍ରେସ ନେତା ସୁଭାଷଚନ୍ଦ୍ର ସନ ୧୯୩୯ ମସିହାରେ ତ୍ରିପୁରୀଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ସଭାପତି ଭାବେ ନିର୍ବାଚିତ ହେଲେ । ସେତେବେଳେ ୨ୟ ବିଶ୍ୱଯୁଦ୍ଧ ଲାଗି ଯାଇଥାଏ । ଗୋଟାଏ ପକ୍ଷରେ ଜର୍ମାନ, ଇଟାଲି, ଫ୍ରାନ୍ସ ଓ ଜାପାନ ଏବଂ ଅନ୍ୟ ପକ୍ଷରେ ଆମେରିକା, ବ୍ରିଟେନ୍ ଓ ରୁଷିଆ । ଏହି ବିଶ୍ୱ ଯୁଦ୍ଧ ଚାଲିଥିବା ବେଳେ ଭାରତରେ ଜନଆନ୍ଦୋଳନ ମାଧ୍ୟମରେ ବ୍ରିଟିଶ ଶାସନକୁ ଅଚଳ କରି ସ୍ୱାଧୀନତା ଲାଭ କରିବା ସହଜ ହେବ ବୋଲି କଂଗ୍ରେସ ସଭାପତି ସୁଭାଷଚନ୍ଦ୍ର କଳ୍ପନା କରୁଥିଲେ । ସେ ଦୃଢ଼ଭାବେ ମତ ପୋଷଣ କରୁଥିଲେ ଯେ, Britain's difficulties is India's oppertunity (ବ୍ରିଟେନର ଅସୁବିଧା ହିଁ ଭାରତର ସୁଯୋଗ) ମାତ୍ର ମହାତ୍ମାଜୀ ଏହି ମତ ଗ୍ରହଣ କଲେନାହିଁ । ବିରୋଧୀ ପକ୍ଷର ଅସୁବିଧାର ଫାଇଦା ନେବା ସତ୍ୟାଗ୍ରହ ନୁହେଁ । ଏଣୁ କେବଳ ବିରୋଧୀ ପକ୍ଷର ଅସୁବିଧାକୁ ଦୃଷ୍ଟି ଏହାର ସୁଯୋଗରେ କଂଗ୍ରେସ ଜନ ଆନ୍ଦୋଳନ କରିବା ଅନୁଚିତ । କଂଗ୍ରେସରେ ଏହି ପ୍ରକାର ଦୁଇଟି ମତବାଦ ଯୋଗୁ ସୁଭାଷଚନ୍ଦ୍ରଙ୍କୁ କଂଗ୍ରେସ ସଭାପତି ପଦ ତ୍ୟାଗ କରିବାକୁ ପଡ଼ିଲା– ମହାତ୍ମାଜୀଙ୍କ ମତକୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ । ସେ ତାପରେ ନିଜର ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ଫରୱାର୍ଡ଼ ବ୍ଲକ୍ ନାମରେ ଏକ ରାଜନୈତିକ ଦଳ ଗଠନ କଲେ । ଏହାପରେ କଲିକତା ଏଲଗିନ ରୋଡ଼ରେ ଥିବା ତାଙ୍କ ନିଜ ବାସଭବନରେ ତାଙ୍କୁ ଗୃହବନ୍ଦୀ କରି ରଖାଗଲା । ସେ ଗୃହବନ୍ଦୀ ଭାବରେ ରହିଥିବା ବେଳେ ଘମାଘୋଟ ୨ୟ ବିଶ୍ୱଯୁଦ୍ଧ ଚାଲିଥାଏ । ଏହାର ସୁଯୋଗ ନେଇ ଦେଶକୁ ସ୍ୱାଧୀନ କରିବା ସ୍ୱପ୍ନ କ'ଣ ସ୍ୱପ୍ନରେ ରହିଥିବ ବୋଲି ଭାବି ସେ କୌଣସି ମତେ ବିଦେଶ ଯାତ୍ରା କରିବାର ସୁଯୋଗ ଖୋଜିବାକୁ ଲାଗିଲେ ।

ସନ ୧୯୪୧ ମସିହା ଜାନୁଆରୀ ୧୭ ତାରିଖ ରାତି ପାହାନ୍ତାରେ ତାଙ୍କ ପୁତୁରା ଶିଶିର ବୋଷଙ୍କ ସହାୟତାରେ କାର ଯୋଗେ କଲିକତା ସହରରୁ ବାହାରି ୩୩୬ କିଲୋମିଟର ଦୁର୍ଗମ ରାସ୍ତା ଅତିକ୍ରମ କରି "ଗୋମୋ" ରେଳ ଷ୍ଟେସନରେ ଗାଡ଼ି ଚଢ଼ି ମୌଲବୀ ଜିଆଉଦ୍ଦିନ୍ ନାମରେ ଛଦ୍ମବେଶରେ ପେଶୱାର ଅଭିମୁଖେ ଯାତ୍ରା କଲେ । ବ୍ରିଟିଶ୍ ସରକାରଙ୍କ ଗୋଇନ୍ଦା ବିଭାଗ ଓ ପୋଲିସ ବିଭାଗ ଆଖିରେ ଧୂଳି ଦେଇ ସେ ଯେପରି ନାଟକୀୟ ଭାବରେ ଦେଶ ପରିତ୍ୟାଗ କରିଛନ୍ତି ସେସବୁ ବିବରଣୀ ଯେକୌଣସି ରୋମାଞ୍ଚକର ଉପନ୍ୟାସଠାରୁ ଅଧିକ ରୋମାଞ୍ଚକର । ସମସ୍ତ ପ୍ରକାର ଘାତ ପ୍ରତିଘାତକୁ ଅତିକ୍ରମ କରି ସେ ପେଶୱାରରେ ପହଞ୍ଚିଲେ । ଜାନୁଆରୀ ୧୭ ତାରିଖରୁ ୧୦ ଦିନ ପରେ ଜାନୁଆରୀ ୨୭ ତାରିଖରେ ଇଂରେଜ ସରକାର ଜାଣି ପାରିଲେ ଯେ ଗୃହବନ୍ଦୀ ସୁଭାଷଚନ୍ଦ୍ର କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ତେଣୁ ବ୍ରିଟିଶ୍ ପ୍ରଶାସନ ପକ୍ଷରୁ ତାଙ୍କୁ ଧରିବା ପାଇଁ ଦେଶ ଭିତରେ ଓ ସୀମାନ୍ତ ଦେଶମାନଙ୍କରେ ବ୍ୟାପକ ଉଦ୍ୟମ ଚାଲିଲା । ସେ ସମୟରେ ପେଶୱାରରେ ଆତ୍ମଗୋପନ କରି ରହିଥିବା ବେଳେ ତାଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିଛି । ତାଙ୍କୁ ସେ ସମୟରେ ଯେଉଁ ପ୍ରବାସୀ ଭାରତୀୟ ବ୍ୟବସାୟୀମାନେ ସାହାଯ୍ୟ ସହଯୋଗ କରି ଥିଲେ ସେମାନଙ୍କ ମଧ୍ୟରେ "ଭଗତରାମ ଉତ୍ତମଚାନ୍ଦ" ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେମାନେ ବିପଦ ସଙ୍କୁଳ ଘନ ଅରଣ୍ୟାନୀ ମଧ୍ୟରେ ସୁଭାଷଚନ୍ଦ୍ରଙ୍କୁ କାବୁଲ ରାସ୍ତା ଇଟାଲୀୟ ଦୂତାବାସ ସହାୟତାରେ ଏକ ଛଦ୍ମନାମଧାରୀ ପାସପୋର୍ଟ ମାଧ୍ୟମରେ ସନ ୧୯୪୧ ମସିହା ମାର୍ଚ୍ଚ ମାସ ୨୮ ତାରିଖରେ ଜର୍ମାନୀ ରାଜଧାନୀ ବର୍ଲିନ ସହରକୁ ପଠାଇ ଦେଇଥିଲେ । ବର୍ଲିନରେ ବାସକରୁଥିବା ପ୍ରବାସୀ ଭାରତୀୟମାନଙ୍କ ସହାୟତାରେ ସେଠାରେ ଅବସ୍ଥାନ କରି ଦୀର୍ଘଦିନ ଧରି ଆତ୍ମଗୋପନ କରି ରହିଥିବା ଯୋଗୁ ଭଗ୍ନ ସ୍ୱାସ୍ଥ୍ୟରୁ ଆରୋଗ୍ୟ ଲାଭ କରି ଥିଲେ । ତାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରବାସୀ ଭାରତୀୟମାନେ ଅବଗତ ହେବା ପରେ ତାଙ୍କୁ ସକଳ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ । ସନ ୧୯୪୨ ମସିହା ମେ ମାସ ୨୯ ତାରିଖରେ ଜର୍ମାନର ଶାସକ ତଥା ୨ୟ ବିଶ୍ୱଯୁଦ୍ଧ ଚକ୍ରଶକ୍ତିର ଅଧିନାୟକ ହିଟଲରଙ୍କ ସହ ତାଙ୍କର ସାକ୍ଷାତ ଆଲୋଚନା ହେଲା । ନାତ୍ସି ହିଟଲର ତାଙ୍କୁ ସାହାଯ୍ୟ କରିବା

ପାଇଁ ଯେଉଁ ସର୍ତ୍ତମୂଳକ ପ୍ରସ୍ତାବ ଦେଲେ ତାହା ତାଙ୍କର ହୃଦ୍‌ବୋଧ ହେଲାନାହିଁ । ସେତେବେଳକୁ ଚକ୍ରଶକ୍ତିର ଅନ୍ୟତମ ସହଯୋଗୀ ଦେଶ ଜାପାନ ଇଂଲଣ୍ଡ ବିରୁଦ୍ଧରେ ବିଧିବଦ୍ଧ ଭାବରେ ଯୁଦ୍ଧ ଘୋଷଣା କରି ସାରିଥିଲା । ଏହା ସୁଭାଷ ବୋଷଙ୍କ ପାଇଁ ଅପୂର୍ବ ସୁଯୋଗ ବୋଲି ବିଶ୍ୱରି ସେ ବର୍ଲିନ୍‌ର ନାନା ଦେଶ ଦେଇ ଜାପାନ ରାଜଧାନୀ ଟୋକିଓରେ ପହଞ୍ଚିଲେ । ଟୋକିଓରେ ଅବସ୍ଥାନ କାଳରେ ସେଠାରେ ରହୁଥିବା ବଙ୍ଗଳାର ବିଶିଷ୍ଟ ବିପ୍ଳବୀ ରାସବିହାରୀ ବୋଷଙ୍କ ସକ୍ରିୟ ସାହାଯ୍ୟ ସହଯୋଗ ପାଇ ଜାପାନ ସରକାରଙ୍କ ପ୍ରକାଶ୍ୟ ସହାୟତାରେ ଭାରତରେ ବ୍ରିଟିଶ୍ ଶାସନର ଅବସାନ ପାଇଁ ଉଦ୍ୟମ ଆରମ୍ଭ କଲେ । ସେତେବେଳକୁ ଜାପାନର ଦୁର୍ଦ୍ଧର୍ଷ ସେନାବାହିନୀ ବ୍ରିଟିଶ୍ ସରକାରଙ୍କ ପରିଚାଳିତ ଭାରତୀୟ ସେନାବାହିନୀ ଉପରେ ପ୍ରଚଣ୍ଡ ଆକ୍ରମଣ କରି ସମଗ୍ର ମଧ୍ୟ ପ୍ରାଚ୍ୟ ଅଞ୍ଚଳ ମାଳୟ, ଜାଭା, ବୋର୍ଣ୍ଣିଓ, ସିଙ୍ଗାପୁର ଏପରି କି ବର୍ମାକୁ ଦଖଲ କରି ନେଇ ଥାଆନ୍ତି । ଏସବୁ ଅଞ୍ଚଳରେ ବ୍ରିଟିଶ୍ ଶାସନାଧୀନ ଭାରତୀୟ ସୈନ୍ୟ ହଜାର ହଜାର ସଂଖ୍ୟାରେ କ୍ଷତ ବିକ୍ଷତ ହୋଇ ଜାପାନ ସରକାରଙ୍କ ଦ୍ୱାରା ବନ୍ଦୀ ହୋଇ ଥାଆନ୍ତି । ବ୍ରିଟିଶ୍ ସରକାରଙ୍କ ପରିଚାଳିତ ଭାରତୀୟ ସେନା ବାହିନୀ ପରାଜୟ ସ୍ୱୀକାର କରି ଅପସାରିତ ହେଉଥାଆନ୍ତି । ଏହି ସୁଯୋଗରେ ପରାଜିତ ଭାରତୀୟ ସେନାବାହିନୀର ସହସ୍ର ସହସ୍ର ସୈନିକ ଓ ଜାପାନ ସରକାର ଦ୍ୱାରା ବନ୍ଦୀ ହୋଇଥିବା ସୈନିକମାନଙ୍କୁ ସଂଗଠିତ କରି ନେତାଜୀ ସୁଭାଷଚନ୍ଦ୍ର ବୋଷ "ଆଜାଦ୍ ହିନ୍ଦ୍ ଫୌଜ" ଗଠନ କରି ଭାରତରୁ ବ୍ରିଟିଶ୍ ଶାସନର ଅବସାନ ପାଇଁ ବିଧିବଦ୍ଧ ଭାବରେ ଯୁଦ୍ଧ ଘୋଷଣା କରିଥିଲେ । ସେ ସମୟରେ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗ ଦେଇଥିବା ଭାରତୀୟ ସୈନ୍ୟମାନଙ୍କ ମନରେ ଗୋଟିଏ ପ୍ରଶ୍ନ – ଆମେ ବ୍ରିଟିଶ୍ ଶାସନ କବଳରୁ ଆସି ପୁଣି କ'ଣ ଜାପାନ ସରକାରଙ୍କ ଅଧୀନରେ ରହିବା ? ଏ ସମ୍ପର୍କରେ ନେତାଜୀ ଜାପାନ ସରକାରଙ୍କ ମୁଖ୍ୟ ଶାସକମାନଙ୍କ ସହ ଆଲୋଚନା କରିଥିଲେ । ସେମାନେ ସ୍ୱାଧୀନ ଭାରତର ପ୍ରଶାସନରେ କୌଣସି ପ୍ରକାର ପ୍ରତିବନ୍ଧକ ହେବେ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଲେ ।

ଏହାପରେ ସନ ୧୯୪୩ ମସିହା ଅକ୍ଟୋବର ୨୧ ତାରିଖରେ ସିଙ୍ଗାପୁରଠାରେ ସ୍ୱାଧୀନ ଭାରତର ଅସ୍ଥାୟୀ ସରକାର ଗଠିତ ହେଲା । ଉକ୍ତ ଅସ୍ଥାୟୀ ସରକାରର ରାଷ୍ଟ୍ରପତି ଭାବେ ନେତାଜୀ ସୁଭାଷଚନ୍ଦ୍ର ଅଧିଷ୍ଠିତ ହେବା ପରେ ତାଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ ମନ୍ତ୍ରୀ ପରିଷଦ ଗଠିତ ହେଲା । ଉକ୍ତ ମନ୍ତ୍ରୀ ପରିଷଦର ପ୍ରଧାନମନ୍ତ୍ରୀ ଭାବରେ ସେ ସାମରିକ ବିଭାଗ ଓ ବୈଦେଶିକ ବିଭାଗର ଦାୟିତ୍ୱ ବହନ କରିଥିଲେ । ଉକ୍ତ ମନ୍ତ୍ରୀ ପରିଷଦରେ ଶାହ ନବାଜ ଖାଁ, ଲକ୍ଷ୍ମୀ ମେନନ ଓ ଧୀଲୋନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ଅସ୍ଥାୟୀ ସ୍ୱାଧୀନ ସରକାରଙ୍କ ମନ୍ତ୍ରୀ ପରିଷଦର ବୈଠକ ପ୍ରଧାନମନ୍ତ୍ରୀ ନେତାଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ପ୍ରଥମ ପ୍ରସ୍ତାବରେ ମହାତ୍ମା ଗାନ୍ଧୀଙ୍କୁ ଜାତିର ଜନକ ପଦବୀରେ ଭୂଷିତ କରିଥିଲେ ଏବଂ ତାଙ୍କ ପ୍ରତି ଅସ୍ଥାୟୀ ସ୍ୱାଧୀନ ସରକାରଙ୍କ ହାର୍ଦ୍ଦିକ ଆନୁଗତ୍ୟ ଜ୍ଞାପନ କରିଥିଲେ । ଗାନ୍ଧିଜୀଙ୍କ ମସ୍ତକ ଅଙ୍କିତ ଟଙ୍କିକିଆ ଭାରତୀୟ ମୁଦ୍ରା ପ୍ରଚଳନ କରିଥିଲେ । ଅର୍ଥାତ୍ ସମଗ୍ର ଦେଶରେ ଚାଲିଥିବା ଭାରତଛାଡ଼ ଆନ୍ଦୋଳନରେ ମାତିଥିବା ଦେଶବାସୀଙ୍କ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ଜାତ ହେବନାହିଁ ଏବଂ ଆଜାଦ ହିନ୍ଦ୍ ଫୌଜର ସାମରିକ ଅଭିଯାନ ସେମାନଙ୍କ ଆନ୍ଦୋଳନର ସହାୟକ ଭାବରେ ବିବେଚିତ ହେବ । ଏହା ଦ୍ୱାରା ନେତାଜୀ ନିଜର ରାଜନୈତିକ ବିଚକ୍ଷଣତାର ପରିଚୟ ଦେଇଥିଲେ ।

ଏହା ପରେ ଅସ୍ଥାୟୀ ସ୍ୱାଧୀନ ଭାରତ ସରକାରଙ୍କ ଆଜାଦ ହିନ୍ଦ୍ ଫୌଜ ଘନ ଜଙ୍ଗଲ ପରିପୂର୍ଣ୍ଣ ବର୍ମା ସୀମାନ୍ତ ଅତିକ୍ରମ କରି ଇମ୍ଫାଲ ଓ କୋହିମା ପର୍ଯ୍ୟନ୍ତ ଅଗ୍ରଗତି କରି ଆସିଥିଲେ । ସେତେବେଳେ ଏହି ଅସ୍ଥାୟୀ ସ୍ୱାଧୀନ ଭାରତ ସରକାରଙ୍କୁ ଜାପାନ, ଜର୍ମାନୀ, ଇଟାଲୀ, ଚୀନ, ବର୍ମା, ଫିଲିପାଇନ, ଆଦି ୯ଟି ଦେଶ ସ୍ୱୀକୃତି ପ୍ରଦାନ କରି ସାରିଥିଲେ । ନେତାଜୀ ବିଶ୍ୱାସ କରିଥିଲେ ଯେ, ଆଜାଦ ହିନ୍ଦ୍ ଫୌଜ ଯଦି ତ୍ରିପୁରା ଅତିକ୍ରମ କରିପାରିବେ ତେବେ ଦେଶବାସୀଙ୍କ ସହଯୋଗ ମିଳିଯିବ । ଫଳରେ ଅନାୟାସରେ ଦିଲ୍ଲୀରେ ପହଞ୍ଚିଯାଇ ପାରିବେ ।

ମାତ୍ର ବିଧିର ବିଡ଼ମ୍ବନା ଯୋଗୁ ଆଜାଦ୍ ହିନ୍ଦ୍ ଫୌଜକୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଲା । ବ୍ରିଟିଶ୍ ସେନାବାହିନୀ ଦ୍ୱାରା ପରାଜିତ ହୋଇ ଯୁଦ୍ଧ ବନ୍ଦୀ ହେବାକୁ ପଡ଼ିଲା । ଏହି ଦୁର୍ଯୋଗରେ ନେତାଜୀ ବିମାନଯୋଗେ ଜାପାନକୁ ପ୍ରତ୍ୟାଗମନ କରିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଲେ । ଏହାପରେ ଆମେରିକାର ଆଣବିକ ବୋମା ମାଡ଼ ଫଳରେ ଜାପାନ ଦେଶ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହେଲା ।

ସନ ୧୯୪୨ ମସିହାରୁ ସନ ୧୯୪୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୩ ବର୍ଷ କାଳ ସମଗ୍ର ଭାରତବର୍ଷ ମହାତ୍ମାଜୀଙ୍କ ନିର୍ଦ୍ଦେଶରେ ଭାରତଛାଡ଼ ଆନ୍ଦୋଳନରେ ସଂଗ୍ରାମରତ । ଆସମୁଦ୍ର ହିମାଚଳ ସର୍ବତ୍ର "କର ବା ମର" ଓ ସମଗ୍ର ମଧ୍ୟ ପ୍ରାଚ୍ୟ ଅଞ୍ଚଳରେ ନେତାଜୀଙ୍କ ନେତୃତ୍ୱରେ ପରିଚାଳିତ ଆଜାଦ୍ ହିନ୍ଦ୍ ଫୌଜର "ମାର ବା ମର" ଧ୍ୱନିରେ ସମଗ୍ର ଭାରତୀୟ ମହାକାଶ ପ୍ରକମ୍ପିତ । ଏହି ଅବକାଶରେ ବିଜିତ ମିତ୍ରପକ୍ଷର ଅନ୍ୟତମ ଅଧିନାୟକ ଇଂଲଣ୍ଡ ପ୍ରଧାନମନ୍ତ୍ରୀ ମିଃ ଚର୍ଚ୍ଚିଲ ସାଧାରଣ ନିର୍ବାଚନରେ ପରାଜିତ । ଶ୍ରମିକ ଦଳର ନେତା ମିଃ ଏଟଲୀ ବହୁ ଭୋଟରେ ଜୟଲାଭ କରି ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ଏବଂ ସଂଗ୍ରାମରତ ଭାରତକୁ ସ୍ୱାଧୀନତା ଦେଇ ବ୍ରିଟିଶ୍ ଶାସନର ଅପସାରଣ ପାଇଁ ସମ୍ମତ । ଏହିପରି ଏକ ଘଟଣାବହୁଳ ପରିସ୍ଥିତିରେ ଶତ ଶତ ଶତାବ୍ଦୀ ଧରି ଅବରୁଦ୍ଧ ଭାରତର ଜାତୀୟ କାମନା ସନ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସିଦ୍ଧି ଲାଭ କରିଛି ।

---

ଉପାଧ୍ୟକ୍ଷ,
ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ସମିତି,
ନୟାବଜାର, କଟକ-୧୦

# ଜାତୀୟ ମୁକ୍ତି ସଂଗ୍ରାମରେ ଓଡ଼ିଆ ନାରୀ

ଶ୍ରୀମତୀ ଜ୍ୟୋତିର୍ମୟୀ ସାମନ୍ତରାୟ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ତ୍ୟାଗ ଓ ଆତ୍ମୋତ୍ସର୍ଗର ଗୌରବମୟ କାହାଣୀ । ଏହି ସଂଗ୍ରାମରେ ବହୁ ଆନ୍ଦୋଳନ ଏବଂ ବୈପ୍ଲବିକ ଘଟଣା ଘଟି ଯାଇଛି, ଯାହାର କଳନା କରିବା ଅସମ୍ଭବ । ଅତ୍ୟାଚାରୀ ବ୍ରିଟିଶ୍ ସରକାର ବିରୁଦ୍ଧରେ ପ୍ରତ୍ୟେକ ଶ୍ରେଣୀର ବ୍ୟକ୍ତି ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିଥିଲେ । ମାତୃଭୂମିର ମୁକ୍ତି ନିମନ୍ତେ ସ୍ତ୍ରୀ, ପୁରୁଷ, ବାଳକ, ବାଳିକା, କିଶୋର, କିଶୋରୀ ଇତ୍ୟାଦି ସ୍ୱାଧୀନତା ଅଗ୍ନିକୁଣ୍ଡରେ ଝାସ ଦେଇଥିଲେ ।

ସାରା ଭାରତବର୍ଷରେ ଓଡ଼ିଶା ସର୍ବଶେଷରେ ୧୮୦୩ ମସିହାରେ ଇଂରେଜ ସରକାରର ଅଧୀନକୁ ଆସିଥିଲା । ଭାରତର ସ୍ୱାଧୀନତା ପାଇଁ ହୋଇଥିବା ଆନ୍ଦୋଳନରେ ଓଡ଼ିଶା ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା । ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ମତରେ ମୋଟାମୋଟି ଏହି ଆନ୍ଦୋଳନକୁ ଚାରୋଟି ବିଭାଗରେ ବିଭକ୍ତ କରା ଯାଇପାରେ । ପ୍ରଥମତଃ, ଆଇନ୍ ଅମାନ୍ୟ ଆନ୍ଦୋଳନ, ଦ୍ୱିତୀୟରେ ଓଡ଼ିଶାର ଗଡ଼ଜାତ ବିପ୍ଳବ, ତୃତୀୟରେ ବ୍ୟକ୍ତିଗତ ସତ୍ୟାଗ୍ରହ, ଚତୁର୍ଥରେ ୧୯୪୨ ମସିହାରେ "କର ବା ମର" ଭାରତଛାଡ଼ ଆନ୍ଦୋଳନ ।

ଗାନ୍ଧିଜୀ ଲବଣ ସତ୍ୟାଗ୍ରହ କରିବା ନିମନ୍ତେ ଯେତେବେଳେ ଦାଣ୍ଡୀ ଯାତ୍ରା କଲେ, ଠିକ୍ ସେତିକିବେଳେ ଓଡ଼ିଶାର ସତ୍ୟାଗ୍ରହ ବାହିନୀ କଟକରୁ ଯାତ୍ରା କରି ବାଲେଶ୍ୱର "ଇଞ୍ଚୁଡ଼ି"ଠାରେ ଲବଣ ଆଇନ୍ ଭଙ୍ଗ କଲେ । ସ୍ଥାନୀୟ ଜନସାଧାରଣ ଏହାକୁ ବିପୁଳ ସମର୍ଥନ ଦେଲେ । ସେହିପରି କଟକର କୁଜଙ୍ଗ ଓ ପୁରୀର ଅସ୍ତରଙ୍ଗଠାରେ ମଧ୍ୟ ଲବଣ ସତ୍ୟାଗ୍ରହ କରା ଯାଇଥିଲା । ଏହାର ବିଶେଷତ୍ୱ ହେଉଛି, ସାଧାରଣ ଗ୍ରାମବାସୀଙ୍କ ବ୍ୟତୀତ ବହୁ ସଂଖ୍ୟାରେ ମହିଳା ମଧ୍ୟ ଏହି ଆଇନ୍ ଅମାନ୍ୟ କରିଥିଲେ । ଏହିପରି ନାରୀଜାଗରଣ ଓ ଓଡ଼ିଶା ପରି ଏକ କୁସଂସ୍କାରପୂର୍ଣ୍ଣ ସମାଜରେ ସାଧାରଣ ଜୀବନରେ ନାରୀମାନଙ୍କର ପ୍ରବେଶ ଏକ ଅଲୌକିକ ଘଟଣା ଭାବେ ପରିଚିତ ।

୧୯୩୦ ଓ ୧୯୩୯ ମସିହା ମଧ୍ୟରେ ଓଡ଼ିଶାର ଗଡ଼ଜାତ ଆନ୍ଦୋଳନ ବିପ୍ଳବର ବୀଜ ବପନ କରିଥିଲା । ୧୯୪୨ ମସିହାରେ ଗାନ୍ଧିଜୀଙ୍କର "କର ବା ମର" ଆହ୍ୱାନ ଚାରିଆଡ଼େ ପ୍ରତିଧ୍ୱନିତ ହେଲା । ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏହା ପ୍ରଥମ ଯେ, ତାଳଚେରର ଜନତାଙ୍କୁ ଦବାଇବା ନିମନ୍ତେ ଉଡ଼ାଜାହାଜରୁ ବୋମା ବର୍ଷଣ କରା ଯାଇଥିଲା । ୧୮୧୭ ମସିହା ପାଇକ ବିଦ୍ରୋହରେ ଓଡ଼ିଶାର ପାଇକମାନେ ଅଂଶ ଗ୍ରହଣ କରିଥିଲେ ।

ମହାତ୍ମାଗାନ୍ଧୀ ଓ ମିସ୍ ମୀରାବେନ୍‌ଙ୍କର ଓଡ଼ିଶା ପରିଦର୍ଶନ ପରେ ଆମ ରାଜ୍ୟରେ ମହିଳାମାନେ ପର୍ଦ୍ଦା ପ୍ରଥାକୁ ଭାଙ୍ଗି ସାଧାରଣ କ୍ଷେତ୍ରକୁ ବାହାରି ଆସିଥିଲେ । ବିଶେଷତଃ ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀର ଶିକ୍ଷିତା ମହିଳାମାନଙ୍କର ଉଦ୍ୟମ ଫଳରେ ଓଡ଼ିଶାରେ ସାମାଜିକ ଓ ରାଜନୈତିକ ଚିନ୍ତା ଓ ଚେତନାର ଉଦ୍ରେକ ହୋଇଥିଲା । ପୁରୁଷମାନଙ୍କ ସହିତ ମିଳିତ ଭାବରେ ସେମାନେ ଜାତୀୟତା ଓ ଦେଶାତ୍ମବୋଧ ଭାବଧାରାର ପ୍ରସାର କରିଥିଲେ । ଅସହଯୋଗ ଆନ୍ଦୋଳନ ସମୟରେ ଓଡ଼ିଶା ଜାତୀୟ ଆନ୍ଦୋଳନର ମହାସ୍ରୋତରେ ନିଜକୁ ସାମିଲ୍ କରିଥିଲା । ୧୯୨୦ ମସିହାରେ ଉତ୍କଳମଣି ଗୋପବନ୍ଧୁ ଦାସ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ । ସେଠାରୁ ଫେରିବା ପରେ ବିଦେଶୀ ବସ୍ତ୍ର ବର୍ଜନ ଏବଂ ବିଦ୍ୟାଳୟ ଓ ପ୍ରୋଭିନ୍‌ସିଆଲ୍ ବିଧାନସଭାରେ ଯୋଗ ନ ଦେବା ପାଇଁ ସେ ଓଡ଼ିଶାବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ । କଟକର କାଠଯୋଡ଼ି ତୀରରେ ଯେଉଁ ସଭା ଡକାଯାଇଥିଲା ସେଥିରେ ରମାଦେବୀ ଯୋଗଦାନ କରିଥିଲେ । ତାଙ୍କର ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହିତ ମିଶି ସେ ଜଗତସିଂହପୁରଠାରେ "ଅଳକାଶ୍ରମ" ପ୍ରତିଷ୍ଠା କରିଥିଲେ । ଜଣେ ନାରୀ ହିସାବରେ ରମାଦେବୀଙ୍କର ଏହି କାର୍ଯ୍ୟକଳାପ ଓଡ଼ିଶାର ସଂସ୍କୃତିଠାରୁ ଯଥେଷ୍ଟ ଭିନ୍ନ ଥିଲା । ମଧୁସୂଦନଙ୍କ ଭାଇ ଗୋପାଳ ବଲ୍ଲଭଙ୍କ କନ୍ୟା ଓ ଚୌଧୁରୀ ବଂଶର ଏକ ଜମିଦାର ପରିବାରର ବୋହୂ ହୋଇ ପର୍ଦ୍ଦା ପ୍ରଥାରୁ ସମ୍ପୂର୍ଣ୍ଣ ବାହାରି ଆସି ଦରିଦ୍ର ଲୋକମାନଙ୍କ ପାଇଁ କାର୍ଯ୍ୟ କରିବା ଦ୍ୱାରା ଏହା ସମାଜରେ ଗ୍ରହଣୀୟ ହୋଇ ନଥିଲା । କିନ୍ତୁ ଘାତ ପ୍ରତିଘାତ ସତ୍ତ୍ୱେ ସେ ତାଙ୍କର କାର୍ଯ୍ୟ ଅବ୍ୟାହତ ରଖିଥିଲେ ।

୧୯୨୧ ମସିହାରେ ଗାନ୍ଧିଜୀଙ୍କ ଓଡ଼ିଶା ପରିଦର୍ଶନ ପରେ ସରଳା ଦେବୀ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୨୨ ମସିହାରେ ଗୟାଠାରେ ରମାଦେବୀ ଯୋଗଦାନ କରିଥିଲେ । କଂଗ୍ରେସର କଲିକତା ଅଧିବେଶନରେ ଓଡ଼ିଶାର ମାତ୍ର ୭ ଜଣ ମହିଳା ଯୋଗଦାନ କରିଥିଲେ । ସେମାନେ ହେଲେ ଜାହ୍ନବୀ ଦେବୀ, ସରୋଜିନୀ ଚୌଧୁରୀ, ସରଳା ଦେବୀ, ରମା ଦେବୀ, କୋକିଳା ଦେବୀ ଓ ରସମଣି ଦେବୀ ।

୧୯୨୮ ମସିହାରେ ପଣ୍ଡିତ ଗୋପବନ୍ଧୁଙ୍କ ମୃତ୍ୟୁ ପରେ ରମାଦେବୀ ସମାଜ ସେବା ଓ ସ୍ୱାଧୀନତା ଆନ୍ଦୋଳନରେ ଅଧିକ ମନୋନିବେଶ କରିଥିଲେ । "ଅଳକାଶ୍ରମ"ରେ ରହି ବହୁ ଓଡ଼ିଆଙ୍କୁ କଂଗ୍ରେସରେ ଯୋଗଦାନ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଆଉମଧ୍ୟ ଜାତିଭେଦ ପ୍ରଥା, ନିରକ୍ଷରତା ଓ ଅସ୍ୱାସ୍ଥ୍ୟକର ପରିବେଶ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଲୋକମାନଙ୍କୁ କହୁଥିଲେ । ୧୯୩୦ ମସିହା ଜାନୁଆରୀ ମାସ ୨୬ ତାରିଖକୁ "ପୂର୍ଣ୍ଣ ସ୍ୱରାଜ୍ୟ" ଦିବସ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆ ଯାଇଥିଲା । ସରଳା ଦେବୀ, ରମା ଦେବୀ ଓ ମାଳତୀ ଚୌଧୁରୀଙ୍କ ସହିତ ଓଡ଼ିଶାର ବହୁ ଅଗ୍ରଗଣ୍ୟ ନେତୀ ଗିରଫ ହୋଇଥିଲେ; ମାତ୍ର ଆନ୍ଦୋଳନ ବନ୍ଦ ହୋଇ ନଥିଲା ।

୧୯୩୪ ମସିହାରେ ଗାନ୍ଧିଜୀ ପୁନର୍ବାର ଓଡ଼ିଶା ପରିଦର୍ଶନରେ ଆସିଥିଲେ । ସେତେବେଳକୁ ଓଡ଼ିଶାରେ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ଅନ୍ନପୂର୍ଣ୍ଣା ଦେବୀ, ସୁଶୀଳା ଦେବୀ, ମଙ୍ଗଳା ଦେବୀ, ଶୋଭା ଦେବୀ, ଗୋଦାବରୀ ଦେବୀ, ମାଣିକ ଦେବୀ ଓ ତୁଳସୀ ଦେବୀ ହରିଜନ ବସ୍ତିରେ କାର୍ଯ୍ୟ କରି ତାଙ୍କର ସାରା ଜୀବନ ବିତାଇ ଥିଲେ । ଆଇନ୍ ଅମାନ୍ୟ ଆନ୍ଦୋଳନ ରାଜ୍ୟରେ ପୁରାମାତ୍ରାରେ ଖେଳିଲା । "ଇଞ୍ଚୁଡ଼ି"ଠାରେ ରମା ଦେବୀ ଓ ମାଳତୀ ଦେବୀ, ବାଲେଶ୍ୱରର ଶ୍ରୀଜଙ୍ଗଠାରେ କିରଣବାଳା ସେନ୍, ରାଧାମଣି ଦେବୀ, ଚନ୍ଦ୍ରମଣି ଦେବୀ, ମୁକ୍ତରମଣି ଦେବୀ ମଧ୍ୟ ଲୁଣ ମାରିଥିଲେ । ଏହି ଆନ୍ଦୋଳନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରମା ଦେବୀ ଓ ମାଳତୀ ଦେବୀ କୁଜଙ୍ଗ ଯାଇଥିଲେ । ବାଲେଶ୍ୱରର ପ୍ରଫୁଲ୍ଲ କୁମାରୀ ଦେବୀ, ପୁରୀର ଲକ୍ଷ୍ମୀ ଦେବୀ, ଗଞ୍ଜାମର ଶୋଭାରାଣୀ, ସାକ୍ଷୀଗୋପାଳର ଗୁଣ ମଞ୍ଜରୀ ଅଳକାଶ୍ରମରେ ରହୁଥିଲେ । କୁଜଙ୍ଗର ରାଣୀ କୁଜଙ୍ଗ ସତ୍ୟାଗ୍ରହ ଆନ୍ଦୋଳନରେ ରମା ଦେବୀ ଓ ମାଳତୀ ଦେବୀଙ୍କ ସହିତ ଯୋଗଦାନ କରିଥିଲେ । ତେଣୁ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ସେମାନଙ୍କ ଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲା ।

ଠିକ୍ ଏହି ସମୟରେ ସରଳା ଦେବୀ "ଉଦ୍ୟୋଗମନ୍ଦିର" ସ୍ଥାପନ କରିଥିଲେ । ଏହା ଓଡ଼ିଶାରେ ଆନ୍ଦୋଳନର କେନ୍ଦ୍ରବିନ୍ଦୁ ଥିଲା । ଗଞ୍ଜାମର "ହୁମା"ଠାରେ କଂଗ୍ରେସ କର୍ମୀମାନଙ୍କ ସହିତ ସେଠାରେ ସରଳା ଦେବୀ ଲୁଣ ମାରିଥିଲେ । ସେତେବେଳେ ହୁମା ମାଡ୍ରାସ ପ୍ରେସିଡେନ୍‌ସୀର ଅନ୍ତର୍ଭୁକ୍ତ ଥିବାରୁ ମାଡ୍ରାସ ସରକାର ତାଙ୍କୁ ଗିରଫ କରି ଭେଲୋର ଜେଲକୁ ପଠାଇ ଦେଇଥିଲେ । ସରଳା ଦେବୀ ହେଉଛନ୍ତି ପ୍ରଥମ ଓଡ଼ିଆ ମହିଳା, ଯେ କି ୧୯୩୭ ମସିହାରେ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ । ସ୍ୱାଧୀନତା ପୂର୍ବରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟ ମହିଳାମାନେ ହେଲେ ପ୍ରିୟମ୍ବଦା ଓ ଲକ୍ଷ୍ମୀବାଈ ।

ଗାନ୍ଧିଜୀଙ୍କ ଦ୍ୱାରା ଆଇନ୍ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନେ ନିଜକୁ ସମାଜ ସଂସ୍କାର କାର୍ଯ୍ୟରେ ନିୟୋଜିତ କରିଥିଲେ । ବିଶେଷତଃ ଅସ୍ପୃଶ୍ୟତା ନିବାରଣ ସେମାନଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ରମା ଦେବୀ ହରିଜନ ସେବକସଂଘର ଉପସଭାନେତ୍ରୀ ଥିଲେ । ଏହି ସଂଘ ପକ୍ଷରୁ ହିନ୍ଦୋଳର ମନ୍ଦିରକୁ ହରିଜନମାନଙ୍କର ପ୍ରବେଶ ନିମନ୍ତେ ରାଜାଙ୍କୁ ପ୍ରବର୍ତ୍ତା ଯାଇଥିଲା । ସେମାନେ ହରିଜନ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ । "କୈବାଲ୍ୟ କୁଟୀର" ହରିଜନମାନଙ୍କ ନିମନ୍ତେ ପ୍ରତିଷ୍ଠା କରାଯାଇଥିଲା ।

ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ମହିଳାମାନଙ୍କର ସଂଖ୍ୟା ଏତେ ବୃଦ୍ଧି ପାଇ ଯାଇଥିଲା ଯେ, ପ୍ରତିଦିନ ସକାଳେ ଅନ୍ତତଃ ଦଶ ମହିଳା ରମା ଦେବୀଙ୍କର ଘର ବାହାରେ ଆନ୍ଦୋଳନରେ ଯୋଗ ଦେବା ପାଇଁ ଅପେକ୍ଷା କରି ରହୁଥିଲେ । ହାରାମଣି ଦେବୀ ଓ ଆଧାରମଣି ଦେବୀ ସେମାନଙ୍କର ପରିବାରର ବିନା ଅନୁମତିରେ ଆନ୍ଦୋଳନରେ ଯୋଗଦାନ କରିଥିଲେ । ସୁଶୀଳା ଦେବୀ ତାଙ୍କର ସ୍ୱାମୀଙ୍କର ମୃତ୍ୟୁ ପରେ ଆନ୍ଦୋଳନରେ ଯୋଗଦାନ କରିଥିଲେ । ମୋହିନୀ ଦେବୀ ତାଙ୍କର ପତିଙ୍କୁ ନ ଜଣାଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିଲେ । ସେହିପରି ରମା ଦେବୀଙ୍କ ସହିତ ଯୋଗଦାନ କରିବା ପାଇଁ ନିଶାମଣି ଓ କାଦମ୍ବିନୀ କୋରେଇ ଗ୍ରାମରୁ ଆସିଥିଲେ । ଏହି ସବୁ ଉଦାହରଣରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ତତ୍‌କାଳୀନ ଓଡ଼ିଆ ସମାଜରେ ସ୍ୱାଧୀନତା ଆନ୍ଦୋଳନ ନିମନ୍ତେ ଓଡ଼ିଶାର ନାରୀମାନଙ୍କର ଭୂମିକାରେ ଏକ ବଡ଼ଧରଣର ପରିବର୍ତ୍ତନ ଦେଖା ଦେଇଥିଲା ।

ଶ୍ରୀମତୀ ମାଳତୀ ଦେବୀ ଓଡ଼ିଶାର କରଦ ରାଜ୍ୟଗୁଡ଼ିକର ଏକତ୍ରୀକରଣରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଯଦିଓ ୧୯୩୬ ମସିହା ଏପ୍ରିଲ୍ ମାସ ୧ ତାରିଖ ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା, ତଥାପି ଏହାର ମାତ୍ର ୬ଟି ଜିଲ୍ଲା ଥିଲା ଏବଂ ୨୪ଟି ଗଡ଼ଜାତ ସ୍ଥାନୀୟ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ଓଡ଼ିଶାର କଟକ ଜିଲ୍ଲା ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ହୋଇଥିଲା ।

ଶ୍ରୀମତୀ ରେବା ଦେବୀ, ପଦ୍ମା ଦେବୀ, ସୁଲୋଚନା ଦେବୀ, ଶୈଳବାଳା ଦେବୀ, ସୁଧାଂଶୁବାଳା ଦେବୀ, ସୁପ୍ରଭା ଦେବୀ, ନର୍ମଦା ଦେବୀ, ପ୍ରତିଭା ଦେବୀ, ସରୋଜିନୀ ଦେବୀ, ହିରଣ୍ମୟୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ସୁଲକ୍ଷଣା ଦେବୀ ଓ ଅନ୍ୟ କେତେକ

ନାରୀ ସେମାନଙ୍କ ସମାଜସେବା ଓ ଲେଖନୀ ଜରିଆରେ ଓଡ଼ିଶାର ନାରୀମାନଙ୍କୁ ଜାଗ୍ରତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସୁଲୋଚନା ଦେବୀ ତାଙ୍କର ଲେଖନୀ ଚାଳନା କରିଥିଲେ । ଓଡ଼ିଶାରେ ନାରୀଶିକ୍ଷା, ଓଡ଼ିଆ ସମାଜରେ ନାରୀମାନଙ୍କ ସ୍ଥିତି, ପରିବାର ଓ ସମାଜ ପ୍ରତି ନାରୀମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ଉପରେ ନାରୀ ଲେଖିକାମାନେ ଗୁରୁତ୍ୱ ଆରୋପ କରିଥିଲେ । ଓଡ଼ିଶାର ବହୁ ବୁଦ୍ଧିଜୀବୀ ମହିଳା ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଆ ସାହିତ୍ୟକୁ ସେମାନଙ୍କ ଲେଖନୀ ମୁନରେ ସମୃଦ୍ଧିମନ୍ତ କରିଥିଲେ । ସମାଜର ବିଭିନ୍ନ କୁପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ମହିଳାମାନଙ୍କୁ ସେମାନଙ୍କର ଅଧିକାର ଏବଂ ଆତ୍ମ ପରିଚୟ ପ୍ରତି ସଚେତନ କରାଇଥିଲେ । ଗଞ୍ଜାମ ବଡ଼ଖେମୁଣ୍ଡିର ରାଜୋଇଁ ଅନ୍ନପୂର୍ଣ୍ଣା ଦେବୀ ନାରୀଜାତିର ଉତ୍ଥାନ ନିମନ୍ତେ ଉଦ୍ୟମ କରିଥିଲେ ।

୧୯୩୨ ମସିହାରେ ରମା ଦେବୀ, ମଙ୍ଗଳା ଦେବୀ, ମାଳତୀ ଦେବୀ, ପ୍ରିୟମ୍ବଦା, ଅନ୍ନପୂର୍ଣ୍ଣା ଦେବୀ ଗୋଦାବରୀ ଦେବୀ, ହେମମଣି କାନୁନ୍‌ଗୋ ଓ ସୁନାମଣି ଦେବୀ ପୋଲିସ ଦ୍ୱାରା ଗିରଫ ହୋଇ କାରାବରଣ କରିଥିଲେ । ବେଲା ଦେବୀ, ହିରାମଣି ଦେବୀ, ବିଳାସ ଦେବୀ, କ୍ଷେତ୍ରମଣି ଦେବୀ, ଉଷା ଦେବୀ, ଶକୁନ୍ତଳା, କିରଣ ଲେଖା ମହାନ୍ତି, ପ୍ରଭାବତୀ, ପାର୍ବତୀ ଗିରି ମଧ୍ୟ ଗିରଫ ହୋଇ ଜେଲ୍ ବରଣ କରିଥିଲେ । ଓଡ଼ିଶାର ସାମାଜିକ କୁସଂସ୍କାର ବ୍ୟବସ୍ଥା ଓ ସଚେତନତା ଅଭାବରୁ ଏହି ଆନ୍ଦୋଳନରେ ଓଡ଼ିଶାର ଅନ୍ୟ ଅଞ୍ଚଳର ମହିଳାମାନେ ଅଂଶଗ୍ରହଣ କରି ପାରି ନଥିଲେ ।

ଆଦିବାସୀ ମହିଳାମାନେ ମଧ୍ୟ ଓଡ଼ିଶାର ମୁକ୍ତି ସଂଗ୍ରାମରେ ଯୋଗ ଦେବା ପାଇଁ ପଛାଇ ନଥିଲେ । ସେମାନେ ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢ଼େଇ କରିଥିଲେ । ହୀରାମଣି ବିଶୋଇ ପ୍ରାୟ ୯୦ ବର୍ଷ ଧରି ବ୍ରିଟିଶ୍ ସରକାର ବିରୁଦ୍ଧରେ ଗରିଲା ଯୁଦ୍ଧ ଚଳାଇଥିଲେ । କୋରାପୁଟର ଯେଉଁ ଆଦିବାସୀ ମହିଳାମାନେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ ଚଳାଇଥିଲେ ସେମାନେ ହେଲେ ବାଙ୍ଗାରୀ ଦେବୀ (କୋୟା ରାଜ ପରିବାର) ଖାରେ ପାର୍ବତୀ (ବଣ୍ଡା ସଂପ୍ରଦାୟ) ଓ ଲକ୍ଷ୍ମୀ ସରଗାଣୀ ଅନ୍ୟତମ ।

ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ସଂଗ୍ରାମରୁ ଏହା ସ୍ପଷ୍ଟ ଅନୁମେୟ ଯେ, ଯଦିଓ ଉଚ୍ଚଧନିକ ଶ୍ରେଣୀର ମହିଳାମାନେ ସର୍ବପ୍ରଥମେ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ, ପରେ ପରେ ୨୦ ବର୍ଷ ମଧ୍ୟରେ ରାଜ୍ୟର ପ୍ରତି କୋଣ ଅନୁକୋଣରୁ ମହିଳାମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଓ ସେମାନଙ୍କର ରାଜନୈତିକ ସଚେତନତାର ଅଭିବୃଦ୍ଧି ଘଟିଥିଲା । ଆଜି ଆମ ରାଜ୍ୟର ମହିଳାମାନଙ୍କର ସ୍ଥିତି ଓ ସଚେତନତାର ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି । ରାଜନୈତିକ, ସାମାଜିକ, ଅର୍ଥନୈତିକ, ଶିକ୍ଷା ଇତ୍ୟାଦି ସମସ୍ତ କ୍ଷେତ୍ରରେ ନାରୀମାନେ ସାମାଜିକ ଅଗ୍ରଗତି ପାଇଁ ଆଗ୍ରହୀ । ଯେଉଁ ବୀରା ସାହସିନୀ ରମଣୀମାନଙ୍କର ଲହୁ, ଲୁହ, ତ୍ୟାଗ ଓ ବୈପ୍ଳବିକାରୀ ଅଭିଯାନ ଯୋଗୁ ଏହି ଉତ୍କଳଭୂମି ସହିତ ଭାରତମାତା ଇଂରେଜମାନଙ୍କର ଅତ୍ୟାଚାରର କୁଶାସନର କବଳରୁ ସ୍ୱାଧୀନ ହେଲା, ସେ କାହାଣୀ ଆଜି ଆମ ସମସ୍ତଙ୍କ ପାଇଁ ଯୁଗଯୁଗର ପଥ ପ୍ରଦର୍ଶକ ହୋଇ ରହିଛି ।

---

ମାର୍ଫତ୍—ଶ୍ରୀ ସୁବ୍ରତ କୁମାର କର,
ପ୍ଲଟ୍ ନଂ–୪୩୭୩/ସି, ରବି ଟକିଜ୍ ଛକ,
ଭୁବନେଶ୍ୱର–୭୫୧୦୦୨

---

*ହିନ୍ଦୁ ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ,*
*ଶିଖ, ଜୈନ ଯେତେ ଭାରତ ସନ୍ତାନ*
*ଯେତେ ଧର୍ମ ଯେତେ ବର୍ଣ୍ଣ ଜାତି କୁଳ*
*ଭାରତ ଜନନୀ ସମସ୍ତଙ୍କ ମୂଳ ।*
*ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ*
*ଏକତ୍ର ଅନୁଭୂତି, ଏକତ୍ର ଗୁଣଗାନ*
*ଏକ କର୍ମକ୍ଷେତ୍ର ଏକ ମାତୃପଦେ*
*କରି ଏକ ପ୍ରାଣ ସମ୍ପଦ ବିପଦେ*
*ଏକତା ମନ୍ତ୍ରରେ ରଖ ସଦା ମତି*
*ହେବ ଏହି ଭାବେ ସ୍ୱରାଜ୍ୟ ପ୍ରାପତି ।*

*–ଉତ୍କଳମଣି ଗୋପବନ୍ଧୁ*

# ଅନନ୍ତ ଯାତ୍ରା

ଶ୍ରୀ ମହେଶ୍ୱର ମୂଳିଆ

ହେ ଅଦୃଷ୍ଟ, ଅନାଦି, ଅନନ୍ତ
ଅସରନ୍ତି ଏ ଯାତ୍ରାର
କେବେ ହେବ ଯବନିକା ପାତ ?
ସଭ୍ୟତାର ସୂର୍ଯ୍ୟୋଦୟ
ଦେଖିଛି ମୁଁ ମିଶରର ନୀଳନଦୀ ତଟେ
ଦେଖିଛି ମୁଁ ବାବିଲୋନ, ଚୀନ୍ ଆଉ
ଗ୍ରୀସ୍ ଉପକଣ୍ଠେ ।
ସପ୍ତାଦ୍ରିର ଶିଖରରେ
ଦେଖିଛି ମୁଁ ରୋମ୍‌ର ନଗରୀ
କେଉଁ ଦୂର ଅତୀତର ଗୌରବ ଗାଥା
ଗାଉଥିଲା ପ୍ରଗଳଭଙ୍କ ପରି ।
ଡାକେ ପୁଣି ସିନ୍ଧୁ ଉପତ୍ୟକା,
ମୃତଙ୍କ ପାହାଡ଼ଭଳି ଚୁହିଁଛି ସେ
ଆକାଶକୁ ଏକା ।

ପ୍ରାଚୀନ ପ୍ରସ୍ତର ଯୁଗୁଁ
ଏ ସଂସାରେ କେତେ ରାଜତନ୍ତ୍ର
କେତେ ଯେ ସାମ୍ରାଜ୍ୟ ପୁଣି
ସଭ୍ୟତା ଓ ସଂସ୍କୃତିର
ଉଦୟ ଓ ଅସ୍ତ ।
କେତେ ଜୟ-ପରାଜୟ
ରକ୍ତପାତ, ମୃତ୍ୟୁ ବିଭୀଷିକା
ଶାନ୍ତି ଓ ସଂଗ୍ରାମ ମଧ୍ୟେ
ଏ ଜାତିର ଇତିହାସ ହୋଇଅଛି ଲେଖା ।
ସେଇ ମୋର ପ୍ରିୟ ଆର୍ଯ୍ୟାବର୍ତ୍ତ
ମସ୍ତକେ ଯାଁ ଶୋଭାପାଏ
ଦେବତାତ୍ମା ହିମାଳୟ ତୁଷାର ଆବୃତ ।
ବକ୍ଷେ ଯାଁ'ର ବିନ୍ଧ୍ୟାଚଳ ପର୍ବତ, ସାଗର
ଦିଗନ୍ତ ବିସ୍ତାରୀ ମରୁ
ନଦ-ନଦୀ, ଶ୍ୟାମଳ ପ୍ରାନ୍ତର ।
କେତେ ଜାତି, କେତେ ଧର୍ମ
ମଣିଷର ନିତ୍ୟ ଲୀଳାଖେଳା,
ଆଦିମ ଦ୍ରାବିଡ଼, ଆର୍ଯ୍ୟ
ସଂସ୍କୃତି ଓ ଜୀବନର ଧାରା ।
ଶକ, ହୁନ୍, ବିଦେଶୀ କୁଷାଣ
ଭାରତୀୟ ମହାସ୍ରୋତେ
ହୋଇଗଲେ ବିସ୍ମୃତ ବିଲୀନ ।
କେତେ ଭାଷା, ରୀତି-ନୀତି
ଚଳଣି, ପୋଷାକ
କେତେ ଧର୍ମ-ବୌଦ୍ଧ, ଜୈନ,
ଇସଲାମ, ଶିଖ ।
ବହୁ ମଧ୍ୟେ ଐକ୍ୟ ଆଉ
ଶାନ୍ତି, ମୈତ୍ରୀ, ସାମ୍ୟ ଓ ସଂପ୍ରୀତି
ଏଇ ମୋର ଭାରତର ଶାଶ୍ୱତ ସଂସ୍କୃତି ।

ମୁଁ ପଢ଼ିଛି ବେଦ ଆଉ ରାମାୟଣ, ଗୀତା
ମୁଁ ଦେଖିଛି, ମଣିଷର ହୃଦୟରେ ପରଂବ୍ରହ୍ମ ସତ୍ତା ।
ମୁଁ ପଢ଼ିଛି ବାଇବେଲ, ତ୍ରିପିଟକ, ପବିତ୍ର କୋରାନ
ବୁଦ୍ଧ, ଯୀଶୁ, ମହମ୍ମଦ
ଦେଇଗଲେ କେତେ ଦିବ୍ୟଜ୍ଞାନ ।
ତଥାପି ମୋ ଜୀବନର ହେଲାନି ସଂସ୍କାର
ଅନିତ୍ୟ, ଅସାର ପଛେ ଧାଇଁ ଧାଇଁ
ପାଉନାହିଁ କାହିଁ ଅଳକୂଳ ?
ଅହମିକା, ଅହଙ୍କାର
ଏ ଧରାକୁ କରିଅଛି ସରା,
ଧର୍ମ ନାମେ ଚାଲିଅଛି
କେତେ ହତ୍ୟା, ନାରକୀୟ ଲୀଳା ।
ଘୁରିଆଡ଼େ ମୃତ୍ୟୁର ଯନ୍ତ୍ରଣା,
ଶୂନ୍ୟ ଆଜି ସବୁ ହୃଦେ
ଦୟା, କ୍ଷମା, ପ୍ରେମ ଓ କରୁଣା ।

ହେ ବିଶ୍ୱ ନିୟନ୍ତା !
ଖୋଜି କାହିଁ ପାଉନାହିଁ
ଏ ସୃଷ୍ଟିରେ ତୁମ ଦିବ୍ୟ ସତ୍ତା ।
ଚଉଦିଗେ ଦେଖେ ଖାଲି
ଗୁଳି ଅଛି ଦାନବ-ରାକ୍ଷୁତି,
ପଶୁଠାରୁ ହିଂସ୍ର ଆଜି
ମଣିଷର ପ୍ରବୃତ୍ତି, ପ୍ରକୃତି ।
ତମ ପାଇଁ ଗଢ଼ିଚି ମୁଁ
କେତେ ଗୀର୍ଜା, ମନ୍ଦିର, ମସଜିଦ
ତମ ପାଇଁ କରେ କେତେ
ଯାଗ, ଯଜ୍ଞ, ପୂଜା, ନଇବେଦ୍ୟ ।
ତଥାପି ତୁମର ଇଚ୍ଛା ହେଲାନି ପୂରଣ,
ସବୁ ତ୍ୟାଗ, ତପସ୍ୟା ଓ ଧର୍ମ, କର୍ମ
ସତେ କ'ଣ ହେଲା ଅକାରଣ ?
ଝଙ୍କୃତିତ ଅଶାନ୍ତି ଓ ଆତଙ୍କର ସ୍ୱର
ଧ୍ୱଂସଲୀଳା ସନ୍ତ୍ରାସବାଦୀର
ବୋମା ଆଉ ବନ୍ଧୁକର ଆବାଜରେ
ଶୁଭେ ନାହିଁ ମଣିଷର
ମର୍ମଭେଦୀ ମୃତ୍ୟୁର ଚିତ୍କାର ।

କୁହ ହେ ଈଶ୍ୱର,
ଯାତ୍ରୀ ମୋର ଆଉ କେତେ ଦୂର ?
ଜାତି, ଧର୍ମ, ସଂପ୍ରଦାୟ ନାମେ
କେତେ କାଳ ଚାଲିଥିବ ରକ୍ତର ଏ ଖେଳ ?
କେବେ ପୁଣି ଶୁଣିବି ମୁଁ
ଏ ମାଟିରେ ପ୍ରେମ, ମୈତ୍ରୀ, ସଂପ୍ରୀତିର ସ୍ୱର,
ଜୀବନର ସଂଗୀତ ମଧୁର
ଦେଖିବି ମୁଁ ଏ ସଂସାରେ
ସମୃଦ୍ଧିର ସ୍ୱର୍ଣ୍ଣାଭ ସକାଳ ?

---

ପିଠାପୁର,
କଟକ-୭୫୩୦୦୧

# ପୁଣ୍ୟମୟୀ ଜନ୍ମଭୂମି

ଶ୍ରୀ ନିକୁଞ୍ଜ କିଶୋର କାନୁନ୍‌ଗୋ

ସୁନାର ଭାରତ ମୋର ପୁଣ୍ୟ ଜନ୍ମଭୂମି
ଚିର ବନ୍ଦନୀୟା ମାତା ବୀର ପ୍ରସବିନୀ,
ସୁଜଳା ସୁଫଳା ପୁଣି ଶସ୍ୟରେ ଶ୍ୟାମଳା
ପୂତନୀରେ ଧୌତ ମାଟି ମହା ଯଶସ୍ୱିନୀ ।

ମଥାରେ ତା' ମଥାମଣି ତୁଙ୍ଗ ହିମାଳୟ
କଟିଦେଶେ ଶୋଭାପାଏ ବିନ୍ଧ୍ୟ ପରବତ,
ଚରଣ ପଖାଳେ ସଦା ଯା'ର ପାରାବାର
ସେହି ଦେଶ ଆର୍ଯ୍ୟାବର୍ତ୍ତ ନାମେ ପରା ଖ୍ୟାତ !

ସରଗୁ ସୁନ୍ଦର ଦେଶେ ବହୁ ମୁନି ଋଷି
ରଚିଲେ ବେଦବେଦାନ୍ତ ମହନୀୟ ଗ୍ରନ୍ଥ,
ଯେ ଭୂମିରେ ଯୁଗେ ଯୁଗେ ବିଷ୍ଣୁ ଅବତରି
ଜାତିପ୍ରାଣେ ଢାଳିଦେଲେ ମୁକତିର ମନ୍ତ୍ର ।

ମହିମାମୟ ମୋ ଦେଶ କାନ୍ତି ଅନୁପମ,
କୋଟି ବିଶ୍ୱ ଗାଣୀ ସିଏ, କିଏ ତା'ର ସମ ?

---

ବି.ଆର୍.ପି.-୯୨,
ଶାସ୍ତ୍ରୀନଗର, ଭୁବନେଶ୍ୱର-୭୫୧୦୧୮



# ଜାଗି ଉଠ

## ଶହୀଦ ଦିବାକର ପରିଡ଼ା

[ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏବଂ ଓଡ଼ିଶାର ଗଡ଼ଜାତ ପ୍ରଜା ଆନ୍ଦୋଳନ କ୍ଷେତ୍ରରେ ରଣପୁର ଗଡ଼ଜାତର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଶହୀଦ୍ ଦିବାକର ପରିଡ଼ା ରଣପୁର ରାଜାଙ୍କ ଅନ୍ୟାୟ, ଜୁଲୁମ ଓ ଅତ୍ୟାଚାର ବିରୁଦ୍ଧରେ ପ୍ରଜାମାନଙ୍କୁ ସଂଗଠିତ କରିବା ପାଇଁ ରାଜ କର୍ମଚାରୀ ପଦବୀରୁ ଇସ୍ତଫା ଦେଇଥିଲେ । ରଣପୁର ପ୍ରଜା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ପ୍ରଜାମାନଙ୍କ ମଧ୍ୟରେ ବୈପ୍ଳବିକ ଚେତନା ଜାଗ୍ରତ ପାଇଁ ସେ ଅନେକଗୁଡ଼ିଏ କବିତା ରଚନା କରିଥିଲେ । ସେ ଏକାଧାରରେ ଦେଶପ୍ରେମୀ, ସୁବକ୍ତା ଏବଂ ବିପ୍ଳବୀ ଥିଲେ ।

ପ୍ରଜା ଆନ୍ଦୋଳନରେ ଭୀତ ହୋଇ ତତ୍କାଳୀନ ରାଜା ପ୍ରଥମେ ବିଦ୍ରୋହୀ ନେତା ଦିବାକରଙ୍କୁ ପ୍ରଚୁର ଭୂ-ସଂପତ୍ତି ଓ ଅର୍ଥର ପ୍ରଲୋଭନ ଦେଖାଇଥିଲେ । ହେଲେ ବିପ୍ଳବୀ ନେତା ଦିବାକରଙ୍କୁ କୌଣସି ପ୍ରଲୋଭନ ପ୍ରଭାବିତ କରିପାରି ନଥିଲା । ତେଣୁ ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ରାଜା ବ୍ରିଟିଶ୍ ପଲିଟିକାଲ ଏଜେଣ୍ଟ ମେଜର୍ ବେଜେଲଗେଟ୍ଙ୍କ ସାହାଯ୍ୟ ଲୋଡ଼ିଥିଲେ । ଉତ୍ତେଜିତ ପ୍ରଜାମାନଙ୍କ ନିର୍ମମ ଲାଠି ମାଡ଼ରେ ବେଜେଲଗେଟ୍ ନିହତ ହେବାରୁ ବ୍ରିଟିଶ୍ ସରକାର ବିପ୍ଳବୀ ଦିବାକର ଓ ତାଙ୍କ ଅନ୍ତରଙ୍ଗ ବନ୍ଧୁ ସଂଗ୍ରାମୀ ରଘୁ ମହାନ୍ତିଙ୍କୁ ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଅପ୍ରେଲ ୫ ତାରିଖରେ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ । ସେ ୧୯୧୧ ମସିହା ନଭେମ୍ବର ୩୦ ତାରିଖ ଦିନ ରଣପୁରର ବାଣିକିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।]

ରଣପୁର ଭାଇ ଜାଗି ଉଠ ଆଜି
ଶୋଷଣ, କଷଣ ବନ୍ଦୀଶାଳେ
ଭାଙ୍ଗି ଦିଅରେ ବଣ ଜଙ୍ଗଲର
ଗଡ଼ଜାତି-ରାଜ ବାହୁବଳେ
ରାକ୍ଷିବୀ ସ୍ୱରାର୍ଜ- ଡାକରା ଦେଇଛି
ବର୍ମ୍ମି ଉଠିଲାଣି ଖାସ୍‌ମାଲ୍,
ରଣପୁର ପ୍ରଜା ଉଲ୍ଲସି ଉଠରେ
ଦେଖାଇବା ଆମ ବଳବଳ ।
ଶାସନ ତ ନାହିଁ ରାମର ଶାସନ
ପାପୀ ରାବଣର ଶାସନରେ,
ଅତି ଦୁରାଗ୍ରହୀ ଭ୍ରଷ୍ଟ କର୍ମଚାରୀ
ରାଜ୍ୟ ଗ୍ରାସିଲେ ଶ୍ୱବ୍‌କ୍-ପ୍ରହାରେ ।
ଅକ୍ଷାରି ଆଇନ୍ ପୋଲିସ୍ ଜୁଲୁମ୍
ଦୁଃଖୀ ଜନତାର ନିର୍ଯ୍ୟାତନା
ରଣପୁରେ ଦିଅ ରଣ ହୁଙ୍କାର
ମଇନାକେ ଉଚ୍ଚ ମୁକ୍ତିବାନା ।
ଦିଆନ, ଦାରୋଗା ହାକିମ ହକରା
ପଙ୍ଗୁ ରାଜାର ଅନ୍ଧ ବିଗ୍ରହ
ଉଠାଅରେ ବେଠି, ମାଗଣ, ରସଦ
ଦେଇ ରହିଛେ, ମାଛେ ଅଧିକାର ।
ବକ୍ଷକୁ ବିଦାରି ରୁଧିର ଢାଳିବୁ
ଅନୀତି-ଶାସନ ପ୍ରତିରୋଧେ,
ଅତ୍ୟାଚାରୀର ଦମ୍ଭ ଭାଙ୍ଗିବୁ
ଏକତାର ଅସ୍ତ୍ର ତୋଳି ସାଥେ ।

ଗରଜି ଉଠରେ ବରଜି ଆଳସ୍ୟ
କହୁ"ମଲାଗୁଣି", "ମଣିନାଗ"
ଶଙ୍କିତ ହେବରେ ରାଜ ଦରବାର
ସରଜିବା ଆମେ ପ୍ରଜାରାଜ ।

ତଣ୍ଟିଆକଟାର ମାଘମାସି ରାଘ
ଫନ୍ଦି କେବେ ଆଉ ଚଳିବନି
ବ୍ରିଟିଶ୍ ଗୋଲାମ ଅନ୍ୟାୟ ଇନାମ
ଧନ୍ଦି ଆମେ କେବେ ମାନିବାନି ।

ମାଆ ମଣିନାଗେ ଶପଥ ନିଅରେ
ଜାଳିବାକୁ ବିଦ୍ରୋହର ନିଆଁ
କୋଣେ ଅନୁକୋଣେ ସରବେ ଡାକରେ
ତୋଳିବାକୁ ଜୀବନର ରାହା ।

ମଇନାକ (ମୈନାକ)–ରଣପୁରର ମଣିନାଗ ପର୍ବତ
ମଲାଗୁଣି–ସ୍ଥାନୀୟ ଏକ ନଦୀ
"ତଣ୍ଟିଆକଟା"– ରଣପୁରର ରାଜ ପ୍ରଦତ୍ତ "ରକ୍ତପଟା" ଜମି ଭୋଗ କରି ମାଘ ମାସରେ ମଣିନାଗ ଦୁର୍ଗାଙ୍କ ପାଖରେ "ନରବଳି" ପ୍ରଦାନ କରୁଥିବା ନର ହତ୍ୟାକାରୀ । ତଣ୍ଟିଆକଟାମାନେ ଗୋପନ ଭାବରେ ବୁଲୁଥାଆନ୍ତି ଏବଂ ସାରା ମାଘ ମାସ ନିରୀହ ପ୍ରଜାମାନଙ୍କୁ ନିର୍ଜନ ରାସ୍ତା ବା ଜଙ୍ଗଲରେ ଏକାକୀ ଦେଖିଲେ ଧରି ନେଇ ମଣିନାଗଙ୍କ ପାଖରେ ବଳି ଦେଇ ଥାଆନ୍ତି ।

ସଂଗ୍ରାହକ–ଆଡ଼ଭୋକେଟ୍ ବ୍ରଜ ପାଇକରାୟ

# ଜାତୀୟତାର ମହାନ କବି ବୀରକିଶୋର

ଲିଲିମା ଶତପଥୀ

ବୀରକିଶୋରଙ୍କ ଜୀବନ ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଯଦିଓ ଛାତ୍ରାବସ୍ଥାରେ ଭକ୍ତକବି ମଧୁସୂଦନଙ୍କର ଆଶୀର୍ବାଦ ତଥା ଶିକ୍ଷାଗୁରୁ କବି ନାରାୟଣ ମୋହନ ଦେଙ୍କର ପ୍ରେରଣା ତାଙ୍କର କିଶୋର ପ୍ରାଣରେ କାବ୍ୟ ସାଧନାର ପ୍ରବଣତା ସୃଷ୍ଟି କରିଥିଲା; ତେବେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜାତି ପ୍ରେମର ଅମର ବାଣୀ ତଥା ଅସହଯୋଗ ଆନ୍ଦୋଳନର ବହ୍ନିଶିଖା ଯୁବକ ବୀରକିଶୋରଙ୍କ ପ୍ରାଣକୁ ଉଦ୍‌ବେଳିତ କରିବା ଆଳରେ ନବ ଜନ୍ମ ଦେଇଥିଲା । ଆଉ ସେହି ନବଜାତକ ହିଁ ଥିଲେ ଜାତୀୟ କବି ବୀରକିଶୋର ଦାସ ।

ବୀରକିଶୋରଙ୍କର ଜନ୍ମ ୧୮୯୮ ମସିହା ନଭେମ୍ବର ମାସ ୨୩ ତାରିଖରେ ଏକ ସମ୍ଭ୍ରାନ୍ତ ପରିବାରରେ । ପିତା ଗୋପାଳ ଚନ୍ଦ୍ର ଦାସଙ୍କର ସ୍ୱପ୍ନ ଥିଲା, ପୁଅ ପାଠ ପଢ଼ି ସରକାରୀ ଚାକିରୀ କରିବ । ସାମାଜିକ ସମ୍ମାନ, ପ୍ରତିଷ୍ଠା ଅର୍ଜନ କରିବ । ୧୯୨୦ ମସିହା ବେଳକୁ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଆହୂତ ଅସହଯୋଗ ଆନ୍ଦୋଳନ ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥାଏ । ତାଙ୍କର ବଜ୍ର ଆହ୍ୱାନ ଆକୁମାରୀ–ହିମାଚଳରେ ଦେଶପ୍ରେମର ଅଭିନବ ଭାବନା ସଞ୍ଚାର କରିଥିଲା । ଗାଁଠାରୁ ସହର ପର୍ଯ୍ୟନ୍ତ ବୈପ୍ଳବିକ ଚିନ୍ତାଧାରାର ସ୍ରୋତ ସାଧାରଣ ଜୀବନ ଧାରାରେ ମିଶି ଯାଇଥିଲା । ପରାଧୀନତାର ନାଗ ଫାଶରୁ ମୁକୁଳିବା ପାଇଁ ଜାତୀୟ ଜୀବନରେ ବ୍ୟାକୁଳତା ପ୍ରକାଶ ପାଇଥିଲା । ଗୋଟିଏ ପଟରେ ପିତାଙ୍କର ସ୍ୱପ୍ନ । ଅନ୍ୟ ପଟରେ ଦେଶବାସୀଙ୍କର ଦୁଃଖ ଦୁର୍ଦ୍ଦଶା ଯୁବକ ବୀରକିଶୋରଙ୍କ ସଂଗ୍ରାମୀ ମନକୁ ବ୍ୟଥିତ, ଚକିତ କରିଥିଲା । ଆଉ ସେଇ ବ୍ୟାକୁଳତାରୁ ଆତ୍ମପ୍ରକାଶ କଲା– "ମୋହନ ବଂଶୀ" ପୁସ୍ତକ । ଦେଶର ଦୁର୍ଗତିରେ ଯୁବ କବି ବୀରକିଶୋରଙ୍କ ବ୍ୟଥିତ ପ୍ରାଣର ଆକୁଳତା ସ୍ପଷ୍ଟ ବାରି ହୋଇପଡ଼େ, ମୋହନ ବଂଶୀର ପ୍ରତିଟି କବିତାରେ–

"ସୁନାର ଭାରତ ଆମ ହେଲା ଛାରଖାର
ଖାଇବାକୁ ନ ପାଇଲୁ ଓଳିଏ ଆହାର

xx xx xx

ବାନ୍ଧିଲା କଙ୍କଡ଼ା ପରି ଆମ ଜାତି ବଳ
ଟାଣିନେଇଗଲା ସବୁ ୟୁରୋପର କଳ ।"

ନାଁ, ଆଉ ନୁହେଁ । ବିଦେଶୀ ସରକାରର ଗୁଲାମ ହେଇ, ଜନନୀ ଜନ୍ମଭୂମିର ଶୋଷଣକୁ ଅତି ନିର୍ଲଜ ଭାବେ ସହିନେବା ବୀରକିଶୋରଙ୍କ ପକ୍ଷେ ଆଉ ସମ୍ଭବ ହେଲାନାହିଁ । ପରିଶେଷରେ ୧୯୨୨ ମସିହାରେ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇ କଂଗ୍ରେସ ଆନ୍ଦୋଳନରେ ଯୋଗଦେଲେ । ଏଣେ ସେଇ ବର୍ଷ 'ମୋହନ ବଂଶୀ' ପୁସ୍ତକ ପଠନ ଓ ବିତରଣ ହେବାରେ ଓଡ଼ିଶାରେ ଜାତି ପ୍ରେମର ବହ୍ନି ତେଜି ଉଠିଲା । ଜାତୀୟ ଚେତନାରେ ଭରା କବିତାର ପଂକ୍ତିମାନ ଓଡ଼ିଆ ପ୍ରାଣରେ ଭରିଦେଲା ଶତସିଂହର ବଳ । ମାତ୍ର ଏହି ପୁସ୍ତକର ରଚୟିତା କବି ବୀରକିଶୋର ଇଂରେଜ ସରକାରଙ୍କର କୋପ ଦୃଷ୍ଟିର ଶିକାର ହେଲେ ।

ବୀରକିଶୋର କବିତା ମାଧ୍ୟମରେ ପ୍ରକୃତରେ ଜାତିର ସ୍ୱାର୍ଥପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ତାଙ୍କର ଜାତୀୟବାଦୀ ସଙ୍ଗୀତ ବାନର ସେନାଙ୍କ ମନରେ ଅପୂର୍ବ ସାହସ ଓ ସହନଶୀଳତା ଭାବ ସୃଷ୍ଟି କରୁଥିଲା । ସେ କେବଳ କବି ନ ଥିଲେ ସେ ଥିଲେ ସଂଗ୍ରାମୀ କବି । ତାଙ୍କର ଆହ୍ୱାନରେ ବାନର ସେନା ହସି ହସି, ବେତମାଡ଼ ଖାଇ ଲହୂଲୁହାଣ ହେଉଥିଲେ ପଛେ, ପଛଘୁଞ୍ଚା ଦେଉ ନ ଥିଲେ । ତେଣୁ ଦୁର୍ଦ୍ଦଶ ବାନର ସେନାଙ୍କୁ ଅତି ନିଷ୍ଠୁର ଭାବେ ଦଣ୍ଡିତ କରି, ସେମାନଙ୍କୁ ଜବତ କରିବା ପାଇଁ ଇଂରେଜ ସିପାହୀମାନେ ବାରମ୍ବାର ପ୍ରୟାସ କରୁଥାନ୍ତି । କବିଙ୍କର ଏଇ ଗୀତ ପଦକ ବାନର ସେନାଙ୍କ କଣ୍ଠରେ ଅପ୍ରତିବାଣୀ ସଦୃଶ ଝରିପଡ଼ିବା ସହ ସେମାନଙ୍କୁ ଅଧିକ ଉତ୍ସାହିତ କରିଥିଲା–

"ଭାଇ ହେ ! ମାର କେତେ ବେତ ମାରିବ
ଦେଶ ଲାଗି ଆମେ ଜୀବନ ଦେଉଛୁ,
ତୁମେ କି ଆମକୁ ପାରିବ ?"

ସତରେ, ବହୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କର ଓଜସ୍ୱିନୀ ବକ୍ତୃତା ଯାହା କରିପାରୁନଥିଲା, ବୀରକିଶୋରଙ୍କର ଧାଡ଼ିଏ କବିତା ତା'ର ଶତଗୁଣ କାର୍ଯ୍ୟ କରିପାରୁଥିଲା । ହୀନବୀର୍ଯ୍ୟ, ସୁପ୍ତ ଜନତା ପ୍ରାଣରେ ଜାତୀୟତାର ଉନ୍ମାଦନା, ମହାସଂଗ୍ରାମର ଉତ୍ତେଜନା ଭରିଦେବା ପାଇଁ ଊନବିଂଶ ଶତାବ୍ଦୀରେ ଯେଉଁ

ଯେତେଜଣ କବି ଲେଖନୀ ଶୃଜନା କରିଥିଲେ, ସେମାନଙ୍କ ମଧ୍ୟରେ ବୀରକିଶୋର ଥିଲେ ଅନନ୍ୟ,' ଅସାଧାରଣ । ତାଙ୍କର ଜାତିପ୍ରୀତି ଭାବନା, ଅତ୍ୟନ୍ତ ସରଳତାବୋଧୀପକ ଭାଷାସୂତ୍ରରେ ଗୁନ୍ଥି ହୋଇ ସୃଷ୍ଟି କରିଥିଲା ଅମର କବିତା,' ଜାତୀୟତାର ମହାକାବ୍ୟ ।

ମୋହନବଂଶୀ ପରେ ପ୍ରକାଶିତ ହେଲା ମୁକ୍ତିସଂଗ୍ରାମର ସଜୀବ ସ୍ୱାକ୍ଷର ସ୍ୱରୂପ ଦୁଇଗୋଟି ଯୁଗାନ୍ତକାରୀ କବିତା ପୁସ୍ତକ–'ରଣଦୁନ୍ଦୁଭି' ଓ 'ରଣଭେରୀ' । ରଣଦୁନ୍ଦୁଭି ପୁସ୍ତକ ସମ୍ପର୍କରେ କବି ଲେଖିଛନ୍ତି–"ରଣଦୁନ୍ଦୁଭି ଲେଖାଥିଲି ୧୯୩୦ ମସିହାରେ ଲବଣସତ୍ୟାଗ୍ରହ ବେଳେ । ଏ ବହିର ଗୀତଗୁଡ଼ିକ ଯେତେବେଳେ ସତ୍ୟାଗ୍ରହୀମାନେ ଗାଇ ଗାଇ ଲୁଣ ମାରିବାକୁ ଯାଉଥିଲେ ଏବଂ ଗିରଫ ହେଉଥିଲେ ।"

ବାରୁଦର ପାହାଡ଼ ସଦୃଶ ପ୍ରତୀୟମାନ ସତ୍ୟାଗ୍ରହୀମାନଙ୍କ ହୃଦୟରେ ଅଗ୍ନିସଂଯୋଗ ପୂର୍ବକ ସେମାନଙ୍କୁ ବିଦେଶୀ ଶାସନ ବିରୁଦ୍ଧରେ ରଣମୁଖା କରିବା ପାଇଁ ବୀରକିଶୋର ସଂକଳ୍ପବଦ୍ଧ ହୋଇଥିଲେ । ସେ ଜାଣିଥିଲେ ଏପରି ଦୁଃସାହସିକ ପଦକ୍ଷେପର କୁର ପରିଣତି ସମ୍ପର୍କରେ । ତଥାପି ସେ ଲେଖିଥିଲେ–

"ଭାଇହେ, ରଣସମୟରେ ବହି ଧରିବାକୁ
 ମୋତେ ଆଉ ତୁମେ କହନା
ଛାଟିର ରକତ ତାତି ଉଠେ ମୋର
 ବାଜି ଉଠେ ଯୁଦ୍ଧ ବାଜଣା ।" (ରଣଦୁନ୍ଦୁଭି)

ସହାୟ ସୈନ୍ୟ, ମାନବ ନୋହିବ ମାନବଂର ଦାସ, ସରକାର ଶବଦାହ ହେବକେବେ, ମା'ର କେତେ ଲାଠି ମାରିବ, ଭାଙ୍ଗ ଆଇନ୍‌କାନୁନ ଆଦି କବିତାର ଶ୍ରବଣରେ ସତେ ଯେପରି ଦେହରେ ନିଆଁ ଲାଗିଯାଉଥିଲା–

"ଦିନରାତି ମୋର ସେହି ଚିନ୍ତା, ବନ୍ଧୁ ସେହି ଚିନ୍ତା
 (ଏ) ସରକାର ଶବଦାହ ହେବ କେବେ
ଦେଖିବି ମୁଁ ତା'ର ଶେଷ ଚିତା,
 ବନ୍ଧୁ ସେହି ଚିନ୍ତା" ।

'ରଣଦୁନ୍ଦୁଭି' ପୁସ୍ତକର ପୁନଃସଂସ୍କରଣ ୧୯୭୨ ମସିହାରେ ହୋଇଥିଲା ।

୧୯୩୧ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ଆହୂତ ଗୋଲଟେବୁଲ ବୈଠକର ଆଲୋଚନା ବିଫଳ ହେବା ପରେ ଗାନ୍ଧିଜୀ ବନ୍ଦୀ ହେଲେ । ଦେଶରେ ଗୋରା ସରକାରଙ୍କ ଦମନଲୀଳା ନୃଆରୂପ ନେଲା । ଏମିତି ଏକ ସନ୍ଧିସନ୍ଧି ମୁହୂର୍ତ୍ତରେ ପ୍ରକାଶ ପାଇଲା 'ରଣଭେରୀ' ପୁସ୍ତକ । ଇଂରେଜ ସରକାରଙ୍କୁ ସହଯୋଗ କରୁଥିବା ସ୍ୱାର୍ଥାନ୍ଧ, ଦେଶଦ୍ରୋହୀ ଗୋଷ୍ଠୀର ମୁଖା ଖୋଲିଦେବା ସହ, ବିଦେଶୀ ଦ୍ରବ୍ୟର ବର୍ଜନ ଓ ଜାତୀୟ ଐକ୍ୟ ବଜାୟ ରଖିବା ଉଦ୍ଦେଶ୍ୟରେ ଲିଖିତ କବିତାଗୁଡ଼ିକ ଜାତୀୟ ଜୀବନର ମୋଡ଼ ବଦଳାଇ ଦେଲା ।

"ସାରା ବିଲାତରେ ହାହାକାର ଆମେ ପକାଇଦେବୁ
ଗୋରା ଶାସନକୁ ଏପାରି ସେପାରି ନସ୍ୟଇ ଦେବୁ ।
ଆମେ ଦରିଆରୁ ମାରିବୁ ଲୁଣ
ଗୋରା ବେପାରୀଙ୍କ ଭାଙ୍ଗିବ ଟାଣ
ତାଙ୍କ ବୁଦ୍ଧି ବଳ ହଜାଇ ଦେବୁ ।" (ରଣଭେରୀ)

ଜାତି, ଧର୍ମ ଗୋଷ୍ଠୀ, ଭାଷା, ସମ୍ପ୍ରଦାୟର ଭେଦାଭେଦ ଭୁଲି ଆମକୁ ଏକତ୍ର ହେବାକୁ ପଡ଼ିବ–ସାଧନା ପାଇଁ, ମୁକ୍ତି ପାଇଁ। ଏକତା ହିଁ ଦେଶର ଶକ୍ତି । ତେଣୁ କବି ଲେଖିଥିଲେ–

"ଆମେ କୋଟି କୋଟି ଭାରତବାସୀ
ଗୁଟକାରିଗର ମୂଲିଆ ଚାଷୀ
ଆମେ ଅଛୁ ଶିଖ ବୌଦ୍ଧ ପାର୍ଶୀ
ଆମେରେ ଜୈନ, ଖ୍ରୀଷ୍ଟାନ
ଆମେ ହିନ୍ଦୁ ଆମେ ମୁସଲମାନ" ।

ଏହି ପୁସ୍ତକ ଦୁଇଟିର ଓଜସ୍ୱିନୀ କବିତାର ପଂକ୍ତି ବ୍ରିଟିଶ୍ ସେନାଙ୍କ ଶରୀରରେ ବନ୍ଧୁକପ୍ରହାର ସଦୃଶ ମନେ ହେଲା। କବିଙ୍କର ବୈପ୍ଳବିକ କବିତା ପାଇଁ ତାଙ୍କୁ ଦୁଇବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଗଲା । ଦୁଇଟିଯାକ ପୁସ୍ତକକୁ ବାଜ୍ୟାପ୍ତ କରିଦିଆଗଲା ।

ରାଜଦଣ୍ଡର ଭୟରେ କବିଙ୍କର ଲେଖନୀ ଶାନ୍ତ ହୋଇନଥିଲା । ତାଙ୍କର କାବ୍ୟ ସାଧନା ଆପଣାର ସିଦ୍ଧି ପାଇଁ ନୁହେଁ, ଦେଶ ଜାତିର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା । ସେହି ସଂଗ୍ରାମୀଜୀବନର ବାଣୀପୀଠରେ ସୃଷ୍ଟିର ସର୍ଜନା ଅବ୍ୟାହତ ରହିଥିଲା । ବ୍ରିଟିଶ୍ ସରକାରଙ୍କର ନାଲିଆଖିକୁ ଭ୍ରୁକ୍ଷେପ ନକରି ପ୍ରକାଶିତ ହୋଇଥିଲା ବିଦ୍ରୋହୀବୀଣା (୧୯୩୦), ଅଗ୍ନିସେତିନାହିଁ ଯୁଦ୍ଧ ସରିନାହିଁ (୧୯୩୧), ଫୁଲଚନ୍ଦନ (୧୯୩୧), ମୁକ୍ତିବେଣିକା ଓ ସମରଯୁଗର ଅମରସଙ୍ଗୀତ (୧୯୭୨) ଆଦି କବିତାଗ୍ରନ୍ଥ, ଅପୂର୍ବ ଉଦ୍ଦୀପନାମୟ ସଂଗୀତକୁ ପାଥେୟ କରି । ସବୁଠି ଜାତୀୟତା, ବିଦ୍ରୋହ, ସମତା ଆଉ ସେବାର ନୈସର୍ଗିକ ଭାବନା କବିଙ୍କର କାବ୍ୟସୁନ୍ଦରୀକୁ ସଜେଇଛି ଅପୂର୍ବ ଲାବଣ୍ୟରେ । ସେଠି କୃତ୍ରିମ ଅଳଂକାରର ଭିଡ଼ ନାହିଁ, ଅଛି ଶାଣିତ ଶବ୍ଦ–ବ୍ୟଞ୍ଜନା ।

"ମୁଁ ଯେ ବିଦ୍ରୋହୀ ଚିର ବିଦ୍ରୋହୀ
ଚିର ରଣଜୟୀ ରଣ ବିଦ୍ରୋହୀ
ରଣମାନବ, ରଣଦାନବ, ରଣ ରକ୍ତ ମୁଖରୁ
ମୁକ୍ତ କରିବି ମୋର ମହୀ ।" (ବିଦ୍ରୋହୀବୀଣା)

ଦେଶପ୍ରେମ, ଦେଶସେବାରେ ଦୀକ୍ଷିତ କବିର ମନରେ ନଥିଲା ଦଣ୍ଡାଦେଶର ଆଶଙ୍କା, ମରଣର ଭୟ । ତେଣୁ ସେ ଲେଖିଥିଲେ–

ମରଣକୁ ଯେବେ ବରଣ କରିବା
ଡର ଆଉ ତେବେ କାହାକୁ ?

xx xx xx

ପୁଣି–ଅରି ଫେରିନାହିଁ, ଯୁଦ୍ଧ ସରିନାହିଁ
ଆସ ମୋ ଶିବିରେ ଆସ ଭାଇ
ହିମାଚଳ ଶିରେ ଶବଦ ଶୁଭାଇ,
ରହନାହିଁ ଆଉ ଡେରିନାହିଁ. (ଆସ ମୋ ଶିବିରେ) ।

ବ୍ରିଟିଶ୍ ସରକାର ଭାରତବାସୀଙ୍କଠାରୁ କର ନୁହେଁ ରକ୍ତ ଶୋଷି ନେଉଥିଲେ । ନିରୀହ ଜନତାର ଝାଳବୁହା ଶ୍ରମରୁ ଭାଗନେଇ ଏସବ କରୁଥିଲେ । ତେଣୁ ବିଦେଶୀ ଶାସକଙ୍କୁ କର ନଦେବା ପାଇଁ ସେ ଆହ୍ୱାନ ଜଣେଇ ଲେଖିଥିଲେ–

ବିଲାତ ବାଲାଏ ମଉଜ କରନ୍ତି
ଆମେ ଗଣି ମରୁ କର
ଶରଡ଼ ପୁଅର ଗୁହାଳ ଧୋଇକି
ମୋତି ପୁଅ ବାହାଘର । (ଗୁଣ୍ଡା ସରକାର)

ଏହିପରି ଏକ ଗୁଣ୍ଡା ସରକାରକୁ ଦେଶରୁ ହଟାଇବା ପାଇଁ ଦେଶବାସୀଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ସେ ଲେଖିଥିଲେ–

ସତ୍ୟାଗ୍ରହର ଖଡ୍‌ଗ ଧାରରେ
ଗୁଳିବା ବିଜୟଯାତ୍ରୀ
ରକ୍ତ ଜବାର ଅଞ୍ଜଳି ଦେବା
ପୂଜିବା ଜନମ ଦାତ୍ରୀ,
ବ୍ରିଟିଶ୍ କେଶରୀ କେଶର ଜାଳିବା
ମୃତ୍ୟୁ ସାଥିରେ କୁସ୍ତି
ଶାସନ କାନୁନ୍ ଭାଙ୍ଗିବା ତାହାର
ଆସରେ ଜବରଦସ୍ତି (ସେନାଅ ସୈନ୍ୟ)

xx xx xx

ଦେଶ ପାଇଁ କବି ସାଜିଥିଲେ ପାଗଳ । କବିତାର ପଂକ୍ତିରେ ସେ ଖୋଜୁଥିଲେ ସ୍ୱର୍ଗ ସୁଖକୁ, ଦେଶମାତୃକାର ବିଯୋଗଜ୍ୱାଳାକୁ । ମାତ୍ର ଜନ୍ମଭୂମିର ଜୟଗାନ ପାଇଁ କବିଙ୍କୁ ବାରମ୍ବାର ଜେଲ୍‌ବରଣ କରିବାକୁ, ଲାଠି ପ୍ରହାର ସହିବାକୁ ପଡ଼ିଥିଲା । ୧୯୩୩ ସାଲରେ ହଜାରିବାଗ୍ ଜେଲ୍‌ରେ ଓ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ ବେଳେ ଦୀର୍ଘ ତିନିବର୍ଷକାଳ ବନ୍ଦୀଜୀବନ ବିତାଇବାକୁ ପଡ଼ିଥିଲା । ଦୀର୍ଘ ସତରଥର ଘର ଖାନତଲାସ ହୋଇଥିଲା ।

ଦେଶର ଦୁର୍ଗତିକୁ ଦୂର କରିବା ପାଇଁ, ଅଷ୍ଟାଭିଡ଼ି ଆଗେଇ ଆସିଥିବା କବି ବୀରକିଶୋର ସଂସାର କରିଥିଲେ ହେଁ, ସାମାଜିକ ଅର୍ଥରେ ସଂସାରୀ ହୋଇପାରିନଥିଲେ । ତାଙ୍କ ପାଇଁ ବ୍ୟକ୍ତିଗତ ସ୍ୱାର୍ଥଠାରୁ ସାମୁହିକ ସାଧନା ଥିଲା ଶତଗୁଣେ ଶ୍ରେୟସ୍କର । ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲାପରେ ତାଙ୍କ ପାଇଁ ବ୍ୟକ୍ତିଗତ ଜୀବନର ମୋହ ତୁଟି ଯାଇଥିଲା । ତେଣୁ ଦୁଇଟି ପୁଅ ଗୋଟିଏ କନ୍ୟା ସନ୍ତାନଙ୍କୁ ଯୋଗ୍ୟ କରିବାର ଦାୟିତ୍ୱ କବିପତ୍ନୀଙ୍କ ଉପରେ ପଡ଼ିଥିଲା । ଜାଆର ସ୍ନେହ, ପୁଅର ଭକ୍ତି, କନ୍ୟାର ଆନ୍ତରିକତା ଆଦିକୁ ପଛକରି କବି ସଂଗ୍ରାମୀ ସାଜିଥିଲେ, ଜନନୀ ଜନ୍ମଭୂମି ପାଇଁ–

ମାଗୋ, ସବୁରି ବନ୍ଧନ ତୁଟାଇ ଆସିଛି
ଏକା ତୁମରି ବନ୍ଧନେ ରହିବି
ନବଦଳ ବାସ ତଳେ ଲୋଟାଇଛି
ତୁମ କୁଟୀର ରଚନା ପାଇଁକି
ପାଶୋରି ଆସିଲି ଶିଶୁର କ୍ରନ୍ଦନ
ଉପେକ୍ଷି ଆସିଛି ଯୁବତୀ ଯୌବନ
ପର୍ଶୁରାମ ପରି ମାତାଙ୍କୁ ତେଜିଛି
ସତ୍ୟ ଗଉରବ ପାଇଁକି.....।

ଏହି ଗୀତଟିର ଧାଡ଼ିମାନ କେବଳ ବୀରକିଶୋରଙ୍କ ସଂଗ୍ରାମୀ ଜୀବନର ପ୍ରତିଫଳନ ନଥିଲା, ଏହାରି ଭିତରେ ଥିଲା ଶହ ଶହ ସତ୍ୟାଗ୍ରହୀଙ୍କର ଗୁମ୍ଫିତ ଆତ୍ମଲିପି । ନିଜ କବିତା ସମ୍ପର୍କରେ କହିବାକୁ ଯାଇ କବି 'ସମର ଯୁଗର ଅମର ସଂଗୀତ' (୧୯୭୨) ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି–

"ମୁଁ କବିତାକୁ ଭଲପାଏ । କବିତା ମୋତେ ଭଲପାଏ । ଋଷ୍ୟଶୃଙ୍ଗ ମୁନିଙ୍କୁ ଜରତା ଛଡ଼ାଇ ଆଣିଲା ପରି ସ୍ୱାଧୀନତା ମୋତେ ଭୁଲାଇ ଆଣିଥିଲା । ମୁଁ ସ୍ୱାଧୀନତାକୁ ମର୍ମେ ମର୍ମେ ଅନୁଭବ କରିଥିଲି ଏବଂ ସ୍ୱାଧୀନତା ସଂଗ୍ରାମର ପବିତ୍ର ବହ୍ନିରେ ଝାସ ଦେଇଥିଲି । ଏଇ କବିତା ଲାଗି ଥରକୁ ଥର ଜେଲ୍‌ଗଲି, ତଥାପି କବିତା ଆଉ ମୋ ଭିତରେ ଯେଉଁ ନିବିଡ଼ ସମ୍ପର୍କ ଥିଲା, ସେ ତୁଟିଲା ନାହିଁ, ବରଂ ଅଧିକ ଶକ୍ତ ହୋଇଛି ।"

କେବଳ କବିତା ମାଧ୍ୟମରେ ବିପ୍ଳବର ମହାମନ୍ତ୍ର ଉଚ୍ଚାରଣ କରିବାରେ ସେ ସନ୍ତୁଷ୍ଟ ନଥିଲେ, ସାମ୍ବାଦିକତା ଜରିଆରେ ମହାସଂଗ୍ରାମର ଉଦ୍‌ଘୋଷଣା କରିବା ପାଇଁ ମଧ୍ୟ ସେ ଆଗେଇ ଆସିଥିଲେ । ୧୯୨୩ ମସିହାରେ ଉତ୍କଳକେଶରୀ ହରେକୃଷ୍ଣ ମହତାବଙ୍କ ଦ୍ୱାରା ସମ୍ପାଦିତ ସାପ୍ତାହିକ ପ୍ରଜାତନ୍ତ୍ରର ପ୍ରକାଶନ ଦାୟିତ୍ୱ ବୀରକିଶୋର ବହନ କରିଥିଲେ । ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ଥିବାବେଳେ ସେ ଏକ ହସ୍ତଲେଖା ପତ୍ରିକା ସମ୍ପାଦନା କରିଥିଲେ, ଯାହାର ନାମ ଥିଲା–"ବୈଜୟନ୍ତୀ" ।

ସ୍ୱାଧୀନତା ପ୍ରାପ୍ତିପରେ ବୀରକିଶୋର ଲେଖନୀ ସୃଜନା ବନ୍ଦ କରିନଥିଲେ । ସ୍ୱାଧୀନତା ସଂଗ୍ରାମର ଦୀର୍ଘ ଅନୁଭୂତିକୁ ନେଇ ସେ ଲେଖିଥିଲେ 'ସମର ଯୁଗର ଅମର ସଂଗୀତ' (୧୯୭୨) ପୁସ୍ତକ । ଶିଶୁମାନଙ୍କ ପାଇଁ ଉଚ୍ଚକୋଟୀର ଶିଶୁପତ୍ରିକା 'ମୋ ଦେଶ' ସମ୍ପାଦନା କରିଥିଲେ । ଏତଦ୍ ବ୍ୟତୀତ ସାମାଜିକ ନାଟକ କବିର ଛବି (ଅପ୍ରକାଶିତ) ଓ ଅନେକ ଛୋଟ ବଡ଼ କବିତା ଲେଖିଥିଲେ ।

କୈଶୋରର ଚପଳତା, ଯୌବନର ଉଦ୍ଦାମତା ପୁଣି ବୟସ୍କର ଆଶା–ଆକାଂକ୍ଷାକୁ ହୃଦୟର ସିନ୍ଦୁକରେ ଯତ୍ନପୁତ ଦେଇ, ଯେଉଁ ସଂଗ୍ରାମୀ କବି ବୀରକିଶୋର ଲମ୍ଫ ଦେଇଥିଲେ ସ୍ୱାଧୀନତା ରଣାଙ୍ଗନରେ, ଜୀବନର ସାୟଂକାଳରେ ଦେଶ ତାଙ୍କ ପାଇଁ ସହାୟତାର ହାତ ବଢ଼େଇ ଦେଇନଥିଲା । ଗାନ୍ଧୀ ଆଦର୍ଶର ଚିର ଅନୁଗାମୀ କବି ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗାନ୍ଧୀ ଆଦର୍ଶର ବିଲୋପରେ ଚକିତ ମର୍ମାହତ ହୋଇଥିଲେ । ପରିଶେଷରେ ୧୯୭୩ ମସିହା ଏପ୍ରିଲ୍ ୨୮ ତାରିଖରେ କବି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ସହକାରୀ ସୁଷମା ଅଧିକାରୀ,
ଏସ୍.ଆଇ.ସି: ଭୁବନେଶ୍ୱର

# ଓଡ଼ିଶାରେ ଏକ ସମୃଦ୍ଧ ଯୁଗର ଶୁଭାରମ୍ଭ

# ୧,୦୦,୦୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ

## ଚାଷୀମାନଙ୍କର କଲ୍ୟାଣ ଲାଗି କୃଷି ବିକାଶ ଯୋଜନା

- ୩୧ କୋଟି ଟଙ୍କା ସୁଧ ଛାଡ଼ ତଥା ୯୪ କୋଟି ଟଙ୍କାର ମୂଳ ଆଦାୟ କରାଯିବା ଦ୍ୱାରା ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ।
- କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଲାଗି ପ୍ରୋତ୍ସାହନ ପ୍ରଦାନ।
- ଆଳୁ, ଚିନାବାଦାମ, ତୈଳବୀଜ ଏବଂ କପା ଚାଷ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ।
- ୨୦୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବିକାଶ।
- ଓଡ଼ିଶା ସରକାରଙ୍କ ଦ୍ୱାରା କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ।
- କୃଷିକୁ ବ୍ୟବସାୟିକ ମର୍ଯ୍ୟାଦା ପ୍ରଦାନ ଫଳରେ ରାଜ୍ୟର ଯୁବସଂପ୍ରଦାୟ କୃଷିକୁ ଆତ୍ମନିଯୁକ୍ତିର ଏକ ମାଧ୍ୟମ ରୂପେ ଗ୍ରହଣ କରିପାରିବେ। ଏଣୁ କୃଷିକୁ ଏକ ବ୍ୟବସାୟର ମର୍ଯ୍ୟାଦା ପ୍ରଦାନ କରାଯାଇଛି।
- ୧୪୦୦୦ କୋଟି ଟଙ୍କା ବିନିଯୋଗରେ ଅତିରିକ୍ତ ୧୨ ଲକ୍ଷ ହେକ୍ଟର ଚାଷ ଜମିରେ ଜଳସେଚନ ବ୍ୟବସ୍ଥା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।
- ୨୦୦୧ ମସିହା ସୁଦ୍ଧା ରାଜ୍ୟ ଉପକୂଳ ଅଞ୍ଚଳରେ ୪୮୦ କି.ମି. ଅଞ୍ଚଳ ପରିସରର ଲୁଣ ସମୁଦ୍ର ତଥା ଜଳାଶୟ ଗୁଡ଼ିକରୁ ୨,୬୦,୦୦୦ ମେଟ୍ରିକ୍ ଟନ ମତ୍ସ୍ୟ ଉତ୍ପାଦନ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।
- ଆଗାମୀ ୩ବର୍ଷ ମଧ୍ୟରେ ୫୦୦ ମହିଳା ପ୍ରାଥମିକ ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତି ଗଠିତ ହୋଇ ୪୦,୦୦୦ ଗ୍ରାମୀଣ ମହିଳାଙ୍କୁ ଉପକୃତ କରିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।
- କୃଷିକୁ ବ୍ୟବସାୟିକ ମର୍ଯ୍ୟାଦା ପ୍ରଦାନ କରିବା ଲାଗି ଓଡ଼ିଶା କୃଷି ବିକାଶ ପୁଞ୍ଜି ବିନିଯୋଗ ନିଗମ (ଆପିକଲ୍) ନାମକ ଏକ ନିଗମ ପ୍ରତିଷ୍ଠା କରାଯାଇଛି।
- ଭୁବନେଶ୍ୱର ଉପକଣ୍ଠରେ ଏକ ଆଗ୍ରୋପାର୍କର ନିର୍ମାଣ କାର୍ଯ୍ୟ ଜୋର ଚାଲିଛି।

## ସମସ୍ତଙ୍କ ପାଇଁ ଶିକ୍ଷା

- ୧୯୯୫ ନଭେମ୍ବର ୧ ତାରିଖଠାରୁ ରାଜ୍ୟର ୩୯,୦୦୦ ପ୍ରାଥମିକ ବିଦ୍ୟାଳୟର ୩୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ସ୍କୁଲ୍ ଖୋଲାଥିବା ଦିନମାନଙ୍କରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି।
- ସବୁ ଆଦିବାସୀ ବ୍ଲକ୍‌ରେ ଅତିରିକ୍ତ ଗୋଟିଏ ସ୍କୁଲର ବ୍ୟବସ୍ଥା।
- ମାଧ୍ୟମିକ ଓ ଉଚ୍ଚଶିକ୍ଷା ଅନୁଦାନପ୍ରାପ୍ତ ନୂତନ ଓ ବର୍ତ୍ତମାନ ଶ୍ରେଣୀରେ ଅଧ୍ୟାପନା ୧୯,୦୦୦ ଶିକ୍ଷକଶିକ୍ଷୟିତ୍ରୀଙ୍କର ଦରମା ବୃଦ୍ଧି କରାଯିବାର ନିଷ୍ପତ୍ତି।

## ସାମାଜିକ ନ୍ୟାୟ

- ସାମାଜିକ ତଥା ଅର୍ଥନୈତିକ ପଛୁଆବର୍ଗର ଲୋକମାନଙ୍କ ପାଇଁ ଚାକିରୀ କ୍ଷେତ୍ରରେ ଶତକଡ଼ା ୨୭ ଭାଗ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନୀତି କାର୍ଯ୍ୟକାରୀ କରାଯାଉଛି।
- ସରକାରୀ ତଥା ଅର୍ଦ୍ଧସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଚାକିରୀକ୍ଷେତ୍ରରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ।
- ଭୂମିହୀନ କୃଷି ଶ୍ରମିକମାନଙ୍କ ଲାଗି ମାସିକ ୧୫୦ ଟଙ୍କା ହିସାବରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥା।
- ତଫସିଲ ଜାତି ତଥା ଉପଜାତିମାନଙ୍କୁ ଉପକୃତ କରିବା ଲାଗି ଇନ୍ଦିରା ଆବାସର ଦ୍ୱିଗୁଣ ବୃଦ୍ଧି।

## ଇସ୍ପାତ କାରଖାନା

- ମେସର୍ସ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍
- ଭୂଷଣ ଷ୍ଟିଲ ଏଣ୍ଡ ଷ୍ଟ୍ରିପସ୍ ଲିମିଟେଡ୍
- ନୀଳାଚଳ ଇସ୍ପାତ ନିଗମ
- ଗଣପତି ଏକ୍ସପୋର୍ଟ ଲିମିଟେଡ୍
- ଏସିଆନ ଆଇରନ୍ ଲିମିଟେଡ୍
- ଜୟଶ୍ରୀ ଆଇରନ୍ ଏଣ୍ଡ ଷ୍ଟିଲ୍ କମ୍ପାନୀ
- ଏଲ୍ ଏଣ୍ଡ ଟି ଲିମିଟେଡ୍
- ଟିସ୍କୋ
- କଳିଙ୍ଗନଗର ଷ୍ଟିଲ୍ସ ଲିମିଟେଡ୍
- ମିତ୍ସୁ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
- ଷ୍ଟିଲ୍ସ ଲିମିଟେଡ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି
- ବିଜୟ ଷ୍ଟିଲ୍ସ ଲିମିଟେଡ୍
- ଇଣ୍ଟିଗ୍ରେଟ୍ ସିମ୍ଲେସ୍ ଷ୍ଟିଲ୍ସ ଏଣ୍ଡ ଆଲଏସ୍ ଲିମିଟେଡ୍
- ଓଡ଼ିଶା ଷ୍ଟିଲ୍ସ ଲିମିଟେଡ୍

## ପ୍ରଗତି ପଥେ ଶିଳ୍ପ ପାର୍କ

- ଦ୍ରୁତ ଶିଳ୍ପ ବିକାଶ ପଥରେ ଓଡ଼ିଶା ଅଗ୍ରସର। ସରକାରଙ୍କ ଶିଳ୍ପାୟନ ନୀତିକୁ ବାସ୍ତବରେ ପରିଣତ କରିବା ଲାଗି ବିଭିନ୍ନ କୌଶଳ ଓ କାର୍ଯ୍ୟଧାରା ନିରୂପଣ କରିବା ନିମନ୍ତେ ନୂତନ ଶିଳ୍ପନୀତି ଘୋଷିତ।
- ପରିବେଶର ସୁରକ୍ଷା ସହ ଓଡ଼ିଶାର ବ୍ୟାପକ ପ୍ରାକୃତିକ ସମ୍ପଦକୁ ଉପଯୋଗ କରି ଦ୍ରୁତ ଶିଳ୍ପାୟନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା।
- ଭୁବନେଶ୍ୱରଠାରେ ସଫ୍ଟୱେର ଶିଳ୍ପ ପାର୍କ ପ୍ରତିଷ୍ଠା।
- ଭୁବନେଶ୍ୱରଠାରେ ଇଲେକ୍ଟ୍ରୋନିକ୍ ପାର୍କ ପ୍ରତିଷ୍ଠା।
- ଖୋର୍ଦ୍ଧାଠାରେ ଆଲୁମିନିୟମ୍ ପାର୍କ ପ୍ରତିଷ୍ଠା।
- ଭୁବନେଶ୍ୱରଠାରେ ଆପାରେଲ ପାର୍କ ପ୍ରତିଷ୍ଠା।
- ପାରାଦୀପ ଠାରେ ଶିଳ୍ପ ପାର୍କ ପ୍ରତିଷ୍ଠା।

## ଟିନିକଲ

- କୋରାପୁଟ, ବୌଦ୍ଧ, ଗଞ୍ଜାମ, ପୁରୀ ଓ ଭଦ୍ରକ ଜିଲ୍ଲାଗୁଡ଼ିକରେ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଟିନିକଲ ପ୍ରତିଷ୍ଠା।
- ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡ଼ିକରେ ଆଉ ଅଧିକ ୮ଟି ଟିନିକଲ ପ୍ରତିଷ୍ଠା କରିବା ଲାଗି ଭାରତ ସରକାରଙ୍କ ସ୍ୱୀକୃତିକୁ ଅପେକ୍ଷା କରାଯାଉଛି।

## ଶକ୍ତି ଉତ୍ପାଦନ

- ୧୬,୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଝାରସୁଗୁଡ଼ା ଜିଲ୍ଲାରେ ୪୦୮ ମେଗାୱାଟ ଶକ୍ତି ଉତ୍ପାଦନ କରିପାରୁଥିବା ଭଳି ଏକ କାରଖାନା ପ୍ରତିଷ୍ଠା ନିମନ୍ତେ ଫ୍ରାନ୍ସର ଆଲଷ୍ଟମ ଜେନେରାଲ ସେପ୍ରା କମ୍ପାନୀ ସହିତ ଏମ୍.ଓ.ୟୁ ଙ୍କ ଦ୍ୱାରା ଏକ ଚୁକ୍ତି ସ୍ୱାକ୍ଷରିତ।

(କ) ଏନ୍.ଟି.ପି.ସି. - ୨୦୦୦ ମେଗାୱାଟର ସଂପ୍ରସାରଣ

(ଖ) ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ - ଇବ୍ ଉପତ୍ୟକା - ୨୧୦x୨ ମେଗାୱାଟ୍।

(ଗ) ଏ.ଇ.ଏସ୍. ଶକ୍ତି ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଅନେକ ପ୍ରୋଜେକ୍ଟ।

## ତୈଳ ବିଶୋଧନାଗାର

- ପାରାଦୀପ ଠାରେ ୩,୦୦୦ କୋଟି ଟଙ୍କା ବିନିଯୋଗରେ ଏକ ତୈଳବିଶୋଧନାଗାର ସ୍ଥାପନ ଲାଗି ପ୍ରସ୍ତାବ।

## ଗୋପାଳପୁର ବନ୍ଦର ଦ୍ରୁତ ବିକାଶ

- ୧୦୦୦ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବନ୍ଦରର ପୂର୍ଣ୍ଣାଙ୍ଗ ବିକାଶ।

## ବେକାର ଯୁବ ସଂପ୍ରଦାୟ ନିମନ୍ତେ ବ୍ୟାପକ ଶିଳ୍ପାୟନ ଓ ଆତ୍ମନିଯୁକ୍ତି ବ୍ୟବସ୍ଥା

- ସରକାରୀ କ୍ଷେତ୍ରରେ ଖାଲିଥିବା ୩୫,୦୦୦ (ପଞ୍ଚତିରିଶ ହଜାର) ପଦବୀ ପୂରଣ ଲାଗି ନିଷ୍ପତ୍ତି ଗ୍ରହଣ।
- ପ୍ରଧାନମନ୍ତ୍ରୀଙ୍କ ରୋଜଗାର ଯୋଜନା ଓ ଜବାହର ରୋଜଗାର ଯୋଜନା ମାଧ୍ୟମରେ ଆତ୍ମ ନିଯୁକ୍ତିର ବ୍ୟବସ୍ଥା।
- ଜବାହର ରୋଜଗାର ଯୋଜନାରେ ପୂର୍ବାପେକ୍ଷା ୨ ଗୁଣ ଅର୍ଥ ବିନିଯୋଗ।

## ଆଲୁମିନିୟମ୍ କାରଖାନା

- ହାଇଡ୍ରୋ (ନରୱେ), ଇଣ୍ଡାଲ ଓ ଟାଟାର ମିଳିତ ସହଯୋଗରେ ଏଲ୍.ଏଣ୍ଡ.ଟି. ଏବଂ ଆଲକୋଆର ମିଳିତ ସହଯୋଗରେ ଆଲୁମିନିୟମ୍ କାରଖାନା ପ୍ରତିଷ୍ଠା।

## ସିମେଣ୍ଟ କାରଖାନା

- ଆଇ.ଡ଼ି.ସି. ଓ ଡ଼ି.ଏଲ୍.ଏଫ୍‌ର ମିଳିତ ସହଯୋଗରେ ରାଜ୍ୟରେ ସିମେଣ୍ଟ କାରଖାନା ପ୍ରତିଷ୍ଠା।


ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ସୂଚନା ଓ ଲୋକ ସଂପର୍କ ବିଭାଗ

**ସମଗ୍ର ଦେଶରେ ଓଡ଼ିଶା ଏକ ସମ୍ବଳ ସମୃଦ୍ଧ ରାଜ୍ୟ**

OGP-MP-PTS (I&PR) 33-10,000-12-8-1996




ହାଇକୋର୍ଟ ପରିସର ମଧ୍ୟରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ନବନିଯୁକ୍ତ ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀ ଶୈଳେନ୍ଦୁ ନାଥ ଫୁକନଙ୍କୁ ଶପଥ ପାଠ କରାଉଛନ୍ତି ।



ନୂଆଦିଲ୍ଲୀ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶାର ଅଂଶ ଗ୍ରହଣ ସମ୍ପର୍କରେ ସଚିବାଳୟଠାରେ ଆହୂତ ଏକ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରୁଛନ୍ତି ।

VOL. LIII No. 1 UTKAL PRASANGA Regd. No. O—BN—05/90
Licence No. BNPPP-01/95—Licensed to post without Pre-payment



ନବ କଳେବର, ନବ ଯୌବନ ଓ ନବୀନ ଉଦ୍ଦୀପନା ମଧ୍ୟରେ ପହଣ୍ଡି ବିଜେରେ ମହାପ୍ରଭୁ
ଶ୍ରୀଜଗନ୍ନାଥ ରଥାରୂଢ଼ ହେବାକୁ ଯାଉଛନ୍ତି ।



ଶ୍ରୀଗୁଣ୍ଡିଚା ଦିନ ପୁରୀ ବଡ଼ଦାଣ୍ଡରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମହାପ୍ରଭୁ ଶ୍ରୀବଳଭଦ୍ରଙ୍କ
ତାଳଧ୍ୱଜ ରଥ ଟାଣୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-753 010

# ଉତ୍କଳ ପ୍ରସଙ୍ଗ



ମ୍ବର-ଅକ୍ଟୋବର, ୧୯